
ଧରିତ୍ରୀ
DHARITRI
ବାଲେଶ୍ୱର, ଗୁରୁବାର, ଅଗଷ୍ଟ ୬/୨୦୨୦ (୧୬ ପୃଷ୍ଠା) | Balasore, Thursday, August 6/2020 | ★★★★
୪୬ଶ ଭାଗ ୨୫୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-



**ନେପୋଟିଜମ୍‌କୁ ନେଇ ମୁହଁ ଖୋଲିଲେ କରୀନା**
ଯେଉଁମାନେ 'ନେପୋଟିଜମ୍'କୁ ପ୍ରସଙ୍ଗ କରି ଅନ୍ୟ କଳାକାରମାନଙ୍କୁ ଆଙ୍ଗୁଠି ଉଠାନ୍ତି, ସେମାନେ ହିଁ ନେପୋଟିଷ୍ଟିକ ଷ୍ଟାର୍‌ଙ୍କୁ ଜନ୍ମ ଦିଅନ୍ତି ବୋଲି କରୀନା କପୁର୍ ଖାନ୍ କହିଛନ୍ତି। ୧୪

୧୫ **କୋହଲି ଶୀର୍ଷରେ ଅପରିବର୍ତ୍ତିତ**
ଆଇସିସି ଏକଦିବସୀୟ ର୍ୟାଙ୍କିଙ୍ଗ୍ ବ୍ୟାଟ୍ସମ୍ୟାନ ତାଲିକାରେ ଟିମ୍ ଇଣ୍ଡିଆ ଅଧିନାୟକ ବିରାଟ କୋହଲି ଶୀର୍ଷସ୍ଥାନ ବଜାୟ ରଖିଛନ୍ତି।






# ରାମମନ୍ଦିର ପାଇଁ ଆଧାରଶିଳା

## ଅଯୋଧ୍ୟାରେ ଭୂମି ପୂଜନ କଲେ ପ୍ରଧାନମନ୍ତ୍ରୀ

**ଅଯୋଧ୍ୟା,୫।୮**

ଅଯୋଧ୍ୟା ଅଧ୍ୟାୟରେ ଭାରତ ଏକ ସ୍ୱର୍ଣ୍ଣିମ ଫର୍ଦ୍ଦ ଯୋଡ଼ିଛି। ଲୋକଙ୍କ ଶତାବ୍ଦୀ ପୁରୁଣା ପ୍ରତୀକ୍ଷାର ଅନ୍ତ ଘଟିଛି। ବର୍ଷ ବର୍ଷ ଧରି ଅସ୍ଥାୟୀ ତମ୍ବୁ ତଳେ ରହିଥିବା ରାମଲାଲାଙ୍କ ପାଇଁ ଭବ୍ୟ ମନ୍ଦିର ନିର୍ମାଣ ହେବାକୁ ଯାଉଛି। ମନ୍ଦିର ଲାଗି ତ୍ୟାଗ କରିଥିବା ସମସ୍ତ ବ୍ୟକ୍ତି ସମ୍ମାନାସ୍ପଦ। ରାମଙ୍କ ଅସ୍ତିତ୍ୱକୁ ଲିଭାଇଦେବା ପାଇଁ ଅତୀତରେ ଅନେକ ଅପଚେଷ୍ଟା ହୋଇଥିବା ସତ୍ତ୍ୱେ ସେ ଆମର ହୃଦୟରେ ଅଛନ୍ତି। ରାମ ଆମର ସଂସ୍କୃତିର ଆଧାର ଏବଂ ବିବିଧତା ମଧ୍ୟରେ ଏକତାର ସୂତ୍ରଧର। ତାଙ୍କ ମନ୍ଦିର ନିର୍ମାଣ ଦେଶକୁ ଏକାଠି କରିବା ପାଇଁ ଏକ ବଡ଼ ଅସ୍ତ୍ର। ଏହା କେବଳ ଅଯୋଧ୍ୟା ନୁହେଁ, ବରଂ ସମଗ୍ର ଅଞ୍ଚଳର ଅର୍ଥନୀତିକୁ ସମୃଦ୍ଧ କରିବ। ଏଥିପାଇଁ ଆମକୁ ପାରସ୍ପରିକ ପ୍ରେମ ଓ ଭ୍ରାତୃଭାବ ସହ ପଥର ଯୋଡ଼ିବାକୁ ପଡ଼ିବ। ସମସ୍ତଙ୍କ ଭାବାବେଗକୁ ସମ୍ମାନ ଦେବାକୁ ପଡ଼ିବ ବୋଲି ବୁଧବାର ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣ ନିମନ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭୂମି ପୂଜନ ପରେ ମତବ୍ୟକ୍ତ କରିଛନ୍ତି। ରାମମନ୍ଦିର ଆଧାରଶିଳା ରଖାଯିବା ସହ ୩ ଦଶନ୍ଧି ଧରି ଜାତୀୟ ରାଜନୀତିକୁ ପ୍ରଭାବିତ କରିଆସିଥିବା ଭାଜପାର ମନ୍ଦିର ଆନ୍ଦୋଳନର ଯବନିକା ପଡ଼ିଛି। ଏହାକୁ ଦଳ ମତ ନିର୍ବିଶେଷରେ ଅଧିକାଂଶ ନେତା ସ୍ୱାଗତ କରିଛନ୍ତି।

ସୁନେଲି ରଙ୍ଗର ପାରମ୍ପରିକ କୁର୍ତ୍ତା ଓ ଧୋତି ପରିଧାନ କରିଥିବା ପ୍ରଧାନମନ୍ତ୍ରୀ କାନ୍ଧରେ ଗାମୁଛା ପକାଇଥିଲେ। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ମୁହଁରେ ମାସ୍କ ପିନ୍ଧିଥିଲେ। ଶିଳାନ୍ୟାସ ପରେ 'ଜୟ ସିୟା ରାମ' ଧ୍ୱନିରୁ ମୋଦି ଭାଷଣ ଆରମ୍ଭ କରି ୩୫ ମିନିଟ ଧରି ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସେ ଏକ ଫଳକ ଅନାବରଣ କରିବା ସହ ରାମଙ୍କ ଉଦ୍ଦେଶ୍ୟରେ ଡାକ ଟିକଟ ଉନ୍ମୋଚନ କରିଥିଲେ। ଏହା ପୂର୍ବରୁ ପୂର୍ବାହ୍ନ ୯ଟାରେ ପ୍ରଧାନମନ୍ତ୍ରୀ ନୂଆଦିଲ୍ଲୀରୁ ଭାରତୀୟ ବାୟୁସେନା (ଆଇଏଏଫ୍)ର ହେଲିକପ୍ଟରରେ ଅଯୋଧ୍ୟା ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ। ପ୍ରାୟ ୧୧ଟା ୩୦ରେ ସେ ଅଯୋଧ୍ୟାର ସାକେତ ମହାବିଦ୍ୟାଳୟ ହେଲିପ୍ୟାଡ୍‌ରେ ପହଞ୍ଚିଥିଲେ। ତାଙ୍କ ସୁରକ୍ଷାରେ ଆଉ ଦୁଇଟି ହେଲିକପ୍ଟର ମଧ୍ୟ ଯାଇଥିଲା। କୋଭିଡ୍-୧୯ ନିୟମାବଳୀ ଅନୁପାଳନ ସହ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ତାଙ୍କୁ ସ୍ୱାଗତ କରି ପାଛୋଟି ନେଇଥିଲେ। ସେଠାରୁ ମୋଦି ହନୁମାନ ଗଡ଼ି ମନ୍ଦିରକୁ ଯାଇ ପରମ୍ପରା ଅନୁସାରେ ପ୍ରଥମେ ବଜରଙ୍ଗବଳୀଙ୍କ ପୂଜାର୍ଚ୍ଚନା କରିଥିଲେ। ପରେ ପ୍ରଧାନମନ୍ତ୍ରୀ ରାମଲାଲାଙ୍କ ଆଗରେ ସାଷ୍ଟାଙ୍ଗ ପ୍ରଣାମ କରିବା ସହ ପରିକ୍ରମା କରିଥିଲେ। ସେଠାରେ ସେ ପାରିଜାତ ଚାରା ରୋପଣ କରିଥିଲେ। ☞ପୃଷ୍ଠା-୪



ରାମମନ୍ଦିର ଶିଳାନ୍ୟାସ କାର୍ଯ୍ୟକ୍ରମ ଅବସରରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଶ୍ରୀରାମଙ୍କ ଏକ ପ୍ରତିକୃତି ଉପହାର ଦେଉଛନ୍ତି।

# ଆଉ ୧୧ ଆକ୍ରାନ୍ତଙ୍କ ମୃତ୍ୟୁ, ୧୩୩୭ ପଜିଟିଭ୍

- କେନ୍ଦୁଝରରେ ପ୍ରଥମ ମୁଣ୍ଡ ନେଲା କରୋନା
- ଆକ୍ରାନ୍ତ ଥିବା ବର୍ଷକର ଶିଶୁ ଆଖି ବୁଜିଲେ
- ପଜିଟିଭ ସଂଖ୍ୟା ୩୯,୦୧୮ରେ ପହଞ୍ଚିଲା

**ଭୁବନେଶ୍ୱର, ୫।୮(ବ୍ୟୁରୋ)**

ରାଜ୍ୟରେ ଆଉ ୧୧ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଛି। ଏମାନଙ୍କ ମଧ୍ୟରୁ ୯ଜଣଙ୍କର କରୋନାଜନିତ ମୃତ୍ୟୁ ହୋଇଥିବାବେଳେ ୨ଜଣ ଆକ୍ରାନ୍ତଙ୍କ ଅନ୍ୟ ରୋଗରେ ମୃତ୍ୟୁ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ଫଳରେ ରାଜ୍ୟରେ ଏବେ କରୋନାଜନିତ ମୃତ୍ୟୁ ୨୨୫କୁ ଛୁଇଁଥିବାବେଳେ ଅଣକୋଭିଡ୍ ମୃତ୍ୟୁ ସଂଖ୍ୟା ୪୪କୁ ବୃଦ୍ଧି ପାଇଛି। ତେବେ ନୂଆ ମୃତକଙ୍କ ମଧ୍ୟରେ କେବଳ ଗଞ୍ଜାମ ଜିଲାରେ ୬ଜଣ ଥିବାବେଳେ ଗଜପତି, ଖୋର୍ଦ୍ଧା ଓ କେନ୍ଦୁଝରରୁ ଜଣେ ଲେଖାଏ ରହିଛନ୍ତି। କେନ୍ଦୁଝର ଜିଲାରେ ଏହା ପ୍ରଥମ କରୋନା ମୃତ୍ୟୁ ହୋଇଥିବାବେଳେ ଗଞ୍ଜାମରେ ମୃତ୍ୟୁ ସଂଖ୍ୟା ୧୧୭, ଖୋର୍ଦ୍ଧାରେ ୩୧, ଗଜପତିରେ ୧୪କୁ ବୃଦ୍ଧି ପାଇଛି। ଅଣକୋଭିଡ୍‌ରେ ମରିଥିବା ଦୁଇଜଣଙ୍କ ମଧ୍ୟରୁ ଜଣେ ମାଲକାନଗିରି ୫୪ବର୍ଷୀୟ ପୁରୁଷ ରହିଛନ୍ତି। ସେ କିଡ୍‌ନୀ ରୋଗରେ ପୀଡିତ ଥିଲେ। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** କୁକୁରଙ୍କ ଯତ୍ନ



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ବିଭିନ୍ନ ଜିଲାର ପଦାଧିକାରୀଙ୍କୁ ବୁଧବାର ଶପଥପାଠ କରାଉଛନ୍ତି।

# 'ମୋ ଓଡ଼ିଶା ଜିତିବ, ମାନବ ଜାତି ଜିତିବ'

- ଶପଥପାଠରେ ମୁଖ୍ୟମନ୍ତ୍ରୀଙ୍କ ଉତ୍ସାହପୂର୍ଣ୍ଣ ଆହ୍ୱାନ
- ମୃତ କୋଭିଡ୍ ଯୋଦ୍ଧାଙ୍କ ସମ୍ମାନାର୍ଥେ ନୀରବ ପ୍ରାର୍ଥନା
- ସାମିଲ ହେଲେ ସରକାରୀ କର୍ମଚାରୀ, ଜନସାଧାରଣ

**ଭୁବନେଶ୍ୱର, ୫।୮(ବ୍ୟୁରୋ)**

'ମୁଁ ଜିତିବି। ମୋ ଓଡ଼ିଶା ଜିତିବ। ମାନବ ଜାତି ବି ଜିତିବ।' ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର କରୋନା ଲଢ଼େଇରେ ରାଜ୍ୟବାସୀଙ୍କୁ ବିପତ୍ତି ସମୟରେ ଏଭଳି ଉତ୍ସାହ ଦେଲା ଭଳି ଶପଥପାଠ କରାଇଛନ୍ତି। କୋଭିଡ୍ ନିୟମାବଳୀର ଅନୁପାଳନ, କୋଭିଡ୍ ଯୋଦ୍ଧାଙ୍କୁ ପୂର୍ଣ୍ଣ ସହଯୋଗ ଓ ସମ୍ମାନ ଜଣାଇବାର ସଙ୍କଳ୍ପ ସହ କରୋନା ଲଢ଼େଇକୁ ମଜଭୁତ୍ କରିବା ପାଇଁ ସମସ୍ତେ ଶପଥ ନେଇଛନ୍ତି। ଏଥିସହ ମହାମାରୀ ବେଳେ ଲୋକଙ୍କ ସେବାରେ ଥାଇ କରୋନା କବଳରେ ପଡ଼ି ଜୀବନ ଦେଇଥିବା କୋଭିଡ୍ ଯୋଦ୍ଧାଙ୍କ ପାଇଁ ବୁଧବାର ସନ୍ଧ୍ୟା ୬ଟାରେ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଗତ ୫ ମାସ ଧରି ଓଡ଼ିଶା କରୋନା ବିରୋଧରେ ଲଢ଼େଇ ଚଳାଇଛି। ଲଢ଼େଇର ଆଗଧାଡ଼ିରେ ଥିବା କୋଭିଡ୍ ଯୋଦ୍ଧାଙ୍କ ତ୍ୟାଗ ଓ ଉତ୍ସର୍ଗୀକୃତ ସେବା ଯୋଗୁ ଆଜି ଆରୋଗ୍ୟଙ୍କ ସଂଖ୍ୟା ୨୫ ହଜାରରେ ପହଞ୍ଚିଛି। ଏହାର ସବୁ ଶ୍ରେୟ କୋଭିଡ୍ ଯୋଦ୍ଧା ଏବଂ ଓଡ଼ିଶାବାସୀଙ୍କର ବୋଲି ସେ କହିଛନ୍ତି। ☞ପୃଷ୍ଠା-୪

# ଜଗନ୍ନାଥ ଅବତାରୀ, ରାମ ଅବତାର

**ପୁରୀ ଅଫିସ,୫।୮**

ଅଯୋଧ୍ୟାରେ ବୁଧବାର ରାମମନ୍ଦିରର ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଛି। ଦେଶର ବିଭିନ୍ନ ସ୍ଥାନ ଭଳି ପୁରୀରେ ମଧ୍ୟ ଏହି ଉତ୍ସବକୁ ନେଇ ଏକ ଭାବାତ୍ମକ ପରିବେଶ ଦେଖିବାକୁ ମିଳିଛି। ସିଂହଦ୍ୱାର ସମ୍ମୁଖରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପୂଜାର୍ଚ୍ଚନା ସହ ଦୀପଦାନ କରାଯାଇଛି। ଶ୍ରୀମନ୍ଦିରର କେତେଜଣ ସେବାୟତ ଏହି କାର୍ଯ୍ୟର ସଫଳତା ପାଇଁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ଏଭଳି ଏକ ସର୍ବଭାରତୀୟ କାର୍ଯ୍ୟକ୍ରମର ପ୍ରଭାବ ଦେଶର ସବୁଆଡ଼େ ପଡ଼ିବା ସ୍ୱାଭାବିକ, ଯାହା ଜଗନ୍ନାଥ ଧାମରେ ମଧ୍ୟ ପ୍ରତିଫଳିତ ହୋଇଛି। କିନ୍ତୁ ଏଥିପାଇଁ ଅନ୍ୟାନ୍ୟ ମନ୍ଦିରରେ ହେଉଥିବା ସ୍ୱତନ୍ତ୍ର ପୂଜାର୍ଚ୍ଚନା ପରି ଜଗନ୍ନାଥ ଉପାସନାରେ ଏହା ସମ୍ଭବ ନୁହେଁ। କାରଣ ଜଗନ୍ନାଥ ଉପାସନାରେ ମୂଳରୁ ରାମଙ୍କ ସମ୍ପୃକ୍ତି ରହିଥିବା କୌଣସି ପୋଥି ପ୍ରମାଣ ମିଳେ ନାହିଁ। ଏପରି କି ଚତୁର୍ଦ୍ଧାବିଗ୍ରହଙ୍କ ଉପାସନା ପାଇଁ ନିର୍ଦ୍ଦିଷ୍ଟ ନୀତି ଓ ବିଧି ରହିଛି। ପୂର୍ବ ନିର୍ଦ୍ଧାରିତ ନୀତିକାନ୍ତି ଅନୁସାରେ ହିଁ ଏଠାରେ ସେବାପୂଜା ହୋଇଥାଏ। କୌଣସି ଏକ କାର୍ଯ୍ୟର ସଫଳତା ପାଇଁ ଏଠାରେ ପ୍ରାର୍ଥନା ସମ୍ଭବ, ମାତ୍ର ଜଗନ୍ନାଥଙ୍କ ନୀତି ଭିତରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଅସମ୍ଭବ।

ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ରଙ୍କ ମତ ଅନୁଯାୟୀ, ଜଗନ୍ନାଥ ହେଉଛନ୍ତି ଅବତାରୀ। ତାଙ୍କର ଏଗାର ପ୍ରତିନିଧିଙ୍କ ମଧ୍ୟରେ ରାମଚନ୍ଦ୍ର ଅନ୍ୟତମ। ଶ୍ରୀକୃଷ୍ଣଙ୍କ ଭଳି ରାମ ନବମୀରେ ରାମଙ୍କୁ ମଧ୍ୟ ଜଗନ୍ନାଥ ଜନ୍ମ ଦେଇଥାନ୍ତି। ପ୍ରତିନିଧିମାନେ ଯେପରି ଜଗନ୍ନାଥଙ୍କଠାରୁ ଆଜ୍ଞାମାଳ ଅର୍ଥାତ୍ ଆଦେଶ ନେଇ ଜଗତ ମଙ୍ଗଳ ପାଇଁ ବିଭିନ୍ନ କାର୍ଯ୍ୟ କରିଥାନ୍ତି ସେହିପରି ରାମଚନ୍ଦ୍ର ମଧ୍ୟ ଆଜ୍ଞାମାଳ ନେଇ ବିଭିନ୍ନ ନୀତିରେ ସାମିଲ ହୁଅନ୍ତି। ପ୍ରାୟ ୬୫୦ବର୍ଷ ତଳେ ଗଙ୍ଗବଂଶ ଶାସନ କାଳରେ ଶ୍ରୀକ୍ଷେତ୍ରରେ ରାମଙ୍କ ଲୀଳାକୁ ନେଇ ସାହିଯାତ ପ୍ରଚଳିତ ହୋଇଥିଲା। ସେତିକି ବେଳେ ରାମ, ଲକ୍ଷ୍ମଣ ଓ ସୀତା ସାହିଯାତରେ ସମ୍ପୃକ୍ତ ହୋଇଥିଲେ। ଏହି ବିଗ୍ରହମାନେ ଶ୍ରୀମନ୍ଦିର ଦକ୍ଷିଣୀ ଘରେ ଅନ୍ୟ ପ୍ରତିନିଧିଙ୍କ ପରି ପୂଜା ପାଇଥାନ୍ତି। ନିର୍ଦ୍ଦିଷ୍ଟ ତିଥିରେ ଜଗନ୍ନାଥଙ୍କ ଆଦେଶକ୍ରମେ ରାମଚନ୍ଦ୍ର ଚନ୍ଦନଯାତ୍ରା, ସାହିଯାତ, ରଥଯାତ୍ରା ପ୍ରଭୃତିରେ ସାମିଲ ହୋଇଥାନ୍ତି। ଏହାର ପ୍ରାୟ ୧୫୦ବର୍ଷ ପରେ ରାମଙ୍କ ଉପାସକ ଶ୍ରୀରାମାନନ୍ଦ ଆଚାର୍ଯ୍ୟ ଶ୍ରୀକ୍ଷେତ୍ରକୁ ଆସିବା ପରେ ରତ୍ନବେଦୀରେ ପୂଜିତ ତିନିବିଗ୍ରହଙ୍କୁ ରାମ, ଲକ୍ଷ୍ମଣ ଓ ସୀତା ରୂପେ ଗ୍ରହଣ କରିଥିଲେ। ତାଙ୍କର ଏହି ଆସ୍ଥା ଓ ବିଶ୍ୱାସକୁ ନେଇ ପୁରୀରେ ପ୍ରାୟ ୧୮ଟି ମଠ ଗଢ଼ି ଉଠିଥିଲା। ସେତିକିବେଳେ ରାମ ଉପାସନାର ଯଥେଷ୍ଟ ବିକାଶ ଘଟିଥିଲା।

ପ୍ରାଚୀନ କାଳରୁ ଓଡ଼ିଶାର ଇଷ୍ଟ ଏବଂ ସର୍ବପୂଜ୍ୟ ଭାବେ ଜଗନ୍ନାଥ ଗୃହିତ ହୋଇଥିବାରୁ ଅନ୍ୟ ଦେବଦେବୀଙ୍କ ପୂଜା ଏତେଟା ପ୍ରଚାର ପ୍ରସାର ଲାଭ କରି ନ ଥିଲା। ଜଗତ୍‌ଗୁରୁ ଶ୍ରୀଶଙ୍କରାଚାର୍ଯ୍ୟଙ୍କ ଉଦ୍ୟମରେ ପଞ୍ଚଦେବତା(ଗଣପତି, ସୂର୍ଯ୍ୟ, ନାରାୟଣ, ଅମ୍ବିକା ଓ ରୁଦ୍ର)ଙ୍କ ପୂଜା ଘରେ ଘରେ ପ୍ରସାରିତ ହେଲା। କିନ୍ତୁ ରାମଙ୍କ ପୂଜା ସାଧାରଣତଃ ଓଡ଼ିଶାର ଗାଁ ଗହଳିରେ କିମ୍ବା ସହରଗୁଡ଼ିକରେ ପୂର୍ବରୁ ବିଶେଷ ଭାବେ ନ ଥିଲା। ☞ପୃଷ୍ଠା-୪



+Based on TVSM internal test conditions. As compared to BS-IV models. T&C apply. ^Mobile charger is an optional accessory for XL100 Heavy Duty i-Touchstart variant. # Finance at the sole discretion of the financer. Schemes cannot be clubbed. T&C apply.
TVS 3 YEAR WARRANTY
FOR ALL INSTITUTIONAL/BULK REQUIREMENTS, PLEASE MAIL: corporate.customersupport@tvsmotor.com Authorised Main Dealers: BALASORE: Sita TVS, Ph.: 7852935605. BARIPADA: Allied TVS, Ph: 7852935617. BHADRAK: Sanjay TVS, Ph : 7854962653. BARBIL: Anjali TVS, Ph.: 8895458991. KEONJHAR: Kumar Automotives, Ph : 9870326414 Authorised Dealers : Jaleswar, Ph.: 9437216037; Baliapal, Ph.: 9937194603; Chandaneswar, Ph.: 9937194603; Soro, Ph.: 06788-221845; Rairangpur, Ph.: 7064403120; Basta, Ph.: 9040526003; Udhala, Ph : 9437238807; Joda, Ph : 9439084443; Harichandanpur, Ph : 9437633978; Dhenkikot, Ph : 7008797779; Turmunga, Ph : 9937591829; Betnoti, Ph : 9776142684; Karanjia, Ph : 9437037270; Dhamnagar, Ph : 9437265354: Chandbali, Ph: 9238514769; Tihidi, Ph : 9040123010; Basudevpur, Ph : 8249905878, 9938128990; Khaira, Ph : 9668712109. dentsuindia/dha bal/16/20



ଅମୃତସରରେ ଯୁବତୀମାନେ ହାତରେ 'ଜୟ ଶ୍ରୀରାମ' ଲେଖି ଉତ୍ସବ ମନାଉଛନ୍ତି।



ଚେନ୍ନାଇରେ ସୋସିଆଲ ଡେମୋକ୍ରାଟିକ୍ ପାର୍ଟି ଅଫ୍ ଇଣ୍ଡିଆ (ଏସ୍‌ଡିପିଆଇ) ପକ୍ଷରୁ ମନ୍ଦିର ଶିଳାନ୍ୟାସ ପ୍ରତିବାଦରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।



ୱାଶିଂଟନସ୍ଥିତ କ୍ୟାପିଟୋଲ ହିଲରେ ଭାରତୀୟ ସମୁଦାୟର ଲୋକେ ଉତ୍ସବ ମନାଉଛନ୍ତି।

# ଅଯୋଧ୍ୟା ଅଧ୍ୟାୟରେ ସ୍ୱର୍ଣ୍ଣିମ ଫର୍ଦ୍ଦ

**ଅଯୋଧ୍ୟା,୫।୮**

ଦୀର୍ଘ ୫୦୦ ବର୍ଷର ସ୍ୱପ୍ନ ପୂରଣ ହୋଇଛି। ରାମମନ୍ଦିର ନିର୍ମାଣ ନିମନ୍ତେ ଭୂମି ପୂଜନ ସହ ଅଯୋଧ୍ୟା ଅଧ୍ୟାୟରେ ସ୍ୱର୍ଣ୍ଣିମ ଫର୍ଦ୍ଦ ଯୋଡ଼ିହୋଇଛି। ଏବେ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ଏହାକୁ ନେଇ ବୁଧବାର ଅଯୋଧ୍ୟା ନଗରୀର ସମସ୍ତ ସ୍ଥାନରେ ଦୀପାବଳି ପାଳନ କରାଯାଉଛି।

ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଲକ୍ଷ୍ନୌସ୍ଥିତ ନିଜ ସରକାରୀ ବାସଭବନରେ ବାଣ ଫୁଟାଇ ଖୁସିବ୍ୟକ୍ତ କରିଛନ୍ତି। ଏହି ଅବସରରେ ଯୋଗୀ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କରକମଳରେ ରାମମନ୍ଦିରର ଆଧାରଶିଳା ରଖାଯିବା ପରେ ନୂଆ ଯୁଗର ଆରମ୍ଭ ହୋଇଛି। ଏହି ଯୁଗ ହେଉଛି ରାମରାଜ୍ୟ ଓ ନୂଆ ଭାରତ ନିର୍ମାଣର ଯୁଗ। ଏହା ଜନକଲ୍ୟାଣ ପାଇଁ ପ୍ରଭୁ ଶ୍ରୀରାମଙ୍କ ଆଦର୍ଶ ଅନୁରୂପ ଭାରତ ନିର୍ମାଣର ଯୁଗ। କେବଳ ମୁଖ୍ୟମନ୍ତ୍ରୀ ନୁହନ୍ତି, ଅଯୋଧ୍ୟା ଜିଲାର ପ୍ରତ୍ୟେକ ଘର ସାମ୍ନାରେ ଲୋକେ ଦୀପ ଜାଳି ଉତ୍ସବ ପାଳନ କରିଛନ୍ତି। ସେପଟେ ଆର୍‌ଏସ୍‌ଏସ୍ ମୁଖ୍ୟ ମୋହନ ଭାଗବତ ସରଯୂ ନଦୀକୂଳରେ ପୂଜାର୍ଚ୍ଚନା କରି ଆରତୀ ଦେଇଥିଲେ। ଲାଉଡ୍‌ସ୍ପିକର ଓ ଲାଇଟ୍ ଲଗାଇ ଲୋକେ ଆନନ୍ଦର ପ୍ରତିପ୍ରକାଶ କରିଥିଲେ। ଉତ୍ତରପ୍ରଦେଶ ସମେତ ଦେଶର ବିଭିନ୍ନ ସ୍ଥାନରେ ହର୍ଷୋଲ୍ଲାସର ପରିବେଶ ଦେଖିବାକୁ ମିଳିଥିଲା। ଏପରି କି ବିଦେଶରେ ରହୁଥିବା ଭାରତୀୟମାନେ ମଧ୍ୟ ଭିନ୍ନ ଭିନ୍ନ ଭାବେ ଉତ୍ସବ ମନାଇ ଭୂମି ପୂଜନ ଉତ୍ସବକୁ ସ୍ୱାଗତ ଜଣାଇଥିଲେ।




## ମୋଦିଙ୍କ ୩ ରେକର୍ଡ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୩ ରେକର୍ଡ କରିଛନ୍ତି। ୨୮ ବର୍ଷ ପରେ ମୋଦି ବୁଧବାର ରାମମନ୍ଦିର ଶିଳାନ୍ୟାସ ପାଇଁ ଅଯୋଧ୍ୟାରେ ପହଞ୍ଚିଥିଲେ। ରାମ ଜନ୍ମଭୂମି ଗସ୍ତ କରିବାରେ ସେ ହେଉଛନ୍ତି ପ୍ରଥମ ପ୍ରଧାନମନ୍ତ୍ରୀ। ସେହିପରି ହନୁମାନ ଗଡ଼ିକୁ ଯାଇ ଭଗବାନ ହନୁମାନଙ୍କ ଆଶୀର୍ବାଦ ନେବା ପ୍ରଧାନମନ୍ତ୍ରୀଙ୍କ ପାଇଁ ପ୍ରଥମ ଘଟଣା। ଦେଶର ସାଂସ୍କୃତିକ ଐତିହ୍ୟର ପ୍ରତୀକ ମନ୍ଦିରର ଭୂମିପୂଜନ କାର୍ଯ୍ୟକ୍ରମରେ ଯୋଗଦେବା ମଧ୍ୟ ପ୍ରଧାନମନ୍ତ୍ରୀଙ୍କ ପାଇଁ ପ୍ରଥମ ଘଟଣା। ୧୯୯୨ରେ ମୋଦି ଅଯୋଧ୍ୟା ଯାଇ ଫୈଜାବାଦର ଜିଆଇସି ଗ୍ରାଉଣ୍ଡରେ ମୁରଲୀ ମନୋହର ଜୋଷୀଙ୍କ ସହ ଏକ ସଭାକୁ ଉଦ୍‌ବୋଧନ ଦେଇଥିଲେ। ତତ୍କାଳୀନ ଭାଜପା ମୁଖ୍ୟ ଜୋଷୀଙ୍କ ନେତୃତ୍ୱରେ ଅନୁଷ୍ଠିତ ତ୍ରିରଙ୍ଗା ଯାତ୍ରାରେ ମୋଦି ଆବାହକ ଥିଲେ।

## ଘଟଣାକ୍ରମ..

**୧୫୨୮:** ମୋଗଲ ସମ୍ରାଟ ବାବରଙ୍କ କମାଣ୍ଡର ମୀର ବାକି ବାବ୍ରି ମସ୍‌ଜିଦ ନିର୍ମାଣ କରିଥିଲେ।

**୧୯୪୯:** ବିବାଦୀୟ ଢାଞ୍ଚା ବାହାରେ କେନ୍ଦ୍ରୀୟ ଗମ୍ବୁଜ ତଳେ ରାମ ଲାଲାଙ୍କ ମୂର୍ତ୍ତି ସ୍ଥାପନ କରାଗଲା।

**୧୯୫୦:** ରାମ ଲାଲାଙ୍କ ମୂର୍ତ୍ତି ପୂଜା ପାଇଁ ଅଧିକାର ଦାବିକରି ଫୈଜାବାଦ ଜିଲା କୋର୍ଟରେ ଗୋପାଳ ସିମ୍‌ଲା ବିଶାରଦ ଏକ ସୁଟ୍ ଫାଇଲ୍ କରିଥିଲେ।

**୧୯୫୯:** ବିବାଦୀୟ ଭୂମିର ଦଖଲ ପାଇଁ ନିର୍ମୋହୀ ଆଖଡ଼ା ପକ୍ଷରୁ ଏକ ସୁଟ୍ ଫାଇଲ କରାଯାଇଥିଲା।

**୧୯୮୯ ଅଗଷ୍ଟ ୧୪:** ବିବାଦୀୟ ଢାଞ୍ଚାକୁ ନେଇ ସ୍ଥିତାବସ୍ଥା ବଜାୟ ରଖିବା ପାଇଁ ଆଲ୍ଲାହବାଦ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ।

**୧୯୯୨ ଡିସେମ୍ବର ୬:** ବାବ୍ରି ମସ୍‌ଜିଦ ଭଙ୍ଗାଗଲା।

**୧୯୯୩ ଏପ୍ରିଲ ୩:** ବିବାଦୀୟ ଅଞ୍ଚଳରେ ଭୂମି ଅଧିଗ୍ରହଣ ପାଇଁ କେନ୍ଦ୍ର ସରକାର 'ଅଯୋଧ୍ୟାରେ ନିର୍ଦ୍ଦିଷ୍ଟ ଅଞ୍ଚଳ ଅଧିଗ୍ରହଣ ଆଇନ' ଆଣିଲେ।
–ଏହି ଆଇନକୁ ଚ୍ୟାଲେଞ୍ଜ କରି ଇସ୍‌ମାଇଲ୍ ଫାରୁକିଙ୍କ ସମେତ ଅନେକ ପକ୍ଷ ଆଲ୍ଲାହବାଦ ହାଇକୋର୍ଟରେ ଏକାଧିକ ରିଟ୍ ପିଟିଶନ ଦାଏର କରିଥିଲେ।
–ହାଇକୋର୍ଟରେ ବିଚାରାଧୀନ ସମସ୍ତ ରିଟ୍ ପିଟିଶନକୁ ଅନୁଚ୍ଛେଦ ୧୩୯ଏ ଅନୁସାରେ ସୁପ୍ରିମକୋର୍ଟ ସ୍ଥାନାନ୍ତର କରି ନିଜ ପାଖକୁ ନେଲେ।

**୧୯୯୪ ଅକ୍ଟୋବର ୨୪:** ମସ୍‌ଜିଦ ଇସ୍‌ଲାମର ଅବିଚ୍ଛେଦ୍ୟ ଅଙ୍ଗ ବୋଲି ଇସ୍‌ମାଇଲ୍ ଫାରୁକି ମାମଲାରେ ସୁପ୍ରିମକୋର୍ଟ ଐତିହାସିକ ରାୟ ଦେଇଥିଲେ।

**୨୦୧୦ ସେପ୍ଟେମ୍ବର ୩୦:** ୨.୭୭ ଏକର ପରିମିତ ବିବାଦୀୟ ଭୂମିକୁ ସୁନ୍ନି ୱାକଫ୍ ବୋର୍ଡ, ନିର୍ମୋହୀ ଆଖଡ଼ା ଓ ରାମ ଲାଲାଙ୍କ ମଧ୍ୟରେ ସମାନ ତିନିଭାଗରେ ବଣ୍ଟନ ପାଇଁ ହାଇକୋର୍ଟ ୨:୧ ସଂଖ୍ୟାଗରିଷ୍ଠତାରେ ରାୟ ଦେଲେ।

**୨୦୧୧ ମେ ୯:** ଅଯୋଧ୍ୟା ଜମି ବିବାଦ ନେଇ ହାଇକୋର୍ଟ ରାୟ ଉପରେ ସୁପ୍ରିମକୋର୍ଟ ସ୍ଥଗିତାଦେଶ ଜାରି କଲେ।

**୨୦୧୭ ମାର୍ଚ୍ଚ ୨୧:** କୋର୍ଟ ବାହାରେ ବୁଝାମଣା ଜରିଆରେ ସମାଧାନ ପାଇଁ ସିଜେଆଇ ଜେ.ଏସ୍. ଖେହର ପ୍ରସ୍ତାବ ଦେଲେ।

**ଅଗଷ୍ଟ ୭:** ଆଲ୍ଲାହବାଦ ହାଇକୋର୍ଟଙ୍କ ୧୯୯୪ ରାୟକୁ ଚ୍ୟାଲେଞ୍ଜ କରି ହୋଇଥିବା ଆବେଦନଗୁଡ଼ିକର ଶୁଣାଣି ପାଇଁ ସୁପ୍ରିମକୋର୍ଟ ୩ ଜଣିଆ ଖଣ୍ଡପୀଠ ଗଠନ କଲେ।

**୨୦୧୯ ଜାନୁୟାରୀ ୪:** ସୁପ୍ରିମକୋର୍ଟରେ ଗଠନ କରାଯାଇଥିବା ଏକ ଉପଯୁକ୍ତ ଖଣ୍ଡପୀଠରେ ଜାନୁୟାରୀ ୧୦ରେ ଜମି ବିବାଦ ମାମଲାର ପରବର୍ତ୍ତୀ ଶୁଣାଣି ତାରିଖ ସ୍ଥିର ପାଇଁ ରାୟ ଶୁଣାଇବାକୁ ଧାର୍ଯ୍ୟ କରାଗଲା।

**ଜାନୁୟାରୀ ୨୯:** ବିବାଦୀୟ ସ୍ଥଳ ଚତୁଃପାର୍ଶ୍ୱରେ ଥିବା ୬୭ ଏକର ଅଧିଗୃହୀତ ଜମିକୁ ମୂଳ ମାଲିକମାନଙ୍କୁ ଫେରସ୍ତ କରିବା ଲାଗି ଅନୁମତି ପ୍ରଦାନ ସକାଶେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେଲେ କେନ୍ଦ୍ର ସରକାର।

**ଫେବୃୟାରୀ ୨୬:** ସୁପ୍ରିମକୋର୍ଟ ମଧ୍ୟସ୍ଥତା ପାଇଁ ପରାମର୍ଶ ଦେଲେ। ଏହାସହ କୋର୍ଟ–ନିଯୁକ୍ତ ମଧ୍ୟସ୍ଥଙ୍କ ଜରିଆରେ ସମାଧାନ ପାଇଁ ମାର୍ଚ୍ଚ ୫ରେ ନିଷ୍ପତ୍ତି ନେବାକୁ ଧାର୍ଯ୍ୟ କଲେ।

**ମାର୍ଚ୍ଚ ୮:** ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଏଫ୍. ଏମ୍. କୈଫୁଲ୍ଲାଙ୍କ ଅଧ୍ୟକ୍ଷତାରେ ଗଠିତ ମଧ୍ୟସ୍ଥ କମିଟି ଜରିଆରେ ଜମି ବିବାଦର ସମାଧାନ ପାଇଁ ସ୍ଥିର କରାଗଲା।

**ଏପ୍ରିଲ ୯:** ବିବାଦୀୟ ସ୍ଥଳର ଚାରିପଟେ ଅଧିଗୃହୀତ ଜମିକୁ ମୂଳ ମାଲିକଙ୍କୁ ଫେରାଇବା ପାଇଁ କେନ୍ଦ୍ରର ପ୍ରସ୍ତାବକୁ ନିର୍ମୋହୀ ଆଖଡ଼ା ବିରୋଧ କଲା।

**ଅଗଷ୍ଟ ୨:** ମଧ୍ୟସ୍ଥତା ବିଫଳ ହେବା ପରେ ଅଗଷ୍ଟ ୬ରୁ ଦୈନନ୍ଦିନ ଶୁଣାଣି ପାଇଁ ସୁପ୍ରିମକୋର୍ଟ ସ୍ଥିର କଲେ।

**ଅକ୍ଟୋବର ୪:** ଅକ୍ଟୋବର ୧୭ରେ ଶୁଣାଣି ଶେଷକରି ନଭେମ୍ବର ୧୭ ସୁଦ୍ଧା ରାୟ ଦେବାକୁ ଅଦାଲତ ଧାର୍ଯ୍ୟ କଲେ।

**ଅକ୍ଟୋବର ୧୬:** ସୁପ୍ରିମକୋର୍ଟ ସାମ୍ବିଧାନିକ ପୀଠ ମାମଲାର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଲେ।

**ନଭେମ୍ବର ୯:** ୨.୭୭ ଏକର ବିବାଦୀୟ ଭୂମିର ମାଲିକାନା ସ୍ୱତ୍ୱ ରାମ ଲାଲା ପକ୍ଷଙ୍କୁ ହସ୍ତାନ୍ତର ସହ ସେଠାରେ ମନ୍ଦିର ନିର୍ମାଣ ପାଇଁ କେନ୍ଦ୍ର ସରକାର ୩ ମାସ ମଧ୍ୟରେ ଏକ ଟ୍ରଷ୍ଟ ଗଠନ କରି ରୂପରେଖ ପ୍ରସ୍ତୁତ କରିବେ ବୋଲି ଦେଶର ସର୍ବୋଚ୍ଚ ଅଦାଲତ ରାୟ ଦେଇଥିଲେ। ଏହାସହ ମସ୍‌ଜିଦ ନିର୍ମାଣ ପାଇଁ ଏକ ପ୍ରମୁଖ ସ୍ଥାନରେ ୫ ଏକର ପରିମିତ ଉପଯୁକ୍ତ ଜମି ସୁନ୍ନି ୱାକଫ୍ ବୋର୍ଡକୁ ହସ୍ତାନ୍ତର ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।


**୨୦୨୦ ଫେବୃୟାରୀ ୫:** ରାମମନ୍ଦିର ନିର୍ମାଣ ପାଇଁ ୧୫ ସଦସ୍ୟ ବିଶିଷ୍ଟ ଟ୍ରଷ୍ଟ ଗଠନ ନେଇ ପାର୍ଲାମେଣ୍ଟରେ ଘୋଷଣା କଲେ ପ୍ରଧାନମନ୍ତ୍ରୀ।

## 'ରାମମନ୍ଦିର ପ୍ରସଙ୍ଗର ଶାନ୍ତିପୂର୍ଣ୍ଣ ସମାଧାନ ହୋଇପାରିଛି'


ଯୋଗୀ ଆଦିତ୍ୟନାଥ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟି ଓ ବୁଦ୍ଧିମତ୍ତା ରାମମନ୍ଦିର ପ୍ରସଙ୍ଗର ଶାନ୍ତିପୂର୍ଣ୍ଣ ସମାଧାନ କରିବା ସହିତ ସ୍ୱପ୍ନକୁ ପୂରଣ କରିଛି ବୋଲି ଭୂମିପୂଜନ ଉତ୍ସବରେ ଯୋଗଦେଇ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହିଛନ୍ତି। ଗଣତାନ୍ତ୍ରିକ ଓ ସାମ୍ବିଧାନିକ ଉପାୟରେ କିପରି ସମସ୍ୟାର ସମାଧାନ ହୋଇପାରେ ମୋଦିଙ୍କ ନେତୃତ୍ୱରେ ଭାରତୀୟ ଗଣତନ୍ତ୍ର ଓ ବିଚାର ବ୍ୟବସ୍ଥାର ଶକ୍ତି ବିଶ୍ୱକୁ ଦେଖାଇଦେଇଛି ବୋଲି ସେ କହିଥିଲେ। ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣ ଲାଗି ୫୦୦ ବର୍ଷ ହେଲା ଲୋକେ ଉଦ୍ୟମ କରିଆସୁଥିଲେ। ଦୀର୍ଘଦିନର ଆଇନଗତ ଲଢ଼େଇ ପରେ ୨୦୧୯ ନଭେମ୍ବର ୯ରେ ସୁପ୍ରିମକୋର୍ଟ ରାମ ଜନ୍ମଭୂମି ମାମଲାର ସମାଧାନ କରି ବିବାଦୀୟ ସ୍ଥାନରେ ରାମମନ୍ଦିର ନିର୍ମାଣ କରିବାକୁ ଓ ମୁସଲମାନଙ୍କ ପାଇଁ ଅନ୍ୟତ୍ର ମସ୍‌ଜିଦ ନିର୍ମାଣ ଲାଗି ୫ ଏକର ଜମି ଯୋଗାଇଦେବା ଲାଗି ନିର୍ଦ୍ଦେଶ ଦେଇଥିଲେ।

## 'ସଂକଳ୍ପ ପୂରଣ ହୋଇଛି'


ମୋହନ ଭାଗବତ

ଦୀର୍ଘ ୩ ଦଶନ୍ଧିର ସଂଘର୍ଷ ପରେ ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣ ପାଇଁ ଶିଳାନ୍ୟାସ ହୋଇଛି। ଏହା ଆତ୍ମତୃପ୍ତିର ଏକ ଅବସର। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଓ ଅନ୍ୟ ସମଭାବାପନ୍ନ ସଂଗଠନଗୁଡ଼ିକର ୩୦ ବର୍ଷର ଉଦ୍ୟମ ଭବ୍ୟ ରାମମନ୍ଦିର ନିର୍ମାଣ ସଂକଳ୍ପକୁ ପୂରଣ କରିଥିବା ଆର୍‌ଏସ୍‌ଏସ୍ ମୁଖ୍ୟ ମୋହନ ଭାଗବତ କହିଛନ୍ତି। ଭୂମିପୂଜନ ଉତ୍ସବରେ ଯୋଗଦେଇ ଭାଗବତ କହିଥିଲେ, ରାମମନ୍ଦିର ଆନ୍ଦୋଳନକୁ ଭାଜପାର ସର୍ବବରିଷ୍ଠ ନେତା ଲାଲକୃଷ୍ଣ ଆଡଭାନୀ ଏବଂ ସ୍ୱର୍ଗତ ବିଶ୍ୱହିନ୍ଦୁ ପରିଷଦ ନେତା ଅଶୋକ ସିଂଘଲ ଓ ଅନ୍ୟମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ଆଜିର ଦିନ ଭାରତକୁ ଆତ୍ମନିର୍ଭରଶୀଳ କରିବା ପାଇଁ ଆବଶ୍ୟକ ଆସ୍ଥା ଆଣିଛି ବୋଲି ଆର୍‌ଏସ୍‌ଏସ୍ ମୁଖ୍ୟ କହିଥିଲେ। ସଙ୍କଳ୍ପ ପୂରଣ ପାଇଁ ଆମକୁ ୨୦ରୁ ୩୦ ବର୍ଷ ସଂଘର୍ଷ କରିବାକୁ ପଡ଼ିବ ବୋଲି ତତ୍କାଳୀନ ଆର୍‌ଏସ୍‌ଏସ୍ ମୁଖ୍ୟ ବାଲାସାହେବ ଦେଓରାସ କହିଥିବା ଭାଗବତ ମନେପକାଇଦେଇଥିଲେ। ରାମମନ୍ଦିର ପାଇଁ ଅନେକଙ୍କର ତ୍ୟାଗ ରହିଛି। ହେଲେ ବର୍ତ୍ତମାନର କରୋନା ସ୍ଥିତି ପାଇଁ ସେମାନେ ଉତ୍ସବରେ ଯୋଗଦେଇ ପାରିନାହାନ୍ତି। ଆଡଭାନିଜୀ ଘରେ ରହି ଏହି ଉତ୍ସବକୁ ଦେଖୁଥିବେ ବୋଲି ଭାଗବତ କହିଥିଲେ।

## 'ମନ୍ଦିର ନିର୍ମାଣ ବିଶ୍ୱର ନିର୍ମାଣ'



ନୃତ୍ୟଗୋପାଳ ଦାସ

ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣ ଲାଗି ଭୂମିପୂଜନ ଶେଷ ହେବା ପରେ ରାମ ଜନ୍ମଭୂମି ନ୍ୟାସର ଅଧ୍ୟକ୍ଷ ନୃତ୍ୟଗୋପାଳ ଦାସ କହିଥିଲେ, ମନ୍ଦିରର ନିର୍ମାଣ ବିଶ୍ୱର ନିର୍ମାଣ, ଏହା ଜନଜୀବନର ନିର୍ମାଣ। ମନ୍ଦିର କେବେ ନିର୍ମାଣ ହେବ ବୋଲି ତାଙ୍କୁ ଅନେକ ସମୟରେ ଲୋକେ ପ୍ରଶ୍ନ କରୁଥିଲେ। ଉତ୍ତରରେ ସେ କହିଥିଲେ, ଏବେ କେନ୍ଦ୍ରରେ ମୋଦି ଓ ଉତ୍ତରପ୍ରଦେଶରେ ଯୋଗୀ ଅଛନ୍ତି। ଏହି ସମୟରେ ଯଦି ମନ୍ଦିର ନିର୍ମାଣ ନ ହେବ ତେବେ ଆଉ କେବେ ହେବ ବୋଲି ସେ କହିଥିଲେ। ଖୁବ୍‌ଶୀଘ୍ର ଭକ୍ତମାନଙ୍କ ମନୋକାମନା ପୂରଣ ହେବାକୁ ଯାଉଛି। ଯେତେ ଶୀଘ୍ର ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହେଉ ଏହା ସମସ୍ତଙ୍କର ଇଚ୍ଛା। ପ୍ରଧାନମନ୍ତ୍ରୀ ଏଥିପାଇଁ ଉଦ୍ୟମ କରନ୍ତୁ ଯେପରି ଆମେ ସ୍ୱଚକ୍ଷୁରେ ଦିବ୍ୟ ଓ ଭବ୍ୟ ମନ୍ଦିର ଦେଖିପାରିବା ବୋଲି ନୃତ୍ୟଗୋପାଳ କହିଥିଲେ।

## ଗୋଟିଏ ମଞ୍ଚରେ ମୋଦି–ଭାଗବତ

୨୦୧୪ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଆର୍‌ଏସ୍‌ଏସ୍ ମୁଖ୍ୟ ମୋହନ ଭାଗବତଙ୍କୁ ଏକାଠି ଗୋଟିଏ ମଞ୍ଚରେ ପ୍ରଥମଥର ଦେଖିବାକୁ ମିଳିଛି। ଏହି ୬ ବର୍ଷ ମଧ୍ୟରେ କେବେ ଏହି ଦୁଇ ନେତାଙ୍କୁ ଏକାଠି ଦେଖିବାକୁ ମିଳି ନ ଥିଲା। ଅଯୋଧ୍ୟାରେ ଅନୁଷ୍ଠିତ ଶ୍ରୀରାମ ମନ୍ଦିର ଭୂମିପୂଜା ଉତ୍ସବ ଏହି ନିଆରା ମୁହୂର୍ତ୍ତ ଆଣିଦେଇଛି। ପ୍ରଧାନମନ୍ତ୍ରୀ ହେବା ପରଠାରୁ ଭାଗବତଙ୍କଠାରୁ ମୋଦି ଦୂରେଇ ରହୁଥିଲେ। ଭୂମିପୂଜାରେ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେବା ଲାଗି ଭାଗବତଙ୍କୁ ଆମନ୍ତ୍ରଣ କରାଯିବା ପରେ ସେ ମୋଦିଙ୍କ ସହ ଗୋଟିଏ ମଞ୍ଚରେ ବସିବାର ସୌଭାଗ୍ୟ ଅର୍ଜନ କରିଥିଲେ। ପ୍ରଧାନମନ୍ତ୍ରୀ ଭୂମିପୂଜା କରିଥିବା ବେଳେ ସେଠାରେ ଉତ୍ତରପ୍ରଦେଶ ରାଜ୍ୟପାଳ ଆନନ୍ଦିବେନ୍ ପଟେଲ, ମୁଖ୍ୟମନ୍ତ୍ରୀ ଆଦିତ୍ୟନାଥ, ଭିଏଚ୍‌ପି ନେତା ସ୍ୱର୍ଗତ ଅଶୋକ ସିଂଘଲଙ୍କ ପୁତୁରା ସଲିଲ୍ ସିଂଘଲ ଓ ତାଙ୍କ ସ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।


ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଆର୍‌ଏସ୍‌ଏସ୍ ମୁଖ୍ୟ ମୋହନ ଭାଗବତ।


"ରାମମନ୍ଦିରର ଶିଳାନ୍ୟାସ ଭାରତର ସାମାଜିକ ସଦ୍‌ଭାବନା ଓ ଲୋକଙ୍କ ଉତ୍ସାହକୁ ପ୍ରକଟ କରୁଛି। ଏହା ରାମରାଜ୍ୟ ଆଦର୍ଶର ସାକ୍ଷୀ ଓ ଆଧୁନିକ ଭାରତର ପ୍ରତୀକ ହେବ।

**–ରାମନାଥ କୋବିନ୍ଦ, ରାଷ୍ଟ୍ରପତି**


"ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣ ଧର୍ମୀୟ ବ୍ୟାପାରଠାରୁ ବହୁ ଊର୍ଦ୍ଧ୍ୱରେ। ଏହା ସର୍ବଶ୍ରେଷ୍ଠ କାଳାତୀତ ମାନବୀୟ ମୂଲ୍ୟବୋଧ ପ୍ରତି ସମ୍ମାନର ପ୍ରତୀକ ହୋଇ ରହିବ।

**–ଏମ୍. ଭେଙ୍କାୟା ନାଇଡୁ, ଉପରାଷ୍ଟ୍ରପତି**


"ଅଯୋଧ୍ୟାରେ ରାମମନ୍ଦିରର ଶିଳାନ୍ୟାସ ଭାରତ ପାଇଁ ଐତିହାସିକ ଓ ଗର୍ବର ଦିନ। ଏହା ଏକ ନୂଆ ଯୁଗ ଆରମ୍ଭର ସନ୍ଦେଶ ବହନ କରୁଛି।

**–ଅମିତ୍ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ**


"ଅଯୋଧ୍ୟାରେ ରାମମନ୍ଦିର ଶିଳାନ୍ୟାସ ନାଁରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ ହିନ୍ଦୁ ରାଷ୍ଟ୍ର ପ୍ରତିଷ୍ଠା ଲାଗି ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଅଗଷ୍ଟ ୫ ହିନ୍ଦୁତ୍ୱର ବିଜୟ ଓ ଧର୍ମନିରପେକ୍ଷତାର ପରାଜୟ ଦିବସ। ଧର୍ମନିରପେକ୍ଷ ଭାରତର କୌଣସି ଧର୍ମ ନାହିଁ। ମୋଦି ପ୍ରଧାନମନ୍ତ୍ରୀ ଭାବେ ନେଇଥିବା ଶପଥର ଉଲ୍ଲଂଘନ କରିଛନ୍ତି।

**–ଅସାଦୁଦ୍ଦିନ ଓୱାଇସି, ଏଆଇଏମ୍ଆଇଏମ୍ ଅଧ୍ୟକ୍ଷ**


"ମର୍ଯ୍ୟାଦା ପୁରୁଷୋତ୍ତମ ଭଗବାନ ରାମ ସର୍ବୋତ୍ତମ ମାନବୀୟ ଗୁଣର ସ୍ୱରୂପ। ନିଷ୍ଠୁରତା, ଘୃଣା ଓ ଅନ୍ୟାୟରେ ସେ କେବେ ପ୍ରକଟ ହୋଇ ନ ପାରନ୍ତି। ସେ ଆମ ମନ ମଧ୍ୟରେ ମାନବତାର ମୂଳ ଭାବନା ଭାବେ ରହିଛନ୍ତି।

**–ରାହୁଲ ଗାନ୍ଧୀ, କଂଗ୍ରେସ ନେତା**

## ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ରହିବ ଅଗଷ୍ଟ ୫


ଅରୁଣ ଗୋବିଲ

ଅଯୋଧ୍ୟାରେ ବହୁ ପ୍ରତିକ୍ଷିତ ରାମ ମନ୍ଦିରର ଶିଳାନ୍ୟାସ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ବୁଧବାର ସମ୍ପନ୍ନ ହୋଇଛି। ପ୍ରଭୁ ରାମଙ୍କ ଭବ୍ୟ ମନ୍ଦିର ନିର୍ମାଣ ଶିଳାନ୍ୟାସ ଯୋଗୁ ସମସ୍ତ ଦେଶବାସୀ ଖୁସି ବ୍ୟକ୍ତ କରିଛନ୍ତି। ଏହି କ୍ରମରେ ରାମାନନ୍ଦ ସାଗରଙ୍କ ବହୁଚର୍ଚ୍ଚିତ ଧାରାବାହିକ ରାମାୟଣରେ ରାମ ଭୂମିକାରେ ଅଭିନୟ କରିଥିବା ଅରୁଣ ଗୋବିଲ ଟୁଇଟ କରି ନିଜର ଖୁସି ବ୍ୟକ୍ତ କରିଛନ୍ତି। ଅଗଷ୍ଟ ୫ ଇତିହାସର ସର୍ଣ୍ଣ ଅକ୍ଷରରେ ଲିପିବଦ୍ଧ ହୋଇ ରହିବ। ସାରା ବିଶ୍ୱରେ ବାସ କରୁଥିବା ସମସ୍ତ ରାମ ଭକ୍ତଙ୍କ ସ୍ୱପ୍ନ ପୂରଣ ହୋଇଛି। ସମସ୍ତଙ୍କୁ ମୋର ଅଭିନନ୍ଦନ ଏବଂ ଶୁଭେଚ୍ଛା ବୋଲି ଅରୁଣ ଟୁଇଟ ମାଧ୍ୟମରେ ପ୍ରକାଶ କରିଛନ୍ତି।

# ରାଜ୍ୟରେ ଆଉ ଦୁଇ ପ୍ଲାଜ୍ମା ବ୍ୟାଙ୍କ ଉଦ୍‌ଘାଟିତ

ଭୁବନେଶ୍ୱର(ବ୍ୟୁରୋ)/ସମ୍ବଲପୁର,୫।୮



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଭିଡିଓ କନ୍‌ଫରେନ୍ସରେ ପ୍ଲାଜ୍ମା ବ୍ୟାଙ୍କ ଉଦ୍‌ଘାଟନ କରୁଛନ୍ତି।

ରାଜ୍ୟରେ ଆଉ ୨ଟି ପ୍ଲାଜ୍ମା ବ୍ୟାଙ୍କକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଉଦ୍‌ଘାଟନ କରିଛନ୍ତି। ଭିଡିଓ କନ୍‌ଫରେନ୍ସରେ ମୁଖ୍ୟମନ୍ତ୍ରୀ ବ୍ରହ୍ମପୁରର ଏମ୍‌କେସିଜି ଏବଂ ବୁର୍ଲା ଭିମ୍‌ସାରରେ ପ୍ଲାଜ୍ମା ବ୍ୟାଙ୍କର ଶୁଭାରମ୍ଭ କରିଛନ୍ତି। ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ ଉଦ୍‌ଘାଟନ ସମୟରେ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଏବଂ ଭିମ୍‌ସାରରେ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ଉପସ୍ଥିତ ଥିଲେ। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ମୋଟ ୫ ପ୍ଲାଜ୍ମା କେନ୍ଦ୍ର ପ୍ରତିଷ୍ଠା ହୋଇଛି। ଏହାଦ୍ୱାରା ସମସ୍ତ ଅଞ୍ଚଳରେ ପ୍ଲାଜ୍ମା ଦାନ ଓ ଚିକିତ୍ସା ସୁବିଧା ହୋଇପାରିବ। କୋଭିଡ୍ ଯୁଦ୍ଧର ମୁଖ୍ୟ ମିଶନ ହେଉଛି ଲୋକଙ୍କ ଜୀବନ ସୁରକ୍ଷା। ଏ କ୍ଷେତ୍ରରେ ପ୍ଲାଜ୍ମା ଥେରାପି ବହୁ ପରିମାଣରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକଟ କରିଛନ୍ତି।

ପ୍ଲାଜ୍ମା କେନ୍ଦ୍ର ସ୍ଥାପନ କରିବାରେ ଯେଉଁ ମେଡିକାଲ ଟିମ୍‌ଗୁଡିକ କଠିନ ପରିଶ୍ରମ କରିଛନ୍ତି ସେମାନଙ୍କ ଉଦ୍ୟମକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଛନ୍ତି। ରାଜ୍ୟରେ ପ୍ଲାଜ୍ମା ଥେରାପି ଉତ୍ସାହଜନକ ଫଳାଫଳ ପ୍ରଦର୍ଶନ କରୁଛି। ବର୍ତ୍ତମାନ ସୁଦ୍ଧା ୬୦ କୋଭିଡ୍ ରୋଗୀଙ୍କୁ ପ୍ଲାଜ୍ମା ଥେରାପିରେ ଚିକିତ୍ସା ସେବା ଦିଆଯାଇଛି। ୪୮ ରୋଗୀଙ୍କ ଅବସ୍ଥାରେ ଦ୍ରୁତ ଉନ୍ନତି ଆସିଛି। ଏହି ଅବସରରେ ସମସ୍ତ ଯୋଗ୍ୟ କୋଭିଡ୍‌ମୁକ୍ତ ବ୍ୟକ୍ତିମାନଙ୍କୁ ପ୍ଲାଜ୍ମା ଦାନ କରିବାକୁ ଆଗେଇ ଆସିବା ପାଇଁ ପୁଣିଥରେ ମୁଖ୍ୟମନ୍ତ୍ରୀ ନିବେଦନ କରିଛନ୍ତି। ରାଜ୍ୟରେ ୧୫ଦିନ ମଧ୍ୟରେ ସମୁଦାୟ ୫ ପ୍ଲାଜ୍ମା କେନ୍ଦ୍ର ପ୍ରତିଷ୍ଠା ହୋଇଛି। ସେଗୁଡ଼ିକ ମଧ୍ୟରେ କଟକ ଏସ୍‌ସିବି, ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ଓ ରାଉରକେଲାର ଆଇଜିଏଚ୍ ହସ୍ପିଟାଲରେ ପ୍ଲାଜ୍ମା ବ୍ୟାଙ୍କ କାର୍ଯ୍ୟକ୍ଷମ ହୋଇଛି।

ବ୍ରହ୍ମପୁର ଏମ୍‌ସିଜି ମେଡିକାଲ କଲେଜରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଉପସ୍ଥିତ ରହି କହିଛନ୍ତି, ପ୍ଲାଜ୍ମା ବ୍ୟାଙ୍କ ଦ୍ୱାରା ଗୁରୁତର କୋଭିଡ୍ ରୋଗୀଙ୍କ ଚିକିତ୍ସା ଏଣିକି ଆହୁରି ସୁବିଧାଜନକ ହେବ। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ କୋଭିଡ୍ ଯୁଦ୍ଧକୁ ପ୍ରଭାବଶାଳୀ କରାଯାଇଛି। ଗଞ୍ଜାମ ଜିଲାରେ ୪୦୦ ପ୍ଲାଜ୍ମା ଦାନ ପାଇଁ ଆଗେଇ ଆସିଛନ୍ତି ବୋଲି ସେ କହିଛନ୍ତି। ସେହିପରି ବୁର୍ଲାର ଭିମ୍‌ସାରଠାରେ ସ୍ୱାସ୍ଥ୍ୟମନ୍ତ୍ରୀ ଦାସ ଯୋଗଦେଇ କହିଛନ୍ତି, ପ୍ଲାଜ୍ମା ବ୍ୟାଙ୍କ ପାଇଁ ପଶ୍ଚିମ ଓଡ଼ିଶାର ଲୋକମାନଙ୍କ ମଧ୍ୟରେ ଆଶା ସୃଷ୍ଟି କରିଛି। କୋଭିଡ୍‌ରେ ଲୋକଙ୍କ ଚିକିତ୍ସା ଓ ଅନ୍ୟାନ୍ୟ ସେବା ଯୋଗାଉଥିବା ଲୋକମାନଙ୍କୁ ଭଗବାନ ଆଶୀର୍ବାଦ କରିବେ। ଏହାସହ ଏହି ଅବସରରେ ବ୍ରହ୍ମପୁର ଏମ୍‌କେସିଜିର ପ୍ରଥମ ପ୍ଲାଜ୍ମାଦାତା ଶୁଭାଂଶୁ ମୋହନ ସାହୁ ଏବଂ ବୁର୍ଲା ଭିମ୍‌ସାରର ପ୍ରଥମ ପ୍ଲାଜ୍ମାଦାତା ରବୀନ୍ଦ୍ର ସାହୁ ସେମାନଙ୍କ ଅନୁଭୂତି ବର୍ଣ୍ଣନା କରିବା ସହିତ ଅନ୍ୟ କୋଭିଡ୍‌ମୁକ୍ତ ବ୍ୟକ୍ତିମାନଙ୍କୁ ପ୍ଲାଜ୍ମା ଦାନ ଲାଗି ନିବେଦନ କରିଛନ୍ତି। ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ଭିମ୍‌ସାରର ନିର୍ଦ୍ଦେଶକ ଧନ୍ୟବାଦ ଅର୍ପଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଉପଦେଷ୍ଟା, ଉନ୍ନୟନ କମିଶନର, ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ କମିଶନର, ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ(୫-ଟି), ଇଲେକ୍ଟ୍ରୋନିକ ଓ ଆଇଟି ବିଭାଗ ସଚିବ ପ୍ରମୁଖ ଯୋଗଦେଇଛନ୍ତି।

## କରୋନା ସଂକ୍ରମଣ ସ୍ଥିତି

ବୁଧବାର ରାତି ୧୦ଟା ସୁଦ୍ଧା

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧,୮୮,୨୭,୪୩୩ | ୭,୦୭,୦୩୯ | ୧,୨୦,୦୭,୬୭୮ |
| ଭାରତ | ୧୯,୫୯,୪୬୮ | ୪୦,୭୨୯ | ୧୩,୨୪,୫୬୮ |
| ଓଡ଼ିଶା | ୩୯,୦୧୮ | ୨୨୫(+୪୪) | ୨୫,୭୩୮ |

(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଚାଷୀଙ୍କ ମୋବାଇଲ ନାହିଁ, ସୂଚନା କେମିତି ଯାଉଛି: ଭାଜପା

ଭୁବନେଶ୍ୱର,୫।୮(ବ୍ୟୁରୋ)

ଚାଷୀମାନେ ସାମାଜିକ ଗଣମାଧ୍ୟମରେ ସକ୍ରିୟ ହେଲେଣି। ଟୁଇଟର ଓ ହ୍ୱାଟସଆପରେ ସମସ୍ତ ସୂଚନା ସରକାରଙ୍କ ଠାରୁ ଚାଷୀଙ୍କ ପାଖକୁ ପହଞ୍ଚାଯାଇଛି ବୋଲି କୃଷିମନ୍ତ୍ରୀ ଅରୁଣ ସାହୁ ଏକ ଭର୍ଚୁଆଲ ମିଟିଂରେ କହିଛନ୍ତି। ଚାଷୀଙ୍କ ଆୟ ଦ୍ୱିଗୁଣିତ ନୁହେଁ ବରଂ ବହୁଗୁଣିତ କରିବା ନେଇ କୃଷିମନ୍ତ୍ରୀଙ୍କ ବୟାନ ଅତ୍ୟନ୍ତ ହାସ୍ୟାସ୍ପଦ ବୋଲି ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ ସୁରଥ ବିଶ୍ୱାଳ ଅଭିଯୋଗ କରିଛନ୍ତି।

ସୁରଥ କହିଛନ୍ତି, ବହୁଦିନ ପରେ ରାଜ୍ୟ ସରକାର ସାମାଜିକ ଗଣମାଧ୍ୟମରେ ଚାଷୀଙ୍କୁ ଯୋଡିବା କଥା କିପରି ମନେ ପଡିଲା। କିଛିବର୍ଷ ପୂର୍ବେ ଚାଷୀଙ୍କୁ ସରକାର ମୋବାଇଲ ଫୋନ୍ ଦେବା କଥା କହିଥିଲେ। ମୋବାଇଲ କେତେ ଜଣ ଚାଷୀ ପାଇଛନ୍ତି, କ'ଣ ବ୍ୟବହାର କରାଯାଇଛି। ଏବେ ମଧ୍ୟ ରାଜ୍ୟରେ ଲକ୍ଷଲକ୍ଷ ଚାଷୀଙ୍କ ପାଖରେ ମୋବାଇଲ ନାହିଁ। କିନ୍ତୁ ଚାଷୀ କିପରି ସାମାଜିକ ଗଣମାଧ୍ୟମରେ ସୂଚନା ପାଉଛନ୍ତି ବୋଲି ସୁରଥ ପ୍ରଶ୍ନ ଉଠାଇଛନ୍ତି। ରାଜ୍ୟରେ କୃଷି ବିଭାଗ ସମ୍ପୂର୍ଣ୍ଣଭାବେ ନିଷ୍କ୍ରିୟ ହୋଇପଡିଛି। ରାଜ୍ୟରେ କୃଷି ବିଭାଗର ଦୁର୍ନୀତି ସମସ୍ତଙ୍କୁ ଜଣା। ଚାଷୀଙ୍କ ପାଖରେ ଠିକ୍ ସମୟରେ ବିହନ, ସାର ଓ କୀଟନାଶକ ପହଞ୍ଚି ପାରୁ ନ ଥିବାବେଳେ ସରକାର ଚାଷୀଙ୍କୁ ଆଗୁଆ ପାଣିପାଗ ବିଷୟରେ ଜଣାଇବା କଥା କହୁଛନ୍ତି। ଅନ୍ୟପଟେ ସମସ୍ତ ମେଗା ଇରିଗେଶନ ପ୍ରୋଜେକ୍ଟ ଓ ଏଲ.ଆଇ ପଏଣ୍ଟ ଅଚଳ ହୋଇପଡିଛି। ସେନେଇ ରାଜ୍ୟ ସରକାର ଦୃଷ୍ଟି ଦେଉନାହାନ୍ତି। ସରକାରଙ୍କ ପାଖରେ ଚାଷୀଙ୍କ ତାଲିକା ମଧ୍ୟ ନାହିଁ। ତାଲିକା ନ ଥିବାରୁ ସରକାର ପ୍ରଧାନମନ୍ତ୍ରୀ କିଷାନନିଧି ଯୋଜନାରେ ଓଡିଆଙ୍କ ତାଲିକା କେନ୍ଦ୍ରକୁ ଦେଉନାହାନ୍ତି। ଫଳରେ ଓଡିଆ ଚାଷୀ ନିଜ ଅଧିକାରରୁ ବଞ୍ଚିତ ରହୁଛନ୍ତି ବୋଲି ସୁରଥ ଅଭିଯୋଗ କରିଛନ୍ତି।

# ପରଲୋକରେ ପୂର୍ବତନ ପୋଲିସ ଡିଜି ଏସ୍. ଏନ୍. ତିୱାରୀ

ଭୁବନେଶ୍ୱର,୫।୮ (ବ୍ୟୁରୋ)


ଏସ୍.ଏନ୍. ତିୱାରୀ

ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ଶ୍ୟାମ ନାରାୟଣ ତିୱାରୀଙ୍କ ବୁଧବାର ପରଲୋକ ହୋଇଛି। ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ୮୧ ବର୍ଷ ବୟସରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ସେ କର୍କଟ ରୋଗରେ ପୀଡିତ ହୋଇ କିଛିଦିନ ହେବ ଚିକିତ୍ସିତ ହେଉଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ସ୍ତ୍ରୀ ଓ ଦୁଇ ପୁଅ ଉପସ୍ଥିତ ଥିଲେ। ନୂଆପଡ଼ା ଜିଲା ରାଜଖରିଆର (ବର୍ତ୍ତମାନ ଖରିଆର) ଅଞ୍ଚଳର ମୂଳବାସିନ୍ଦା ତିୱାରୀ ଆଲ୍ଲାହାବାଦ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ପାସ୍ କରିବା ପରେ ୧୯୬୩ରେ ଭାରତୀୟ ପୋଲିସ ସେବା (ଆଇପିଏସ୍)ରେ ଯୋଗ ଦେଇଥିଲେ। ପରବର୍ତ୍ତୀ ସମୟରେ ରାଜ୍ୟ ପୋଲିସ ଏବଂ କେନ୍ଦ୍ରୀୟ ସୁରକ୍ଷା ସଂସ୍ଥାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ ନିଷ୍ଠାର ସହ କାର୍ଯ୍ୟ କରିଛନ୍ତି। ଏଥିସହ ସେ ଓଡ଼ିଶା ପୋଲିସ ବାହିନୀର ପ୍ରାୟ ସମସ୍ତ ବିଭାଗ ତଥା କେନ୍ଦ୍ରୀୟ ପୋଲିସ ସଙ୍ଗଠନର ମଧ୍ୟ ନେତୃତ୍ୱ ନେଇଛନ୍ତି। ଡିଆଇଜି ସେଣ୍ଟ୍ରାଲ ରେଞ୍ଜ, ଇଣ୍ଟେଲିଜେନ୍ସର ନିର୍ଦ୍ଦେଶକ, ଜେଲ୍ ବିଭାଗର ନିର୍ଦ୍ଦେଶକ, ପୋଲିସ ଡିଜି ଭାବେ ସଫଳତାର ସହ କାର୍ଯ୍ୟ କରି କେନ୍ଦ୍ରୀୟ ଡେପୁଟେଶନରେ ଯାଇ ଇଣ୍ଟେଲିଜେନ୍ସ ବ୍ୟୁରୋରେ ଯୁଗ୍ମ ସଚିବ ଭାବରେ କାର୍ଯ୍ୟ କରିଛନ୍ତି। ତାଙ୍କ ବିୟୋଗରେ ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ ଅଭୟ ଶୋକ ପ୍ରକାଶ କରିଛନ୍ତି।

# କୋଭିଡ୍ ପାଇଁ ୪୭୭ ଡାକ୍ତର ନିଯୁକ୍ତ

**ଭୁବନେଶ୍ୱର,୫।୮(ବ୍ୟୁରୋ):** କୋଭିଡ୍ ଲଢ଼େଇକୁ ଜୋରଦାର କରିବା ପାଇଁ ରାଜ୍ୟ ସରକାର ବିଭିନ୍ନ ମେଡିକାଲ କଲେଜ ଓ ହସ୍ପିଟାଲରେ ଥିବା ୨୨୫ ଇନ୍‌ସର୍ଭିସ ପିଜି ଡାକ୍ତର ଏବଂ ୨୫୨ ପିଜି ଡାକ୍ତରଙ୍କୁ ବିଭିନ୍ନ ଜିଲା ଡାକ୍ତରଖାନାରେ ନିୟୋଜିତ କରିଛନ୍ତି। ସେହି ଡାକ୍ତରମାନେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ କୋଭିଡ୍ ପରିଚାଳନାରେ ସହଯୋଗ କରିବେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏ ନେଇ ମଙ୍ଗଳବାର ଡାକ୍ତରମାନଙ୍କ ତାଲିକା ଓ ନିଯୁକ୍ତି ବିଷୟରେ ବିଜ୍ଞପ୍ତି ପ୍ରକାଶ କରାଯାଇଛି।




# ଉଜୁଡ଼ା ଜମିରେ ସବୁଜିମା ଭରୁଛନ୍ତି ହିମାଂଶୁ

## କ୍ଷେତ ବୁଲି ଦେଖିଲେ କୃଷି ଅଧିକାରୀ, ବୈଜ୍ଞାନିକ

**ଖୋର୍ଦ୍ଧା ଅଫିସ, ୫।୮:** ନିଷ୍ଠା ଓ ଏକାଗ୍ରତା ସଫଳତା ଆଣେ। ଏହାକୁ ପ୍ରମାଣିତ କରିଛନ୍ତି ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ରାମେଶ୍ୱର ପଞ୍ଚାୟତ ଅଧୀନ ପଦ୍ମପୁର ଗ୍ରାମର ହିମାଂଶୁ ସାମନ୍ତରାୟ। ସେ ଓଲସିଂ ପଞ୍ଚାୟତରେ ୨୫ ହେକ୍ଟର ଉଜୁଡ଼ା ଚାଷଜମିକୁ ଶସ୍ୟ ଶ୍ୟାମଳା କରିବା ସହ ଚାଷୀଙ୍କୁ ଜୈବିକ କୃଷି ମାଧ୍ୟମରେ ସ୍ୱରୋଜଗାର ଓ ସ୍ୱାବଲମ୍ବୀ ହେବା ପାଇଁ ମାର୍ଗଦର୍ଶନ କରୁଛନ୍ତି। ଜୈବିକ କୃଷି ପ୍ରଣାଳୀରେ ଧାନଚାଷ କରି ହିମାଂଶୁ ଅନ୍ୟମାନଙ୍କ ଲାଗି ପ୍ରେରଣା ପାଲଟିଛନ୍ତି। ବୁଧବାର ଟାଙ୍ଗୀ କୃଷି ଜିଲା ଅଧିକାରୀ ଦୁର୍ଯ୍ୟୋଧନ ପତଙ୍ଗ, ଜିଲା କୃଷି ଯୋଜନା ଅଧିକାରୀ ସୁବ୍ରତ


କୃଷି ବୈଜ୍ଞାନିକ ଏବଂ ଅଧିକାରୀମାନେ ଧାଡ଼ିରୁଆ ଧାନଚାଷ ଅନୁଧ୍ୟାନ କରୁଛନ୍ତି।

ରଥ, ବ୍ଲକ କୃଷି ଅଧିକାରୀ ଶୁଭେନ୍ଦୁ ସ୍ୱାଇଁ, ସିଫା ବୈଜ୍ଞାନିକ ଅଜୟ ଦାଶ, ବିଜୟ ମହାନ୍ତି ଏବଂ ଗ୍ରାମସେବକ ପ୍ରତାପ ସାହୁ ତାଙ୍କ କ୍ଷେତ ବୁଲି ଦେଖିଛନ୍ତି। କିପରି ଧାଡ଼ିରୁଆ ଚାଷକାର୍ଯ୍ୟ ହେଉଛି ତା'ର ଅନୁଧ୍ୟାନ କରିଛନ୍ତି।

ସରକାରଙ୍କ ଦ୍ୱିତୀୟ ସବୁଜ ବିପ୍ଳବ ଯୋଜନାରେ ହିମାଂଶୁ ଧାଡ଼ିରୁଆ ଧାନ ଚାଷ କରି ସଫଳତା ହାସଲ କରିଛନ୍ତି। କୃଷି ବିଭାଗର ସହାୟତା ଏବଂ ଏସ୍‌ଏଚ୍‌ଜି ଗ୍ରୁପ୍ ଜରିଆରେ ଚାଷ ଉପକରଣ କିଣି ଚାଷୀଙ୍କୁ ଧାଡ଼ିରୁଆ ଚାଷ ଶିଖାଉଛନ୍ତି। ହିମାଂଶୁ କହିଛନ୍ତି ରାସାୟନିକ ସାର, ବିହନ ଆଦି ପ୍ରୟୋଗ ଦ୍ୱାରା ଜମିର ଉର୍ବର ଶକ୍ତି ଓ ଉତ୍ପାଦନ କ୍ଷମତା ହ୍ରାସ ପାଉଛି। ଆଶାନୁଯାୟୀ ଫସଲ ଅମଳ ହେଉନାହିଁ। ଫଳରେ ଚାଷୀ କ୍ଷତି ସହିବା ସହ ଋଣଗ୍ରସ୍ତ ହୋଇପଡୁଛି। ତେଣୁ ଜୈବିକ କୃଷି ପ୍ରଣାଳୀରେ ଚାଷ କରିବା ଲାଗି ସେ ମା' ସିଦ୍ଧେଶ୍ୱରୀ ଜୈବିକ କୃଷି ଚାଷୀ ସଙ୍ଗଠନ ଗଠନ କରିଛନ୍ତି। ଏଥିରେ ପ୍ରାୟ ୨୫ଜଣ ସଦସ୍ୟ ରହିଛନ୍ତି। କୃଷି ବିଭାଗ ପକ୍ଷରୁ ତାଙ୍କୁ ହେକ୍ଟର ପିଛା ୧୨୫୦ ଟଙ୍କା, ସାର, ବିହନ, କୀଟନାଶକ ଏବଂ କୃଷି ଯନ୍ତ୍ରପାତି ସୁଲଭ ମୂଲ୍ୟରେ ଯୋଗାଇ ଦିଆଯାଉଛି।




# ନୂତନ ଶିକ୍ଷା ନୀତି ନେଇ ହେବ ଦୁଇ ଦିନିଆ ୱେବିନାର

**ଭୁବନେଶ୍ୱର,୫।୮(ବ୍ୟୁରୋ):** କେନ୍ଦ୍ର ସରକାର ଗତ ବୁଧବାର ଜାତୀୟ ଶିକ୍ଷାନୀତି-୨୦୨୦ ଘୋଷଣା କରିଛନ୍ତି। ଓଡିଶାର ସ୍ୱାର୍ଥ ଦୃଷ୍ଟିରୁ ଘୋଷିତ ନୂତନ ଶିକ୍ଷାନୀତି ସମ୍ପର୍କରେ ବ୍ୟାପକ ଆଲୋଚନା ଓ ପର୍ଯ୍ୟାଲୋଚନାର ଆବଶ୍ୟକତାକୁ ଅନୁଭବ କରି ବିଜେଡି କଳା, ସଂସ୍କୃତି ଓ ମାନବ ସମ୍ବଳ ବିଭାଗ ବିଭିନ୍ନ କାର୍ଯ୍ୟକ୍ରମର ଯୋଜନା କରିଛି। ଓଡିଶାର ଭୌଗୋଳିକ ସ୍ଥିତି, ଅନୁସୂଚିତ ଜାତି ଓ ଜନଜାତି ତଥା ପଛୁଆ ବର୍ଗ ଛାତ୍ରୀଛାତ୍ରଙ୍କ ଅନୁପାତକୁ ଦୃଷ୍ଟିରେ ରଖି ସବୁ ବର୍ଗର ସତ୍ତ୍ୱାଧିକାରୀଙ୍କ ସହିତ ପରାମର୍ଶ ଓ ଆଲୋଚନା ପାଇଁ ଆସନ୍ତା ୮ ଏବଂ ୧୬ ଦୁଇଦିନ ୪ଟି କର୍ମଶାଳା କରିବାକୁ ନିଷ୍ପତ୍ତି ନିଆଯାଇଛି। କରୋନା କଟକଣା ଯୋଗୁ ଏହି ପରାମର୍ଶ ଓ ଆଲୋଚନା ସଭା ୱେବିନାର ମାଧ୍ୟମରେ କରିବାକୁ ସ୍ଥିରିକୃତ ହୋଇଛି। ଏହି କର୍ମଶାଳାରେ ଓଡିଶାର ବିଭିନ୍ନ ସରକାରୀ, ବେସରକାରୀ ଶିକ୍ଷାନୁଷ୍ଠାନ କର୍ମକର୍ତ୍ତା ଶିକ୍ଷକ ସଙ୍ଗଠନ ଏବଂ ଶିକ୍ଷାବିତ, ବୁଦ୍ଧିଜିବୀ, ଛାତ୍ରୀଛାତ୍ର ଓ ଅଭିଭାବକମାନଙ୍କୁ ଆମନ୍ତ୍ରଣ କରାଯାଇ ନୂତନ ଶିକ୍ଷାନୀତି ସମ୍ପର୍କରେ ଆଲୋଚନା ହେବ। ଆସନ୍ତା ୮ତାରିଖରେ ଦୁଇଟି ଏବଂ ଅଗଷ୍ଟ ୧୬ରେ ଦୁଇଟି କର୍ମଶାଳା ଅନୁଷ୍ଠିତ ହେବ। ପ୍ରଥମ କର୍ମଶାଳା ପୂର୍ବାହ୍ନ ୧୧ଟା ସମୟରୁ ମଧ୍ୟାହ୍ନ ୧ ଘଟିକା ପର୍ଯ୍ୟନ୍ତ ଚାଲିବ। ସେହିପରି ଦ୍ୱିତୀୟ କର୍ମଶାଳା ଅପରାହ୍ନ ୩ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଚାଲୁ ରହିବ।

# 'ମହାତ୍ମା ଗାନ୍ଧୀଙ୍କ ସ୍ୱପ୍ନ ପୂରଣ ହେଲା'

**ଭୁବନେଶ୍ୱର,୫।୮(ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଯୋଧ୍ୟାରେ ନିର୍ମାଣ ହେବାକୁ ଥିବା ରାମ ମନ୍ଦିରର ଭୂମି ପୂଜନ କରିଛନ୍ତି। ଏହି ଅବସରରେ ରାଜ୍ୟ କାର୍ଯ୍ୟାଳୟରେ ନେତୃବୃନ୍ଦ ଏକଶହଆଠ ହନୁମାନ ଚାଳିଶା ପାଠ ଓ ଦୀପ ପ୍ରଜ୍ୱଳନ କରିଛନ୍ତି। ରାଜ୍ୟ ସଭାପତି ସମୀର ମହାନ୍ତି ଏବଂ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକଙ୍କ ସହ ଦଳର ବରିଷ୍ଠ ପଦାଧିକାରୀ ମାନେ ଭୂମି ପୂଜନର ଲାଇଭ ଭିଡିଓ ଏକାଠି ଦେଖିଛନ୍ତି। ୧୯୮୦ର ଆରମ୍ଭରୁ ଭାଜପା ରାମ ଜନ୍ମ ଭୂମିଠାରେ ଭବ୍ୟ ମନ୍ଦିର ନିର୍ମାଣ କରିବାକୁ ଲକ୍ଷ୍ୟ ରଖିଥିଲା। ଦଳ ପ୍ରଥମରୁ ଅଯୋଧ୍ୟାରେ ସାମ୍ବିଧାନିକ ପ୍ରକ୍ରିୟାରେ ଶ୍ରୀରାମ ମନ୍ଦିରର ନିର୍ମାଣ ପାଇଁ ସଂକଳ୍ପବଦ୍ଧ ଥିଲା। ୧୯୮୯ରେ ପାଲମପୁର ସ୍ଥିତ ରୋଟାରୀ ଭବନରେ ଭାଜପା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀରେ ବୈଠକ ଅନୁଷ୍ଠିତ ହୋଇଛି। ରାମମନ୍ଦିରର ପ୍ରସ୍ତାବକୁ ପାର୍ଟିର ପାଲମପୁର ଅଧିବେଶନରେ ପାରିତ କରାଯାଇଛି। ଲାଲକୃଷ୍ଣ ଆଡଭାନୀଙ୍କ ନେତୃତ୍ୱରେ ୨୫ ସେପ୍ଟେମ୍ବର ୧୯୯୦ରେ ଗୁଜୁରାଟର ସୋମନାଥଠାରୁ ରଥଯାତ୍ରା ଆରମ୍ଭ ହୋଇଥିଲା। ଏହା ସମସ୍ତ ଭାରତୀୟଙ୍କ ପାଇଁ ଗର୍ବର ବିଷୟ। ରାମ ରାଜ୍ୟ ପ୍ରତିଷ୍ଠା ପାଇଁ ମହାତ୍ମା ଗାନ୍ଧୀ ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ଆରମ୍ଭ ହୋଇଛି ଏବଂ ଭାରତ ବର୍ଷ ଏକ ଶକ୍ତିଶାଳୀ ଓ ବୈଭବଶାଳୀ ରାଷ୍ଟ୍ରଭାବେ ବିଶ୍ୱରେ ପରିଗଣିତ ହେବ ବୋଲି ରାଜ୍ୟ ସମୀର କହିଛନ୍ତି।



## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ସୋମୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଆଇଆଇଆଇଟି ଛାତ୍ରୀଛାତ୍ରଙ୍କୁ ୯୧ ପ୍ରତିଶତ ନିଯୁକ୍ତି

ଭୁବନେଶ୍ୱର,୫।୮(ବ୍ୟୁରୋ)

ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ଇଣ୍ଟରନ୍ୟାଶନାଲ ଇନଷ୍ଟିଚ୍ୟୁଟ ଅଫ ଇନଫରମେଶନ ଟେକ୍ନୋଲୋଜି (ଆଇଆଇଆଇଟି) ଭୁବନେଶ୍ୱର ୨୦୦୬ରେ ସ୍ଥାପନ କରାଯାଇଥିଲା। ଏହି ଅନୁଷ୍ଠାନରୁ ୨୦୧୯-୨୦ରେ ପାସ କରିଥିବା ୯୧ ପ୍ରତିଶତ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ମିଳି ପାରିଛି। ଗତ ୫ ବର୍ଷ ମଧ୍ୟରେ ଏହି ଅନୁଷ୍ଠାନ ୯୦ରୁ ୯୫ ପ୍ରତିଶତ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ ସହାୟକ ହୋଇ ପାରିଛି । ବୁଧବାର ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୋର୍ଡ ଅଫ ଗଭର୍ନରସ ବୈଠକରେ ଏହି ସୂଚନା ଦିଆଯାଇଛି। ଏହି ବୈଠକରେ ଦେଶର ବିଭିନ୍ନ ପ୍ରାନ୍ତରୁ ଡିଜିଟାଲ ମୋଡରେ ଇଣ୍ଡିପେଡେଣ୍ଟ ଡାଇରେକ୍ଟରମାନେ ସାମିଲ ହୋଇଥିଲେ। ଉକ୍ତ ଅନୁଷ୍ଠାନରେ ଗବେଷଣା ଏବଂ ବର୍ତ୍ତମାନର ସମୟ ସହ ତାଳ ଦେଉଥିବା ବିଭିନ୍ନ ସ୍ୱତନ୍ତ୍ର ବିଷୟ ଉପରେ ଅଧିକ ଫୋକସ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେଯୋଗ ଦେଇ ଆଇଆଇଆଇଟି ନିର୍ଦ୍ଦେଶକ ଗୋପାଳ ନାୟକ କହିଛନ୍ତି ଏହି ଅନୁଷ୍ଠାନ ବିଭିନ୍ନ ନୂତନ ଚିନ୍ତାଧାରାର ବୈଷୟିକ ଶିକ୍ଷାକୁ ଗୁରତ୍ୱ ଦେଇ ସେଲଫ ଲର୍ଣ୍ଣିଂ, ସେଲ୍‌ଫ ଡେଭେଲପମେଣ୍ଟ କୋର୍ସ ଏବଂ କୋଡିଂ କମ୍ପିଟିଶନ ବିଷୟକୁ ସଫଳତାର ସହ କାର୍ଯ୍ୟକାରୀ କରି ଆସୁଛି। ଛାତ୍ରୀଛାତ୍ରମାନେ ନିଜ ପସନ୍ଦ ଅନୁଯାୟୀ ବିଷୟ ନେଇ ଶିକ୍ଷା ଗ୍ରହଣ କରୁଛନ୍ତି। ଏହି ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ଗୁଗଲ ଅନଲାଇନ ମାର୍କେଟିଂ ଚ୍ୟାଲେଞ୍ଜରେ ଉଚ୍ଚ ର୍‍ୟାଙ୍କରେ ରହିବାରେ ସଫଳ ହୋଇଛନ୍ତି ବୋଲି ନିର୍ଦ୍ଦେଶକ କହିଛନ୍ତି।

# ରାସ୍ତାକଡ଼ରେ ଚା’ ବିକୁଛନ୍ତି ଯାତ୍ରା କଳାକାର

ପଦ୍ମପୁର, ୫।୮(ଡି.ଏନ୍.ଏ.)

ମହାମାରୀ କରୋନା ବିରୋଧରେ ସାରା ଦେଶ ଲଢୁଥିବା ବେଳେ ନିମ୍ନ ମଧ୍ୟବିତ୍ତ ପରିବାର ଓ କଳାକାରମାନେ ପେଟକୁ ଦାନା ପାଉନାହାନ୍ତି। ଯାତ୍ରା, ପାଲା, ଦାସକାଠିଆ, ନୃତ୍ୟ ମାଧ୍ୟମରେ ଓଡ଼ିଆ ସଂସ୍କୃତି ଓ ପରମ୍ପରାର ପ୍ରଚାର ପ୍ରସାର କରୁଥିବା କଳାକାରମାନେ ଏବେ ଅସହାୟ ହୋଇ ପଡ଼ିଛନ୍ତି। ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଭଦ୍ରକ ଜିଲା ବାସୁଦେବପୁର

## ଜୀବିକା ଛଡ଼ାଇ ନେଲା କରୋନା

ବ୍ଲକ ବ୍ରାହ୍ମଣୀଗାଁ ପଞ୍ଚାୟତର ବୈକୁଣ୍ଠପୁର ଗ୍ରାମରେ। ଯାତ୍ରା ତ୍ରିରଙ୍ଗାରୁ କଳାକାର ଜୀବନ ଆରମ୍ଭ କରିଥିବା ଏହି ଗ୍ରାମର ରୁନୁ ମହାପାତ୍ର ଏବେ ଜଣେ ଆଗଧାଡ଼ିର କଳାକାର। କୋଣାର୍କ ଗଣନାଟ୍ୟରେ ୨୦୦୨ ରୁ ୨୦୧୯ ଦୀର୍ଘ ୧୭ ବର୍ଷର ଅଭିନୟ ଜୀବନରେ ଡ୍ୟାମ୍ପଠାରୁ ହାସ୍ୟ ଅଭିନେତ୍ରୀ ଭାବରେ ସେ ବେଶ ପରିଚିତ। କୋଣାର୍କ ଗଣନାଟ୍ୟର ବଦ୍‌ନାମ ହେଲି ତୋରି ପାଇଁ, କାଇଁଚ ମାଳି, ବ୍ରହ୍ମ ଚଣ୍ଡାଳ, ଆଖି ଅବୁଝାକୁ ଲୁହ ଅବୁଝା, ଦୁଃଖ ଦେଇଗଲା ଦରଦୀ ବନ୍ଧୁ ନାଟକ ଦେଖିଥିବା ଦର୍ଶକ ରୁନୁଙ୍କର ନାଚ ଓ କମେଡ଼ି ଭୁଲି ପାରିବେନି। ତେବେ କରୋନା ମହାମାରୀ ଆରମ୍ଭ ହେବା ପରେ ଯାତ୍ରା ପରିବେଷଣ ବନ୍ଦ ହେବାରୁ ସେ ଫେରିଛନ୍ତି ନିଜ ଘରକୁ। ଘରେ ଭିନ୍ନକ୍ଷମ ବାପା ନିଶିକାନ୍ତ ରାଉତ ଓ ଅସୁସ୍ଥ ମା’ ତପତି। ସେମାନଙ୍କର ଔଷଧ ଖର୍ଚ୍ଚ ସହ ଦୁଇ ଓଳି ଖାଇବାର ଚିନ୍ତା। ଶେଷରେ ବାଛି ନେଲେ ରାସ୍ତାକଡ଼ରେ ପଲିଥିନ ଟାଣି ଏକ ଛୋଟ ଚା ଦୋକାନ ସହ ତେଲଭାଜି ଓ ବିସ୍କୁଟ ବିକିବା ପାଇଁ। ଦୈନିକ ୨୦୦ରୁ ୩୦୦ ଟଙ୍କା ରୋଜଗାର କରି ବାପା, ମା, ସ୍ୱାମୀ ଓ ଛୋଟ ଝିଅର ଭରଣ ପୋଷଣ କରୁଛନ୍ତି। ସ୍ୱାମୀ ଲିଟୁ ଯାତ୍ରା କଳାକାରମାନଙ୍କର ପରିଚାଳନା କରୁଥିବା ବେଳେ କାମ ବନ୍ଦ ଯୋଗୁଁ ସେ ମଧ୍ୟ ରୁନୁଙ୍କୁ ଦୋକାନରେ ସହଯୋଗ କରୁଛନ୍ତି। ଯେଉଁ କଳାକାରମାନଙ୍କୁ ଦେଖିବା ପାଇଁ ଦର୍ଶକମାନେ ଶହ ଶହ ଟଙ୍କାର ଟିକେଟ୍ କିଣି ଲମ୍ବାଧାଡ଼ି ଲଗାଉଥିଲେ ସେମାନେ ଏବେ ଫୁଟ୍‌ପାଥରେ ସ୍ୱଳ୍ପ ରୋଜଗାରରେ ନିଜର ଜୀବିକା ନିର୍ବାହ କରିବା କଷ୍ଟକର ହୋଇପଡ଼ିଛି। ଏଭଳି ସ୍ଥିତିରେ ସରକାର ସହାୟତାର ହାତ ନ ବଢ଼ାଇଲେ କଳାକାରମାନଙ୍କର ବଞ୍ଚିବା ଦୁର୍ବିସହ ହୋଇପଡ଼ିବ ବୋଲି ରୁନୁ ନିଜର ପ୍ରତିକ୍ରିୟା ରଖିଛନ୍ତି ।


ରାସ୍ତାକଡ଼ରେ ଚା ବିକୁଥିବା ଯାତ୍ରା କଳାକାର ରୁନୁ ମହାପାତ୍ର।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** କେତେକ ସାମାନ୍ୟ ଭୁଲରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। ପ୍ରଶାସନିକ ସ୍ତରରେ ଗଠନମୂଳକ ପ୍ରେରଣା ଦେଇ ପ୍ରଶଂସିତ ହେବେ। ସକାଳୁ ସକାଳୁ ବାଟରେ ଯିବା ସମୟରେ ବନ୍ଧୁଙ୍କୁ ଭେଟିପାରନ୍ତି। ପାରିବାରିକ ଅସହଯୋଗ ଜନିତ କାର୍ଯ୍ୟ ହାସଲ ନ ହେବା କାରଣରୁ ଚିନ୍ତିତ ହେବେ।

**ବୃଷ** ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ହାସଲ କରିବେ। କାଶ,କଫଜନିତ ପୀଡ଼ାରୁ କଷ୍ଟ ଅନୁଭବ କରିପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ, ମିତ୍ର ବନ୍ଧୁରେ, ଲେଖାପଢ଼ାରେ ଆଳସ୍ୟ ଓ ଅବହେଳା ପ୍ରଦର୍ଶନ କରିବେ। ବନ୍ଧୁ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ କାମ କରିପାରନ୍ତି ।

**ମିଥୁନ** କାର୍ଯ୍ୟସିଦ୍ଧି ହେତୁ ସାମୟିକ ଆନନ୍ଦ ଅନୁଭବ କରିବେ। ପରିବାର ସକାଶେ ଧାରକରଜ କରି ଆବଶ୍ୟକତାକୁ ପୂରଣ କରିବେ। ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହୋଇପାରନ୍ତି। ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ। ବନ୍ଧୁ ସାହାଯ୍ୟ କରିବାର ପ୍ରତିଶ୍ରୁତି ଦେଇ ଶେଷ ମୁହୂର୍ତ୍ତରେ ନାସ୍ତିବାଣୀ ଶୁଣାଇପାରନ୍ତି।

**କର୍କଟ** ଦୂରଦର୍ଶିତା ଓ ସହଯୋଗୀ ମନୋବୃତ୍ତି କାରଣରୁ ଆଶା ପୂରଣ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହୋଇପାରିବ। କର୍ମକ୍ଷେତ୍ରରେ ବିବାଦୀୟ ପରିସ୍ଥିତିର ମୁକାବିଲା କରିବାରେ ସମର୍ଥ ହେବେ। ବନ୍ଧୁଙ୍କ ପ୍ରହେଳିକାପୂର୍ଣ୍ଣ କଥା ଶୁଣି ମରୀଚିକା ପଛରେ ଦୌଡ଼ିପାରନ୍ତି। ବାକ୍ ଅସଂଯମତା ନେଇ ସୁସମ୍ପର୍କ ବ୍ୟାହତ ହୋଇପାରେ।

**ସିଂହ** କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। ନିଜ ଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ବ୍ୟୟ ବୃଦ୍ଧି ଯୋଗୁ କିମ୍ବା ପରିବହନରେ ସମସ୍ୟା ନେଇ ବ୍ୟସ୍ତ ହୋଇପାରନ୍ତି ।

**କନ୍ୟା** ଆକସ୍ମିକ ଭାବରେ ପୁରାତନ ରୋଗର ପୀଡ଼ା ଅନୁଭବ ହୋଇପାରେ। ସରକାରୀ ସ୍ତରରୁ ହଠାତ୍ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ସାହିତ୍ୟ, କଳା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସିତ ହେବେ। ବନ୍ଧୁ ପରିଜନଙ୍କ ସହ ଆଜିର ଭ୍ରମଣ ସୁଖ ବେଶ୍ ଉପଭୋଗ୍ୟ ହୋଇପାରେ।

**ତୁଳା** ଗତକାଲିର ଆଲୋଚନା ଅନୁଯାୟୀ ଆଜିର କାମସବୁ ଠିକ୍ ଠିକ୍ ହୋଇଯିବ। ତଥାପି କେତେକ କ୍ଷେତ୍ରରେ ଇଚ୍ଛା ବିରୋଧରେ କାମ କରି ଅନୁତାପ କରିବାକୁ ପଡ଼ିପାରେ। ଈର୍ଷାପରାୟଣ ବ୍ୟକ୍ତିମାନେ ପ୍ରତିଷ୍ଠା ଓ ପ୍ରଶଂସାକୁ ସହି ନ ପାରି ବିବାଦୀୟ ମନ୍ତବ୍ୟ ଦେଇପାରନ୍ତି। ଯାନ୍ତ୍ରିକତ୍ରୁଟି ଯୋଗୁ ଯାତ୍ରାରେ ବିଳମ୍ବ ଘଟିପାରେ।

**ବିଛା** ବନ୍ଧୁଙ୍କ ହସ୍ତକ୍ଷେପ ଫଳରେ ପାରିବାରିକ ସମସ୍ୟାର ସରଳ ସମାଧାନ ହେବ। ଆନୁଷଙ୍ଗିକ ସାହାଯ୍ୟ, ସହଯୋଗ ଲାଭକରି ଶିଳ୍ପ,ବାଣିଜ୍ୟ ଓ ବ୍ୟବସାୟରେ ଲାଭବାନ ହେବେ। କୌଣସି ବ୍ୟକ୍ତିଗତ କାର୍ଯ୍ୟ ସକାଶେ ସାମାଜିକ ସ୍ତରରେ ସମାଲୋଚିତ ହୋଇପାରନ୍ତି। ସଭା ସମିତି ଓ ଚୁକ୍ତିପତ୍ର ପାଇଁ ଦିନଟି ଭଲ।

**ଧନୁ** ଆକସ୍ମିକ ଭାବରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ପ୍ରକାଶନ, ସାମ୍ବାଦିକତା, ଏଜେନ୍ସିପ୍ ଏବଂ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ତର୍କ ଓ ବିବାଦଜନିତ ବନ୍ଧୁଙ୍କ ସହ ସମ୍ପର୍କ ହାନି ନେଇ ଚିନ୍ତାପ୍ରକଟ କରିବେ। ସନ୍ଧ୍ୟା ସମୟରେ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି।

**ମକର** ଗଠନମୂଳକ ପ୍ରସ୍ତାବ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଏଣେ ଅଫିସରେ ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହେବେ। ନୂତନ କର୍ମାରମ୍ଭ, ଯାନବାହନ, ଲୋକସମ୍ପର୍କ ସଭାସମିତି ଓ ପାରିବାରିକ ସମସ୍ୟା ନେଇ ଚିନ୍ତା କରିବାକୁ ପଡ଼ିବ। ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ।

**କୁମ୍ଭ** ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ ହେବ । ଆନୁଷ୍ଠାନିକ କ୍ଷେତ୍ରରେ ବାଦବିବାଦ କ୍ରମେ ଜଟିଳ ହେବ କିନ୍ତୁ ଆପଣ ସଫଳତା ହାସଲ କରିବେ। ଆଲୋଚନା ପରିସରରେ ବନ୍ଧୁଙ୍କ ପକ୍ଷପାତିତାକୁ ନାପସନ୍ଦ କରିବେ। ଜଣେ ବନ୍ଧୁଙ୍କ ନିକଟରୁ ଅର୍ଥ ପାଇବାକୁ ପ୍ରତିଶ୍ରୁତି ପାଇପାରନ୍ତି।

**ମୀନ** ପ୍ରତ୍ୟେକ କ୍ଷେତ୍ରରେ ଘଟଣାଗୁଡ଼ିକୁ ଅସ୍ୱାଭାବିକ ଭାବେ ଚିନ୍ତା କରିବେ। ଅଫିସରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡ଼ିବେ। ଅପୂରଣୀୟ ଅଭିଳାଷ ନେଇ ନୈରାଶ୍ୟଜନକ ଦୁଃଖ ଅନୁଭବ କରିପାରନ୍ତି। ଅସମର୍ଥିତ ସୂତ୍ରରୁ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।

ଆଜି ଭାଦ୍ରବ ମାସ କୃଷ୍ଣପକ୍ଷର ଅଙ୍କଭେଟ ତୃତୀୟା,ଗୁରୁବାର,ଚାତୁର୍ମାସ୍ୟା ଗୁରୁବାର ବ୍ରତ, ଅଗଷ୍ଟ ୬ ତାରିଖ, ହିରୋସୀମା ଦିବସ,ଦିବା ଘ.୧୧।୧୮ ପର୍ଯ୍ୟନ୍ତ ରାଶିନକ୍ଷତ୍ର-ଶତଭିଷା/କୁମ୍ଭ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୨୭ ଗତେ ଘ.୦୭।୧୦ ମଧ୍ୟେ, ଘ.୧୦।୩୫ ଗତେ ଘ.୦୧।୦୯ ମଧ୍ୟେ ମାହେନ୍ଦ୍ରବେଳା। ରାତ୍ର ଘ.୦୨।୨୯.ଗତେ ଘ.୦୩।୧୩. ମଧ୍ୟେ ଅମୃତବେଳା। ଦିବା ଘ.୧।୨୮ ଗତେ ଘ. ୩।୨୧ ମଧ୍ୟେ ରାହୁକାଳ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନୀଚକୁ ଦେଲେ ଅଧିକାର**
**ଋଷିଙ୍କୁ ବୁହାଇବା ଭାର ।**
ରାଜା ନହୁସ ଇନ୍ଦ୍ରପଦ ଲାଭ କଲା ପରେ ଋଷି ମୁନିଙ୍କୁ ଇତର ପ୍ରାଣୀ ଭାବେ ହେୟ ମଣିଥିଲେ । ଗର୍ବରେ ଅନ୍ଧ ହୋଇ ତାଙ୍କୁ କାନ୍ଧରେ ବୋହି ନେବା ପାଇଁ ଋଷିଙ୍କୁ ଆଦେଶ ଦେଇଥିଲେ। ଫଳସ୍ୱରୂପ କାନ୍ଧରେ ବୋହିନେବା ଅବସରରେ କଷ୍ଟ ପାଇ ଋଷିଗଣ ତାଙ୍କୁ ଅରଣ୍ୟରେ ସର୍ପ ହୋଇ ରହିବାକୁ ଅଭିଶାପ ଦେଇଥିଲେ। ନୀଚଲୋକ ବଡ଼ ଆସନର ଅଧିକାରୀ ହେଲେ ଅଚିରେ ତା’ର ଅପବ୍ୟବହାର କରିବସୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନିଜ ପାଉଣାରୁ ଅଧିକ ନିଏ, ତାକୁ ଜାଣିବ ଅଧମ ;**
**ନିଜ ପାଉଣାରୁ କମତି ନିଏ, ତାକୁ ଜାଣିବ ଉତ୍ତମ ;**
**ପର ପାଇଁ ନିଜ ଗଣ୍ଠିରୁ ଦିଏ, ଦନାଇ ବୋଲେ ସୁଧମ ।**
ଯିଏ ଯେତିକି ପାଇବାର ହକ୍‌ଦାର ବା ଯୋଗ୍ୟ ତା’ଠାରୁ ଯଦି ଅଧିକ ଦାବିକରେ ତାହେଲେ ସେ ଅଧମ ବୋଲାଇଥାଏ । ଯିଏ ନିଜ ପାଉଣାଠାରୁ କମ୍ ନିଏ ସିଏ ଉତ୍ତମ ବ୍ୟକ୍ତି ଭାବେ ପରିଗଣିତ ହୋଇଥାଏ। ସେହିପରି ଯିଏ ପର ପାଇଁ ନିଜ ହାତରୁ ଖର୍ଚ୍ଚ କରେ ସିଏ ସୁଧମ ହୋଇଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଓଡ଼ିଆ ଢଗ ଢମାଳି ଓ ରୂଢ଼ି ପ୍ରୟୋଗ - ଏ .କେ. ମିଶ୍ର ପବ୍ଲିଶର୍ସ ପ୍ରାଃ ଲିଃ**

**ଆଜିର ମନ୍ତବ୍ୟ**

ଭବ୍ୟ ରାମମନ୍ଦିର ଦେଶର ମନ୍ଦିର। ଏହା ଭାରତର ଗର୍ବ, ଆତ୍ମସମ୍ମାନ ଏବଂ ଆମ ଆଧାତ୍ମିକତାର ଉତ୍ସବ।
**-ରବିଶଙ୍କର ପ୍ରସାଦ, କେନ୍ଦ୍ରମନ୍ତ୍ରୀ**

## classifieds Everyday
0674-2580101, 2549302

**real estate**

**SALE**

ପୁରୀ ବାଟମଙ୍ଗଳା ମନ୍ଦିରଠାରୁ ଅଠରନଳା ମଝିରେ ମେନ୍‌ରୋଡ୍‌ରୁ 200 ମିଟର ଦୂରରେ 2 ମହଲା ଘର ବିକ୍ରୟହେବ। ସମ୍ପୂର୍ଣ୍ଣ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ। 9438109040, 8144658008. D-17873

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/- outright. 9348232008, 6371569855. D-69131

Gharabari plot at Patia, Raghunathpur Padasahi, Baranga, duplex, flat Raghunathpur, Patia, Nakhara, Balianta, Bhubaneswar. 8917589179. D-69135

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**healthcare**

Newly open full body massage by Lady/ Gents therapists - 8018656899. D-60885

Relaxing body massage by Lady/ Gents therapists - 7008773793. D-60886


Newly open SPA centre full body massage, Rasulgarh, Bhubaneswar. 7846814019. D-59956

Get refreshment body massage by expert therapist contact for. 9556978408. D-69705

Newly open SPA Centre full body massage Bamikhal, Bhubaneswar. 7205187702. D-59955

Herbal full body massage by smart / expert therapist. Contact: 8338067247. D-69713

# ଟାଇମ୍ସ ସ୍କୋୟାରରେ ଝଲସିଲା ଶିଳାନ୍ୟାସ ଉତ୍ସବ



ୱାଶିଂଟନ, ୫।୮(ପି.ଟି.): ଅଯୋଧ୍ୟା ରାମମନ୍ଦିର ଶିଳାନ୍ୟାସ ଉତ୍ସବକୁ ଆମେରିକାରେ ଥିବା ଭାରତୀୟ-ଆମେରିକୀୟମାନେ ପାଳନ କରିଛନ୍ତି। ନ୍ୟୁୟର୍କର ଟାଇମ୍ସ ସ୍କୋୟାରରେ ରାମଙ୍କ ଚିତ୍ର ସହ ପ୍ରସ୍ତାବିତ ମନ୍ଦିରର ପ୍ରତିରୂପକୁ ଫ୍ଲାସ୍‌ବୋର୍ଡରେ ପ୍ରଦର୍ଶନ କରାଯାଇଥିଲା। ଭାରତୀୟ ବଂଶୋଦ୍ଭବମାନେ ଦୀପ ଜଳାଇବା ସହ ରାମମନ୍ଦିରର ଡିଜିଟାଲ ମୂର୍ତ୍ତି ପ୍ରଦର୍ଶନ କରୁଥିବା ପ୍ରଜ୍ଞାପନ ଟ୍ରକ୍‌କୁ ଆମେରିକା କ୍ୟାପିଟୋଲ ହିଲ୍‌ରେ ବୁଲାଇଥିଲେ। ସେଠାରେ ବିଭିନ୍ନ ହିନ୍ଦୁ ସଂଗଠନ ପକ୍ଷରୁ ଭର୍ଚୁଆଲ ଉତ୍ସବର ଆୟୋଜନ କରାଯାଇଥିଲା। ୱାଶିଂଟନରେ ବିଶ୍ୱହିନ୍ଦୁ ପରିଷଦ ସଦସ୍ୟମାନେ ‘ଜୟ ଶ୍ରୀରାମ’ ସ୍ଲୋଗାନ ଦେଇ ପ୍ରଜ୍ଞାପନ ଟ୍ରକ୍ ବାହାର କରିଥିଲେ। ଏହି ଐତିହାସିକ ଦିନରେ ସମସ୍ତ ଭାରତୀୟ ବିଶେଷ କରି ଭଗବାନ ରାମଙ୍କୁ ପୂଜା କରୁଥିବା ହିନ୍ଦୁ, ଜୈନମାନଙ୍କୁ କାଲିଫର୍ନିଆର ହିନ୍ଦୁ ନେତା ଅଜୟ ଜୈନ ଭୁଟୋରିଆ ଅଭିନନ୍ଦନ ଜଣାଇଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ରାମମନ୍ଦିର ପାଇଁ ...

୧୨ଟା ୪୪ ମିନିଟ ୮ ସେକେଣ୍ଡରେ ଭୂମି ପୂଜନ ଆରମ୍ଭ ହୋଇଥିଲା। ୧୯୮୯ରେ ସାରାଦେଶରୁ ଆସିଥିବା ୨ ଲକ୍ଷ ୭୫ ହଜାର ଶିଳା ମଧ୍ୟରୁ ୯ ଶିଳାର ପୂଜନ କରାଯାଇଥିଲା। ପୁରୋହିତଙ୍କ ବୈଦିକ ମନ୍ତ୍ରପାଠ ସହ ପ୍ରଧାନମନ୍ତ୍ରୀ ମୋଦି ଯଜମାନ ଭାବେ ଗଣେଶଙ୍କୁ ସ୍ମରଣ ପୂର୍ବକ ଅନୁଷ୍ଠାନ ସମ୍ପନ୍ନ କରିଥିଲେ। ତାଙ୍କ ସହ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ରାଜ୍ୟପାଳ ଆନନ୍ଦିବେନ ପଟେଲ, ଆର୍‌ଏସ୍‌ଏସ୍ ମୁଖ୍ୟ ମୋହନ ରାଓ ଭାଗବତ, ଟ୍ରଷ୍ଟ ଅଧ୍ୟକ୍ଷ ମହନ୍ତ ନୃତ୍ୟ ଗୋପାଳ ଦାସ ମଞ୍ଚାସୀନ ଥିଲେ।

୫୦୦ ବର୍ଷର ସଂଘର୍ଷ ପରେ ପ୍ରଧାନମନ୍ତ୍ରୀଙ୍କ ବୁଦ୍ଧିମତ୍ତା ଯୋଗୁ ଆଜି ସ୍ୱପ୍ନ ସାକାର ହେବାକୁ ଯାଉଛି। ଭାରତର ଗଣତନ୍ତ୍ର ଓ ନ୍ୟାୟପାଳିକା ଶାନ୍ତିପୂର୍ଣ୍ଣ ଉପାୟରେ ରାମମନ୍ଦିର ନିର୍ମାଣର ବାଟ ଫିଟାଇଛନ୍ତି ବୋଲି ଯୋଗୀ ନିଜ ସ୍ୱାଗତ ଭାଷଣରେ କହିଥିଲେ। ଆର୍‌ଏସ୍‌ଏସ୍ ପ୍ରମୁଖ ଭାଗବତ ରାମ ଜନ୍ମଭୂମି ଆନ୍ଦୋଳନର ମୁଖ୍ୟ ପୁରୋଧା ତଥା ବରିଷ୍ଠ ଭାଜପା ନେତା ଲାଲକୃଷ୍ଣ ଆଡଭାନୀ ଓ ବିଶ୍ୱହିନ୍ଦୁ ପରିଷଦର ପୂର୍ବତନ କାର୍ଯ୍ୟକାରୀ ଅଧ୍ୟକ୍ଷ ସ୍ୱର୍ଗତ ଅଶୋକ ସିଂଘଲଙ୍କୁ ସ୍ମରଣ କରି କହିଥିଲେ, ଭାରତକୁ ବୈଭବଶାଳୀ କରିବାର ଶୁଭାରମ୍ଭ ଏବେ ଆରମ୍ଭ ହେଲା। ଆଜି ସାରା ଦେଶରେ ଖୁସିର ଲହରି ଖେଳିଯାଇଛି। ଯେଉଁମାନେ ବ୍ୟକ୍ତିଗତ ଭାବେ ଆସିପାରି ନାହାନ୍ତି, ସେମାନେ ସୂକ୍ଷ୍ମ ଭାବେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ସେ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ୧୭୫ ଜଣ ଅତିଥି ଯୋଗଦେଇଥିଲେ। ମହାମାରୀ କରୋନା ଯୋଗୁ ଲାଲକୃଷ୍ଣ ଆଡ୍‌ଭାନୀ ଓ ମୁରଲୀ ମନୋହର ଜୋଷୀଙ୍କ ଭଳି ବରିଷ୍ଠ ନେତାମାନଙ୍କୁ ନିମନ୍ତ୍ରଣ କରାଯାଇ ନ ଥିଲା।

ସୂଚନାଯୋଗ୍ୟ, ୧୯୯୦ ଦଶକରୁ ଭାଜପା ରାମମନ୍ଦିରକୁ ନେଇ ରାଜନୀତି କରି ଆସୁଛି। ୧୯୯୨ ଡିସେମ୍ବର ୬ରେ କାରସେବକମାନେ ଷୋଡ଼ଶ ଶତାବ୍ଦୀର ବାବ୍ରି ମସ୍‌ଜିଦକୁ ଭାଙ୍ଗିଦେଇଥିଲେ। ମୁସଲିମ ପକ୍ଷ ଏହାକୁ ଚ୍ୟାଲେଞ୍ଜ କରି ଆହ୍ଲାହାବାଦ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୨୦୧୦ରେ ହାଇକୋର୍ଟ ୨.୭୭ ଏକର ଭୂମିକୁ ତିନି ପକ୍ଷ ମଧ୍ୟରେ ସମାନ ଭାବେ ବଣ୍ଟନ କରି ରାୟ ଦେଇଥିଲେ। ଉକ୍ତ ରାୟକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ୧୪ଟି ପିଟିଶନ ଦାଏର କରାଯାଇଥିଲା। ଦୀର୍ଘ ଆଇନଗତ ଲଢ଼େଇ ପରେ ୨୦୧୯ ନଭେମ୍ବର ୯ରେ ସୁପ୍ରିମକୋର୍ଟ ଆହ୍ଲାହାବାଦ ହାଇକୋର୍ଟଙ୍କ ସେହି ରାୟକୁ ଖାରଜ କରିଥିଲେ। ତତ୍କାଳୀନ ସିଜେଆଇ ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ ବିବାଦୀୟ ଭୂମିର ମାଲିକାନା ସ୍ୱତ୍ୱ ରାମଲାଲା ପକ୍ଷଙ୍କୁ ହସ୍ତାନ୍ତର କରିବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମସ୍‌ଜିଦ ନିର୍ମାଣ ପାଇଁ ଏକ ପ୍ରମୁଖ ସ୍ଥାନରେ ୫ ଏକର ପରିମିତ ଉପଯୁକ୍ତ ଜମି ସୁନ୍ନି ୱାକଫ୍ ବୋର୍ଡକୁ ହସ୍ତାନ୍ତର ପାଇଁ ମଧ୍ୟ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ଏହି ରାୟ ସହ ୧୩୪ ବର୍ଷ ଧରି ଚାଲିଥିବା ଆଇନଗତ ଲଢ଼େଇର ଅନ୍ତ ଘଟିଥିଲା।

### ଆଉ ୧୧ ଆକ୍ରାନ୍ତଙ୍କ ...

ଅନ୍ୟଜଣେ ହେଉଛନ୍ତି କଟକର ଜଣେ ଏକ ବର୍ଷର ଶିଶୁ। ସେ ୩ ପ୍ରକାର ରୋଗରେ ପୀଡିତ ଥିଲେ। ସେପଟେ ଶେଷ ୨୪ ଘଣ୍ଟାରେ ରାଜ୍ୟର ୨୮ଜିଲାରୁ ଆଉ ୧,୩୩୭ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୮୧୫ଜଣ କ୍ୱାରାଣ୍ଟାଇନ ସେଣ୍ଟରରୁ ଚିହ୍ନଟ ହୋଇଥିବାବେଳେ ୫୨୨ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଗଞ୍ଜାମରେ ୨୦୧ଜଣ ଥିବାବେଳେ ଖୋର୍ଦ୍ଧା ୧୯୬, କଟକ ୧୬୮, ସୁନ୍ଦରଗଡ଼ ୮୩, କେନ୍ଦୁଝର ୮୦, ଗଜପତି ୭୫, ପୁରୀ ୭୩, ସମ୍ବଲପୁର ୭୨, ନୟାଗଡ଼ ୬୦, ମାଲକାନଗିରି ୩୮, କେନ୍ଦ୍ରାପଡ଼ା ୩୭, ବାଲେଶ୍ୱର ଓ କୋରାପୁଟରୁ ୩୧, ଯାଜପୁର ୨୪, ଭଦ୍ରକ ଓ ରାୟଗଡ଼ାରୁ ୨୨, ଜଗତ୍‌ସିଂହପୁର ୨୧, କନ୍ଧମାଳ ୨୦, ମୟୂରଭଞ୍ଜ ୧୫, କଳାହାଣ୍ଡି ୧୩, ବରଗଡ଼ ୧୪, ବଲାଙ୍ଗୀର ୧୧, ଝାରସୁଗୁଡ଼ା ୧୦, ନବରଙ୍ଗପୁର ୭, ଢେଙ୍କାନାଳ ୫, ଅନୁଗୋଳ ୪, ସୋନପୁର ୩ ଓ ବୌଦ୍ଧରୁ ଜଣେ ରହିଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟର ଏବେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩୯,୦୧୮ରେ ପହଞ୍ଚିଛି।

**୨୫ହଜାର ଟପିଲା ଆରୋଗ୍ୟ ସଂଖ୍ୟା**

କରୋନା ମୁକାବିଲାରେ ମିଳୁଛି ସଫଳତା। କିଛିଦିନ ହେବ ରାଜ୍ୟରେ ହଜାରେରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ଆରୋଗ୍ୟ ହେଉଛନ୍ତି। ଫଳରେ ସରକାର ଓ ରାଜ୍ୟବାସୀଙ୍କୁ ଏକ ପ୍ରକାର ଆଶ୍ୱସ୍ତି ମିଳୁଛି। ଶେଷ ୨୪ ଘଣ୍ଟାରେ ମଧ୍ୟ ଆଉ ୧,୨୫୫ଜଣ କରୋନାରୁ ଆରୋଗ୍ୟ ହୋଇ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଛନ୍ତି। ନୂଆ ଆରୋଗ୍ୟଙ୍କ ମଧ୍ୟରେ ଗଞ୍ଜାମ ଜିଲାରେ ସର୍ବାଧିକ ୪୮୫ଜଣ ଥିବାବେଳେ ଖୋର୍ଦ୍ଧାରୁ ୧୨୫, ସୁନ୍ଦରଗଡ଼ ୧୨୨, ସମ୍ବଲପୁରରୁ ୧୦୭ ରହିଛନ୍ତି। ଏହାକୁ ମିଶାଇ ରାଜ୍ୟରେ ଏବେ ମୋଟ ଆରୋଗ୍ୟ ସଂଖ୍ୟା ୨୫,୭୩୭କୁ ବୃଦ୍ଧି ପାଇଛି। ଏହାକୁ କୋଭିଡ୍ ଯୁଦ୍ଧରେ ଏକ ମହତ୍ତ୍ୱପୂର୍ଣ୍ଣ ଘଟଣା ବୋଲି ବର୍ଣ୍ଣନା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏଥିପାଇଁ ସବୁ ଶ୍ରେୟ କୋଭିଡ୍ ଯୋଦ୍ଧା ଓ ଓଡ଼ିଶାବାସୀଙ୍କର ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ଜୀବନକୁ ବାଜି ଲଗାଇ ସେବା କରି ଚାଲିଥିବା ଯୋଦ୍ଧାମାନଙ୍କୁ ଉଚ୍ଚ ପ୍ରଶଂସା କରିଛନ୍ତି।

### ଜଗନ୍ନାଥ ଅବତାରୀ, ...

ଏପରି କି ଓଡ଼ିଶାର ବ୍ରାହ୍ମଣ ଶାସନଗୁଡ଼ିକରେ ଯେପରି ଶିବ ଏବଂ ଦେବୀଙ୍କର ମନ୍ଦିର ରହୁଥିଲା ସେପରି ରାମଙ୍କ ଦେଖିବାକୁ ମିଳେ ନାହିଁ। ଶ୍ରୀରାମାନନ୍ଦ ଆଚାର୍ଯ୍ୟ ଆସିବା ପରେ ଏହି ପୂଜାର ପ୍ରଚାର ପ୍ରସାର ହୋଇଥିଲେ ମଧ୍ୟ ଆଜି ବି ମୁକ୍ତିମଣ୍ଡପ ସମ୍ପୃକ୍ତ ଶାସନ କରବାଡ଼ ଗାଁଗୁଡ଼ିକରେ ରାମଙ୍କ ପୂଜାର୍ଚ୍ଚନା ହୁଏ ନାହିଁ। ଠିକ୍ ଯେଉଁଭଳି କୃଷ୍ଣଙ୍କ ପୂଜା ନ ହୋଇ ଗୋପୀନାଥଙ୍କ ପୂଜା ଗାଁଗୁଡ଼ିକରେ ପ୍ରଚଳିତ ଅଛି।

ଏସମ୍ପର୍କରେ ଜଗନ୍ନାଥ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କହିଛନ୍ତି, ସତ୍ୟ ଯୁଗରେ ଦାରୁବ୍ରହ୍ମ ରୂପରେ ଜଗନ୍ନାଥ ଆବିର୍ଭୂତ ହୋଇଥିଲେ। ମହାପ୍ରଭୁ ହେଉଛନ୍ତି ଅବତାରୀ। ସମସ୍ତ ଅବତାର ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ବାହାରି ଜଗତରେ ଲୀଳା କରି ପୁଣି ତାଙ୍କରି ଅଙ୍ଗରେ ଲୀନ ହୁଅନ୍ତି।

ଏଥିରୁ ବୁଝାପଡୁଛି ଯେ, ଜଗନ୍ନାଥ ସଂସ୍କୃତିରେ ରାମ, ଲକ୍ଷ୍ମଣ ଓ ସୀତାଙ୍କ ପୁରାତନ ସମ୍ପର୍କ ନ ଥିଲା। ସେଥିପାଇଁ ଜଗନ୍ନାଥଙ୍କୁ ଅବତାରୀ ରୂପେ ଏହି ଜାତି ଦେଖି ଆସିଛି। ପରବର୍ତ୍ତୀ ସମୟରେ ବିଭିନ୍ନ ଚିନ୍ତାଧାରାର ମେଳ ହେବା ପରେ ଜଗନ୍ନାଥଙ୍କୁ ରାମ, କୃଷ୍ଣ ଇତ୍ୟାଦିଙ୍କ ସହ ଯୋଡ଼ିବାର ପ୍ରୟାସ କରାଯାଇଛି।

### ‘ମୋ ଓଡ଼ିଶା ଜିତିବ, ...

ନିଜ ପରିବାର ଓ ବ୍ୟକ୍ତିଗତ ସୁଖ ସୁବିଧାକୁ ପଛରେ ପକାଇ କୋଭିଡ୍ ଯୋଦ୍ଧାମାନେ ଯେଉଁ ତ୍ୟାଗ ଓ ନିଷ୍ଠାରେ ସେବା କରିଚାଲିଛନ୍ତି, ମୁଖ୍ୟମନ୍ତ୍ରୀ ତାହାର ପ୍ରଶଂସା କରିବା ସହ ଏଭଳି ମହତ୍ କାର୍ଯ୍ୟକୁ ଦୃଢ଼ ସମର୍ଥନ ଦେବା ପାଇଁ ସେ ରାଜ୍ୟବାସୀଙ୍କୁ ଆହ୍ୱାନ ଦେଇଛନ୍ତି। କରୋନା ଲଢ଼େଇରେ ୨୫ ଜଣ କୋଭିଡ୍ ଯୋଦ୍ଧା ନିଜର ବଳିଦାନ ଦେଇ ସେବା, ତ୍ୟାଗ ଓ ମାନବିକତାର ଉଦାହରଣ ସୃଷ୍ଟି କରିଛନ୍ତି। ସେମାନଙ୍କ ଅମ୍ଳାନ ସ୍ମୃତି ଉଦ୍ଦେଶ୍ୟରେ ସାରା ରାଜ୍ୟ ବୁଧବାର ସନ୍ଧ୍ୟାରେ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଛି। ନୀରବ ପ୍ରାର୍ଥନାରେ ରାଜ୍ୟର ଜନସାଧାରଣ, ବିଭିନ୍ନ କାର୍ଯ୍ୟାଳୟ, ଅନୁଷ୍ଠାନର କର୍ମଚାରୀ ସାମିଲ ହୋଇ ଶହୀଦ କରୋନା ଯୋଦ୍ଧାଙ୍କ ପ୍ରତି ଓଡ଼ିଆ ଜାତିର କୃତଜ୍ଞତା ଜ୍ଞାପନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ‘ଧରିତ୍ରୀ’ ଏବଂ ‘ଓଡ଼ିଶା ପୋଷ୍ଟ’ ମୁଖ୍ୟ କାର୍ଯ୍ୟାଳୟରେ କୋଭିଡ୍ ଯୋଦ୍ଧାଙ୍କ ସମ୍ମାନାର୍ଥେ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

# ଗୋଦାମରେ ଥିଲା ୨,୭୫୦ ଟନ୍ ବିସ୍ଫୋରକ

## ଶତାଧିକ ମୃତ, ୪ ହଜାର ଆହତ



**ବେରୁଟ୍,୫।୮**


ଲେବାନନ୍‌ର ରାଜଧାନୀ ବେରୁଟରେ ମଙ୍ଗଳବାର ରାତିରେ ଭୟଙ୍କର ବିସ୍ଫୋରଣ ହେବା ଫଳରେ ଶତାଧିକ ଲୋକ ପ୍ରାଣ ହରାଇଛନ୍ତି। ପ୍ରାୟ ୪ ହଜାର ଆହତ ହୋଇଥିବାବେଳେ ୩ ଲକ୍ଷ ଲୋକ ବାସଗୃହ ହରାଇ ବିସ୍ଥାପିତ ହୋଇଛନ୍ତି। ବେରୁଟ୍‌ର ପୋର୍ଟ ଏରିଆରେ ଘଟିଥିବା ଭୟଙ୍କର ବିସ୍ଫୋରଣ ଯୋଗୁ ସହରର ଅନେକ କୋଠା ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି।

ବନ୍ଦର ଅଞ୍ଚଳରେ ଦୀର୍ଘବର୍ଷ ଧରି ଗଚ୍ଛିତ ରଖାଯାଇଥିବା ଆମୋନିୟମ୍ ନାଇଟ୍ରେଟ୍ ସମ୍ପର୍କରେ ଲେବାନନ୍‌ର ଅଧିକାରୀମାନେ ଅବଗତ ଥିଲେ। ସୀମାଶୁଳ୍କ ଅଧିକାରୀମାନେ ଏହି ଦହନଶୀଳ ବିସ୍ଫୋରକ ସାମଗ୍ରୀକୁ ନିଷ୍କ୍ରିୟ କରିବା ଲାଗି ୨୦୧୪ରୁ ୨୦୧୭ ମଧ୍ୟରେ ସ୍ଥାନୀୟ ଅଦାଲତଙ୍କୁ ୬ ଥର ଚିଠିଲେଖି ପରାମର୍ଶ ମାଗିଥିଲେ। ତେବେ ବିସ୍ଫୋରଣ ଏଡ଼ାଇବାରେ ସେମାନେ ସକ୍ଷମ ହୋଇ ନ ଥିଲେ। ଏହି ବିସ୍ଫୋରଣର ପ୍ରଚଣ୍ଡ ଶବ୍ଦ ୧୫୦ ମାଇଲ୍ ଦୂର ସାଇପ୍ରସ୍‌ରେ ମଧ୍ୟ ଶୁଭାଯାଇଥିଲା। ଏଥିରୁ ଏହାର ଭୟାବହତା ଜଣାପଡୁଛି। ନିଆଁ ଚତୁର୍ଦ୍ଦିଗକୁ ବ୍ୟାପିଯିବା ଫଳରେ ଉଦ୍ଧାର କାର୍ଯ୍ୟ ପ୍ରଭାବିତ ହୋଇଥିଲା। ମୃତକଙ୍କ ସଂଖ୍ୟା ବଢ଼ିଚାଲିଥିବାବେଳେ ଆହତ ଓ ନିଖୋଜ ବ୍ୟକ୍ତିମାନଙ୍କୁ ଖୋଜିବା ପାଇଁ ଲେବାନନ୍ ସେନା ତଥା ପୋଲିସ ତଲାସି ଅଭିଯାନକୁ ଜୋର୍‌ଦାର କରିଛି। ରାଷ୍ଟ୍ରପତି ମିଚେଲ ଆଉନ କହିଛନ୍ତି ଯେ, ସାର ଓ ବୋମା ପ୍ରସ୍ତୁତିରେ ବ୍ୟବହାର ହେବାକୁ ଥିବା ୨,୭୫୦ ଟନ୍‌ର ଆମୋନିୟମ୍ ନାଇଟ୍ରେଟ୍ ସେଠାରେ ୬ ବର୍ଷ ହେବ ଗଚ୍ଛିତ ଥିଲା। ଏହାର କୌଣସି ଦେଖାରଖା କରାଯାଉ ନ ଥିଲା। କୌଣସି କାରଣରୁ ଏହା ବିସ୍ଫୋରଣ ହୋଇଥିଲା। ଏକ ୱେର୍‌ହାଉସ୍ ଲାଗି ୱେଲ୍ଡିଂ କାମ ଚାଲିଥିବାବେଳେ ନିଆଁ ଲାଗିଯିବାରୁ ଏଭଳି ବିସ୍ଫୋରଣ ହୋଇଥିବା ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି। ଅନ୍ୟ ଏକ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ୭ ବର୍ଷ ତଳେ ପାନାମାର ଏକ ମାଲ୍‌ବାହୀ ଜାହାଜ ଯାନ୍ତ୍ରିକ ତ୍ରୁଟିଯୋଗୁ ବେରୁଟ୍ ବନ୍ଦରରେ ଫସିଯାଇଥିଲା। ଫଳରେ ଜାହାଜ ମାଲିକ ଓ କର୍ମଚାରୀମାନେ ଏହାକୁ ଛାଡ଼ି ଚାଲିଯାଇଥିଲେ। ପୂର୍ବଦେୟ ପଇଠ କରି ନ ଥିବାରୁ ବନ୍ଦର କର୍ତ୍ତୃପକ୍ଷ ଜାହାଜକୁ ଛାଡ଼ି ନ ଥିଲେ। ସେଥିରେ ଥିବା ବିପୁଳ ପରିମାଣର ଘାତକ ବିସ୍ଫୋରକକୁ ବନ୍ଦର ଭିତରକୁ ନେଇ ଗଚ୍ଛିତ ରଖିଥିଲେ। ବନ୍ଦର ଏବଂ ଜାହାଜ ମାଲିକଙ୍କ ମଧ୍ୟରେ ବର୍ଷ ବର୍ଷ ଧରି ଆଇନଗତ ଯୁଦ୍ଧ ଲାଗିରହିଥିବା ବେଳେ ଗୋଦାନ ଗୃହଗୁଡ଼ିକରେ ଆମୋନିୟମ୍ ନାଇଟ୍ରେଟ୍ ପଡ଼ିରହିଥିଲା। ସେହି ବିସ୍ଫୋରକର ଉପଯୁକ୍ତ ରକ୍ଷଣାବେକ୍ଷଣ କରା ନ ଯିବାରୁ ଏତେବଡ଼ ବିପତ୍ତି ମାଡ଼ିଆସିଲା ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

ବୁଧବାର ବେରୁଟ୍ ମେୟର ଜମାଲ ଇଟାନି ଘଟଣାସ୍ଥଳ ପରିଦର୍ଶନ କରିଥିବାବେଳେ କ୍ଷୟକ୍ଷତି ସମ୍ପର୍କରେ ଆକଳନ କରିଥିବା ଜଣାପଡ଼ିଛି। ବହୁକୋଟି ଡଲାରର କ୍ଷତି ହୋଇଥିବା କୁହାଯାଉଛି। ମହାମାରୀ କରୋନା ଦେଶରେ ଭୟ ସଂଚାର କରିଥିବାବେଳେ ଏଭଳି ବିସ୍ଫୋରଣ ଦେଶବାସୀଙ୍କୁ ଆତଙ୍କିତ କରିଦେଇଛି। ଏଭଳି ବିପତ୍ତି ସମୟରେ ଇରାନ ବହିର୍ବ୍ୟାପାର ମନ୍ତ୍ରୀ ମୋହମ୍ମଦ ଜାଭଦ୍ ଜରିଫ ଲେବାନନ୍‌କୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି ପ୍ରକାଶ କରିଛନ୍ତି। ଏଭଳି ବିପତ୍ତି ସମୟରେ ତୁର୍କୀ, ଇଜିପ୍ଟ, ପାଲେଷ୍ଟାଇନ୍ ଭଳି ଅନେକ ଦେଶ ସହଯୋଗ ଲାଗି ପ୍ରସ୍ତୁତ ଥିବା କହିଛନ୍ତି।

**ବେରୁଟ୍ ବିସ୍ଫୋରଣ**

- ସାର ଓ ବୋମା ପ୍ରସ୍ତୁତି ପାଇଁ ରଖାଯାଇଥିଲା ବିପୁଳ ଆମୋନିୟମ୍ ନାଇଟ୍ରେଟ୍
- ରକ୍ଷଣାବେକ୍ଷଣ ଅଭାବରୁ ଘଟିଲା ବିସ୍ଫୋରଣ
- ବିସ୍ଥାପିତ ହୋଇଛନ୍ତି ୩ ଲକ୍ଷ



# କରୋନା ଯୋଦ୍ଧାଙ୍କୁ କୃତଜ୍ଞତାରେ ସାମରିକ ବାଦ୍ୟ ପରିବେଷଣ

**ନୂଆଦିଲ୍ଲୀ, ୫।୮(ପି.ଟି.)**

ସ୍ୱାଧୀନତା ଦିବସ ପୂର୍ବରୁ ପ୍ରଥମ ଥର ପାଇଁ ଦେଶବ୍ୟାପୀ ଦୁଇସପ୍ତାହ ସାମରିକ ବାଦ୍ୟ ପରିବେଷଣ କରାଯିବ। ପୋରବନ୍ଦର, ହାଇଦ୍ରାବାଦ, ବେଙ୍ଗାଲୁରୁ, ରାୟପୁର, ଅମୃତସର, ଗୁଆହାଟୀ, ଆଲ୍ଲାହାବାଦ ଏବଂ କୋଲକାତାରେ ସ୍ଥଳସେନା, ନୌସେନା ଓ ପୋଲିସ ପକ୍ଷରୁ ବାଦ୍ୟ ପରିବେଷଣ କରାଗଲାଣି। ନିଜ ଜୀବନକୁ ବିପଦରେ ପକାଇ ଅନ୍ୟମାନଙ୍କୁ ଚିକିତ୍ସା ସେବା ଯୋଗାଉଥିବା କରୋନା ଯୋଦ୍ଧାମାନଙ୍କୁ କୃତଜ୍ଞତା ଜଣାଇବା ସହ ପ୍ରଶଂସା କରିବା ଲାଗି ଅଗଷ୍ଟ ୧ରୁ ଏଭଳି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ବୁଧବାର ବିଶାଖାପାଟଣା, ନାଗପୁର ଓ ଗୋୱାଲିୟରରେ ସାମରିକ ଓ ପୋଲିସ ବାଦ୍ୟ ପରିବେଷଣ କରାଯାଇଛି। ୭ ତାରିଖରେ ଶ୍ରୀନଗର ଓ କୋଲକାତାରେ ବାଦ୍ୟ ପରିବେଷଣ ହେବାକୁ ଥିବାବେଳେ ଦିଲ୍ଲୀର ଲାଲକିଲା, ରାଜପଥ ଏବଂ ଇଣ୍ଡିଆ ଗେଟରେ ଯଥାକ୍ରମେ ୮, ୯ ଓ ୧୨ ତାରିଖରେ ପ୍ରଦର୍ଶନ କରାଯିବ। ସେହିପରି ୮ରେ ମୁମ୍ବାଇ, ଅହମଦାବାଦ, ସିମଲା ଓ ଆଲମୋରାରେ ; ୯ରେ ଚେନ୍ନାଇ, ନସିରାବାଦ, ଆଣ୍ଡାମାନ ନିକୋବର ଫ୍ଲାଗପଏଣ୍ଟ ଏବଂ ଦାଣ୍ଡିରେ ଏବଂ ୧୨ରେ ଇମ୍ଫାଲ, ଭୋପାଳ, ଝାନ୍ସିରେ ବାଦ୍ୟ ପରିବେଷଣ ହେବ। ଶେଷରେ ୧୩ ତାରିଖ ଦିନ ଲକ୍ଷ୍ନୌ, ଫୈଜାବାଦ, ଶିଲଂ, ମଦୁରାଇ ଓ ଚମ୍ପାଝରନରେ ସାମରିକ ବାଦ୍ୟ ପରିବେଷଣ କରାଯିବ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

# ୩୭୦ ଉଚ୍ଛେଦର ବର୍ଷପୂର୍ତ୍ତି ପାଳନ

**ହନ୍ଦୱାରା, ୫।୮**

ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦର ବର୍ଷପୂର୍ତ୍ତି ପାଳିତ ହୋଇଛି। ଏହାକୁ ବିରୋଧ କରି ପାକିସ୍ତାନ ଚଳାଇଥିବା ମିଛ ପ୍ରଚାରକୁ ନିନ୍ଦା କରାଯାଇଥିଲା। ୨୦୧୯ ଅଗଷ୍ଟ ୫ରେ ଜମ୍ମୁ-କଶ୍ମୀରରୁ ୩୭୦ ଉଚ୍ଛେଦ ହେବା ସହ ଏହାକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରାଯାଇଥିଲା। କୁପୱାଡା, ଟଙ୍ଗଧର, ହନ୍ଦୱାରାରୁ ବହୁସଂଖ୍ୟାରେ ଗୁଜ୍ଜର, ବକରୱାଲ ଓ ଅନ୍ୟ କଶ୍ମୀରୀମାନେ ଏହି ଅବସରରେ ବାଙ୍ଗୁସ୍ ଆୱାମ ମେଳା ଆୟୋଜନ କରିଥିଲେ। ସୋମବାରଠାରୁ ଆରମ୍ଭ ହୋଇଥିବା ଏହି ମେଳାରେ ବହୁସଂଖ୍ୟାରେ ଲୋକ ଯୋଗଦେଇଛନ୍ତି। ଏହି ଅବସରରେ ଘୋଡ଼ାଦୌଡଠାରୁ ଆରମ୍ଭ କରି ବିଭିନ୍ନ ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା।

# ସୁଶାନ୍ତଙ୍କ ମୃତ୍ୟୁର ହେବ ସିବିଆଇ ତଦନ୍ତ


**ନୂଆଦିଲ୍ଲୀ,୫।୮**

ବଲିଉଡ୍ ଅଭିନେତା ସୁଶାନ୍ତ ସିଂ ରାଜପୁତ ମୃତ୍ୟୁ ମାମଲାର ତଦନ୍ତ ସିବିଆଇ କରିବ। ବିହାର ସରକାରଙ୍କ ପକ୍ଷରୁ କରାଯାଇଥିବା ଅନୁରୋଧକୁ କେନ୍ଦ୍ର ସରକାର ବୁଧବାର ସ୍ୱୀକୃତି ପ୍ରଦାନ କରିଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଏନେଇ ସୁପ୍ରିମକୋର୍ଟଙ୍କୁ ମଧ୍ୟ ଅବଗତ କରାଯାଇଛି।

ସୁଶାନ୍ତଙ୍କ ମୃତ୍ୟୁର ତଦନ୍ତକୁ ନେଇ ବିହାର ଓ ମହାରାଷ୍ଟ୍ର ସରକାରଙ୍କ ମଧ୍ୟରେ ବାଦବିବାଦ ଲାଗି ରହିବା ସହ ରାଜନୀତି ଜୋର୍ ଧରିଥିଲା। ମୁମ୍ବାଇ ପୋଲିସ ଠିକ୍ ଭାବେ ତଦନ୍ତ କରୁନାହିଁ ବୋଲି ଅଭିଯୋଗ ହୋଇଥିଲା। ଏହା ପରେ ମଙ୍ଗଳବାର ଦଳ ମତ ନିର୍ବିଶେଷରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଘଟଣାର ସିବିଆଇ ତଦନ୍ତ ଲାଗି ସୁପାରିସ କରିଥିଲେ। ମହାରାଷ୍ଟ୍ର ସରକାର ସୁପ୍ରିମକୋର୍ଟରେ ଏହାକୁ ବିରୋଧ କରିବା ସହ ପାଟନାରେ କରାଯାଇଥିବା ଏଫ୍‌ଆଇଆର୍ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଥିଲା ବୋଲି କହିଛନ୍ତି। ମାମଲାର ତଦନ୍ତ ଅଧିକାର କେବଳ ମହାରାଷ୍ଟ୍ର ପୋଲିସ ପାଖରେ ରହିଥିବା ଦର୍ଶାଯାଇଥିଲା।

ଅନ୍ୟପକ୍ଷରେ ମାମଲାକୁ ପାଟନାରୁ ମୁମ୍ବାଇ ବଦଳି କରିବା ଲାଗି ସୁଶାନ୍ତଙ୍କ ପ୍ରେମିକା ରିଆ ଚକ୍ରବର୍ତ୍ତୀ କରିଥିବା ଆବେଦନ ଉପରେ ସୁପ୍ରିମକୋର୍ଟ ବୁଧବାର ଶୁଣାଣି କରିବା ସହ ୩ ଦିନ ମଧ୍ୟରେ ସୁଶାନ୍ତଙ୍କ ବାପା, ବିହାର, ମହାରାଷ୍ଟ୍ର, କେନ୍ଦ୍ର ସରକାର ଏହା ଉପରେ ମତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ମୁମ୍ବାଇ ପୋଲିସକୁ ମାମଲାର ଷ୍ଟାଟସ୍ ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି। ଆସନ୍ତା ସପ୍ତାହରେ ମାମଲାର ଶୁଣାଣି କରାଯିବ।

**ବିହାରର ଅନୁରୋଧ ରଖିଲା କେନ୍ଦ୍ର**



## ରିଆଙ୍କୁ ମିଳିଲାନି ଅନ୍ତରୀଣ ସୁରକ୍ଷା

ନୂଆଦିଲ୍ଲୀ,୫।୮: ଅଭିନେତା ସୁଶାନ୍ତ ସିଂ ରାଜପୁତ ମୃତ୍ୟୁ ମାମଲାରେ ତାଙ୍କ ପ୍ରେମିକା ତଥା ଅଭିନେତ୍ରୀ ରିଆ ଚକ୍ରବର୍ତ୍ତୀଙ୍କୁ ମଧ୍ୟବର୍ତ୍ତିକାଳୀନ ସୁରକ୍ଷା ଦେବା ଲାଗି ବୁଧବାର ସୁପ୍ରିମକୋର୍ଟ ମନା କରିଦେଇଛନ୍ତି। ବିହାର ପୋଲିସ ଜେରା କରିବାର ଆଶଙ୍କା ଥିବାରୁ ରିଆଙ୍କ ଓକିଲ ଜଷ୍ଟିସ ହୃଷୀକେଶ ରୟଙ୍କ ନିକଟରେ ସୁରକ୍ଷା ଲୋଡ଼ିଥିଲେ। ଏହାକୁ ସୁଶାନ୍ତଙ୍କ ପରିବାର ପକ୍ଷରୁ ମାମଲା ଲଢୁଥିବା ଓକିଲ ବିକାଶ ସିଂ ବିରୋଧ କରିଥିଲେ। ବିହାର ପୋଲିସ ଅଧିକାରୀ ବିନୟ ତିୱାରୀଙ୍କୁ ମୁମ୍ବାଇରେ ଜୋର୍‌ଜବରଦସ୍ତ କ୍ୱାରାଣ୍ଟାଇନ୍‌ରେ ରଖାଯିବା ଓ ପ୍ରମାଣ ନଷ୍ଟ କରାଯିବା ଲାଗି ଷଡ଼ଯନ୍ତ୍ର କରାଯାଉଥିବା ଅଭିଯୋଗ କରାଯାଇଥିଲା। ଏଭଳି ବ୍ୟବହାର ଠିକ୍ ନୁହେଁ ଓ ବାହାରକୁ ଭୁଲ୍ ବାର୍ତ୍ତା ଯିବ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ମାମଲା ଅତି ସମ୍ବେଦନଶୀଳ ରହିଥିବାବେଳେ ମହାରାଷ୍ଟ୍ର ଓ ମୁମ୍ବାଇ ପୋଲିସକୁ ସର୍ବୋଚ୍ଚ ଅଦାଲତ ଏନେଇ ମତ ଲୋଡ଼ିଛନ୍ତି। ଏବେ ମାମଲାର ତଦନ୍ତ ସିବିଆଇ କରିବ ବୋଲି ସ୍ଥିର ହୋଇଥିବାବେଳେ ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ସପ୍ତାହରେ କରାଯିବ ବୋଲି ଜଣାପଡ଼ିଛି।



ଅଯୋଧ୍ୟା ରାମମନ୍ଦିର ପାଇଁ ଭୂମି ପୂଜନ ସ୍ଥଳରେ ଏକତ୍ରିତ ଭକ୍ତ।

## ରାମଲାଲା ଓ ବିହାରୀ ସାଧୁ ଅଭିରାମ ଦାସ

ଭଗବାନ ରାମଙ୍କ ଜନ୍ମସ୍ଥାନ ଭାବେ ବିଶ୍ୱାସ କରାଯାଉଥିବା ରାମ ଜନ୍ମଭୂମି ସ୍ଥଳ କେବେଠାରୁ ବିବାଦୀୟ ହେଲା ତାହା ସ୍ପଷ୍ଟ ଭାବେ ଜଣାନାହିଁ। ତେବେ ସପ୍ତଦଶ ଓ ଅଷ୍ଟାଦଶ ଶତାବ୍ଦୀ ମଧ୍ୟରେ କେତେଜଣ ସାଧୁ ରାମ ଜନ୍ମସ୍ଥାନର ସୁରକ୍ଷା ପାଇଁ ଆନ୍ଦୋଳନ ଆରମ୍ଭ କରିଥିଲେ। ଉନବିଂଶ ଶତାବ୍ଦୀର ମଧ୍ୟଭାଗରେ ଫୈଜାବାଦ (ତତ୍କାଳୀନ ଅଯୋଧ୍ୟା ଜିଲା)ର ସାଧୁମାନେ ଜନ୍ମସ୍ଥାନର ସୁରକ୍ଷା ପାଇଁ ସ୍ଥାନୀୟ ପ୍ରଶାସନ ଓ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ପିଟିଶନ ଦାଏର କରିଥିଲେ। ଉକ୍ତ ସ୍ଥାନ ହିନ୍ଦୁ, ମୁସଲମାନ ଓ ନିର୍ମୋହୀ ଆଖଡାର ବୋଲି ୧୯୪୯ରେ ରାୟ ଆସିଥିଲା। ଏଥିରେ ସାଧୁମାନେ ଅସନ୍ତୁଷ୍ଟ ହୋଇଥିଲେ। ୧୯୪୯ରେ ଅଭିରାମ ଦାସ ନାମକ ଜଣେ ବିହାରୀ ସାଧୁ ଏହି ଆନ୍ଦୋଳନର ମୋଡ଼ ବଦଳାଇଦେଇଥିଲେ। ଦରଭଙ୍ଗା ଜିଲାରୁ ଆସି ଅଯୋଧ୍ୟାରେ ରହୁଥିବା ଏହି ସାଧୁ ବାବ୍ରୀ ମସ୍‌ଜିଦର କେନ୍ଦ୍ରୀୟ ଡୋମ୍‌ରେ ରାମଲାଲାଙ୍କ ମୂର୍ତ୍ତି ସ୍ଥାପନ କରିଥିଲେ ବୋଲି କୁହାଯାଏ।

## ଟିଭିରେ ଭୂମିପୂଜନ ଦେଖିଲେ ହୀରାବେନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଯୋଧ୍ୟାରେ ରାମମନ୍ଦିରର ଶିଳାନ୍ୟାସ କରୁଥିବାବେଳେ ଦେଶବ୍ୟାପୀ ଲକ୍ଷ ଲକ୍ଷ ଲୋକ ଟେଲିଭିଜନରେ ଏହାର ସିଧାପ୍ରସାରଣ ଦେଖୁଥିଲେ। ପ୍ରଧାନମନ୍ତ୍ରୀଙ୍କ ମା' ହୀରାବେନ୍ ଘରେ ଥାଇ ଟେଲିଭିଜନରେ ଭୂମିପୂଜନ ଉତ୍ସବ ଉପଭୋଗ କରିଥିଲେ।


# ଭୂମିପୂଜାରେ ୯ ଖଣ୍ଡ ଇଟା, ୧୦୦ ନଦୀର ଜଳ

ରାମମନ୍ଦିର ଭୂମିପୂଜନ ଉତ୍ସବରେ ବିଭିନ୍ନ ଦେଶରୁ ଭକ୍ତମାନେ ପଠାଇଥିବା ୯ ଖଣ୍ଡ ଇଟା ଏବଂ ୧୦୦ରୁ ଅଧିକ ନଦୀରୁ ସଂଗୃହୀତ ହୋଇ ଆସିଥିବା ଜଳକୁ ବ୍ୟବହାର କରାଯାଇଥିଲା। ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣ ଲାଗି ୧୯୮୯ରେ ଭାରତ ସମେତ ବିଦେଶରୁ ରାମଭକ୍ତମାନେ ୨,୭୫,୦୦୦ ଇଟା ଦାନ କରିଥିଲେ। ସେଥିରୁ 'ଜୟ ଶ୍ରୀରାମ' ଲେଖାଥିବା ୧୦୦ଟି ଇଟାକୁ ଶିଳାନ୍ୟାସ ସ୍ଥଳକୁ ନିଆଯାଇଥିଲା। ଏଥିସହିତ ୨୦୦୦ରୁ ଊର୍ଦ୍ଧ୍ୱ ତୀର୍ଥସ୍ଥାନର ମାଟି ମଧ୍ୟ ଭୂମିପୂଜାରେ ଲାଗିଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୪୦ କିଲୋଗ୍ରାମ ରୁପା ଇଟାରେ ମନ୍ଦିର ଶିଳାନ୍ୟାସ କରିଥିଲେ। ଅନ୍ୟ ଅତିଥିମାନେ ୯ଟି ଇଟା ସ୍ଥାପନ କରିଥିଲେ।




ଭୂମିପୂଜା ସ୍ଥଳ।

# ସଦ୍‌ଭାବନା ପାଇଁ ମାର୍ଗ ପ୍ରଶସ୍ତ ହେବ



ହିନ୍ଦୁ ମୁସଲମାନ ଶିଖ ଇସାଇ, ଆପସ ମେ ହୈ ଭାଇ ଭାଇ। ଦୀର୍ଘ ବର୍ଷରୁ ଭାରତରେ ବିଭିନ୍ନତା ମଧ୍ୟରେ ଏକତା ନୀତି ଚାଲିଆସୁଛି। ଶେଷ ନିଃଶ୍ୱାସ ଥିବା ପର୍ଯ୍ୟନ୍ତ ଆମେ ଏହାକୁ ବଜାୟ ରଖିବା।

**- ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ**



ଭଗବାନ ରାମଙ୍କ ଆଶୀର୍ବାଦ ସବୁବେଳେ ଆମ ଉପରେ ରହିଥାଉ। ଏହି ଆଶୀର୍ବାଦ ଦେଶକୁ ଦାରିଦ୍ର୍ୟ, କ୍ଷୁଧାରୁ ମୁକ୍ତ ହେବାରେ ସହାୟକ ହେଉ ଏବଂ ଭାରତ ବିଶ୍ୱର ସବୁଠୁ ଶକ୍ତିଶାଳୀ ରାଷ୍ଟ୍ର ହେଉ।

**- ଅରବିନ୍ଦ କେଜ୍‌ରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ**



ଭଗବାନ ରାମଙ୍କ ତ୍ୟାଗ, କର୍ତ୍ତବ୍ୟନିଷ୍ଠା, ଦୟା, ଉଦାରତା, ଏକତା, ଭ୍ରାତୃଭାବ, ସଦ୍‌ଭାବନା ଦେଶ ପାଇଁ ମାର୍ଗଦର୍ଶନ ଶକ୍ତି ହେବା ଆଶା କରୁଛି।

**-ରଣଦୀପ ସୁର୍ଜେୱାଲା, କଂଗ୍ରେସ ମୁଖପାତ୍ର**



ଭଗବାନ ରାମଙ୍କ ଦ୍ୱାରା ପ୍ରତିଷ୍ଠିତ ମୂଲ୍ୟବୋଧ ଆଧାରରେ ଏକ ସମାନ ଅଧିକାରବାଦୀ ସମାଜ ପ୍ରତିଷ୍ଠା ଉପରେ ଗୁରୁତ୍ୱ ଦିଆଯିବାର ଆବଶ୍ୟକତା ରହିଛି।

**-ଅଶୋକ ଗେହଲଟ, ରାଜସ୍ଥାନ ମୁଖ୍ୟମନ୍ତ୍ରୀ**



ମର୍ଯ୍ୟାଦା ପୁରୁଷୋତ୍ତମଙ୍କ ପ୍ରଦର୍ଶିତ ମାର୍ଗକୁ ବର୍ତ୍ତମାନ ଓ ଭବିଷ୍ୟତ ପିଢ଼ି ଅନୁକରଣ କରିବା ସହ ସମସ୍ତଙ୍କ ପାଇଁ ଭଲ କରିବେ ଓ ଶାନ୍ତି ଆଣିବେ ବୋଲି ଆଶାବାଦୀ।

**-ଅଖିଲେଶ ଯାଦବ, ସମାଜବାଦୀ ପାର୍ଟି ନେତା**



ଭଗବାନ ରାମ ନ୍ୟାୟ, ସଦାଚାର, ଦୃଢ଼ତା ଓ ସତ୍ୟପରାୟଣତାର ପ୍ରତୀକ ଥିଲେ। ବର୍ତ୍ତମାନର ଦୁଃସମୟରେ ଏହି ମୂଲ୍ୟବୋଧଗୁଡ଼ିକ ଅପରିହାର୍ଯ୍ୟ। ଯଦି ସାରା ଦେଶରେ ଏହାର ପ୍ରସାର ହୁଏ ତେବେ ରାମରାଜ୍ୟ ଧର୍ମାନ୍ଧଙ୍କ ପାଇଁ ବିଜୟୋଲ୍ଲାସର ଅବସର ହୋଇ ରହିବ ନାହିଁ।

**- ଶଶୀ ଥରୁର, କଂଗ୍ରେସ ନେତା**

# ଭୂମିପୂଜା ନେଇ ବିଶ୍ୱ ଗଣମାଧ୍ୟମର ପ୍ରତିକ୍ରିୟା

**ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣ ଲାଗି ବୁଧବାର ଭୂମିପୂଜା କରାଯାଇଛି। ଏନେଇ ବିଶ୍ୱର ପ୍ରମୁଖ ଗଣମାଧ୍ୟମ ପକ୍ଷରୁ ବିଭିନ୍ନ ପ୍ରତିକ୍ରିୟା ଦେଖିବାକୁ ମିଳିଛି। ବିଶ୍ୱର ବିଭିନ୍ନ ଗଣମାଧ୍ୟମ ତରଫରୁ ଏହାକୁ ପ୍ରମୁଖତା ପ୍ରଦାନ କରାଯାଇଛି। ସେଗୁଡ଼ିକ ନିମ୍ନରେ ଉଲ୍ଲେଖ କରାଗଲା।**

**ଅଲ୍‌ଜଜିରା:** ବାବ୍ରି ମସ୍‌ଜିଦ ନିକଟରେ ରାମମନ୍ଦିର ନିର୍ମାଣ କରାଯାଉଛି। ମସ୍‌ଜିଦ ଭଙ୍ଗ ମାମଲାର ଶୁଣାଣି ଏପର୍ଯ୍ୟନ୍ତ ଶେଷ ହୋଇ ନ ଥିବାବେଳେ ମନ୍ଦିର ନିର୍ମାଣ ଲାଗି ଭୂମିପୂଜା କରାଯାଇଛି।

**ସିଏନ୍‌ଏନ୍:** ଦେଶରେ ମହାମାରୀ କରୋନାର ତାଣ୍ଡବ ଚାଲିଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମନ୍ଦିର ନିର୍ମାଣ ଲାଗି ଭୂମିପୂଜା କରିଛନ୍ତି।

**ଡନ୍:** ରାମମନ୍ଦିର ଲାଗି ଶିଳାନ୍ୟାସ ଭାରତର ପରିବର୍ତ୍ତିତ ସମ୍ବିଧାନର ଶିଳାନ୍ୟାସ ଅଟେ। ଏଠାରେ ୫୦୦ ବର୍ଷ ଧରି ବାବ୍ରି ମସ୍‌ଜିଦ ରହିଥିଲା। ଭାରତର ସମ୍ବିଧାନର ମୌଳିକ ଢ଼ାଞ୍ଚା ବଦଳିବାରେ ଲାଗିଛି।

**ଦ ଗାର୍ଡିଅନ୍:** ୩ ମାସ ପୂର୍ବରୁ ଅଯୋଧ୍ୟାରେ ଦୀପାବଳି ଆସିଛି। ଭଗବାନ ରାମ ହିନ୍ଦୁଙ୍କ ଆରାଧ୍ୟ ଦେବତା। ଭୂମିପୂଜା ସହ ରାମମନ୍ଦିର ନିର୍ମାଣ ହିନ୍ଦୁଙ୍କ ଲାଗି ଗର୍ବର ମୁହୂର୍ତ୍ତ। ଭାରତରେ ରହୁଥିବା ମୁସ୍‌ଲମାନମାନେ ଏଥିଲାଗି ନୀରବ ସମର୍ଥନ ଦେଇଛନ୍ତି।

**ଏବିସି ନ୍ୟୁଜ୍:** ରାମମନ୍ଦିରର ଭୂମିପୂଜା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କରିଛନ୍ତି। କରୋନା ଯୋଗୁ ସେଭଳି ଜନଗହଳି ନ ଥିଲେ ହେଁ ହିନ୍ଦୁମାନେ ଖୁସି ଅଛନ୍ତି। ଆଗାମୀ ସାଢ଼େ ୩ ବର୍ଷ ମଧ୍ୟରେ ଅଯୋଧ୍ୟାରେ ବିଶ୍ୱର ସବୁଠାରୁ ଚମତ୍କାର ରାମମନ୍ଦିର ନିର୍ମାଣ ହେବ।

**ବିବିସି:** ରାମମନ୍ଦିର ଭୂମିପୂଜା ଲାଗି ପ୍ରଧାନମନ୍ତ୍ରୀ ମୋଦି ପୂଜା କରିଛନ୍ତି। ୧୯୯୨ ପର୍ଯ୍ୟନ୍ତ ଏଠାରେ ମସ୍‌ଜିଦ ଥିଲା। ଏହା ପୂର୍ବରୁ ଏଠାରେ ମନ୍ଦିର ଥିବା ଦର୍ଶାଯାଇ ମସ୍‌ଜିଦକୁ ଭାଙ୍ଗି ଦିଆଯାଇଥିଲା। ଏହି ଜାଗା ଲାଗି ଉଭୟ ସମ୍ପ୍ରଦାୟର ଦାବି ପରେ ସୁପ୍ରିମକୋର୍ଟ ଗତବର୍ଷ ମନ୍ଦିର ନିର୍ମାଣ ଲାଗି ରାୟ ଦେଲେ। ମସ୍‌ଜିଦ ନିର୍ମାଣ ଲାଗି ଅଲଗା ସ୍ଥାନ ଦିଆଯାଇଛି।

ଲୋକମାନେ ମିଥ୍ୟାକୁ ଜାବୁଡ଼ି କରି ଧରିଥାନ୍ତି। ସତେ କି ମିଥ୍ୟା ସେମାନଙ୍କର ଏକ ବହୁମୂଲ୍ୟ ସମ୍ପଦ। ଯେ କେହି ମିଥ୍ୟା ଭିତରେ ବଂଚୁଥାଏ– ସେ ହେଉଛି ମନୁଷ୍ୟ ଜାତିର ଶତ୍ରୁ। –**ଶ୍ରୀମା**



# କୁକୁରଙ୍କ ଯତ୍ନ



ମାନେକା ଗାନ୍ଧୀ

କିଛି ସପ୍ତାହ ପୂର୍ବରୁ କେବଳ ‘ପିପୁଲ ଫର୍ ଆନିମଲସ୍’(ପିଏଫ୍ଏ) ସଂସ୍ଥାର ମୁଖ୍ୟମାନଙ୍କୁ ନେଇ ଏକ ହ୍ୱାଟ୍ସଆପ୍ ଗ୍ରୁପ କରିଥିଲି। ସେମାନଙ୍କ ମଧ୍ୟରୁ ପ୍ରାୟ ୨୨୦ ଜଣ ଏହି ଗ୍ରୁପରେ ରହିଛନ୍ତି। ଏହା ସବୁଠୁ ଭଲ ଥିଲା, କାରଣ ଏବେ ମୁଁ ପ୍ରତିଦିନ ସେମାନଙ୍କ କାର୍ଯ୍ୟ ଦେଖିପାରୁଛି ଏବଂ ସେମାନେ ପ୍ରତ୍ୟେକ ବି ଭାରତ ପାଇଁ ଆଶୀର୍ବାଦ। ଗୁରୁତର ଆହତ ତଥା ଭୟାକ୍ରାନ୍ତ ଜୀବମାନଙ୍କୁ ସେମାନେ ଉଦ୍ଧାର କରୁଛନ୍ତି। ଶିଙ୍ଗରେ କ୍ୟାନସର ସେଲ୍ ବୃଦ୍ଧିପାଇଥିବା, କାର୍ ଆଘାତରେ ଗୋଡ ଭାଙ୍ଗିଯାଇଥିବା, ମୁଣ୍ଡ ଓ ଗଳା ମାଗଟ( ଏକ ପ୍ରକାର ମାଛିର ଲାର୍ଭା) ଦ୍ୱାରା ସଂକ୍ରମିତ ହୋଇଥିବା ଜୀବମାନଙ୍କୁ ପିଏଫଏ ଟିମ୍ ଉଦ୍ଧାର କରିଛନ୍ତି। ମୁଁ ଏହି ନିଃସ୍ୱାର୍ଥପର ହିରୋମାନଙ୍କୁ ପ୍ରଶଂସା କରେ।

ଏହି ସମୟରେ ସାରା ଭାରତରେ ପିଏଫ୍ଏ ମାଗଟ ସଂକ୍ରମିତ କୁକୁରଙ୍କୁ ସବୁଠୁ ବେଶି ଉଦ୍ଧାର କରିଛି। ଏହାବାଦ ବହୁ ଗଧ ଓ ଗାଈଙ୍କୁ ମଧ୍ୟ ଉଦ୍ଧାର କରାଯାଇଛି। ପଚା ଘା,ତ୍ୱଚା ସମସ୍ୟା ଥିବା ତଥା ଚାଲିପାରୁ ନ ଥିବା କୁକୁରଙ୍କୁ ମାଗଟ ସଂକ୍ରମଣ ହେବାର ସମ୍ଭାବନା ବେଶି। ଘା କିମ୍ବା ମଳ ମୂତ୍ର ଲାଗି ରହିଥିବା ଓଦା ଚମଡାରେ ମାଛି ଅଣ୍ଡା ଦେଇଥାନ୍ତି। କିଛି ଘଣ୍ଟା ମଧ୍ୟରେ ଅଣ୍ଡା ଫୁଟି ଅତି ଛୋଟ ଈଷତ ହଳଦିଆ ରଙ୍ଗର ମାଗଟ ବାହାରି ମାଂସ ଖାଇବା ଆରମ୍ଭ କରିଦିଅନ୍ତି। ପ୍ରଥମେ ଏହି ମାଗଟଗୁଡିକ ମଇଳା କିମ୍ବା ମୃତ ତ୍ୱଚା ଖାଆନ୍ତି। ଏହା ସରିଗଲା ପରେ ସେମାନେ ଲାଳରେ ଏକ ପ୍ରକାର ଏଞ୍ଜାଇମ ନିର୍ଗତ କରିଥାନ୍ତି ଯାହା ତ୍ୱଚାରେ କ୍ଷୁଦ୍ର କଣା କରିଦିଏ ଏବଂ ମାଗଟଗୁଡିକ ଏହା ମାଧ୍ୟମରେ ଚମଡା ଭିତରକୁ ପଶିଯାଆନ୍ତି। ମାଗଟ କ୍ଷରଣ କରୁଥିବା ଏଞ୍ଜାଇମ ତ୍ୱଚାରେ ଥିବା ସୁସ୍ଥ କୋଷକୁ ନଷ୍ଟ କରିବା ଦ୍ୱାରା କୁକୁରଠାରୁ ପଚା ଗନ୍ଧ ବାହାରେ। ଏହି ଯନ୍ତ୍ରଣାଦାୟକ ସ୍ଥିତିରେ ତା ବ୍ୟବହାର ଅସ୍ୱାଭାବିକ ମନେହୁଏ ଓ ଯାହାଫଳରେ ଲୋକମାନେ ତାକୁ ପାଗଳ ମନେକରି ପଥର ମାଡ କରନ୍ତି, ଯାହାଦ୍ୱାରା ତା’ର ମୃତ୍ୟୁ ଘଟିଥାଏ। ବହୁ ବର୍ଷ ତଳେ ଲୋକମାନେ ପାଗଳ ପାଗଳ ବୋଲି ଚିତ୍କାର କରି ଆକ୍ରମଣ କରୁଥିବା ଗୋଟିଏ କୁକୁରକୁ ମୁଁ ଉଦ୍ଧାର କରିଥିଲି। ତା ମୁଣ୍ଡରୁ ଅଧା ମାଗଟ ଖାଇଯାଇଥିଲେ। ତାକୁ ମୁଁ ମୋ କାର୍‌ରେ ରଖିଲି ଓ ସେହି ରାତିରେ ଆମେ ଚିକିତ୍ସା କରି ତା ମୁଣ୍ଡରୁ ଶହଶହ ମାଗଟ ବହାର କଲୁ। ସେ ମୋ ଘରେ ଦୁଇ ବର୍ଷ ରହିଲା ଓ ଶାନ୍ତିରେ ମଲା।

ସ୍କ୍ରୁଓ୍ୱର୍ମ ଫ୍ଲାଇ (ଏକ ପ୍ରକାର ମାଛି, ଯାହାର ଲାର୍ଭା ଜୀବନ୍ତ ଟିସ୍ୟୁକୁ ଖାଇଥାନ୍ତି) ସବୁଠୁ ବିପଜ୍ଜନକ। ଶରୀରର ଛୁଞ୍ଚିମୁନ ଭଳି କ୍ଷତ ଏକ ମାଛିକୁ ଆମନ୍ତ୍ରଣ କରିପାରେ। ମାଛି ତା’ ଉପରେ ମିନିଟଏ ମଧ୍ୟରେ ଅଣ୍ଡା ଦିଅନ୍ତି। ଯେଉଁ କ୍ଷତକୁ କୁକୁରର ଜିଭ ପାଏ ସେମାନେ ତାହାକୁ ଚାଟି ଦିଅନ୍ତି। କିନ୍ତୁ କାନ,ମୁଣ୍ଡର ଯେ କୌଣସି ଜାଗା, ବେକ, ଆଖି ଏବଂ ପାଟି ଏବଂ ମଳଦ୍ୱାରରେ କ୍ଷତ ହେଲେ ତାହା ସେ କରିପାରେ ନାହିଁ। ଏହାଦ୍ୱାରା ଏହି ସବୁ ଜାଗାରେ ମାଗଟ ଘା’କୁ ବଢାଇଦିଅନ୍ତି। ଛୁଞ୍ଚିମୁନ ଭଳି କଣା ହୋଇଥିବାବେଳେ ଏହାକୁ ଜାଣିବା ସହଜ ନୁହେଁ। ମାଗଟଗୁଡିକ ସେହି କଣା ଦେଇ ଭିତରକୁ ଗାତ କରି ପଶିଯାଆନ୍ତି। ତେବେ ତୁମେ ଏମାନଙ୍କୁ ସହଜରେ ବାହାର କରିପାରିବ। ଗୁରୁତର ହୋଇ ନ ଥିଲେ କୁକୁରକୁ ମେଡିକାଲ ନେବାକୁ ପଡିବନି। ଏପରିକି ପ୍ରାଣୀ ଚିକିତ୍ସକଙ୍କ ବିନା ସ୍ୱେଚ୍ଛାସେବୀମାନେ ପ୍ରାଥମିକ ଚିକିତ୍ସା ଯୋଗାଇ ଦେଇପାରିବେ। ଯଦି ପ୍ରାଣୀମାନଙ୍କ ଯତ୍ନ ନେଉଛ କିମ୍ବା ସେମାନଙ୍କୁ ଖୁଆଉଛ, ସେ କ୍ଷେତ୍ରରେ ତୁମେ ଫାଷ୍ଟଏଡ୍ ବକ୍ସରେ କ’ଣ ରଖିବ କେମିତି ଯତ୍ନ ନେବ ତାହା ଜଣାଉଛି। ମୁଁ ନିମ୍ନରେ ଉଲ୍ଲିଖିତ ସବୁ ଜିନିଷ ମୁମ୍ବାଇରେ ବହୁ ବର୍ଷ ଧରି ସେବା ଯୋଗାଉଥିବା ଅବୋଧ ଅର୍ସଙ୍କ ଦ୍ୱାରା ପରିଚାଳିତ ‘ୱେଲଫେୟାର ଅଫ୍ ଷ୍ଟ୍ରାରି ଡଗ୍ସ’ଠାରୁ ଆଣୁଛି। ସେଗୁଡିକ ହେଲା ; ଗୋଟିଏ ମୁଜେଲ (ତୁଣ୍ଡି), କେତୋଟି ଫୋରଶେପ,ହିମାକ୍ସ ମଲମ,ଆକ୍ରିଲିନ କିମ୍ବା ଲୋରେକ୍ସନେ, କ୍ଲୋରୋଫର୍ମ, ଆୟୋଡିନ ଟିଂଚର, ନେବାସଲ୍ଫ, କ୍ଲିନ୍ କଟନ ଉଲ୍ (ସଫା ତୁଳା) , ଟର୍ପେଣ୍ଟାଇନ, ନିମ୍ବ ତେଲ, ଟୁପିକିୟୋର ସ୍ପ୍ରେ ଓ ବେଟାଡିନ।

୧–ପ୍ରତ୍ୟେକ ଘା’କୁ ଡ୍ରେସିଂ କଲାବେଳେ କୁକୁର ମୁହଁରେ ତୁଣ୍ଡି ବାନ୍ଧିବା ଉଚିତ । କାରଣ ଯନ୍ତ୍ରଣାରେ ହୁଏତ କୁକୁର କାମୁଡି ଦେଇପାରେ। ଯଦି ପାରୁଛ ଘା’ର ଚାରିପାଖରୁ ଲୋମ କାଟିଦିଅ। କାରଣ ଏହି ଲୋମରେ ରହିଥିବା ଜୀବାଣୁ ଘା’କୁ ପୁଣି ସଂକ୍ରମିତ କରିପାରନ୍ତି।

୨–ମୁଣ୍ଡକୁ ଛାଡି ଅନ୍ୟ ଘା’ଗୁଡିକରେ ୧୦ ରୁ ୧୫ ବୁନ୍ଦା କ୍ଲୋରୋଫର୍ମ ପକାଇ କିଛି ସମୟ ଛାଡି ଦିଅ। ଏହାପରେ ଘା’ର ମୁହଁକୁ ତୁଳାରେ ବନ୍ଦ କରିଦିଅ , ଯାହାଦ୍ୱାରା ମାଗଟଗୁଡିକ ଶ୍ୱାସରୁଦ୍ଧ ହୋଇ ମରିଯିବେ। ଏହି ସମୟରେ କୁକୁରକୁ ଭୀଷଣ ଯନ୍ତ୍ରଣା ହୋଇପାରେ। ଏଣୁ କୁକୁର ଯେମିତ ବନ୍ଧାହୋଇ ରହିବ ସେଥିପ୍ରତି ନଜର ରଖିବେ , ନଚେତ ଦୌଡି ପଳାଇବ। ମୁଣ୍ଡରେ ଥିବା ଘା’ରେ କ୍ଲୋରୋଫର୍ମ ବ୍ୟବହାର କରିବେନି। ଏହା ବଦଳରେ ଟର୍ପେଣ୍ଟାଇନ ତେଲ, ନିମ୍ବ ତେଲ ଭଲ। ରଙ୍ଗରେ ବ୍ୟବହାର କରାଯାଉଥିବା ଟର୍ପେଣ୍ଟାଇନ ତେଲ, କିରୋସିନ, ପେଟ୍ରୋଲ, ଫିନାଇଲ କିମ୍ବା ହାଇଡ୍ରୋଜେନ ପେରକ୍ସସାଇଡ କେବେ ବି ବ୍ୟବହାର କରିବେ ନାହିଁ। ଏହା କୁକୁରକୁ ମାରିଦେବ। ଘା’ରେ ମାଗଟ ବଞ୍ଚିଛନ୍ତି କି ନାହିଁ ତାହା ଭଲ କି ଦେଖ। ଯଦି ବଞ୍ଚିଥାନ୍ତି ତେବେ ସେଥିରେ ଆଉ କିଛି ବୁନ୍ଦା କ୍ଲୋରୋଫର୍ମ ପକାଇ ପୁଣି କିଛି ସମୟ ତା ମୁହଁକୁ ତୁଳାରେ ବନ୍ଦ କରି ରଖ। ଯେତେବେଳେ ଜାଣିବ ମାଗଟ ମରିଯାଇଛନ୍ତି ଫୋରଶେଫ ବା ଟୁଇଜରକୁ ଡେଟଲ କିମ୍ବା କ୍ଲୋରୋଫର୍ମରେ ସଫା କରି ତା ମାଧ୍ୟମରେ ସେମାନଙ୍କୁ ବାହାର କରିବା ଆରମ୍ଭ କରିଦିଅ। ଯଦି ଘା’ ଶରୀରର ଭିତରକୁ ଅଧିକ ସଂକ୍ରମିତ ହୋଇଥାଏ ତେବେ ସେ କ୍ଷେତ୍ରରେ ବାହାରକୁ କେବଳ ଏକ ଛୋଟ କଣା ଭଳି ଦେଖାଯିବ। ଏଣୁ ଏକ ପ୍ଲାଷ୍ଟିକ ସିରିଞ୍ଜ( ବିନା ଛୁଞ୍ଚି)ରେ ଟର୍ପେଣ୍ଟାଇନ ତେଲ ନେଇ ତାହାକୁ ସେହି କଣା ଭିତରକୁ ସ୍ପ୍ରେ କରି ୫ ରୁ ୬ ଘଣ୍ଟା ଛାଡି ଦିଅ। ଔଷଧର ପ୍ରତିକ୍ରିୟା ପ୍ରକାଶ ପାଇଲେ ମାଗଟ ଘା’ରୁ ବାହରି ତଳେ ପଡିବେ ।

୩– ଘା ଭିତରକୁ ଟର୍ଚ୍ଚ ମାରି ଭଲ ଭାବେ ଦେଖ। ବହୁ ସମୟରେ ମୁଖ୍ୟ ଘା’ରୁ ମାଗଟ ଗୋଟିଏ କିମ୍ବା ଅନେକ ଗାତ କରି ଶରୀର ଭିତରକୁ ଯାଇଥାନ୍ତି। ଯଦି କିଛି ସମୟ ସାବଧାନତାର ସହ ଗାତ ଭିତରକୁ ଲକ୍ଷ୍ୟକରିବ ତେବେ ତା ଭିତରେ ରକ୍ତ ଭଳି ତରଳ ଉପର ତଳ ହେଉଥିବା ଜଣାପଡିବ। ଯେତେବେଳେ ଜାଣିବ ଯେ,ସବୁ ମାଗଟକୁ ଘା’ରୁ ବାହାର କରିଦେଇଛ, ସେତେବେଳେ ଟୋପିକିୟୋର ତା’ ଭିତରେ ସ୍ପ୍ରେ କରିଦିଅ। କଟୁ ୟୁକାଲପଟାସ ତେଲର ଗନ୍ଧରେ ମାଗଟ ସବୁ ବହାରକୁ ବାହାରିବା ଆରମ୍ଭ କରିଦେବେ।

୪– ମାଗଟ ସଫା ହୋଇଗଲେ ଘା’କୁ ସଂକ୍ରମଣ ମୁକ୍ତ ରଖିବାକୁ ସେଥିରେ ଆୟୋଡିନ ଲୋଶନ ଢାଳି ଦିଅନ୍ତୁ। ବେଟାଡାଇନ କିମ୍ବା ଓକାଡାଇନ ସଲ୍ୟୁଶନ ବି ବ୍ୟବହାର କରିପାରିବେ।

୫–ଘା’ରୁ ଆୟୋଡିନ ବାହାର କରିଦିଅ। ପରେ ତା’ ଭିତରେ ଅଧିକ ପରିମାଣରେ ନେବାସଲ୍ଫ, ନେଗାସଣ୍ଟ କିମ୍ବା ଗଟ୍‌ବ୍ୟାକ ପାଉଡର ପକାଅ।

୬–ଏହାପରେ ଆକ୍ରିଲିନ କିମ୍ବା ଲୋରେକ୍ସନେ କ୍ରିମ ଘା’ଭିତରେ ଭର୍ତ୍ତି କରିଦିଅ।

୭–ଘାରେ ମାଛି ନ ବସିବା ପାଇଁ ତା’ ଉପରେ ଆୟୁର୍ବେଦିକ କ୍ରିମ ହିମାକ୍ସ ଲଗାନ୍ତୁ। ଏହାର କଡା ଗନ୍ଧରେ ମାଛିମାନେ ଘା’ ଉପରେ ଆଉ ଅଣ୍ଡା ଦେଇପାରିବେ ନାହିଁ କି ପୁଣି ସଂକ୍ରମିତ କରିପାରିବେନାହିଁ। ତେବେ ଏହି ଔଷଧ କେବଳ ଦିନକ ପାଇଁ କାମ କରିବ।

୮– ଘା’ ପୁଣି ସଂକ୍ରମିତ ହୋଇଛି କି ନାହିଁ ତାହା ଜାଣିବା ଲାଗି ପ୍ରତିଦିନ ପରୀକ୍ଷା କରିବା ଦରକାର। ବେଳେବେଳେ ଘା’ରେ ପୂଯ ରହିଯାଇଥାଏ। ଏହାକୁ ଆୟୋଡିନ ହେଉକି ବେଟାଡାଇନ କିମ୍ବା ଓକାଡାଇନ ଦ୍ୱାରା ବାହାର କରି ନେବାସଲ୍ଫ ପାଉଡର ପକାନ୍ତୁ। କୁକୁର ପୂରା ଦୁର୍ବଳ ହୋଇଥିଲେ ଚାଲିପାରିବନି। ଏକ୍ଷେତ୍ରରେ ତାକୁ ରାସ୍ତାରେ ଛାଡି ଦିଅନ୍ତୁନି। ଦରକାର ହେଲେ ତାକୁ ନେଇ ଘରେ ରଖ। ଘା’ ଭିତରେ ଯଦି ପରିପକ୍ୱ ଲାର୍ଭା ଥାନ୍ତି ତେବେ ତାକୁ ବାହାର କରିବା ପାଇଁ ଘା’ଉପରେ କିଛି ତେଲ (ନଡିଆ ତେଲ କିମ୍ବା ନିମ୍ବ ତେଲ ଇତ୍ୟାଦି) ପକାଇଦିଅ। ଏହାଦ୍ୱାରା ସେମାନେ ଅମ୍ଳଜାନ ନ ପାଇ ବାହାରକୁ ବାହାରିଆସିବେ। ପରେ ପାଣିରେ ସଂକ୍ରମିତ ଜାଗାକୁ ସଫା କରି ଘା’ ଉପରେ କିଛି ହଳଦୀ ଲଗାଇ ଦିଅ। ଆଣ୍ଟିବାୟୋଟିକ୍ସ କ୍ରିମ ବା ଅଏଣ୍ଟମେଣ୍ଟ ବି ଲଗାଇପାରିବେ।

କେତେକ ବ୍ୟକ୍ତି ଘା’ରେ ରହିଯାଇଥିବା ମାଗଟକୁ ମାରିବା ପାଇଁ ପାଇରିଥ୍ରିନ କିମ୍ବା ପାଇରିଥ୍ରୋଏଡ ଥିବା ସ୍ପ୍ରେ (କେବଳ କୁକୁରଙ୍କ ପାଇଁ) ବ୍ୟବହାର କରନ୍ତି। ଏହାକୁ ବ୍ୟବହାର କଲେ କୁକୁରର ଜୀବନ ଚାଲିଯିବାର ଆଶଙ୍କା ରହିଥିବାରୁ କେବଳ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନେଇ ବ୍ୟବହାର କରିବା ଉଚିତ। ଯଦି ତୁମେ ପାଖରେ ରାସ୍ତାରେ ରହୁଥିବା କୁକର ହେଉ କି ବିଲେଇ କିମ୍ବା କାଉ ଅବା ଗଧ ଶରୀରରେ ଘା’ ଦେଖ ତେବେ ଆୟୋଡିନ ସଲ୍ୟୁଶନ କିମ୍ବା ବେଟାଡାଇନ, ସିପ୍ଲାଡାଇନ ବା ଓକାଡାଇନରେ ତୁଳା ବୁଡାଇ ତାହାକୁ ସଫା କରିଦିଅ। ସେହି ଘା’ ଉପରେ ନେବାସଲ୍ଫ କିମ୍ବା ନେଓସ୍ପ୍ରିନ ପାଉଡର ପକାଇ ତା’ ଉପରେ ମାଛି ଅଣ୍ଡା ନ ଦେବା ଲାଗି ଲୋରେକ୍ସନେ (ଭିର୍‌ବ୍ୟାକ ଇଣ୍ଡିଆ) ଲଗାଇବା ପରେ ଏକ ପରସ୍ତ ହିମାକ୍ସ ବୋଳି ଦିଅ। ଏହି ସବୁ ଚିକିତ୍ସା ପରେ କିଛି ଦିନ ଭିତରେ ନୂଆ ଚମଡା ଘା’ ଉପରେ ବାନ୍ଧିଥାଏ। ଜାଣିବ ତୁମ ପ୍ରୟାସ ଓ ଏ ବାବଦରେ କରିଥିବା ଖର୍ଚ୍ଚ ଗୋଟିଏ ଜୀବନ ବଞ୍ଚାଇଦେଇଛି। ମାଗଟ ସଂକ୍ରମଣ ଆପଣାଛାଏ ଉପଶମ ହୋଇଯାଏନି, ଏଥିପାଇଁ ମଣିଷର ପ୍ରୟାସ ଓ ଅସ୍ତକ୍ଷେପ ଲୋଡା।

Email: gandhim@nic.in

# ଛାଡ଼ ହୋ ଛାଡ଼



ଦ୍ୱିତୀ ଚନ୍ଦ୍ର ସାହୁ

କାହାକୁ ଛାଡିବେ ! କ’ଣ ଛାଡିବେ ! ଛାଡ଼ିବା କଥା କହିଲେ ସତରେ କିଏ ଆଜିକାଲି ସହଜରେ ଗ୍ରହଣ କରେ କି । ଏସବୁର ଉତ୍ତର ପାଇବାକୁ ହେଲେ ନିଜ ନିଜ ସ୍ତରରେ ଦୃଷ୍ଟି ପହଁରାଇବାକୁ ପଡିବ । ନିଜର କାର୍ଯ୍ୟଗୁଡିକର ସମୀକ୍ଷା କରିବାକୁ ହେବ । ଆମେ କେତେ ଉଦାର ହୋଇପାରିଛୁ । ସତରେ ଆମେ କ’ଣ ଛାଡିବା ଜନ୍ତୁ । ବାଘ ହାବୁଡରେ ପଡିଲେ ସେ ଶିକାରକୁ ସହଜରେ ଛାଡେନି । ଗୋଡେଇ ଗୋଡେଇ ହାଲିଆ କରି ତାକୁ ମାରେ । ଯାହା ହେଉ ପଛେ ଅଜଗର ନିଜ ଶରୀରଠାରୁ ବଡ ଆକାରର ଶିକାରକୁ ଗିଳି ଦେଇ ନିର୍ଦ୍ଦିଷ୍ଟ ଜାଗାରେ ପଡି ରହେ । ପିମ୍ପୁଡିଟିଏ ନିଜ ଆକାର ବଡ ଖାଦ୍ୟକୁ ନେବାରେ ସାମର୍ଥ୍ୟ ନ ଥିଲେ ସୁଦ୍ଧା ତାକୁ ଟେକି ଥୋଇ ନିଜ ଗାତକୁ ନେଇଯାଏ । ଗୋବର ପୋକଟି ନିଜ ପାରିବାଠାରୁ ବଡ ଆକାରର ଗୋବରକୁ ଗଡେଇ ଗଡେଇ ନିଏ । ପଶୁପକ୍ଷୀ ଭିତରେ ଯେତେବେଳେ ଏଇ ମାନସିକତା ମଣିଷ ସର୍ବଶକ୍ତିମାନ ହୋଇ ସତରେ କ’ଣ ଛାଡିବା ଜୀବଟିଏ ! ସେ କେବେ କୋଉଠି ଛାଡେନି । ହିସାବ ବରାବର କରେ । ଠିକ ଜବାବ ଫେରାଏ । ଅଧିକା ମାଡିବସେ । ଖାଲିସ୍ଥାନ ହେବା ପୂର୍ବରୁ ନିଜ ଆସନକୁ ପକ୍କା କରେ । କ୍ଷମତା ପାଇଁ ଆଗରୁ ସଜବାଜ କରେ । ଆବଶ୍ୟକତା ନ ଥିଲେ ବି ମିଳିଲେ ବୋହି ନିଏ । ନ ମିଳିଲେ ବି ଚତୁରତାର ସହ ମିଳିବା ପାଇଁ ବାଟ ବାହାର କରେ । ଅନ୍ୟକୁ ଠେସି ନିଜେ ସୁରକ୍ଷିତ ହେବା ପାଇଁ ଯୋଜନା କରେ ।

ମଣିଷର ଏସବୁ ଆତୁରପଣ, ଲୋଭ, ମୋହର ଗୋଟିଏ ଗୋଟିଏ ସ୍ୱରୂପ । ଆଜିକା ମଣିଷ ଭାରି ହିସାବୀ । ଖାଲି ହିସାବୀ ନୁହଁ ସ୍ୱାର୍ଥପର, ଗର୍ବୀ, ଲୋଭୀ ସର୍ବୋପରି ଅବିବେକୀ ମଧ୍ୟ । ଏସବୁ ତା’ର ଅଲକ୍ଷ୍ୟରେ ହୋଇଯାଏ । ଆଉ କେତେକ କ୍ଷେତ୍ରରେ ନିଜର ଅବଦମିତ ଇଚ୍ଛା ତାକୁ ସେସବୁ କରିବାକୁ ବାଧ୍ୟ କରାଏ । ତା’ର ଚାରିପଟର ମଣିଷମାନେ ଅହରହ ଯାହା କରିଆସୁଛନ୍ତି ସେସବୁକୁ ଦେଖି ପରପିଢିର ମଣିଷଟି କେତେବେଳେ ସେ ରାସ୍ତା ଧରିଦେଇଥାଏ ଜାଣିପାରେନା । କହିବାକୁ ଗଲେ ପିଲାଦିନୁ ପରିବାରରୁ ତା’ର ଏ ସ୍ୱଭାବ ଜାଗ୍ରତ ହୋଇସାରିଥାଏ । ବିଦ୍ୟାଳୟରେ ପାଦ ଦେଲାବେଳକୁ ପ୍ରଥମ ହେବାର ନିଶା ତାକୁ ଏମିତି କିଛି କରିବାକୁ ବାଧ୍ୟ କରାଏ । ଯେଉଁମାନେ ବିଦ୍ୟାଳୟ ପିଣ୍ଡା ମାଡନ୍ତିନି ଜୀବନଜୀବିକାର ଦାୟରେ ଅନ୍ୟ ଦିଗରେ ଏଇ ମାନସିକତାରେ ସକ୍ରିୟ ହୋଇ ଉଠନ୍ତା ବୟସ ବଢିଗଲେ ଅନୁଭବ ଓ ଅଭିଜ୍ଞତାର ଫେଣ୍ଟାଫେଣ୍ଟି ଶକ୍ତି ତାକୁ ଆଗକୁ ଆଗକୁ ବଡ ବଡ କାର୍ଯ୍ୟ ସିଦ୍ଧି ଲାଗି ସାହସ ଯୋଗାଏ । ମାରି ଗୋଡେଇବା, ଟାଣି ଆଣିବା, ବଳ ପ୍ରୟୋଗ କରିବା, କୌଶଳରେ ହାସଲ କରିବା, ଛଳନା କରିବା, କୂଟନୀତି ପ୍ରୟୋଗ କରିବା ସର୍ବୋପରି ରାସ୍ତାରୁ ହଟେଇ ନିଜର ଅଭିଳାଷା ପୂରଣ କରନ୍ତି । ନିଜ ସ୍ତରରେ କାହାକୁ ଛାଡିବାର ନାହିଁ । କିଛି ବି ଛାଡିବାର ନାହିଁ । ପଛ ଲୋକ ପ୍ରତି ଉଦାରତା ନାହିଁ । ଆଗ ମଣିଷ ପ୍ରତି ଦୟା ନାହିଁ । ନିଜେ ସଂଯମ ବି ନାହିଁ । ଏଇକ୍ରମରେ ଆମେ ମାତିଛୁ । କାନ୍ଦୁଛୁ ଓ ବାନ୍ଧୁଛୁ । ଏଥିରେ ଆମକୁ କେହି ବି କହିବାକୁ ହେବନି । କେହି ବାଧା ଦେବାକୁ ହେବନି । ଅଥଚ ଆମେ ସମସ୍ତଙ୍କୁ କଷ୍ଟ ଦେଇପାରିବୁ । ଯାହା ଇଚ୍ଛା ତାହା କରିପାରିବୁ । ନିଜ ପାଇଁ ଗୋଟିଏ କଥା । ଅନ୍ୟ ପାଇଁ ଅଲଗା ସୂତ୍ର । ବଡ ବିଚିତ୍ର ସତରେ ଆମ ମାନସିକତା । ଆଗକୁ ଆଗକୁ ମାଡିବାର ମୋହରେ ଆମେ କିଛି ବି ଛାଡୁନାହୁଁ। ସମ୍ପର୍କ, ସାଧୁତା, ନିଷ୍ଠା, ସତ୍ୟ, ଉଦାରତା ଓ ମାନବିକତାକୁ ପାଦରେ ଦଳିଦେବାକୁ ବି ଭୁଲିପାରୁନୁ । ସବୁଠାରୁ ବଡ କଥା ହେଲା ଆମେ ଯାହାଠାରୁ ଉପକାର ପାଉ ପ୍ରଥମେ ତାକୁ ଧ୍ୱଂସ କରିବାକୁ ଚେଷ୍ଟା କରୁ ।

ତେବେ ନିଜ ସ୍ତରରେ ଏଭଳି ମାନସିକତା ରହିବା ସତ୍ତ୍ୱେ ଆମେ କିନ୍ତୁ ଢେର ପରାମର୍ଶ ଦେଉ ଅନ୍ୟକୁ । ଏମିତି କି ଯେଉଁ ବ୍ୟକ୍ତିକୁ ଗୋଇଠା ମାରି ନିଜେ ଆଗକୁ ବଢିଆସୁ ତାକୁ ପଛରେ ଯାଇ ସବୁକିଛି ଉଦାର ହୃଦୟରେ ଭୁଲିବାକୁ କହୁ । ଗୋଇଠା ମାରି ବିଷ୍ଣୁ କହିବା ଲାଗି ନିବେଦନ କରୁ । ଯାହା କିଛି ଘଟି ଯାଇଛି ସେସବୁକୁ ଛାଡିଦେବାକୁ ବିଚିତ୍ର ମନ୍ତ୍ର ଦେଉ । ମନରୁ ସେସବୁ ଲିଭେଇ ଦେଇ ଆଗକୁ ନୂଆ ଉର୍ଜା ନେଇ କାମ କରିବାକୁ ପରାମର୍ଶ ଦେଉ । ନିଜ ଭିତରେ ଶଢି ମରୁଥିବା ମଣିଷଟି ଏସବୁ ଶୁଣିବା ପରେ କେତେ ବିନୟ ହୋଇପାରିବ ଆପଣମାନେ ଅନୁମାନ କରିପାରୁଥିବେ । ଯଦିଓ କଥା ମାଜିଲେ ମୋଟ ତଥାପି ଅତୀତକୁ ଛାଡିବା ସେତେ ସହଜ ନୁହେଁ । ସମ୍ଭବତଃ ଆମ ଭିତରେ ଜାତ ସଂଘାତ ଓ ଅନ୍ତର୍ଦ୍ୱନ୍ଦ୍ୱ ଆମକୁ ଛାଡିବାକୁ କୁହେନି । କିନ୍ତୁ ସବୁ ଖରାପକୁ ଛାଡିବା ଭଲ । ନିଜକୁ ଶାନ୍ତିରେ ବଞ୍ଚିବା ସହ ବଢିବାକୁ ସୁଯୋଗ ଦିଏ । ଏଇ ମର୍ମ କଥାକୁ କେତେ ବୁଝୁଛୁ ଆମେ ! ସୁତରାଂ ନିଜ ନିଜ ସ୍ତରରେ ନିଷ୍ପତ୍ତି ଗ୍ରହଣ କରନ୍ତୁ ସତରେ କ’ଣ ଛାଡିବା ଓ କାହାକୁ ଛାଡିବା ! ଆଉ ନିଜେ ଧର୍ମ, ନ୍ୟାୟ ଓ ନିଷ୍ଠାକୁ ଅନୁପାଳନ କରି ଆମେ ଅନ୍ୟକୁ କେତେ କହିପାରିବା ଛାଡ଼ ହୋ ଛାଡ !

ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡା,
ମୋ–୯୫୫୬୨୮୭୭୭୫

## ଏଇ ଭାରତରେ

ମେଡିକାଲରେ ରୋଗୀର ଜୀବନ ବଞ୍ଚାଉଥିବା ସାଲାଇନ ବୋତଲରେ ଗଛର ଜୀବନ ବଞ୍ଚାଉଛନ୍ତି ମଧ୍ୟପ୍ରଦେଶର ରୋଟଲା ଗାଁର କୃଷକ ରମେଶ ବରିୟା। ମରୁଡି ଯୋଗୁ ରାଜସ୍ଥାନ କି ଗୁଜରାଟକୁ ଦାଦନ ଖଟିବାକୁ ଯାଉଥିବା ରମେଶ ଏବେ ଜଣେ ଆଗଧାଡ଼ିର କୃଷକ। ସେ ବର୍ଜ୍ୟ ସାଲାଇନ ବୋତଲରେ ସିଞ୍ଚନ ପଦ୍ଧତିରେ ଜଳସେଚନ କରି ପରିବା ଚାଷ କରିବା ସହ ବର୍ଜ୍ୟବସ୍ତୁର ପୁନଃ ବିନିଯୋଗ କରିପାରିଛନ୍ତି। ଏହି ପଦ୍ଧତିରେ ସଫଳ ହେବା ପରେ ରମେଶ ମରୁଡି ପ୍ରବଣ ତଥା ଆଦିବାସୀ ବହୁଳ ଝାବୁଆ ଜିଲାକୁ ଜଳସେଚନର ନୂଆ ବାଟ ଦେଖାଇଛନ୍ତି। ପ୍ରତିଦିନ ସବୁ ଗଛ ପାଖରେ ଏକ ସାଲାଇନ ବୋତଲରେ ଦୁଇଟି ଡ୍ରମରୁ ପାଣି ଭର୍ତ୍ତିକରନ୍ତି। ଏହି କାର୍ଯ୍ୟରେ ତାଙ୍କ ପରିବାରର ସମସ୍ତେ ଲାଗିଯାଆନ୍ତି। ପ୍ରତ୍ୟେକ ଗଛ ଦିନକୁ ୨ ଲିଟର ପାଣି ପାଉଛି। ସବୁ ବୋତଲ ଓ ଡ୍ରମ ବାବଦରେ ଖର୍ଚ୍ଚ କରିଛନ୍ତି ୫୦୦ ଟଙ୍କା । ପ୍ରଥମ ବର୍ଷ ଏହି ପଦ୍ଧତିରେ ଜଳସେଚନ କରି ଗୋଟିଏ ଫସଲରୁ ୨୫,୦୦୦ ଟଙ୍କା ରୋଜଗାର କରିଥିଲେ। କୃଷିରଣରେ ବୁଡି ଦିନକୁ ମାତ୍ର ୫ଟଙ୍କା ରୋଜଗାର କରୁଥିବା ଏହି ଚାଷୀ ଜଣକ ଏବେ ବର୍ଷକୁ ୨ ଲକ୍ଷ ଟଙ୍କା ପାଉଛନ୍ତି। କୃଷିବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକମାନଙ୍କ ପରାମର୍ଶ କ୍ରମେ ସେ ଏଭଳି ଜଳସେଚନ ପଦ୍ଧତି ଆପଣାଇଛନ୍ତି। ରମେଶଙ୍କ ଭଳି ଆଦିବାସୀ କୃଷକମାନେ ଏକ ହେକ୍ଟର ଜମିରୁ ୧.୫ ରୁ ୧,୭ ଲକ୍ଷ ଟଙ୍କା ରୋଜଗାର କରିପାରିବେ ବୋଲି ଇଣ୍ଡିଆନ୍ କାଉନ୍‌ସିଲ ଅଫ୍ ଏଗ୍ରିକଲ୍‌ଚର ରିସର୍ଚ୍ଚ( ଆଇସିଏଆର) ପ୍ରକାଶ କରିଛି। ମଧ୍ୟପ୍ରଦେଶ କୃଷି ବିଭାଗ ତାଙ୍କୁ ୧୦,୦୦୦ ଟଙ୍କା ପୁରସ୍କାର ମଧ୍ୟ ପ୍ରଦାନ କରିଛି।

## ୨୫ ବର୍ଷ ତଳର ଧରିତ୍ରୀ

୬ ଅଗଷ୍ଟ ୧୯୯୫

- ଶ୍ରୀଲଙ୍କାର ସେନା ପକ୍ଷରୁ ଦେଶର ଉତ୍ତରାଞ୍ଚଳ ସହର ଆଲାଭେଦୀଠାରେ ଏଲ୍‌ଟିଟିଇ ବିରୁଦ୍ଧରେ ଆରମ୍ଭ କରାଯାଇଥିବା କାର୍ଯ୍ୟାନୁଷ୍ଠାନରେ ୫୦ ଜଣ ତାମିଲ ବିଦ୍ରୋହୀ ନିହତ ହୋଇଛନ୍ତି।
- ଅପହରଣ, ବଳାତ୍କାର, ଡକାୟତି ଓ ହତ୍ୟା ଘଟଣାରେ ସଂପୃକ୍ତ ବ୍ୟକ୍ତିଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯିବା ପାଇଁ ଇକ୍ୱେଡରରେ ନୂତନ ଆଇନ ପ୍ରଚଳନ କରାଯାଇଛି।
- ଭାରତୀୟ ଟେଷ୍ଟ କ୍ରିକେଟର ଲେଫ୍ଟ ଆର୍ମ ସ୍ପିନର ମନୀନ୍ଦର ସିଂ ପ୍ରଥମ ଶ୍ରେଣୀୟ କ୍ରିକେଟ ଜୀବନରୁ ଅବସର ଘୋଷଣା କରିଛନ୍ତି।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 4 | 8 | 2 | | | 9 | | | 5 | | | | |
| | | 9 | | B | 3 | D | 0 | | | | | | | 6 |
| | 6 | | | | | C | | | | 8 | | B | | |
| 2 | | 5 | | | D | | 8 | | | | 9 | C | | |
| 0 | B | | | A | C | | | | | | | | | D |
| | | 2 | | | | 9 | | | | B | 6 | | 1 | |
| A | | | | 7 | 9 | 6 | | | 8 | | 3 | | | |
| | | | | 5 | 0 | | 1 | | | 4 | | | | B |
| B | C | | | | 4 | | | | | | E | 0 | 6 | 7 |
| | E | | | | | | | | | | | 5 | | |
| | | 0 | | | | B | 4 | | | 9 | D | | | |
| 9 | | | C | | 8 | | E | | | | 4 | | | |
| 3 | | D | 1 | 9 | | 7 | | | A | | | | C | |
| | | | E | | | | | | | | | A | 5 | 1 |
| | | 8 | | 0 | 5 | 1 | | D | | 7 | | | | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | B | 9 | 3 | E | D | 8 | 7 | 1 | C | 2 | 4 | A | 5 | 0 |
| 4 | A | 1 | 7 | 9 | 8 | 3 | 5 | E | 6 | B | 0 | C | D | 2 |
| C | 7 | 2 | 0 | B | A | 6 | D | 9 | 5 | 3 | 1 | 8 | 4 | E |
| 5 | E | 3 | 6 | 2 | 4 | A | 0 | C | 8 | 9 | D | B | 1 | 7 |
| 8 | 0 | D | 5 | 1 | C | 2 | 4 | B | E | 7 | A | 6 | 9 | 3 |
| B | C | 6 | D | 3 | 9 | 0 | 1 | A | 2 | 5 | 7 | 4 | E | 8 |
| 0 | 8 | E | C | 6 | 1 | B | 9 | 4 | A | D | 3 | 7 | 2 | 5 |
| 3 | 9 | 4 | A | 5 | E | 7 | 2 | D | B | 0 | 8 | 1 | 6 | C |
| D | 5 | 7 | 2 | 8 | 0 | C | 3 | 6 | 4 | 1 | E | 9 | A | B |
| 2 | 1 | A | B | 4 | 7 | 5 | E | 8 | 9 | C | 6 | 0 | 3 | D |
| A | 3 | C | 4 | 7 | 2 | D | 8 | 5 | 1 | 6 | B | E | 0 | 9 |
| 1 | 4 | B | 9 | D | 3 | E | C | 0 | 7 | A | 2 | 5 | 8 | 6 |
| 7 | 6 | 8 | E | 0 | 5 | 1 | B | 2 | 3 | 4 | 9 | D | C | A |
| 9 | 2 | 0 | 8 | C | 6 | 4 | A | 7 | D | E | 5 | 3 | B | 1 |
| E | D | 5 | 1 | A | B | 9 | 6 | 3 | 0 | 8 | C | 2 | 7 | 4 |

ଗତକାଲିର ଉତ୍ତର

# ବାରୁଦଗଦାରେ ବିଶ୍ୱ



ଡ. ପ୍ରଫୁଲ୍ଲ କୁମାର ସାହୁ

୧୯୪୫ ମସିହା ଅଗଷ୍ଟ ୬ ତାରିଖ ମାନବ ସଭ୍ୟତା ଇତିହାସର କଳାଦିବସ। ସେଦିନ ସକାଳ ହେବା ଆଗରୁ ‘ଇନାଲୋ ଗେ’ ମାରିଆନା ଦ୍ୱୀପର ତିନିଏନ ବନ୍ଦରରୁ ବାହାରିଥିଲା ଆମେରିକାର ବି–୨୯ ଯୁଦ୍ଧ ବିମାନ। ବିମାନରେ ଥିଲା ଏକ ପରମାଣୁ ବୋମା, ଯାହାର ନାମ ‘ଲିଟିଲ୍ ବଏ’। ଠିକ୍ ୮ଟା ୧୬ ମିନିଟ୍‌ରେ ବୋମାଟିକୁ ଜାପାନର ହିରୋସୀମା ଉପରେ ନିକ୍ଷେପ କରାଗଲା। ଏହା ବିସ୍ଫୋରିତ ହେବା ସହିତ ଏକ ପ୍ରଚଣ୍ଡ କମ୍ପନରେ ଥରିଉଠିଲା ସହର ଓ ତତ୍‌କ୍ଷଣାତ୍ ପ୍ରାୟ ୭୦ ହଜାର ଲୋକଙ୍କ ମୃତ୍ୟୁ ହେବା ସହିତ ଧୂଳିସାତ ହୋଇଗଲା ୬୦ ହଜାର କୋଠାଘର। ପ୍ରତ୍ୟକ୍ଷଦର୍ଶୀଙ୍କ ବିବରଣୀକୁ ଆଧାରକରି ଜାପାନୀ ଭାଷାରେ ଲେଖାଯାଇଥିବା ପୁସ୍ତକ ‘ହିବାକୁସା’ ଅନୁସାରେ ବିସ୍ଫୋରଣ ପ୍ରଭାବରେ ଏକ ହଜାର ଡିଗ୍ରୀ ସେଲସିୟସକୁ ଟପିଗଲା ବାୟୁମଣ୍ଡଳର ତାପମାତ୍ରା। ସେ ତାପମାତ୍ରାରେ ହୁତୁ ହୁତୁ ହୋଇ ଜଳିଗଲେ ଅନେକ ଲୋକ। ଆହତମାନଙ୍କ ମଧ୍ୟରେ କାହା ଆଖିଡୋଳା ପଦାକୁ ବାହାରି ଆସିଲା ତ କାହା ଦେହରୁ ଚମଡ଼ା ଉତୁରିଯାଇ ଖସି ପଡୁଥିଲା ପୁଳାପୁଳା ମାଂସ। ମଣିଷର ହାଡ଼ ମାଂସ ତ ସାମାନ୍ୟ କଥା, ପ୍ରଚଣ୍ଡ ଉତ୍ତାପରେ ଲୁହା ତିଆରି ବିଜୁଳି ଖୁଣ୍ଟ ବି ବାଙ୍କିଗଲା ଧନୁପରି। ଯୁଆଡେ ଚାହିଁଲେ ଖାଲି ପରିବ୍ୟାପ୍ତ ପୋଡାଭୂଇଁ ଓ କୁଢ଼କୁଢ଼ ଶବ। ଏତିକିରେ କିନ୍ତୁ ସରି ନ ଥିଲା ଜାପାନ ବିରୋଧରେ ଆମେରିକାର ଘୃଣ୍ୟ ଓ ନାରକୀୟ କାଣ୍ଡ। ହିରୋସୀମାରେ ବୋମା ବିସ୍ଫୋରଣର ଠିକ୍ ଦୁଇ ଦିନ ପରେ ଅର୍ଥାତ ଅଗଷ୍ଟ ୯ ତାରିଖ ସକାଳ ୯ଟା ୧୧ମିନିଟ୍‌ରେ ଦକ୍ଷିଣ ଜାପାନର ନାଗାସାକିରେ ଆମେରିକା ନିକ୍ଷେପ କଲା ‘ଫ୍ୟାଟ୍‌ମାନ୍’ ନାମରେ ଆଉ ଏକ ପରମାଣୁ ବୋମା। ଲିଟିଲ୍ ବଏ ଠାରୁ ଫ୍ୟାଟ୍‌ମାନ୍‌ର ବିସ୍ଫୋରଣ ଥିଲା ଆହୁରି ଭୟଙ୍କର। ବିସ୍ଫୋରଣରେ ତତ୍‌କ୍ଷଣାତ୍ ମୃତ୍ୟୁବରଣ କଲେ ୬୦ ହଜାର ଲୋକ। ଜଳିଗଲା ଗଛପତ୍ର। ଶୁଖିଗଲା ପାଣି। ନିଆଁର ପ୍ରଭାବରେ ଉତ୍ତପ୍ତ ବାୟୁକୁ ଠେଲି ଘଣ୍ଟାପ୍ରତି ୪୦୦ କି. ମି. ବେଗରେ ପବନ ବହିଲା,ଯେଉଁ ଉତ୍ତପ୍ତ ଘୂର୍ଣ୍ଣିରେ କୋଠାଘରର ଛାତ ବି ଉଡ଼ିଗଲା । ଯେଉଁଠି ପାଇପ୍ ଫାଟି ପାଣି ଝରୁଥିଲା ବା ନଦୀ ଧାରରେ ସାମାନ୍ୟ ପାଣି ଥିଲା,ତାହା ଭୟଙ୍କର ଭାବରେ ବିଷାକ୍ତ ପାଲଟି ଯାଇଥିଲା ୟୁରାନିୟମ ଓ ପ୍ଲୁଟୋନିୟମ ପ୍ରଭାବରେ। ପ୍ରାଣ ବିକଳରେ ତାକୁ ପିଉପିଉ ତଣ୍ଟି ପେଟ ଜଳି ଯାଉଥାଏ ଓ କେଇ ସେକେଣ୍ଡ ଭିତରେ ଲୋକ ଟଳି ପଡୁଥାଆନ୍ତି ଅସହ୍ୟ ଯନ୍ତ୍ରଣାରେ। ଦୁଇ ଦିନ ଅନ୍ତରରେ ଦୁଇଟି ବଡ଼ବଡ଼ ସହର ସମ୍ପୂର୍ଣ୍ଣ ଧ୍ୱସ୍ତବିଧ୍ୱସ୍ତ ହୋଇଗଲା ପରେ ଜାପାନର ମେରୁଦଣ୍ଡ ଭାଙ୍ଗିଗଲା ଏବଂ ସେ ଆତ୍ମସମର୍ପଣ କରିବାକୁ ବାଧ୍ୟ ହେଲା ମିତ୍ରଶକ୍ତି ପାଖରେ। ଅନ୍ୟପକ୍ଷରେ ପରମାଣୁ ବୋମାର ଅମାନୁଷିକ ପ୍ରୟୋଗ ଜନିତ ବିଭୀଷିକାରେ ସ୍ତବ୍ଧ ହୋଇଗଲା ସମଗ୍ର ମାନବ ଜାତି। ପୃଥିବୀ ସେଦିନ ଅନୁଭବ କଲା ପରମାଣୁ ଅସ୍ତ୍ରର ଭୟାବହତା।

ଦ୍ୱିତୀୟ ବିଶ୍ୱଯୁଦ୍ଧର କରୁଣ ପରିଣତି ଚିନ୍ତାଶୀଳ ମଣିଷ ମନକୁ ଗଭୀର ଭାବରେ ଆଲୋଡ଼ିତ କଲା ଏବଂ ଯୁଦ୍ଧ ପ୍ରତି ବିଶ୍ୱବ୍ୟାପୀ ସୃଷ୍ଟି ହେଲା ଏକ ଅନାସ୍ଥାଭାବ। ଦେଶ ଦେଶ ଭିତରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପାଇଁ ବିଶ୍ୱ ନେତୃତ୍ୱ ଭିତରେ ପ୍ରକାଶ ପାଇଲା ସହମତି। ତେଣୁ ଦ୍ୱିତୀୟ ବିଶ୍ୱଯୁଦ୍ଧର ଧ୍ୱଂସସ୍ତୂପ ମଧ୍ୟରୁ ଜନ୍ମନେଲା (୧୯୪୫ ଅକ୍ଟୋବର ୨୪)ମିଳିତ ଜାତିସଂଘ। ବିଶ୍ୱବାସୀ ଭାବିନେଲେ ଏଇଠୁ ଶେଷ ହେଲା ପରମାଣୁ ଯୁଗ। ବିସ୍ଫୋରଣର ଭୟାବହତା ଦୃଷ୍ଟିରୁ ଆଉ କେବେ କୌଣସି ଦେଶ ତିଆରି କରିବନି ପରମାଣୁ ଅସ୍ତ୍ର। ମାତ୍ର ନେତୃତ୍ୱର ଅହଂ ଆଗରେ ହାର୍ ମାନିଲା ଶାନ୍ତି ପ୍ରକ୍ରିୟା। ପୃଥିବୀରେ ଆଧିପତ୍ୟ ବିସ୍ତାର କରିବାକୁ ଚାହୁଁଥିବା ଆମେରିକାର ପରମାଣୁ ବୋମା ଉପରେ ଥିବା ଏକଚାଟିଆ ଅଧିକାର ବିରୋଧରେ ଯାଇ ୧୯୪୯ ମସିହାରେ ଦ୍ୱିତୀୟ ଅଣୁଶକ୍ତି ଭାବରେ ଉଭା ହେଲା ସୋଭିଏତ୍ ରୁଷ୍। ଠିକ୍ ତା’ର ତିନି ବର୍ଷ ପରେ(୧୯୫୨) ସଫଳତାର ସହ ଆଣବିକ ପରୀକ୍ଷା କଲା ବ୍ରିଟେନ। ପରବର୍ତ୍ତୀ ସମୟରେ ଆତ୍ମରକ୍ଷାର ଦୁହାଇଦେଇ ଅଣୁଅସ୍ତ୍ରର ଅଧିକାରୀ ହେଲେ ଚାଇନା, ଭାରତ, ପାକିସ୍ତାନ,ଉତ୍ତରକୋରିଆ ଓ ଇସ୍ରାଏଲ ଆଦି ରାଷ୍ଟ୍ର। ଗଣମାଧ୍ୟମରେ ପ୍ରକାଶିତ ଏକ ତଥ୍ୟ ଅନୁସାରେ ବିଶ୍ୱରେ ଏବେ ମହଜୁଦ ହୋଇ ରହିଛି ୧୫ ହଜାର ଆଣବିକ ଯୁଦ୍ଧାସ୍ତ୍ର। ୧୯୪୫ ପରେ ବିଶ୍ୱର ଜନସଂଖ୍ୟା ଯେତେ ଗୁଣ ବଢ଼ିଛି,ବୋଧହୁଏ ତା’ର ଲକ୍ଷେ ଗୁଣ ବଢ଼ିଛି ପରମାଣୁ ଶକ୍ତି। ଅର୍ଥାତ ଏବେ ଏକ ଅଣୁଗଦା ଉପରେ ଠିଆହୋଇଛି ଆଧୁନିକ ବିଶ୍ୱ। ଏହାର କାରଣ ହେଉଛି ବୃହତ୍ ଶକ୍ତିମାନଙ୍କର ସାମ୍ରାଜ୍ୟବାଦୀ ମନୋଭାବ ଓ ଜାତିସଂଘର ନିଷ୍କ୍ରିୟତା। ତେଣୁ ପୃଥିବୀରେ ଶାନ୍ତି ପ୍ରତିଷ୍ଠା ହେବା ପରିବର୍ତ୍ତେ ରାଷ୍ଟ୍ର ରାଷ୍ଟ୍ର ଭିତରେ ବଢ଼ିଚାଲିଛି ଉତ୍ତେଜନା। ପ୍ରତି ମୁହୂର୍ତ୍ତରେ ଲାଗିରହିଛି ଯୁଦ୍ଧର ଆଶଙ୍କା। ବେଳକୁ ବେଳ ବଢୁଛି ଅସ୍ତ୍ରଶସ୍ତ୍ର କାରବାର। କଥାରେ ଅଛି ଲୁହାରେ ଯଦି କେବଳ ଖଣ୍ଡା ବର୍ଛା ତିଆରି ହୁଏ, ତେବେ ବୃଦ୍ଧିପାଏ ରକ୍ତପାତ। ମାତ୍ର ସେହି ଲୁହାରେ ଯଦି ଲଙ୍ଗଳର ଫାଳ ତିଆରି ହୁଏ, ତେବେ ବୃଦ୍ଧି ପାଏ କୃଷି ଉତ୍ପାଦନ। ଅର୍ଥାତ ସାମରିକ ଖର୍ଚ୍ଚଠାରୁ ବେସାମରିକ ଖର୍ଚ୍ଚ ଅଧିକ ହେବା ଉଚିତ। ମାତ୍ର ଏବେ ସାମରିକ ଖର୍ଚ୍ଚର ଶିଖର ଆରୋହଣ କରିବାକୁ ଚାଲିଛି ବୃହତ ଶକ୍ତିମାନଙ୍କ ଭିତରେ ପ୍ରତିଯୋଗିତା। ଷ୍ଟକ୍‌ହୋମ୍ ଆନ୍ତର୍ଜାତିକ ଶାନ୍ତି ଗବେଷଣା ଅନୁଷ୍ଠାନ ପକ୍ଷରୁ ପ୍ରକାଶିତ ଏକ ତଥ୍ୟ ଅନୁଯାୟୀ ୨୦୦୨ ରୁ ୨୦୧୮ ମଧ୍ୟରେ ସମଗ୍ର ପୃଥିବୀରେ ଅସ୍ତ୍ରଶସ୍ତ୍ର କାରବାର ୪୮ ପ୍ରତିଶତ ବୃଦ୍ଧି ପାଇଛି ଏବଂ ୨୦୧୯ ମସିହାରେ ସାରା ପୃଥିବୀରେ କରାଯାଇଥିବା ସାମରିକ ଖର୍ଚ୍ଚର ପରିମାଣ ୧.୯ ଟ୍ରିଲିୟନ ଡଲାର। ଅନ୍ୟପକ୍ଷରେ ଏବେ ବି ପୃଥିବୀରେ ପ୍ରତିଦିନ ଭୋକ ବିକଳରେ ପ୍ରାଣ ହରାଉଛନ୍ତି ହଜାର ହଜାର ଶିଶୁ। ଦୁଇ ତୃତୀୟାଂଶ ଲୋକ ଶଢୁଛନ୍ତି ଦାରିଦ୍ର୍ୟରେ। ଅଥଚ ଯୁଦ୍ଧାସ୍ତ୍ର ମହଜୁଦ କରିବାରେ ଖର୍ଚ୍ଚ ହେଉଛି ବିପୁଳ ଅର୍ଥ। ତଥ୍ୟ କହେ ପୃଥିବୀର ୫୨ ପ୍ରତିଶତ ବୈଜ୍ଞାନିକ ନିୟୋଜିତ ଅଛନ୍ତି ମାରଣାସ୍ତ୍ର ନିର୍ମାଣ କାର୍ଯ୍ୟରେ। ଅର୍ଥାତ ଆଧୁନିକ ମଣିଷ ତା’ର ଶ୍ରେଷ୍ଠତମ ମେଧା ଉପଯୋଗ କରି ନିର୍ମାଣ କରି ଚାଲିଛି ଅଧିକରୁ ଅଧିକ ଧ୍ୱଂସକାରୀ ଶକ୍ତିସମ୍ପନ୍ନ ଅସ୍ତ୍ରଶସ୍ତ୍ର। ତେବେ ମନରେ ସ୍ୱତଃ ପ୍ରଶ୍ନ ଉଠେ ଇତିହାସରୁ ମଣିଷ ଶିଖିଲା କ’ଣ ?

ନାଗାସାକିରେ ବୋମା ପକାଇଥିବା ସାମରିକ ବିମାନର ପାଇଲଟ ଚାର୍ଲ୍ସ ଡୋନାଲ୍ଡ କହିଥିଲେ– ‘‘ପୃଥିବୀ ଶାନ୍ତି ଚାହେଁ, ମାନବ ସଭ୍ୟତା ବଞ୍ଚି ରହିବା ପାଇଁ ବୋମା ନୁହେଁ,ବିଶ୍ୱ ଭ୍ରାତୃତ୍ୱ ଲୋଡା।’’ ବାସ୍ତବରେ ବିକାଶ ଓ ଶାନ୍ତି ପରସ୍ପର ପରିପୂରକ। ତେଣୁ ବିକାଶର ଧାରା ବଜାୟ ରଖିବାକୁ ହେଲେ ଯୁଦ୍ଧ ନୁହେଁ,ଶାନ୍ତିର ଧାରା ବଜାୟ ରଖିବା ଜରୁରୀ। ଶାନ୍ତିର ଅସଲ ମାର୍ଗ ହେଉଛି ବିଶ୍ୱ ଭ୍ରାତୃତ୍ୱ ଭାବନା,ଯାହା ଭାରତୀୟ ସଂସ୍କୃତିର ଆତ୍ମିକ ସନନ୍ଦ। ସେଥିପାଇଁ ଶ୍ରୀଅରବିନ୍ଦ କହିଥିଲେ, ‘‘ଭାରତ ହେଉଛି ପୃଥିବୀର ଆତ୍ମା। ଭାରତ ଦ୍ୱାରା ସମ୍ଭବ ହେବ ପୃଥିବୀରେ ଶାନ୍ତି ପ୍ରତିଷ୍ଠା।’’ ଏ ଦେଶ ଦିନେ ବିଶ୍ୱରେ ପ୍ରଚାର କରିଥିଲା ଗୌତମ ବୁଦ୍ଧଙ୍କ ଶାନ୍ତି ଓ ପ୍ରେମର ବାଣୀ। ମହାମାନବ ମହାତ୍ମା ଗାନ୍ଧୀ ବିଶ୍ୱକୁ ଶୁଣାଇଥିଲେ ଅହିଂସାର ମନ୍ତ୍ର। ଆଧାତ୍ମିକ ଭୂମି ଭାରତର ପରମ୍ପରାରେ ରହିଛି ବୃହତ୍ ଶକ୍ତିମାନଙ୍କ ଯୁଦ୍ଧଖୋର ମାନସିକତାକୁ ବଦଳାଇ ଦେବାର ଭରପୂର ସାମର୍ଥ୍ୟ। ତା’ର ଯଥାଯଥ ପ୍ରୟୋଗ ବଳରେ ଭାରତ ପୁଣି ଥରେ ନେଇପାରେ ବିଶ୍ୱଶାନ୍ତି ପ୍ରକ୍ରିୟାର ନେତୃତ୍ୱ। ଏହାର ସଫଳତା ହିଁ ଭାରତକୁ ଆଣିଦେବ ବିଶ୍ୱଗୁରୁର ମାନ୍ୟତା।

ଅଧ୍ୟକ୍ଷ, ଫୁଲମତୀ ହେମ୍ବ୍ରମ ମହାବିଦ୍ୟାଳୟ,
ପଡ଼ିଆବେଡ଼ା, ମୟୂରଭଞ୍ଜ,
ମୋ–୯୪୩୮୪୫୦୮

## ପାଠକ ଶ୍ରେଷ୍ଠ ବିଚାରକ

### ନିର୍ବାଚନ ପ୍ରକ୍ରିୟାରେ ସଂସ୍କାର ଜରୁରୀ

ମହାଶୟ,

ଭାରତରେ ନିର୍ବାଚନ ପ୍ରକ୍ରିୟା କାଳକ୍ରମେ ଅଧିକ ଜଟିଳ, ସମସ୍ୟାବହୁଳ ଓ କଷ୍ଟସାଧ୍ୟ ହେଉଥିବାର ଲକ୍ଷ୍ୟ କରାଯାଉଛି। ୨୦୧୯ ସାଧାରଣ ନିର୍ବାଚନରେ ସମଗ୍ର ଦେଶରେ ୩୧୬୬ କୋଟି ଟଙ୍କାର ନଗଦ ଅର୍ଥ, ମୂଲ୍ୟବାନ ଜିନିଷ ଓ ମାଦକ ଦ୍ରବ୍ୟ ଜବତ ହୋଇଥିଲା। ୨୦୧୪ରେ ଏହାର ପରିମାଣ ଥିଲା ୧୨୦୦ କୋଟି ଟଙ୍କା ଓ ୪୪୫ଟି ଆଦର୍ଶ ଆଚରଣ ବିଧିର ଉଲ୍ଲଂଘନ ଅଭିଯୋଗ ଆସିଥିଲା। ସରକାରଙ୍କ ଖର୍ଚ୍ଚ ଥିଲା ୫୦,୦୦୦ କୋଟି ଟଙ୍କା। ନିର୍ବାଚନ ପ୍ରଚାର ବେଳେ ଅଶାଳୀନ ମନ୍ତବ୍ୟ, ବାହୁବଳ ପ୍ରୟୋଗ କରି ବୁଥ୍ ଜବରଦଖଲ, ଗୁଣ୍ଡାଗର୍ଦ୍ଦିରେ ବିରୋଧୀଙ୍କୁ ଆକ୍ରମଣ, ପ୍ରତିପକ୍ଷଙ୍କୁ ଭୟ ପ୍ରଦର୍ଶନ, ପ୍ରଚୁର କଳା ଟଙ୍କାର ବ୍ୟବହାର, ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ବଣ୍ଟନ ଓ ଭୋଜିଭାତ, ମଦ ମାଂସରେ ନିର୍ବାଚନକୁ ପ୍ରଭାବିତ କରିବା ଭଳି ଘଟଣା ଘଟୁଛି। ଏହି ପରିପ୍ରେକ୍ଷୀରେ ଆଗକୁ ନିର୍ବାଚନ ପ୍ରକ୍ରିୟାରେ ସଂସ୍କାର ଅଣାଯିବା ଉଚିତ। ଏକ ନିର୍ବିବାଦୀୟ ଓ ନିରପେକ୍ଷ କମିଶନର ଆବଶ୍ୟକତା ଜରୁରୀ। ଆୟୋଗଙ୍କ ନିଯୁକ୍ତି, କାର୍ଯ୍ୟଶୈଳୀ, ନିଷ୍ପତ୍ତି ଗ୍ରହଣ ଓ କାର୍ଯ୍ୟାନୁଷ୍ଠାନରେ ସ୍ୱଚ୍ଛତା ଓ ନିରପେକ୍ଷତା ଆବଶ୍ୟକ। କେନ୍ଦ୍ର ସରକାର ନିର୍ବାଚନ ପ୍ରକ୍ରିୟାରେ ବ୍ୟାପକ ସଂସ୍କାର ଆଣିବା ଉଚିତ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

### ଚିରନ୍ତନୀ

କେନାଲର ଦୁଇ କୂଳେ
ତାଳଗଛ ଧାଡ଼ି ମୂଳେ
ଫୁଲିଉଠେ ଗରବିତ ପାଣିରେ !
ଉଦ୍‌ଭିନ୍ନ ଯଉବନ ଠାଣିରେ ।
(ଶରତ–ସନ୍ଧ୍ୟା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ରିଲାଏନ୍ସ ବିଶ୍ୱର ଦ୍ୱିତୀୟ ସର୍ବବୃହତ୍ ବ୍ରାଣ୍ଡ




**ନୂଆଦିଲ୍ଲୀ,୫।୮:** ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ବିଶ୍ୱର ଦ୍ୱିତୀୟ ସର୍ବବୃହତ୍ ବ୍ରାଣ୍ଡ ଭାବେ ଉଭା ହୋଇଛି। ଫ୍ୟୁଚର ବ୍ରାଣ୍ଡ ଇଣ୍ଡେକ୍ସ ୨୦୨୦ରେ ରିଲାଏନ୍ସକୁ ଏଭଳି ମାନ୍ୟତା ମିଳିଛି। ତାଲିକାରେ ପ୍ରଥମ ସ୍ଥାନରେ ଆମେରିକାର ପ୍ରମୁଖ ଟେକ୍ ସ୍ଥାନରେ ଆପଲ୍ ରହିଛି। ରିଲାଏନ୍ସ ପ୍ରଥମ ଥର ଲାଗି ଏହି ସୂଚୀରେ ସାମିଲ ହୋଇଥିବା ଜଣାପଡିଛି। କମ୍ପାନୀ ନିକଟରେ ଜବରଦସ୍ତ ପରଫରମାନ୍ସ କରିଥିବା ଜଣାପଡିଛି। ଭାରତରେ ସବୁଠାରୁ ଉନ୍ନତ ଲାଭ କରୁଥିବା କମ୍ପାନୀ ମଧ୍ୟରେ ଏହା ସାମିଲ ହୋଇଛି। ଏହା ଅଭିବୃଦ୍ଧି, ଅଭିନବ ପ୍ରଡକ୍ଟ, ଉନ୍ନତ ଗ୍ରାହକ ସେବା ଲାଗି ଲୋକପ୍ରିୟତା ହାସଲ କରିଥିବା ଫ୍ୟୁଚର ବ୍ରାଣ୍ଡ ପକ୍ଷରୁ ସୂଚନା ରହିଛି। ଏହି ସୂଚୀର ତୃତୀୟ ସ୍ଥାନରେ ସାମ୍‌ସଙ୍ଗ ରହିଥିବା ବେଳେ ଏହା ପରେ ଏନ୍‌ଭିଡିଆ, ମୌଟାଇ, ନାଇକ୍, ମାଇକ୍ରୋସଫ୍ଟ, ଏଏସ୍‌ଏମ୍‌ଏଲ୍, ପେପଲ୍, ନେଟ୍‌ଫ୍ଲିକ୍ସ ଭଳି କମ୍ପାନୀ ସ୍ଥାନିତ ହୋଇଛନ୍ତି।

### ସେବା କ୍ଷେତ୍ରରେ ହ୍ରାସ ଧାରା ଜାରି

**ନୂଆଦିଲ୍ଲୀ,୫।୮:** କରୋନା ଭାଇରସ୍ ଲାଗି ଦେଶର ସେବା କ୍ଷେତ୍ର ଗଭୀର କ୍ଷତିଗ୍ରସ୍ତ ହୋଇଛି। ଗତ ୫ ମାସ ହେବ ଏହି କ୍ଷେତ୍ରରେ ପର୍‌ଫର୍‌ମାନ୍ସ ହ୍ରାସ ଧାରା ଜାରି ରହିଛି। ଜୁଲାଇ ମାସରେ ଏହି କ୍ଷେତ୍ରରେ ଅଭିବୃଦ୍ଧି କମିଛି। ଚାହିଦା ପ୍ରଭାବିତ ରହିବାରୁ କମ୍ପାନୀଗୁଡିକ ସେମାନଙ୍କ ଉତ୍ପାଦନକୁ ଆହୁରି ବ୍ୟବସ୍ଥିତ କରିଛନ୍ତି। ବିଭିନ୍ନ କମ୍ପାନୀ କର୍ମଚାରୀଙ୍କୁ ଛଟେଇ କରିଥିବା ଘଟଣା ସାମ୍ନାକୁ ଆସିଛି। ଆଇଏଚ୍‌ଏସ୍ ମାର୍କିଟ ଇଣ୍ଡିଆ ପକ୍ଷରୁ ବୁଧବାର ପ୍ରକାଶ ପାଇଥିବା ସର୍ଭିସେସ୍ ବିଜ୍‌ନେସ ଆକ୍ଟିଭିଟି ସୂଚୀ ୩୪.୨% ସ୍ତରରେ ରହିଛି। ଏହି ସଂଖ୍ୟା ୫୦% ନିମ୍ନରେ ରହିଲେ ସେବା କ୍ଷେତ୍ରରେ ହ୍ରାସ ହୋଇଛି ବୋଲି ବୁଝାପଡିବ। ବଜାର ବର୍ତ୍ତମାନ କ୍ଷତିରେ ରହିଥିବାରୁ ଏହା ଟ୍ରାକ୍‌କୁ ଫେରିବା ଲାଗି ସମୟ ଲାଗିବ। ଜିଡିପି ଚଳିତ ବର୍ଷ ୬% ଖସିବା ନେଇ ଆକଳନ କରାଯାଇଛି। ଏହା ସେବା କ୍ଷେତ୍ର ଉପରେ ମଧ୍ୟ ପ୍ରଭାବ ପକାଇବ ବୋଲି ଆଇଏଚ୍‌ଏସ୍ ମାର୍କିଟର ଅର୍ଥନୀତିଜ୍ଞ ଲୁଇସ୍ କୁପର ସୂଚନା ଦେଇଛନ୍ତି।

### ସେବି ଅଧ୍ୟକ୍ଷ ଅଜୟ୍ ତ୍ୟାଗୀଙ୍କ କାର୍ଯ୍ୟକାଳ ବଢ଼ିଲା

**ନୂଆଦିଲ୍ଲୀ,୫।୮:** ବଜାର ନିୟନ୍ତ୍ରକ ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ(ସେବି)ର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରୁଥିବା ଅଜୟ୍ ତ୍ୟାଗୀଙ୍କ କାର୍ଯ୍ୟକାଳକୁ ୧୮ ମାସ ବଢ଼ାଯାଇଛି। ସେ ୨୦୨୨ ଫେବୃୟାରୀ ପର୍ଯ୍ୟନ୍ତ ଏହି ପଦବୀରେ କାର୍ଯ୍ୟ କରିବେ ବୋଲି ପର୍ସୋନେଲ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା ନିଯୁକ୍ତି ସଂକ୍ରାନ୍ତ କ୍ୟାବିନେଟ କମିଟି ଏହି ନିଯୁକ୍ତିକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଚଳିତ ବର୍ଷ ସେପ୍ଟେମ୍ବର ପହିଲାରୁ ଏହି ନିଷ୍ପତ୍ତି ଲାଗୁ କରାଯିବ। ତ୍ୟାଗୀ ୧୯୮୪ ବ୍ୟାଚ୍ ହିମାଚଳ କ୍ୟାଡରର ଆଇଏଏସ୍ ଅଫିସର। ୨୦୧୭ରେ ତାଙ୍କୁ ୩ ବର୍ଷ ଲାଗି ସେବି ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଥିଲା।

### ଏସ୍‌ବିଆଇ କାର୍ଡର ନୂଆ ସିଇଓ

**ଭୁବନେଶ୍ୱର,୫।୮:** ଏସ୍‌ବିଆଇ କାର୍ଡ ଆଣ୍ଡ ପେମେଣ୍ଟ ସର୍ଭିସ (ଏସ୍‌ବିଆଇ କାର୍ଡ) କମ୍ପାନୀର ନୂଆ ସିଇଓ ଓ ଏମ୍‌ଡି ଭାବେ ଅଶ୍ୱିନୀ କୁମାର ତିୱାରୀ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ସେ ପିଛିଲା ଭାବରେ ଅଗଷ୍ଟ ୧ରୁ ଦାୟିତ୍ୱ ଗ୍ରହଣ ସହ କାର୍ଯ୍ୟ କରିବେ। ସେହିଭଳି କମ୍ପାନୀର ପୂର୍ବତନ ସିଇଓ ଓ ଏମ୍‌ଡି ହରଦୟାଲ ପ୍ରସାଦ ଗତ ମାସ ୩୧ରେ ଅବସର ଗ୍ରହଣ କରିଥିବା ସୂଚନା ମିଳିଛି। ୫୩ ବର୍ଷୀୟ ତିୱାରୀ ୧୯୯୧ରେ ଏସବିଆଇରେ ପ୍ରୋବେସନାରି ଅଫିସର ଭାବରେ ଯୋଗଦେଇଥିଲେ। ଦୀର୍ଘ ୨୯ ବର୍ଷ ହେବ ସେ ଏସ୍‌ବିଆଇର ବିଭିନ୍ନ ପଦପଦବୀ ସହ ଉଭୟ ସ୍ୱଦେଶ ଓ ବିଦେଶରେ ମଧ୍ୟ କାର୍ଯ୍ୟ କରିବାର ଅଭିଜ୍ଞତା ରଖିଛନ୍ତି। ସେ ୨୦୧୭ରୁ ଏସ୍‌ବିଆଇ କାର୍ଡ ସହ ଜଡିତ ଅଛନ୍ତି।

# ସୁନା ଦର ୫୬ ହଜାର ଟଙ୍କା ଟପିଲା

**ନୂଆଦିଲ୍ଲୀ,୫।୮**




ଦେଶ ମଧ୍ୟରେ ସୁନା ଦର ବର୍ତ୍ତମାନ ଲଗାତର ବୃଦ୍ଧି ପାଇଁ ଚାଲିଛି। ବୁଧବାର ୧୦ ଗ୍ରାମ ପିଛା ସୁନା ଦର ୧୩୬୫ ଟଙ୍କା ବଢ଼ିବା ଯୋଗୁ ନୂଆଦିଲ୍ଲୀରେ ଏହା ୫୬,୧୮୧ ଟଙ୍କା ଛୁଇଁଛି। ବିଶ୍ୱ ବଜାରର ପ୍ରଭାବ ଫଳରେ ଭାରତରେ ଏଭଳି ସ୍ଥିତି ଉପୁଜିଛି ବୋଲି ଏଚ୍‌ଡିଏଫ୍‌ସି ସିକ୍ୟୁରିଟି ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ରୁପା ଦର ମଧ୍ୟ ବଢ଼ିଛି। ରୁପାର କିଲୋ ପ୍ରତି ଦର ୫,୯୭୧ ଟଙ୍କା ବଢ଼ିବା ଯୋଗୁ ଏହା ୭୨,୭୨୬ ଟଙ୍କା ଛୁଇଁଛି। ଏହାର ପୂର୍ବ କାରବାରରେ ରୁପା ଦର ୬୬,୭୪୫ ଟଙ୍କା ରହିଥିଲା। କିଛି ଦିନ ତଳେ ଏହାର ମୂଲ୍ୟ ୫୪,୮୧୬ ଟଙ୍କା ରହିଥିବା ବେଳେ ଏଥିରେ ଲଗାତର ବୃଦ୍ଧି ପରିଲକ୍ଷିତ ହୋଇଛି। ନୂଆଦିଲ୍ଲୀରେ ସୁନାର ସ୍ପଟ୍ ମୂଲ୍ୟ ୧୩୬୫ ଟଙ୍କା ବଢ଼ିଥିବା ବେଳେ ବିଶ୍ୱ ବଜାରର ପ୍ରଭାବ ଯୋଗୁ ଏହା ହୋଇଥିବା ଏଚ୍‌ଡିଏଫ୍‌ସି ସିକ୍ୟୁରିଟିଜର କମୋଡିଟିଜ୍ ବରିଷ୍ଠ ଆନାଲିଷ୍ଟ ତପନ ପଟେଲ ସୂଚନା ଦେଇଛନ୍ତି।

ସେହିଭଳି ଅନ୍ତର୍ଜାତୀୟ ବଜାର କଥା ଦେଖିଲେ ସୁନା ଦର ୨୦୩୨ ଡଲାର ପ୍ରତି ଆଉନ୍ସ ରହିଛି। ଏହି ସମୟରେ ରୁପାର ଆଉନ୍ସ ପିଛା ଦର ୨୬.୪୦ ଡଲାର ଟଙ୍କା ଛୁଇଁଛି। ଅର୍ଥନୈତିକ ମାନ୍ଦାବସ୍ଥା, କରୋନାର ପ୍ରଭାବ ଏବଂ ଡଲାର ତୁଳନାରେ ଟଙ୍କା ମୂଲ୍ୟ ହ୍ରାସ ହେବା ଯୋଗୁ ସୁନା ମୂଲ୍ୟ ନୂଆ ରେକର୍ଡ ସ୍ତରରେ ରହିଥିବା ପଟେଲ ମତ ପ୍ରକାଶ କରିଛନ୍ତି। ସେହିଭଳି ରିଲାଏନ୍ସ ସିକ୍ୟୁରିଟିଜର ସିନିୟର ରିସର୍ଚ୍ଚ ଆନାଲିଷ୍ଟ ଶ୍ରୀରାମ ଆୟାର କହିଛନ୍ତି, ଲୋକମାନେ ସୁନାକୁ ନିବେଶର ଏକ ନିରାପଦ ବିକଳ୍ପ ଭାବେ ବିଚାର କରୁଛନ୍ତି। କୋଭିଡ୍ ଏବଂ ବିଶ୍ୱ ମାନ୍ଦାବସ୍ଥା ସମୟରେ ସୁନା ଅନ୍ୟ କୌଣସି ବିକଳ୍ପ ତୁଳନାରେ ଭଲ ରିଟର୍ନ ଦେବ ବୋଲି ନିବେଶକମାନେ ସୁନା କିଣୁଛନ୍ତି। ଏହାର ପ୍ରଭାବ ବଜାର ଉପରେ ପଡିଛି।

ମୋତିଲାଲ ଓସ୍ୱାଲ ଫାଇନାନ୍ସିଆଲ ସର୍ଭିସେସ୍‌ର କମୋଡିଟି ଏବଂ କରେନ୍ସି ମୁଖ୍ୟ କିଶୋର ନାର୍‌ନେ କହିଛନ୍ତି, ଚଳିତ ବର୍ଷ ସୁନା ଏବଂ ରୁପା ସର୍ବୋତ୍ତମ ପରଫରମାନ୍ସ କରିଥିବା ଆସେଟ୍ ଭାବେ ବିବେଚିତ ହୋଇଛି।


# ସାଓମି ବ୍ରାଉଜର ବ୍ୟାନ୍ କଲେ ସରକାର




**ନୂଆଦିଲ୍ଲୀ,୫।୮:** ପ୍ରମୁଖ ମୋବାଇଲ କମ୍ପାନୀ ସାଓମିର ବ୍ରାଉଜରକୁ ଭାରତ ସରକାର ବ୍ୟାନ୍ କରି ଦେଇଛନ୍ତି। ସାଓମି ଦ୍ୱାରା ପ୍ରସ୍ତୁତ ହୋଇଥିବା ଆକ୍ସନ ଏମ୍‌ଆଇ ବ୍ରାଉଜର ପ୍ରୋ-ଭିଡିଓ ଡାଉନଲୋଡ୍, ଫ୍ରିଫାଷ୍ଟ ଏବଂ ସିକ୍ୱୋର ଉପରେ ମଧ୍ୟ ପ୍ରତିବନ୍ଧକ ଲାଗିଛି। ଚାଇନା ମୋବାଇଲ ଆପ୍ଲିକେଶନଗୁଡ଼ିକ ଉପରେ କଟକଣା ଅନ୍ତର୍ଗତ ପ୍ରାଥମିକ ପର୍ଯ୍ୟାୟରେ ୫୯ ଆପ୍ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୪୭ ଆପ୍‌କୁ ଭାରତରେ ବ୍ଲକ କରାଯାଇଛି। ବ୍ରାଉଜର ଉପରେ କାର୍ଯ୍ୟାନୁଷ୍ଠାନ ଡିଭାଇସ୍ ଉପରେ ପ୍ରଭାବ ପକାଇପାରେ ବୋଲି ବଜାର ବିଶେଷଜ୍ଞ ମତ ପ୍ରକାଶ କରିଛନ୍ତି। ମାତ୍ର ଏଭଳି କଟକଣା ଦ୍ୱାରା ଡିଭାଇସ୍ ଉପରେ ବିଶେଷ ପ୍ରଭାବ ପଡିବ ନାହିଁ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ୟୁଜରମାନେ ଯେକୌଣି ବ୍ରାଉଜର ଡାଉନଲୋଡ୍ କରିପାରିବେ ବୋଲି କମ୍ପାନୀ ସ୍ପଷ୍ଟ କରିଛି। ସରକାରଙ୍କ ସହ ସମ୍ପର୍କରେ ରହିଥିବା ସାଓମି କହିଛି। ଭାରତରେ କମ୍ପାନୀର ପ୍ରାୟ ୯ କୋଟି ଗ୍ରାହକ ରହିଛନ୍ତି। ସେହିଭଳି ସରକାର ଏୟାର ବ୍ରସ୍, ମେଇପାଇ, ବକ୍ସକାମ୍ ସମେତ ଅନ୍ୟ ୧୧ ଚାଇନା ଆପ୍‌କୁ ବ୍ଲକ କରିଛନ୍ତି। ଏହା ମଧ୍ୟରେ ହିରୋଜ ୱାର, ସାଇଡ୍‌ପ୍ଲସ, କ୍ୟାପ୍‌କଟ୍, ପାରାଲେଲ୍ ସ୍ପେସ୍, ବାଇଡୁ ସର୍ଚ୍ଚ, ବାଇଡୁ ମ୍ୟାପ୍, ୱିବୁ, ନେଟ୍‌ଏଜ ଇ-ମେଲ ସର୍ଭିସ, ସର୍ଚ୍ଚ ଲାଇଟ୍ ଭଳି ଆପ୍ ରହିଛି।

# ୟୁଏସ୍ ଆଣୁଛି ଫେସିଆଲ ରିକଗ୍‌ନିଶନ ଆଇନ

**ନୂଆଦିଲ୍ଲୀ,୫।୮**



ଆମେରିକା ନୂଆ ଫେସିଆଲ ରିକଗ୍‌ନିଶନ ଆଇନ ଲାଗୁ କରିବାକୁ ଯାଉଛି। ଏ ସଂକ୍ରାନ୍ତ ବିଲ୍ ସିନେଟରେ ପାସ୍ ହେବ ବୋଲି ଜଣାପଡିଛି। କମ୍ପାନୀ ଏବଂ ବ୍ୟକ୍ତିବିଶେଷ କରୁଥିବା ଫେସିସିଆଲ ରିକଗ୍‌ନିକଶନ ଟେକ୍ନୋଲୋଜିର ବେଆଇନ ବ୍ୟବହାର ଉପରେ ଏଥିରେ କଟକଣା ଲାଗିବ। ବ୍ୟକ୍ତିବିଶେଷଙ୍କ ଅନୁମତି ବିନା କେହି ଫେସିଆଲ ଟେକ୍ନୋଲୋଜି ବ୍ୟବହାର କରିପାରିବେ ନାହିଁ ବୋଲି ଏହି ବିଲ୍‌ରେ ଉଲ୍ଲେଖ ରହିଛି। ଫେସିଆଲ ରିକଗ୍‌ନିଶନ ଟେକ୍ନୋଲୋଜିରେ ମୁହଁର ସ୍କାନ କରିବା ଆଗରୁ ଲୋକଙ୍କର ଅନୁମତି ନେବାକୁ ବାଧ୍ୟତାମୂଳକ କରାଯିବ। କମ୍ପାନୀଗୁଡିକ ଏହାକୁ ନିଜ ମନ ମୁତାବକ କରିପାରିବେ ନାହିଁ। ଏଭଳି ଘଟଣା ପୂର୍ବରୁ ଦେଖାଯାଇଛି। ଲୋକଙ୍କର ଅନୁମତି ନ ନେଇ ମୁହଁର ସ୍କାନ୍ ସମେତ ଅନ୍ୟ ଡାଟାର ବେଆଇନ ବ୍ୟବହାର ମଧ୍ୟ ହୋଇଛି। ଏହାକୁ ଧ୍ୟାନରେ ରଖି ନୂଆ ବିଲ୍ ଆସୁଛି। ନୂଆ ଆଇନ କାର୍ଯ୍ୟକାରୀ ହେଲେ ଲୋକଙ୍କର ବାୟୋମେଟ୍ରିକ ଆଇଡେଣ୍ଟିଫାୟର ଯଥା-ଫେସ୍ ଆଇଡି, ଫିଙ୍ଗର ପ୍ରିଣ୍ଟ ଭଳି ତଥ୍ୟକୁ କମ୍ପାନୀଗୁଡିକର ବେଆଇନ ବ୍ୟବହାର ଉପରେ ବ୍ୟାନ୍ ଲାଗିବ। ନ୍ୟାଶନାଲ ବାୟୋମେଟ୍ରିକ ଇନଫରମେଶନ ପ୍ରିଭେସି ଆକ୍ଟ ୨୦୨୦ କାର୍ଯ୍ୟକାରୀ ଏ କ୍ଷେତ୍ରରେ ବିଭିନ୍ନ କଟକଣା ଲାଗିବ ବୋଲି ଜଣାପଡିଛି।

# ଡେଲ୍‌ର ପିସି ଗେମିଂ ପୋର୍ଟଫୋଲିଓ

**ଭୁବନେଶ୍ୱର,୫।୮:** ଡେଲ୍ ଟେକ୍ନୋଲୋଜି ଓ ଏଲିଏନ୍‌ୱେୟାର ପକ୍ଷରୁ ପିସି ଗେମିଂ କ୍ଷେତ୍ରରେ ଭାରତରେ ଏଲିଏନ୍‌ୱେୟାର ଏମ୍୧୫, ଆର୍୩, ଡେଲ୍ ଜି୫,୧୫ଏସ୍‌ଇ, ଡେଲ୍ ଜି୩ ଓ ୧୫ ସହ ନୂଆ ଗେମିଂ ପୋର୍ଟଫୋଲିଓର ଶୁଭାରମ୍ଭ କରାଯାଇଛି। ଦେଶର ଗେମିଂ ପିସି ପାଇଁ ଏକ ନୂତନ ଓ ବିକଶିତ ବଜାରକୁ ଧ୍ୟାନରେ ରଖି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। କମ୍ପାନୀ ପକ୍ଷରୁ ୨୦୧୭ରେ ଡେଲ୍ ଜି ସିରିଜ ଗେମିଂ ଲାପ୍‌ଟପ୍‌ର ଶୁଭାରମ୍ଭ କରାଯାଇଥିଲା। ପେସାଦାର ଗେମରଙ୍କ ମଧ୍ୟରେ ଡେଲ୍ ଜି ସିରିଜର ବର୍ଦ୍ଧିତ ଲୋକପ୍ରିୟତା ସହ ଡେଲ୍ ଉପଭୋକ୍ତାଙ୍କ ଗେମ୍ ଫଙ୍କସନାଲିଟି ଓ ପ୍ରଦର୍ଶନକୁ ଏକତ୍ରିତକରି ଏହି ଜି ସିରିଜ ପୋର୍ଟଫୋଲିଓ ପ୍ରସ୍ତୁତି କରାଯାଇଛି ବୋଲି ଡେଲ୍ ଟେକ୍ନୋଲୋଜି ଇଣ୍ଡିଆ ଉପଭୋକ୍ତା ଓ କ୍ଷୁଦ୍ର ବ୍ୟବସାୟ ବିଭାଗର ଉପାଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ରାଜକୁମାର ରିଷି ସୂଚନା ଦେଇଛନ୍ତି।

# ମେରିଟ୍‌ନେଶନ ଛାତ୍ରୀଛାତ୍ରଙ୍କ ସଫଳତା

**ନୂଆଦିଲ୍ଲୀ,୫।୮**

ମେରିଟନେଶନର ଛାତ୍ରୀଛାତ୍ର ୧୦ ଏବଂ ଦ୍ୱାଦଶ ସିବିଏସ୍‌ଇ ପରୀକ୍ଷାରେ ସଫଳତା ହାସଲ କରିଛନ୍ତି। ଏହା ଆକାଶ ଏଜୁକେଶନାଲ ସର୍ଭିସ ଲିମିଟେଡ୍‌ର ସହାୟକ କମ୍ପାନୀ ଆକାଶ ଏଡୁଟେକ୍ ପ୍ରାଇଭେଟ ଲିମିଟେଡ୍‌ର ଅଂଶ। ଏହି ୨ଟି ଶ୍ରେଣୀରୁ ୯୦%ରୁ ଊର୍ଦ୍ଧ୍ୱ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କ ସଂଖ୍ୟାରେ ୪ ଗୁଣ ବୃଦ୍ଧି ଘଟିଛି। ଦଶମ ଶ୍ରେଣୀର ୬୮% ଛାତ୍ରୀଛାତ୍ର ଗଣିତରେ ୯୫%ରୁ ଊର୍ଦ୍ଧ୍ୱ ନମ୍ବର ରଖିଛନ୍ତି। ସେହିଭଳି ୧୦ ଶ୍ରେଣୀର ୬୯% ଛାତ୍ରୀଛାତ୍ର ବିଜ୍ଞାନରେ ୯୦%ରୁ ଅଧିକ ନମ୍ବର ରଖିଥିବା ଜଣାପଡିଛି। ଯୁକ୍ତ ୨ର ୫୪% ଛାତ୍ରୀଛାତ୍ର ଗଣିତରେ ୯୫%ରୁ ଅଧିକ ନମ୍ବର ରଖିଛନ୍ତି। ପରୀକ୍ଷାରେ ଭଲ କରିଥିବା ପିଲାମାନଙ୍କୁ ଆକାଶ ଏଡୁଟେକ ପ୍ରାଇଭେଟ ଲିମିଟେଡ୍‌ର ସିଇଓ ନରସିମା ଜୟକୁମାର ସୂଚନା ଦେଇଛନ୍ତି।

# ସାମ୍‌ସଙ୍ଗ ପକ୍ଷରୁ ନୂଆ ଯୋଜନା

**ଭୁବନେଶ୍ୱର,୫।୮**

ସାମ୍‌ସଙ୍ଗ୍ ପକ୍ଷରୁ ନୂଆ କରି ୩ଟି ଅଭିନବ ଯୋଜନାର ଶୁଭାରମ୍ଭ କରାଯାଇଛି। ସେହିଭଳି କମ୍ପାନୀ ତା'ର ଅନ୍‌ଲାଇନ୍ ଷ୍ଟୋର ସାମ୍‌ସଙ୍ଗ୍ ଡଟ୍ କମ୍‌ରେ ଏହାର ପ୍ରଡକ୍ଟ ଉପରେ ଆକର୍ଷଣୀୟ ଅଫର୍ ଦେଉଛି। ଏହି ଅଫର୍ କେବଳ ଅନ୍‌ଲାଇନ୍‌ରେ ନିଜ ପସନ୍ଦର ସାମ୍‌ସଙ୍ଗ୍ ଡିଭାଇସ୍ କିଣୁଥିବା ଗ୍ରାହକମାନଙ୍କ ପାଇଁ ଉପଲବ୍ଧ ରହିଛି। କମ୍ପାନୀର ଏହି ୩ଟି ନୂଆ ଯୋଜନା ହେଉଛି ସାମସଙ୍ଗ୍ ରେଫରାଲ ପ୍ରୋଗ୍ରାମ, ସାମ୍‌ସଙ୍ଗ ଷ୍ଟୁଡେଣ୍ଟ ପ୍ରୋଗ୍ରାମ ଓ ସାମ୍‌ସଙ୍ଗ ଶପ୍-୨୦କେ ଆଡଭାଣ୍ଟେଜ ଯାହା ସାମ୍‌ସଙ୍ଗ୍ ଗ୍ରାହକମାନଙ୍କୁ ରିୱାର୍ଡ ପ୍ରଦାନ କରିବ। ତା ସହ ଜେନ ଜେଡ ଓ ମିଲେନିଆଲ ଉପଭୋକ୍ତାମାନେ ମଧ୍ୟ ଛାତ୍ରୀଛାତ୍ରଙ୍କ ପାଇଁ ସାମସଙ୍ଗ୍ ଡଟ୍ କମ୍‌ରେ ଅନ୍‌ଲାଇନ ଶପିଂ କରିବା ସମୟରେ ମୂଲ୍ୟ ପ୍ରସ୍ତାବକୁ ଉନ୍ନତ କରିବ ବୋଲି ସାମ୍‌ସଙ୍ଗ ଇଣ୍ଡିଆର ବରିଷ୍ଠ ଉପାଧ୍ୟକ୍ଷ ଆସିମ୍ ୱାରିସ ସୂଚନା ଦେଇଛନ୍ତି।

# ସଦେଇପାଲି-ବଲାଙ୍ଗୀର ଲାଇନ କାର୍ଯ୍ୟକ୍ଷମ

**ଭୁବନେଶ୍ୱର,୫।୮**

ପଶ୍ଚିମ ଓଡ଼ିଶାରେ ଦୀର୍ଘଦିନ ଧରି ପଡ଼ି ରହିଥିବା ୨୨୦ କେ.ଭି. ସଦେଇପାଲି-ବଲାଙ୍ଗୀର ବିଦ୍ୟୁତ୍ ଲାଇନ୍‌ର କାର୍ଯ୍ୟ ନିକଟରେ ସମ୍ପୂର୍ଣ୍ଣ ହୋଇଛି। କାର୍ଯ୍ୟ ଶେଷ ପରେ ପଶ୍ଚିମ ଓଡ଼ିଶାକୁ ୨୨୦ କେ.ଭି.ର ଅତିରିକ୍ତ ବିଦ୍ୟୁତ୍ ଶକ୍ତି ଯୋଗାଣର ବ୍ୟବସ୍ଥା କରାଯାଇଛି। ପଶ୍ଚିମ ଓଡ଼ିଶାର ବଲାଙ୍ଗୀର , ନୂଆପଡ଼ା, ସୋନପୁର, କଳାହାଣ୍ଡି ଏବଂ ବୌଦ୍ଧ ଜିଲାରେ ସର୍ବାଧିକ ବିଦ୍ୟୁତ୍ କାଟ ହେଉଥିଲା। ଏହି ଅତିରିକ୍ତ ୨୨୦ କେ.ଭି. ଲାଇନ୍ କାର୍ଯ୍ୟକ୍ଷମ ହେବା ଫଳରେ ଏହି ସବୁ ଜିଲାବାସୀ ଉନ୍ନତ ବିଦ୍ୟୁତ୍ ସେବା ପାଇବେ। ଏହାକୁ ମିଶାଇ ୨ଟି ୨୨୦ କେ.ଭି. ଲାଇନ ହେବା ଫଳରେ ପଶ୍ଚିମ ଓଡ଼ିଶାରେ ବିଦ୍ୟୁତ୍ ଲୋଡ୍ ବାଣ୍ଟି ହୋଇଯିବ। ଫଳରେ ଘରୋଇ ଉପଭୋକ୍ତାଙ୍କ ସହ କୃଷି ଓ କୃଷିଭିତ୍ତିକ ଉଦ୍ୟୋଗଗୁଡିକ ପାଇଁ ଉଦ୍ଦିଷ୍ଟ ବିଦ୍ୟୁତ୍ ଫିଡର୍‌କୁ ମଧ୍ୟ ଅତି ଉଚ୍ଚମାନର ଭୋଲ୍‌ଟେଜ୍ ମିଳିବ। ପଶ୍ଚିମ ଓଡ଼ିଶାରେ ବିଦ୍ୟୁତ୍ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଆଉ ୨ଟି ଲାଇନ ଯଥା ବଲାଙ୍ଗୀର-କେସିଙ୍ଗା ଏବଂ ସଦେଇପାଲି-କେସିଙ୍ଗା ଲାଇନ୍ ପାଇଁ କାମ ଚାଲିଛି ବୋଲି ଓପିଟିସିଏଲ୍‌ର ଅଧ୍ୟକ୍ଷ ସୌରଭ ଗର୍ଗ ସୂଚନା ଦେଇଛନ୍ତି।

# ପେଟ୍ରୋଲ,ଡିଜେଲ ମାର୍କେଟିଂ ନିୟମ ସରଳ ହେଲା

**ନୂଆଦିଲ୍ଲୀ,୫।୮**




ପେଟ୍ରୋଲ ଏବଂ ଡିଜେଲ ମାର୍କେଟିଂ କ୍ଷେତ୍ରରେ ଅଧିକ ଘରୋଇ କ୍ଷେତ୍ରର ଅଂଶଗ୍ରହଣ ଲାଗି ସରକାର ନିୟମକୁ ସରଳ କରିଥିବା ଜଣାପଡିଛି। ବର୍ତ୍ତମାନ ପେଟ୍ରୋଲ ଏବଂ ଡିଜେଲ ରିଟେଲ କାରବାରକୁ ପ୍ରବେଶ କରିବାକୁ କମ୍ପାନୀଗୁଡିକୁ ଅତି କମ୍‌ରେ ୧୦୦ ରିଟେଲ ଆଉଟଲେଟ ସ୍ଥାପନ କରିବାକୁ ପଡିବ। ନୂଆ ଗାଇଡ୍‌ଲାଇନ ମୁତାବକ କମ୍ପାନୀଗୁଡିକ ସିଧାସଳଖ ଏ ଦିଗରେ ମନ୍ତ୍ରଣାଳୟରେ ଆବେଦନ କରିପାରିବେ। ଏହା ସହ କମ୍ପାନୀଗୁଡିକ ନେଟ୍‌ଓର୍ଥ ବା ସମ୍ପତ୍ତି ୨୫୦ କୋଟି ଟଙ୍କା ହୋଇଥିବା ଆବଶ୍ୟକ। ପରିବର୍ତ୍ତିତ ନିୟମ ଦ୍ୱାରା ଦେଶ ମଧ୍ୟରେ ଇନ୍ଧନ ମାର୍କେଟିଂ ସହଜ ହେବ ବୋଲି ସରକାର କହିଛନ୍ତି। ଘରୋଇ କ୍ଷେତ୍ର ସମେତ ବିଦେଶୀ କମ୍ପାନୀଗୁଡିକ ବର୍ତ୍ତମାନ ଇନ୍ଧନର ବହୁଳ କିମ୍ବା ରିଟେଲ ମାର୍କେଟିଂ କରିପାରିବେ। ଏ କ୍ଷେତ୍ରରେ ରିଟେଲ ନେଟ୍‌ୱର୍କକୁ ବଢାଇବା ଏବଂ ବିକଳ୍ପ ଇନ୍ଧନ ବ୍ୟବହାରକୁ ଉତ୍ସାହିତ କରିବା ଦିଗରେ ସରକାର ବିଭିନ୍ନ ପଦକ୍ଷେପ ହାତକୁ ନେଉଛନ୍ତି। ଏଭଳି ବିଭିନ୍ନ ଯୋଜନା ଦ୍ୱାରା ଗ୍ରାହକଙ୍କୁ ଗୁଣବତ୍ତା ସେବା ଯୋଗାଣ ଦିଗରେ କାର୍ଯ୍ୟକ୍ରମ ଜାରି ରହିଛି। ବର୍ତ୍ତମାନ ପର୍ଯ୍ୟନ୍ତ ପେଟ୍ରୋଲ ଡିଜେଲର ବିପଣନ କାମ କେବଳ ଅଧିକାଂଶ ରାଷ୍ଟ୍ରାୟତ୍ତ କମ୍ପାନୀଗୁଡିକ କରୁଥିଲେ। ଏଥିରେ ଇଣ୍ଡିଆନ ଅଏଲ, ହିନ୍ଦୁସ୍ଥାନ ପେଟ୍ରୋଲିୟମ, ଭାରତ ପେଟ୍ରୋଲିୟମ, ଏନ୍‌ଆର୍‌ଏଲ୍, ଏମ୍‌ଆର୍‌ପିଏଲ୍, ବିଓଆର୍‌ଏଲ୍ , ରିଲାଏନ୍ସ, ଏସାର ଏବଂ ସେଲ୍ ଭଳି କିଛି ମାତ୍ର କମ୍ପାନୀ ରହିଥିଲେ। ଗ୍ରାମାଞ୍ଚଳରେ ରିଟେଲ ନେଟ୍‌ୱର୍କକୁ ବଢାଇବା ଲାଗି ସରକାର କାର୍ଯ୍ୟ କରୁଥିବା କହିଛନ୍ତି।

**ପୌରପାଳିକା କାର୍ଯ୍ୟାଳୟ, ଅନୁଗୋଳ**
**EXPRESSION OF INTEREST**
ନୋଟିସ ସଂଖ୍ୟା: ୩୪୯୬ ତା୦୫।୦୮।୨୦୨୦
ଏତଦ୍ୱାରା ଅନୁଗୋଳ ପୌରାଞ୍ଚଳରେ ଅନୁବନ୍ଧିତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (WSHG) ଏବଂ ଏରିଆ ଲେବୁଲ୍ ଫେଡ୍ରେସନ (ALF)ଙ୍କ ଠାରୁ ଅନୁଗୋଳ ପୌରପାଳିକା ଅଞ୍ଚଳରେ ୱାର୍ଡ ନଂ. ୦୮, ୧୪, ୧୯ରେ ସ୍ଥାପିତ ତିନି ଗୋଟି MCC (ମାଇକ୍ରୋ କମ୍ପୋଷ୍ଟ ସେଣ୍ଟର) ପରିଚାଳନା ନିମନ୍ତେ ଏକ ବର୍ଷ ପାଇଁ Expression of Interest ଆହ୍ୱାନ କରାଯାଉଛି।
ଆଗ୍ରହୀ WSHG ଏବଂ ALFମାନେ ଆସନ୍ତା ୧୪।୦୮।୨୦୨୦ ସୁଦ୍ଧା ପୌର କାର୍ଯ୍ୟାଳୟରେ ନିଜ WSHG/ALFର ରିଜୋଲେସନର ନକଲ ସହିତ ମାସିକ ପରିଚାଳନାଗତ ଖର୍ଚ୍ଚ (ଟଙ୍କାରେ ଦର୍ଶାଇ) ଜଉମୁଦ ଲଫାପାରେ ଦାଖଲ କରିବେ।
ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ, ପୌରପାଳିକା, ଅନୁଗୋଳ

**OFFICE OF THE COLLECTOR & DISTRICT MAGISTRATE, KALAHANDI**
**BHAWANIPATNA-766001 (ODISHA)**
**(Social Welfare Section)**
Sealed tenders are hereby invited from the intending individuals/company/firm and corporation having valid agent licence for transporting of food stuff under SNP/SAG feeding programme of Kalahandi District during the year 2020-2021. The tender papers shall be received by the District Social Welfare Officer, Kalahandi by Registered Post / Speed Post on or before **26.8.2020 upto 5.00 P.M.** The tender papers will be opened on **27.8.2020 at 3.00 P.M.** The details terms and conditions may be downloaded from the District website **www.Kalahandi.nic.in**.
**Sd./-District Social Welfare Officer**
**Kalahandi**

**OFFICE OF THE CDM & PHO, NAYAGARH**
**NOTICE FOR COVID-19 PARAMEDICS**
Merit list of the candidates appeared in the Walk-in-Interview on 22 & 23 July, 2020 for empanelment of unemployed trained ANM, Staff Nurse & Pharmacist having registration No. to be engaged on daily wage basis in the Gram Panchayat Level Covid Care Homes of Nayagarh distrct on short term (Daily Wages basis) for a period of three months are available in the district website **www.nayagarh.nic.in**. Candidates in the merit list are requested to appear in person positively on Dtd.07.08.2020 for giving their option for place of engagement as per the schedule and venue mentioned in the website.
No candidate will be allowed to appear after the stipulated time period fixed for the process and same position will be filled up by other candidates from the merit list.
**Sd./- Chief District Medical &**
**Public Health Officer, Nayagarh**

**TENDER CALL NOTICE**
**Tender Notification No. 446** **Date: 04.08.2020**
No. L-23: Assistant Director of Horticulture, Deogarh, Dist.- Deogarh invites Technical & Financial Bid from the registered firms and producers for supply of lemon grass slips verity- Krishan (Cymhpigon Flexosus) for utilization in MGNREGA plantations during 2020-21. An earnest money of EMD Rs.5000/- (Five thousand) only per product and tender must be accompanied with EMD in shape of BD in any Nationalized bank payable at Deogarh in favour of Asst. Director of Horticulture, Deogarh. The tender paper can be obtained from the undersigned on payment of Rs.500/- (Five hundred) only which is non-refundable, in working days from the date of publication of this notice. The tender paper must be attached with the MR of Rs.500/-.
Tender paper completed in all respect along with required document should reach at office of ADH, Deogarh on or before Dt.21.08.2020.

| | |
|---|---|
| Date of Closing of Seal Tender Paper | Dt.21.08.2020 at 5.00 P.M. |
| Date of Opening of Seal Tender Paper | Dt.26.08.2020 at 3.30 P.M. |

**Sd./- Asst. Director of Horticulture, Deogarh**
**OIPR-01038/11/0005/2021**

**ODISHA SPACE APPLICATIONS CENTRE (ORSAC)**
**(Dept. of Science & Technology, Govt. of Odisha)**
**Plot No. 45/48, Jayadev Vihar, Unit-16, Bhubaneswar-23**
**RECRUITMENT NOTICE No. 01/20**
No. CAD-325: The written & practical test scheduled to be held on **12.08.2020** for Accounts Officer is hereby postponed due to prevailing COVID-19 pandemic. Futher date will be duly notified later on.
For details, please visit **http://www.orsac.gov.in** or **www.odisha.gov.in**.
**Chief Executive**
**OIPR-28007/11/0003/2021**

**THE ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES
**NIT**
No. CAD-324:- Open Tender is hereby invited from the intending bidders having travels agency / partnership firm towards engagement of 01 No. A.C. Scorpio on 12 hrs hiring basis at R.O., Barbil for the year 2020-21 and it will be valid for 03 years w.e.f. 01.09.2020. All the informations relating to the tender are available in the OMC Website i.e. **"www.omcltd.in"**.
**Regional Manager**
**OIPR-30005/11/0054/2021**

**ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ**
**ତେଲ ଜଳସେଚନ ବିଭାଜନ, ସୋନପୁର**
**OFFICE OF THE EXECUTIVE ENGINEER**
**TEL IRRIGATION DIVISION, SONEPUR**
**NOTICE FOR CONTRACT/AGREEMENT TERMINATION**
The Executive Engineer, Tel Irrigation Division, Sonepur, in the event of death of Late Chandra Sekhar Mohapatra, Special Class Contractor on dated 08.06.2020 (Certificate of Death issued by the Registrar, Angul Municipality, Tahasil Angul), the Contract/Agreement drawn with Late Chandra Sekhar Mohapatra vide this office Agreement No.15P1/2019-20 Dated 21.01.2020 for the work. "Renovation of Saradhapali Distributary off-taking at RD. 5000m of Champamal Distributary of Hariharjore Irrigation Project, Birmaharajpur (RD. 0.000km to RD. 4.475 km and Saradhapali minor RD. 0.785 km to RD. 4.080 km" invited vide e-Procurement Notice No.CE&BM, TEL of 2018-19 & BID Identification No. CETEL BOLID 01 of 2018-19 is hereby terminated and closed.
**Sd./- Executive Engineer**
**Tel Irrigation Division, Sonepur**

**OFFICE OF THE MUNICIPAL COUNCIL, JATNI**
**Phone: 0674-2490826, Mail-piplinac@gmail.com**
No.2208 Date: 04.08.2020
**'e' Procurement Notice**
Bid documents consisting of cost of tender paper, EMD, time of completion from registered Service Provider/Agencies/Firm having expertise in the field to engage the manpower for different category indicated in the bid and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in

| | | |
|---|---|---|
| 1. | Tender Reference No. | : EO/JMC(S)/02/2020-21 |
| 2. | Tender I.D. No. | : 2020_ORULB_62144_Pack1 |
| 3. | Name of the work | : Supply of Manpower for Sanitation works as mentioned. in website. |
| 5. | Approximately monthly cost | : Rs.18,87,258.00 |
| 6. | Period of completion | : 30 days |
| 7. | Date & time of bidding | : 06.08.2020 to 21.08.2020 upto 5 P.M. |
| 8. | Last date & time for receipt of bids in the portal | : 21.08.2020 upto 5 P.M. |
| 9. | Submission of original documents (TP cost, EMD, Affidavit etc as per DTCN) | : On or before 25.08.2020 upto 11 A.M. (Physically produce to the Officer inviting the bid or through Registered Post/Speed Post) |
| 10. | Bids received online shall be opened on | : 25.08.2020 at 11.30 A.M. |
| 11. | Name and address of the Officer inviting bid | : Executive Officer, Jatni Municipality |

Further details can be seen from the procurement portal i.e. www.tendersorissa.gov.in
**Sd./- Executive Officer, Jatni Municipality**

# ସଙ୍କଟରେ କୁମ୍ଭକାର ପରିବାର

ନରେଶ ଚନ୍ଦ୍ର ପଟ୍ଟନାୟକ
କେନ୍ଦୁଝର, ୫।୮

ଖରାଦିନ ଆସିଲେ ଟିକେ ଥଣ୍ଡା ପାଣି ପାଇବା ପାଇଁ ଖୋଜା ପଡେ ହାଣ୍ଡି, ମାଠିଆ, ସୁରେଇ। ସେତେବେଳେ ସମସ୍ତଙ୍କର କୁମ୍ଭକାରମାନଙ୍କ କଥା ମନେପଡ଼େ। ଆଜିକାର ପ୍ଲାଷ୍ଟିକ୍, ଷ୍ଟିଲ, ସିଲଭର ବାସନ ଯୁଗରେ ପ୍ରୋତ୍ସାହନ ଅଭାବରୁ ଏହି ବେଉଷା ବୁଡିଯିବାକୁ ବସିଥିଲେ ହେଁ ଅନେକେ ଅଭାବ ସତ୍ତ୍ୱେ ନିଜର କୌଳିକ ବୃତ୍ତିକୁ ଛାଡ଼ି ପାରୁନାହାନ୍ତି। ଏଭଳି ପରିସ୍ଥିତିରେ କରୋନା ମହାମାରୀ ସମୟରେ ଲକ୍‌ଡାଉନ ଓ ଶଟ୍‌ଡାଉନ ସେମାନଙ୍କ ସମସ୍ୟାକୁ ଦ୍ୱିଗୁଣିତ କରିଛି। ସେମାନଙ୍କ ସମସ୍ୟା କେହି ବୁଝନ୍ତି ନାହିଁ କିମ୍ବା ସହାୟତା ମିଳୁନାହିଁ। ପ୍ରତ୍ୟେକ ରବିବାର ସାପ୍ତାହିକ ହାଟରେ କେନ୍ଦୁଝର ସହରର ରାସ୍ତା କଡ଼ରେ ହାଣ୍ଡି, ମାଠିଆ ଆଦି ଧରି ବିକ୍ରିବଟା ହେଉଥିଲା। ମାତ୍ର ସପ୍ତାହାନ୍ତ ଶଟ୍‌ଡାଉନ ଫଳରେ ସେମାନଙ୍କ ଆର୍ଥିକ ସ୍ଥିତି ସଙ୍କଟରେ ରହିଛି।

କେନ୍ଦୁଝର ଜିଲାର ନେଲୁଙ୍ଗ, ହଳଧରପୁର, ବକ୍ସିବାରିଗାଁ, କରଞ୍ଜିଆ, ଟିକରପଡ଼ା, ଜାମୁନାଳିଆ, ଗୋପାଳପୁର, ପଣ୍ଡାପଡ଼ା ଆଦି ଅଞ୍ଚଳରେ ଏକ ହଜାରରୁ ଊର୍ଦ୍ଧ୍ୱ କୁମ୍ଭକାର ପରିବାର ମାଟି ସାମଗ୍ରୀ ବିକି ଚଳୁଥିଲେ। ହାଣ୍ଡି, ମାଠିଆ, ବଡ଼ା


କେନ୍ଦୁଝର ବଜାରରେ ମାଟି ସାମଗ୍ରୀର ଆସର।

- ବୁଡ଼ିବାକୁ ବସିଛି କୌଳିକ ବୃତ୍ତି
- ମିଳୁନି ପ୍ରୋତ୍ସାହନ
- ବିକ୍ରି ପାଇଁ ନାହିଁ ବଜାର ବ୍ୟବସ୍ଥା

ବ୍ୟତୀତ ମାଟିରେ ଘୋଡା, ଦୀପ ଓ ଝୁଣାଦାନି, ମାଛ, ମୂର୍ତ୍ତି ଆଦି ଗଢୁଛନ୍ତି। କିନ୍ତୁ ସେସବୁର ଚାହିଦା ଆଗଭଳି ନାହିଁ। ବହୁ ପରିବାର ଏହି ବୃତ୍ତିକୁ ଛାଡ଼ି ଅନ୍ୟ କାମ କରୁଥିବା ବେଳେ ଅନେକେ ବାପା ଦାଦା ଅମଳର କୌଳିକ ବୃତ୍ତିକୁ ଛାଡ଼ି ପାରୁ ନ ଥିବାରୁ ଦୁଃଖରେ ରହୁଛନ୍ତି। ପୂଜା ପାର୍ବଣ ଋତୁରେ ଦେବଦେବୀଙ୍କ ମୂର୍ତ୍ତି ଓ ପୂଜାରେ ଲାଗୁଥିବା ମାଟି ସାମଗ୍ରୀ ଆଦି ଗଢି ଓ ବିକ୍ରି କରି ଚଳୁଥିଲେ। ସେମାନେ ମଧ୍ୟ କରୋନା ମହାମାରୀ କଟକଣା ପାଇଁ ଚିନ୍ତାରେ ରହିଛନ୍ତି। କାଠ ଦର ମହଙ୍ଗା ହେଉଥିବାରୁ ହାଣ୍ଡି, ମାଠିଆ ଆଦି ଗଢା ଦରଦାମ ବଢିଲା। ସେହିପରି ପ୍ଲାଷ୍ଟିକ, ସିଲଭର ବାସନ କୁସନ ସାମଗ୍ରୀର ବହୁଳ ବ୍ୟବହାର ଯୋଗୁ ମାଟି ସାମଗ୍ରୀ ଚାହିଦା କମୁଛି। ଏଣୁ ଏବେ ଏହି ବୃତ୍ତି ସଙ୍କଟରେ ରହିଛି। ସରକାର ସମସ୍ତଙ୍କୁ ଆର୍ଥିକ ସହାୟତା କରିବା ସହ ଋଣ ବ୍ୟବସ୍ଥା କରି ସାମଗ୍ରୀ ବିକ୍ରି ପାଇଁ ବଜାର ବ୍ୟବସ୍ଥା କଲେ ଉପକୃତ ହୋଇ ପାରିବ ବୋଲି ନେଲୁଙ୍ଗ ଗ୍ରାମର ଦେବେନ୍ଦ୍ର ରଣା କହିଛନ୍ତି। ଖଟିଲେ ପରିବାର ଚଳାଉଛୁ। ତେବେ ସରକାରୀ ସ୍ତରରେ ପ୍ରୋତ୍ସାହନ ମିଳୁନାହିଁ। ଅନ୍ୟ ଅଞ୍ଚଳ ଭଳି ସେମାନଙ୍କୁ ତାଲିମ ମିଳିଲେ ମାଟିରୁ ଫିଲଟର ବା ଅନ୍ୟାନ୍ୟ ଟେରାକୋଟା ଭଳି ସୌଖୀନ ସାମଗ୍ରୀ ପ୍ରସ୍ତୁତ କରିପାରନ୍ତେ ବୋଲି ସେମାନେ କହିଛନ୍ତି। ହାଟବଜାରରେ ବିକିବାକୁ ନେଲେ ଅଧିକା ଖର୍ଚ୍ଚ ହେଉଛି ଏବଂ ଭାଙ୍ଗିଗଲେ ଅଧିକ କ୍ଷତି ହେଉଛି ବୋଲି ନେଲୁଙ୍ଗ ଗ୍ରାମର ସାମାଜିକକର୍ମୀ ସଞ୍ଜୟ କୁମାର ପଣ୍ଡା କହିଛନ୍ତି। ଆଗରୁ କମ୍ ଦାମରେ ଦେଉଥିଲୁ। ଏବେ ଗଢ଼ା ମୂଲ୍ୟ ବଢ଼ିଗଲା। ଯେତିକିରେ ଲାଭ ରଖି ବିକୁଛୁ କେହି ନେଉନାହାନ୍ତି। ଏଣୁ ଅନେକ ସମୟରେ କମ୍ ଦାମରେ ବିକିବାକୁ ବାଧ ହେଉଛୁ। ଲାଭ ମିଳୁ ନ ଥିବାରୁ ଆଗଭଳି ଗାଁ ଗଣ୍ଡା, ହାଟ ବଜାର ବୁଲି ବିକିପାରୁନାହୁଁ। କିଣିବା ପାଇଁ ମଧ୍ୟ କେହି ଆଗ୍ରହୀ ନୁହନ୍ତି। କେବଳ ରବିବାର ହାଟରେ କେନ୍ଦୁଝର ସହରକୁ ଆଣି ବିକି କୌଳିକ ବୃତ୍ତିକୁ ବଞ୍ଚାଇ ରଖିଛୁ। ଏବେ ସପ୍ତାହାନ୍ତ ଶଟ୍‌ଡାଉନ ସେମାନଙ୍କ ଜୀବିକା ଉପରେ କୁଠାରାଘାତ ସଦୃଶ୍ୟ ହୋଇଛି।

## ଗ୍ୟାସ୍ ଟାଙ୍କି ଫାଟି ୩ ଆହତ

ବାଲେଶ୍ୱର ଅଫିସ,୫।୮

ବାଲେଶ୍ୱର ଜିଲା ରେମୁଣା ବ୍ଲକ ରସାଲପୁର ପଞ୍ଚାୟତ ଛେଳିଆପଦା ଗାଁରେ ମଙ୍ଗଳବାର ଗ୍ୟାସ୍ ଟାଙ୍କି ଫାଟି ଜଣେ ମହିଳାଙ୍କ ସମେତ ୩ ଜଣ ଆହତ ହୋଇଛନ୍ତି। ଗୁରୁତର ଆହତ ସୌଦାମିନୀ ବେଜଙ୍କୁ କଟକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଆହତ ଅଜୟ ଦାସ ଓ ସୁରେନ୍ଦ୍ର ବେଜ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଏହି ଦୁର୍ଘଟଣାରେ ୩ ବଖରା ଘର ମଧ୍ୟ ସମ୍ପୂର୍ଣ୍ଣ ପୋଡ଼ି ଯାଇଛି। ସୂଚନା ଅନୁଯାୟୀ, ମଙ୍ଗଳବାର ସୁରେନ୍ଦ୍ର ନୂତନ ଗ୍ୟାସ୍ ଟାଙ୍କି କିଣି ଘରକୁ ଆଣିଥିଲେ। ବ୍ୟବହାର ଜାଣି ନ ଥିବାରୁ ପଡ଼ୋଶୀ ଅଜୟଙ୍କୁ ଡାକି ଗ୍ୟାସ୍ ଟାଙ୍କି ସଂଯୋଗ କରିଥିଲେ। ଏହି ସମୟରେ କୌଣସି କାରଣରୁ ନିଆଁ ଲାଗିଯାଇ ଟାଙ୍କି ଫାଟି ଯାଇଥିଲା। ଫଳରେ ଟାଙ୍କି ନିକଟରେ ଥିବା ସୌଦାମିନୀ ଗୁରୁତର ଆହତ ହେବା ସହିତ ସୁରେନ୍ଦ୍ର ଓ ଅଜୟଙ୍କ ଶରୀରରେ ନିଆଁ ଲାଗି ଯାଇଥିଲା। ବିସ୍ଫୋରଣ ଶବ୍ଦ ଶୁଣି ପଡ଼ୋଶୀ ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

## ଜାମ୍‌ରେ ୪ ଘଣ୍ଟା ଫସିଲା ଆମ୍ବୁଲାନ୍ସ

କେନ୍ଦୁଝର, ୫।୮ (ସ୍ୱ.ପ୍ର.)

କେନ୍ଦୁଝର ଜିଲାରେ ବହୁ ସଂଖ୍ୟାରେ ଟ୍ରକ ଓ ଟ୍ରେଲରରେ ଲୁହାପଥର ପରିବହନ ଯୋଗୁ ଦୁର୍ଘଟଣା ଘଟି ଧନଜୀବନ ହାନୀ ଘଟିବା ସହ ଟ୍ରାଫିକ ସମସ୍ୟା ଦିନକୁ ଦିନ ଗୁରୁତର ହୋଇ ପଡୁଛି। ଏପରିକି ଯାତ୍ରୀବାହୀ ଗାଡି ତ ଦୂରର କଥା ଆମ୍ବୁଲାନ୍ସ ଚଳାଚଳ ହୋଇ ପାରୁନାହିଁ। ରାସ୍ତାରେ ଆମ୍ବୁଲାନସ ଘଣ୍ଟା ଘଣ୍ଟା ଧରି ଅଟକି ରହିବା ଫଳରେ ରୋଗୀ ଗୁରୁତର ହୋଇ ପଡୁଛନ୍ତି। ଏଭଳି ମଙ୍ଗଳବାର ଯୋଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଚମ୍ପୁଆ ଉପଖଣ୍ଡ ମେଡିକାଲକୁ ଜଣେ ୫୫ ବର୍ଷୀୟ ରୋଗୀ ସ୍ଥାନାନ୍ତରଣ ବେଳେ ଅଧାବାଟରେ ଦୀର୍ଘ ୪ ଘଣ୍ଟା ଧରି ଅଟକ ରହିବା ଘଟଣା ରୋଗୀଙ୍କ ସୁରକ୍ଷିତ ଯାତ୍ରାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସମ୍ପୃକ୍ତ ରୋଗୀଜଣଙ୍କ ରକ୍ତଚାପ ରୋଗରେ ପିଡିତ ଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଯୋଡାରୁ ଆମ୍ବୁଲାନ୍ସରେ ମଧ୍ୟାହ୍ନ ପ୍ରାୟ ୧୨ ଟାରେ ଚମ୍ପୁଆ ଉପଖଣ୍ଡ ଡାକ୍ତରଖାନାକୁ ପଠାଇଦିଆଯାଇଥିଲା। କିନ୍ତୁ ରଣାଶାଳଘାଟିରୁ ବିଲେଇପଦା ଓ ବାସୁଦେବପୁର ପର୍ଯ୍ୟନ୍ତ ରାସ୍ତାରେ ଟ୍ରକ ଜାମ ଯୋଗୁ ୪ ଘଣ୍ଟା ଅଟକି ରହିଥିଲେ। ଫଳରେ ସନ୍ଧ୍ୟା ପ୍ରାୟ ୬.୩୦ ରେ ଚମ୍ପୁଆରେ ପହଞ୍ଚିଥିଲେ। ଯଦିଓ ତାଙ୍କ ଅବସ୍ଥା ଭଲ ରହିଛି ତେବେ ଅଧିକ ବିଳମ୍ବ ହୋଇଥିଲେ ପରିସ୍ଥିତି ଗୁରୁତର ହୋଇ ପଡିବା ଆଶଙ୍କା ଥିଲା। ଏଭଳି ଘଟଣା ଏଠାରେ ନିତିଦିନିଆ ହୋଇ ପଡିଛି। ଏସମ୍ପର୍କରେ ଚମ୍ପୁଆ ଉପଖଣ୍ଡ ମେଡିକାଲ ଅଫିସର ଡକ୍ଟର ଉମାକାନ୍ତ ସାହୁ କହିଛନ୍ତି ଯେ ଉକ୍ତ ରୋଗୀଙ୍କ ଅବସ୍ଥା ଭଲ ରହିଛି। ଟ୍ରକ ଦ୍ୱାରା ରାସ୍ତାଜାମ ଯୋଗୁଁ ରୋଗୀ ନେବା ଆଣିବାରେ ସମସ୍ୟା ସୃଷ୍ଟି ହେଉଛି। ଏପରିକି ମେଡିକାଲ କର୍ମଚାରୀ ମାନେ ମଧ୍ୟ ଯାତାୟାତ କରିବାରେ ସମସ୍ୟା ଭୋଗୁଛନ୍ତି। ତେବେ ଏହି ସମସ୍ୟାର ସ୍ଥାୟୀ ସମାଧାନ ହେଉ ନ ଥିବାରୁ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ବ୍ୟାଙ୍କ ୪୮ ଘଣ୍ଟା ପାଇଁ ବନ୍ଦ

**ଭଦ୍ରକ ଅଫିସ,୫।୮:** ବୁଧବାର ଭଦ୍ରକ ଜିଲାରୁ ପୁଣି ୨୨ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଜିଲାର ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ପହଞ୍ଚିଛି ୭୩୯। ସେମାନଙ୍କ ମଧ୍ୟରେ ଜଣେ ମାତ୍ର ସଙ୍ଗରୋଧ କେନ୍ଦ୍ରରୁ ହୋଇଥିବା ବେଳେ ୨୧ ଜଣ ସ୍ଥାନୀୟ ଆକ୍ରାନ୍ତ ବୋଲି ଚିହ୍ନଟ ହୋଇଛନ୍ତି। ପର୍ଯ୍ୟାୟକ୍ରମେ ସ୍ଥାନୀୟ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାରୁ ଜିଲାବାସୀ ଆତଙ୍କିତ ହୋଇପଡ଼ିଲେଣି। ଏ ପର୍ଯ୍ୟନ୍ତ ଜିଲାରୁ ୬୦୫ ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ୧୩୨ଜଣ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ଧାମନଗର ଏନ୍‌ଏସି ଅନ୍ତର୍ଗତ ଏକ ବ୍ୟାଙ୍କରୁ ୨ଜଣ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ଭଦ୍ରକର ଏକ ବ୍ୟାଙ୍କରୁ ଜଣେ କର୍ମଚାରୀ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ଏହି ବ୍ୟାଙ୍କ ଗୁଡ଼ିକୁ ୪୮ ଘଣ୍ଟା ପାଇଁ ଶଟ୍ ଡାଉନ କରାଯାଇଛି। ପୌରପାଳିକା ପକ୍ଷରୁ ବ୍ୟାଙ୍କ୍‌କୁ ସାନିଟାଇଜ କରାଯାଇଛି। ଅନ୍ୟପକ୍ଷରେ ଚିହ୍ନଟ ଅଞ୍ଚଳକୁ ଜିଲାପାଳ ଡ. ଜ୍ଞାନରଞ୍ଜନ ଦାସ କଣ୍ଟେନମେଣ୍ଟ ଜୋନ୍ ଭାବେ ଘୋଷଣା କରି କଟକଣା ଜାରି କରିଛନ୍ତି।

### ଯୁବତୀଙ୍କୁ ପ୍ରତାରଣା, ଅଭିଯୁକ୍ତ ଗିରଫ

**ବାରିପଦା ଅଫିସ,୫।୮:** ମୟୂରଭଞ୍ଜ ଜିଲା ବାରିପଦା ସଦର ଥାନା ଅଞ୍ଚଳର ଜନୈକା ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ବୈଶିଙ୍ଗା ଥାନା ଅଧୀନ କଳମା ଗ୍ରାମର ରାଜୀବ ମହାପାତ୍ର। ଫେସବୁକ୍ ଜରିଆରେ ସମ୍ପୃକ୍ତ ଯୁବତୀଙ୍କ ସହ ବନ୍ଧୁତା ସୃଷ୍ଟି କରି ରାଜୀବ ବିବାହ ପ୍ରତିଶ୍ରୁତି ଦେଇଥିଲେ। ତେବେ ଦୀର୍ଘ ଦିନ ଧରି ବିବାହ ନ କରିବାରୁ ଯୁବତୀ ଜଣକ ଥାନାରେ ଅଭିଯୋଗ କରିଥିଲେ। ଏନେଇ ଥାନାରେ ଏକ ମାମଲା(ନଂ.୫୦୬/୨୦) ରୁଜୁ ହୋଇଛି।

### ଅବକାରୀ ଚଢ଼ାଉ, ୪ ଗିରଫ

**ଖୁଣ୍ଟା,୫।୮(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ଖୁଣ୍ଟା ଅବକାରୀ ବିଭାଗ ବୁଧବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବେଆଇନ ମଦ ବ୍ୟବସାୟରେ ଲିପ୍ତ ଥିବା ୩ ମହିଳା ଓ ଜଣେ ପୁରୁଷଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୨୬ ଲିଟର ଦେଶୀ ଓ ୪ ଲିଟର ବିଦେଶୀ ମଦ ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ମହୁଲିଆ ଗ୍ରାମର ଡାଙ୍ଗୀ ହେମ୍ବ୍ରମ, ଘାଗରା ଗ୍ରାମର ମଞ୍ଜରୀ ବାଘରାୟ, ସାନବେଲାକୁଟି ଗ୍ରାମର ଗଜେନ୍ଦ୍ର ବାରିକ ଓ ଚତୁରୀ ଗ୍ରାମର ସୁକୁମାରି ସାହୁ। ଖୁଣ୍ଟା ଅବକାରୀ ଥାନା ଅଧିକାରୀ ରାଜୀବ କୁମ୍ଭାରଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା।

### ଆଇଆଇସି କରୋନା ପଜିଟିଭ

**ଧାମନଗର,୫।୮(ଡି.ଏନ.ଏ.):** ଧାମନଗର ବ୍ଲକ ଅଞ୍ଚଳର ଧୁଷୁରୀ ଥାନା ଆଇଆଇସି କରୋନା ସଂକ୍ରମିତ ହୋଇଛନ୍ତି। ଏନେଇ ସଂକ୍ରମିତଙ୍କୁ ଭଣ୍ଡାରୀ ପୋଖରୀ କୋଭିଡ ହସପିଟାଲକୁ ନିଆଯାଇଥିବାବେଳେ ଥାନା ପରିସରକୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରି ଯାତାୟାତ ବନ୍ଦ ରଖା ଯାଇଛି।


ଦାବିପତ୍ର ଦେବାକୁ ଆସିଥିବା କଂଗ୍ରେସ କର୍ମକର୍ତ୍ତା।

## ମନଇଚ୍ଛା ଫି ଆଦାୟକୁ ବିରୋଧ

କେନ୍ଦୁଝର, ୫।୮ (ସ୍ୱ.ପ୍ର./ଡି.ଏନ୍.ଏ)

**କଂଗ୍ରେସର ଦାବିପତ୍ର**

ଦୀର୍ଘ ୫ ମାସ ହେଲା କରୋନା ମହାମାରୀ ଯୋଗୁ ଲୋକ ମାନଙ୍କ ଆର୍ଥିକ ସ୍ଥିତି ଦୋହଲିଯାଇଛି। ମାର୍ଚ୍ଚ ମାସ ଠାରୁ ପିଲା ମାନେ ସ୍କୁଲ କିମ୍ବା କଲେଜ ମାଟି ମାଡି ନାହାନ୍ତି। ମାସେ ବା ଦେଢ ମାସ ହେଲା ଅନଲାଇନ ଶିକ୍ଷା ଆରମ୍ଭ ହୋଇଛି। ୬୦ ପ୍ରତିଶତ ପିଲା ଙ୍କ ପାଖରେ ସ୍ମାର୍ଟ ଫୋନ କିମ୍ବା ଲ୍ୟାପଟପ ନାହିଁ। ଫଳରେ ବିକଳ୍ପ ଭାବରେ ପ୍ରଦାନ କରାଯାଉଥିବା ଅନଲାଇନ ପାଠପଢା ପ୍ରହସନ ହୋଇପଡିଛି। ତେବେ ଏଭଳି ସ୍ଥିତିରେ ସରକାରଙ୍କ ତାଗିଦ କୁ ଫୁ କରି କେତେକ ଘରୋଇ ଶିକ୍ଷାନୁଷ୍ଠାନ ମାନେ ଅନଲାଇନ ପରୀକ୍ଷା ପୂର୍ବରୁ ମନଇଚ୍ଛା ଫି ଆଦାୟ କରୁଥିବାରୁ ଅଭିଭାବକଙ୍କ ଉପରେ ଚାପ ପଡୁଛି। ଏଣୁ ଏନେଇ ଜିଲା ପ୍ରଶାସନ ରାଜ୍ୟ ସରକାରଙ୍କ ସହିତ ଆଲୋଚନା କରି ଘରୋଇ ଶିକ୍ଷାନୁଷ୍ଠାନ ମାନଙ୍କ ମନଇଚ୍ଛା ଫି ଆଦାୟ ଉପରେ ଅଙ୍କୁଶ ଲଗାଇବାକୁ କେନ୍ଦୁଝର ଜିଲା କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଏନେଇ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲା କଂଗ୍ରେସ କମିଟି ସଭାପତି ମହୋନ ପରିଡାଙ୍କ ନେତୃତ୍ୱରେ ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପିସିସି ସଂପାଦକ ସଂଗ୍ରାମ ଦାସ, ଟାଉନ ସଭାପତି ବସନ୍ତ କୁମାର ଦାସ, ଜିଲା ସୋସିଆଲ ମିଡିଆ ଅଧ୍ୟକ୍ଷ ସୁଢୋଳ ସେଠୀ, ଜିଲା ଛାତ୍ର କଂଗ୍ରେସ ସଂଯୋଜକ ଶୁଭମ ରାଜ ପ୍ରମୁଖ ସାମିଲ ଥିଲେ।

## କେନ୍ଦୁଝରରେ ପ୍ରଥମ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ

କେନ୍ଦୁଝର, ୫।୮ (ସ୍ୱ.ପ୍ର.)

କେନ୍ଦୁଝର ଜିଲାରେ ପ୍ରଥମ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଛି। ତାଙ୍କ ବୟସ ୨୧ ବର୍ଷ ବୋଲି ଜଣାପଡ଼ିଛି। ଏନେଇ ଜିଲା ପ୍ରଶାସନ ପକ୍ଷରୁ ବୁଧବାର ଘୋଷଣା କରାଯାଇଛି। ସେ ଡାଇବେଟିସ୍ ରୋଗରେ ପୀଡିତ ଥିଲେ ବୋଲି କୁହାଯାଇଛି। ଫଳରେ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଥିବା ବେଳେ ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ ଉଦ୍ୟମ ଜୋରଦାର କରାଯାଇଛି। ସେହିପରି ଗତ ୨୪ ଘଣ୍ଟା ମଧ୍ୟରେ ଜିଲାରେ ୮୦ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସେଥିରୁ ୬୬ ଜଣ ଲୋକାଲ କଣ୍ଟାକ୍ଟ କେସ ଓ ଅବଶିଷ୍ଟ ୧୪ ଜଣ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ଅଦ୍ୟାବଧୀ ୯୩୬ ଜଣ କରୋନା ଭୂତାଣୁରେ ସଂକ୍ରମିତ ହୋଇ ଚିକିତ୍ସିତ ହୋଇଥିଲେ। ରବିବାର ଜଣେ ସୁସ୍ଥ ହୋଇ ଫେରିଥିବା ବେଳେ ଏହାକୁ ମିଶାଇ ସମୁଦାୟ ୬୯୬ ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ଅବଶିଷ୍ଟ ୨୩୯ ଜଣ ବିଭିନ୍ନ କୋଭିଡ ହସ୍‌ପିଟାଲରେ ଚିକିତ୍ସାଧୀନ ଅଛନ୍ତି।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅନିୟମିତତା

କେନ୍ଦୁଝର, ୫।୮(ଡି.ଏନ୍.ଏ./ସ୍ୱ.ପ୍ର.)

କେନ୍ଦୁଝର ଜିଲାର ହରିଚନ୍ଦନପୁର ବ୍ଲକ ଜୁଙ୍ଗା ଗ୍ରାମ ପଞ୍ଚାୟତ ନିତ୍ୟାନନ୍ଦପୁରଠାରେ ହେଉଥିବା ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା କାମରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ କରି ଗ୍ରାମବାସୀ ମଙ୍ଗଳବାର ଜିଲାପାଳଙ୍କୁ ଜଣାଇଛନ୍ତି। ଅଭିଯୋଗ ଅନୁସାରେ ଜୁଙ୍ଗା ପଞ୍ଚାୟତ ନିତ୍ୟାନନ୍ଦପୁର ଅଞ୍ଚଳରେ ଥିବା ଚାଷ ଜମିକୁ କେନାଲ ମାଧ୍ୟମରେ ପାଣି ଯୋଗାଇ ଦିଆଯାଇଥାଏ। ଏଥିପାଇଁ ଖଣ୍ଡାଧୂଆ ନାଳରେ ତିଆରି ଆଡିବନ୍ଧରୁ ନିତ୍ୟାନନ୍ଦପୁର ଚାଷ ଜମିକୁ କେନାଲ କରାଯାଇଥିଲା। ଅନେକ ଦିନ ହେବ କେନାଲଟିରେ ମରାମତି ନ ହେବାରୁ ଚାଷ ଜମିକୁ ଠିକ ଭାବେ ପାଣି ମାଡି ପାରୁନଥିଲା। ଫଳରେ ନିତ୍ୟାନନ୍ଦପୁର ଅଞ୍ଚଳର ଚାଷୀମାନେ ହଇରାଣ ହେଉଥିଲେ। ଚାଷୀ ମାନେ ବାରମ୍ବାର ଦାବି କରିବା ପରେ ଉକ୍ତ କେନାଲ ମରାମତି ପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ସେମାନେ କହିଛନ୍ତି। ତେବେ ଏହି କେନାଲ ମରାମତି ପାଇଁ ଏହି ଯୋଜନାରେ ଗ୍ରାମସାଥୀ ଧରଣୀଧର ଆରୁକଙ୍କ ନାମରେ କାର୍ଯ୍ୟାଦେଶ ହୋଇଥିବା ସେମାନେ ଜଣାଇଛନ୍ତି। କିନ୍ତୁ ଏବେ ପର୍ଯ୍ୟନ୍ତ କେନାଲ ମରାମତି କାମ ସଂପୂର୍ଣ୍ଣ କରାନଯାଇ ଅର୍ଥ ଆତ୍ମସାତ କରିବାକୁ ମସୁଧା କରାଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

## ଭାଜପା ନେତାଙ୍କ ଆମରଣ ଅନଶନ ସ୍ଥଗିତ

**ଖଇରା,୫।୮(ଡି.ଏନ.ଏ):** ବାଲେଶ୍ୱର ଜିଲା ଖଇରା ବ୍ଲକକୁ ରାଶନ କାର୍ଡ, ଭତ୍ତା, ସଙ୍ଗରୋଧ କେନ୍ଦ୍ର ନିର୍ମାଣ ପାଇଁ ଆସିଥିବା ଅର୍ଥ ଇତ୍ୟାଦିରେ ଦୁର୍ନୀତି ଚାଲିଥିବା ପୂର୍ବତନ ମନ୍ତ୍ରୀ ତଥା ସିମୁଳିଆ ନିର୍ବାଚନ ମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ପଦ୍ମଲୋଚନ ପଣ୍ଡା ଅଭିଯୋଗ କରିଛନ୍ତି। ଏନେଇ ଆସନ୍ତା ୭ତାରିଖରେ ସେ ଖଇରା ବ୍ଲକ ସମ୍ମୁଖରେ ଆମରଣ ଅନଶନରେ ବସିବାକୁ ଚେତାବନୀ ଦେଇଥିଲେ। ହେଲେ ବର୍ତ୍ତମାନର କ୍ରମାଗତ ବର୍ଷା ତଥା ଅନ୍ୟାନ୍ୟ କିଛି କାରଣ ଯୋଗୁ ଏହି ଆମରଣ ଅନଶନ ସ୍ଥଗିତ ରଖାଯାଇଥିବା ନେଇ ଦଳ ତରଫରୁ ସୂଚନା ଦିଆଯାଇଛି। ଖୁବଶୀଘ୍ର ପରବର୍ତ୍ତୀ ତାରିଖ ଜଣାଇ ଦିଆଯିବ ବୋଲି ପଣ୍ଡା ସୂଚନା କହିଛନ୍ତି।

# ଲଘୁଚାପଜନିତ ବର୍ଷା: ଚାଷୀ ଆଶ୍ୱସ୍ତ


ଚାଷଜମିରେ ବର୍ଷାଜଳ।

ବାଲେଶ୍ୱର ଅଫିସ, ୫।୮

ବାଲେଶ୍ୱର ଜିଲାରେ ଲଘୁଚାପଜନିତ ବର୍ଷା ଯୋଗୁ ଚାଷୀକୁଳ ଆଶ୍ୱସ୍ତ ହୋଇଛନ୍ତି। ଗତ ସୋମବାରଠାରୁ ଜିଲାରେ ମୋଟ୍ ୩୩୮ମି.ମି. ବର୍ଷା ହୋଇଥିବା ବେଳେ ହାରାହାରି ୨୮.୧୭ମି.ମି. ବର୍ଷା ରେକର୍ଡ଼ କରାଯାଇଛି। ବାହାନଗା ବ୍ଲକରେ ସର୍ବାଧିକ ୮୫ମି.ମି. ବର୍ଷା ହୋଇଛି। ସୋରରେ ୫୬ମି.ମି., ଖଇରାରେ ୨୪, ଔପଦାରେ ୩୯, ରେମୁଣାରେ ୩୩ମି.ମି., ସଦରରେ ୩୫ମି.ମି., ଜଳେଶ୍ୱରରେ ୩୧ମି.ମି., ନୀଳଗିରିରେ ୧୯ମି.ମି., ବାଲିଆପାଳରେ ୯ମି.ମି., ଭୋଗରାଇରେ ୫ମି.ମି. ଓ ବସ୍ତାରେ ୦ ମି.ମି. ବର୍ଷା ହୋଇଥିବା ଜଣାପଡ଼ିଛି।

ଚଳିତବର୍ଷ ଠିକ୍ ସମୟରେ ମୌସୁମୀ ବର୍ଷା ପହଞ୍ଚିଥିବା ବେଳେ ଜିଲାରେ ଅଳ୍ପ ବର୍ଷା କାରଣରୁ ଚାଷ କାର୍ଯ୍ୟ ଯଥେଷ୍ଟ ଆଗେଇ ପାରି ନ ଥିଲା। ଜିଲାର ରେମୁଣା, ସଦର, ନୀଳଗିରି, ବାଲିଆପାଳ, ଜଳେଶ୍ୱର, ବସ୍ତା, ଭୋଗରାଇ ଆଦି ବ୍ଲକରେ ବର୍ଷା ଅଭାବ କାରଣରୁ ଚାଷ କାର୍ଯ୍ୟ ପଛରେ ପଡ଼ିଛି। ଜିଲାରେ ୨ଲକ୍ଷ ୧୯ହଜାର ୩୭୮ ହେକ୍ଟର ଜମିରେ ଧାନଚାଷ ହୋଇଥାଏ। ସେଥିମଧ୍ୟରୁ ପ୍ରାୟ ୧ଲକ୍ଷ ହେକ୍ଟର ଜମିକୁ ଜଳସେଚନ ସୁବିଧା ଅଛି। ଅବଶିଷ୍ଟ ଜମିରେ ଚାଷ ବର୍ଷା ଜଳ ଉପରେ ନିର୍ଭର କରିଥାଏ। ବର୍ତ୍ତମାନ ସୁଦ୍ଧା ୪୬ହଜାର ହେକ୍ଟର ଜମିରେ ରୁଆ ସରିଥିବା ବେଳେ ୧୮୨୫ ହେକ୍ଟର ଜମିରେ ବୁଣା ହୋଇଛି। ବର୍ଷା ଅଭାବରୁ ପ୍ରାୟ ୧ଲକ୍ଷ ୪୮ହଜାର ହେକ୍ଟର ଜମି ପଡ଼ିଆ ପଡ଼ିଥିବା ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି। ଚଳିତବର୍ଷ ମେ'ରେ ୨୧୮.୮ ମି.ମି. ବର୍ଷା ହୋଇଥିବା ବେଳେ ଜୁନ୍‌ରେ ୧୪୮.୪ ମି.ମି. ଓ ଜୁଲାଇରେ ୧୩୧.୧ ମି.ମି. ବର୍ଷା ହୋଇଛି। ଗତ ୨୦୧୯ ଜୁନ୍‌ରେ ୧୩୪.୧ ମି.ମି., ଜୁଲାଇରେ ୧୯୪.୬ ମି.ମି., ଅଗଷ୍ଟରେ ୨୩୩.୧ମି.ମି. ଓ ସେପ୍ଟେମ୍ବରରେ ୩୪୭.୮ ମି.ମି. ବର୍ଷା ହୋଇଥିବା ବେଳେ ଚାଷ ପାଇଁ ବର୍ଷା ଜଳ ମଧ୍ୟ କମ୍ ପଡ଼ିଥିଲା। ଚାଷ ପାଇଁ ଲଗାଣ ବର୍ଷା ଏପର୍ଯ୍ୟନ୍ତ ଦେଖିବାକୁ ମିଳି ନାହିଁ। ଅନ୍ୟପକ୍ଷରେ ବର୍ଷା ବି ସବୁ ସ୍ଥାନରେ ସମାନ ପରିମାଣରେ ହେଉ ନାହିଁ। ବର୍ଷାକୁ ଚାହିଁ ଚାହିଁ ଚାଷୀ ବିଳମ୍ବରେ ଚାଷ କାର୍ଯ୍ୟ ଆରମ୍ଭ କରିଥିଲେ ବି ଠିକଣା ସମୟରେ ବର୍ଷୁନି। ମୌସୁମୀର ଏଭଳି ବ୍ୟତିକ୍ରମକୁ ଦେଖି ଚଳିତବର୍ଷ ଚାଷକାମ ସୁରୁଖୁରୁରେ ହୋଇପାରିବ କି ନାହିଁ ତାକୁ ନେଇ ଚିନ୍ତାରେ ପଡ଼ିଛନ୍ତି ଚାଷୀ।

ଏ ସମ୍ପର୍କରେ ଜିଲା ପାଣିପାଗ ବିଭାଗ ଅଧିକାରୀ ସୀତାକାନ୍ତ ଭୋଇ କୁହନ୍ତି, ଚାଷ ପାଇଁ ଯେତିକି ବର୍ଷାର ଆବଶ୍ୟକତା ରହିଛି ଚଳିତବର୍ଷ ତାହା ହୋଇନାହିଁ। ୧ହଜାର ମି.ମି. ବର୍ଷା ହେଲେ ଏହାକୁ ସ୍ୱାଭାବିକ ବର୍ଷା ଧରାଯାଇଥାଏ ବୋଲି ପ୍ରକାଶ କରିଛନ୍ତି।

CLASSIFIED DISPLAY
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BDFC Finance
(ରେଜିଷ୍ଟ୍ରେଡ କମ୍ପାନୀ)
ସମସ୍ତ ପ୍ରକାର ଲୋନ ନିଅନ୍ତୁ ମାତ୍ର ୧୦ ଦିନ ମଧ୍ୟରେ
ପ୍ରପୋର୍ଟି, ପର୍ସନାଲ୍, ମାର୍କସିଟ୍, ପଶୁପାଳନ, ବ୍ୟବସାୟ, ଗୃହ, ଶିକ୍ଷା, କୃଷି ଓ ଲଘୁଉଦ୍ୟୋଗ ପାଇଁ ଋଣ ନେବାକୁ ଯୋଗାଯୋଗ କରନ୍ତୁ
ସୁଧ ୧% ଘରେ ବସି ପାଆନ୍ତୁ
Ratanpur, Balbaspur, Sundergarh
8895873257
7656825247

ନିଜ ଜମିକୁ ରୋଜଗାରର ମାଧ୍ୟମ ବନାନ୍ତୁ
GALAXY TOWER CO.
କମ୍ପାନୀ ଦ୍ୱାରା ଖାଲି ଜମି, ଛାତ, ଖେତ ଓ ପ୍ଲଟ୍‌ରେ ଡାଇରେକ୍ଟ କମ୍ପାନୀର ସିନିୟର ଅଧିକାରୀଙ୍କ ସହ କଥା ହୋଇ
ଡିଜିଟାଲ ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଅଗ୍ରିମ: 60 ଲକ୍ଷ
ଭଡ଼ା: 45 ହଜାର
+ ମାସିକ 20 ହଜାରର ଅନ୍ୟାନ୍ୟ ସୁବିଧା
ଦ୍ରଷ୍ଟବ୍ୟ: ଟାୱାର ଲଗାଇବାର ଅନୁମତି ମାତ୍ର ଅଳ୍ପକେତେକ କମ୍ପାନୀର ଅଛି
କମ୍ପାନୀ ତରଫରୁ ମାଗଣା ମୋବାଇଲ + ବାଇକ୍
ଡାଇରେକ୍ଟ କମ୍ପାନୀ ସହ ଯୋଗାଯୋଗ କରନ୍ତୁ
94856-87401
87654-83137

SMS
SENDING WORK
ବେକାର ଯୁବକ, ଯୁବତୀ, ଗୃହିଣୀ ଏବଂ ବିଦ୍ୟାର୍ଥୀ ମାନଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ Part time, full time SMS Work କରି ମାସକୁ 15000/- ରୁ 30000/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ । ବିଦ୍ୟାର୍ଥୀ ମାନଙ୍କୁ ସର୍ବାଧିକାର ଦିଆଯିବ ।
Laptop, Mobile FREE
7326805892

ସରସ ଫାଇନାନ୍ସ
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ବୈତରଣୀରୁ ଜଳ ଆଣି ତର୍ପଣ କରାଗଲା

ଚମ୍ପୁଆ,(ଡି.ଏନ.ଏ): ଅଯୋଧାରେ ଶ୍ରୀରାମ ମନ୍ଦିର ଶିଳାନ୍ୟାସ ଅବସରରେ ଚମ୍ପୁଆ ଏବିଭିପି ପକ୍ଷରୁ ଜଳ ତର୍ପଣ କରାଯାଇଛି। ଦୀର୍ଘ ଦିନ ବ୍ୟବଧାନ ପରେ ବହୁ ପ୍ରତିକ୍ଷିତ ଭୂମି ପୂଜନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଚମ୍ପୁଆ ଏବିଭିପି ପକ୍ଷରୁ ପବିତ୍ର ବୈତରଣୀର ଘାଗରା ଘାଟରୁ ଜଳ ଆଣି ଶ୍ରୀରାମ ମନ୍ଦିରରେ ଜଳ ଲାଗି କରାଯାଇଥିଲା। ଜିଲା ସଂଯୋଜକ ଦିବ୍ୟଜ୍ୟୋତି ନନ୍ଦଙ୍କ ନେତୃତ୍ୱରେ ସତ୍ୟବ୍ରତ ମହାନ୍ତ, ସ୍ୱରାଜ କେତନ ମହାନ୍ତ, କମନାଶିଷ ସିଂ, ହେମନ୍ତ ଠାକୁର ପ୍ରମୁଖ ସାମାଜିକ ଦୂରତା ରଖି ଏହି ଜଳ ତର୍ପଣ କରିଥିଲେ।

**ସଂକ୍ଷେପରେ**

## ମୋରମ ବୋଝେଇ ଗାଡ଼ିରୁ ଚାନ୍ଦା ଆଦାୟ ଘଟଣା
## ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଲା କ୍ରାଇମବ୍ରାଞ୍ଚ

**ବାରିପଦା ଅଫିସ, ୫।୮:** ମୟୂରଭଞ୍ଜ ଜିଲା ବେତନଟୀ ତହସିଲ ଅଞ୍ଚଳରେ ମୋରମ ବୋଝେଇ ଗାଡ଼ିରୁ ଚାନ୍ଦା ଆଦାୟ ଅଭିଯୋଗରେ ଗିରଫ ହୋଇଥିବା ଅଭିଯୁକ୍ତ ଅଭିଜିତ ମହଲଙ୍କୁ କ୍ରାଇମବ୍ରାଞ୍ଚ ୩ଦିନିଆ ରିମାଣ୍ଡରେ ନେଇଛି। କ୍ରାଇମବ୍ରାଞ୍ଚ ଅଧିକାରୀ ଦୁଇ ଦିନ ଧରି ଅଭିଯୋଗକାରୀ ଓ ଟ୍ରକ ଡ୍ରାଇଭରଙ୍କୁ ମାରାଥନ ପଚରାଉଚରା କରିଥିବା ବେଳେ ତୃତୀୟ ଦିନରେ ଅଭିଯୁକ୍ତମାନଙ୍କୁ ପଚରାଉଚୁରା ଜାରି ରଖିଛି।

## ତହସିଲଦାରଙ୍କୁ ଆକ୍ରମଣ ଘଟଣା, ଜଣେ ଗିରଫ

**ବାସୁଦେବପୁର, ୫।୮(ଡି.ଏନ୍.ଏ.):** ଭଦ୍ରକ ଜିଲା ବାସୁଦେବପୁର ଥାନା ରଥପଦାଠାରେ ସ୍ଥାନୀୟ ତହସିଲଦାର ସୌମ୍ୟଶ୍ରୀ ପାଣିଗ୍ରାହୀ, ପଡ୍‌ଁଆ ରାଜସ୍ୱ ନିରିକ୍ଷକ ସୌମ୍ୟରଞ୍ଜନ ମହାଳିକ କୋଭିଡ୍ ଆଇନ ତଦାରଖ କରୁଥିବା ବେଳେ ଗତ ୩୧ ତାରିଖରେ କେତେକ ବ୍ୟକ୍ତି ସେମାନଙ୍କୁ ଆକ୍ରମଣ କରିଥିଲେ। ଏହି ଘଟଣାରେ ପୋଲିସ କମଳାକାନ୍ତ ଦାସଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ତହସିଲଦାରଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା (ନଂ.୧୯୪/୨୦) ରୁଜୁ ହୋଇଛି।

## ଜଳ ନିଷ୍କାସନ ନ ହେବା ପ୍ରତିବାଦରେ ରାସ୍ତାରୋକୋ

**ବାସୁଦେବପୁର,୫।୮(ଡି.ଏନ୍.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ଅରଣ୍ଡୁଆ ପଞ୍ଚାୟତ ଓ ଆଖପାଖ ଗ୍ରାମର କେତେକ ଅଞ୍ଚଳରୁ ବର୍ଷାଜଳ ନିଷ୍କାସିତ ହେଉ ନ ଥିବା ପ୍ରତିବାଦରେ ୩୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି କିଆପଡ଼ା ଛକଠାରେ ବୁଧବାର ରାସ୍ତାରୋକୋ କରିଥିଲେ। କିଆପଡ଼ା, ଆୟତପୁର, କମାରଗାଁ ସଂଲଗ୍ନ ଅଞ୍ଚଳରେ ବର୍ଷାଜଳ ନିଷ୍କାସିତ ନ ହୋଇ ଜମି ରହି କେତେକ ଲୋକଙ୍କ ଘରେ ପାଣି ପଶିବା ସହିତ ଚାଷ ଜମିରେ ଧାନ ଓ ପନିପରିବା ବ୍ୟାପକ ପରିମାଣରେ କ୍ଷତି ହୋଇଛି। ବାସୁଦେବପୁର ଥାନା ଏଏସ୍‌ଆଇ ବିନୋଦ ବିହାରୀ ହେମ୍ବ୍ରମ, ତହସିଲଦାର ସୌମ୍ୟଶ୍ରୀ ପାଣିଗ୍ରାହୀ ପ୍ରମୁଖ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

## ଢେଙ୍କିକୋଟ ପଞ୍ଚାୟତ ୭୨ଘଣ୍ଟା ଶଟ୍‌ଡାଉନ

ଢେଙ୍କିକୋଟ,୫।୮(ଡି.ଏନ୍.ଏ.)- କେନ୍ଦୁଝର ଜିଲା ଘଟଗାଁ ବ୍ଲକର ବ୍ୟବସାୟିକ ପେଣ୍ଠସ୍ଥଳ ଢେଙ୍କିକୋଟ ବଜାରରେ ଭଡା ଘରେ ରହୁଥିବା ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେ ଏକ ବ୍ୟାଙ୍କରେ କାର୍ଯ୍ୟ କରୁଥିବା ବେଳେ ତାଙ୍କ ସ୍ତ୍ରୀ ମଧ୍ୟ ଏକ ବ୍ୟାଙ୍କରେ କାର୍ଯ୍ୟ କରନ୍ତି। ସମ୍ପୃକ୍ତ ବ୍ୟକ୍ତିଙ୍କୁ କୋଭିଡ ଡାକ୍ତରଖାନା ନିଆଯାଇଥିବାବେଳେ ତାଙ୍କ ସ୍ତ୍ରୀଙ୍କୁ ହୋମ କ୍ୱାରାଣ୍ଟାଇନ୍‌ରେ ରହିବା ପାଇଁ ପରାମର୍ଶ ଦିଆଯାଇଛି। ଢେଙ୍କିକୋଟ ବଜାରରୁ ପ୍ରଥମ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବାରୁ ସ୍ଥାନୀୟ ସରପଞ୍ଚ ଗୌରୀ ବାରିକ ପଞ୍ଚାୟତ ଅଧୀନରେ ଥିବା କପାସପଡ଼ା,ଟିକିରା,ଲଙ୍ଗଳକଣ୍ଟି,ଢେଙ୍କିକୋଟ ଗ୍ରାମ ସମେତ ବଜାର ଅଞ୍ଚଳକୁ ବୁଧବାର ସକାଳ୫ ଠାରୁ ୭୨ ଘଣ୍ଟା ପର୍ଯ୍ୟନ୍ତ ଶଟ୍ ଡାଉନ୍ ଘୋଷଣା କରିଛନ୍ତି।

## ସାମାଜିକ କର୍ମୀଙ୍କ ବିୟୋଗରେ ଶୋକ

**କପ୍ତିପଦା,୫।୮(ଡି.ଏନ.ଏ):** ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ଅଧୀନ ଶାଳଚୁଆ ପଞ୍ଚାୟତ ସୋଲଗଡ଼ିଆ ଗ୍ରାମର ବିଶିଷ୍ଟ ସାମାଜିକ କର୍ମୀ ତଥା ଅବସରପ୍ରାପ୍ତ କୃଷି ବିଭାଗର କର୍ମଚାରୀ ସୋମନାଥ ବିଶ୍ୱାଳ(୭୬)ଙ୍କର ମଙ୍ଗଳବାର ପରଲୋକ ଘଟିଛି। ତାଙ୍କ ବିୟୋଗରେ ଅଞ୍ଚଳରେ ଲୋକର ଛାୟା ଖେଳି ଯାଇଛି। ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

## ଭାଲୁ ଆକ୍ରମଣରେ ଯୁବକ ଗୁରୁତର

**ସଜନାଗଡ଼,୫।୮(ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରି ଥାନା ଅଧୀନ ମିତ୍ରପୁର ଅଞ୍ଚଳର ଚଟିରିଖୁଣ୍ଟା ଗ୍ରାମର ଛବି ସିଂ (୩୬) ଭାଲୁ ଆକ୍ରମଣରେ ଗୁରୁତର ଆହତ ହୋଇଛନ୍ତି। ରାକ୍ଷୀ ପୂର୍ଣ୍ଣିମା ଅବସରରେ ସେ ଜଡ଼ିଦା ପଞ୍ଚାୟତ ଅନ୍ତର୍ଗତ ଡେଙ୍ଗାସାହି ଗ୍ରାମସ୍ଥିତ ଶ୍ୱଶୁର ଘରକୁ ଆସିଥିଲେ। ବୁଧବାର ପୂର୍ବାହ୍ନରେ ଶ୍ୱଶୁର ଘର ପାଖ ପଡ଼ିଆକୁ ଶୌଚ ପାଇଁ ଯାଇଥିବା ବେଳେ ସେଠାରେ ଥିବା ଏକ ଭାଲୁ ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲା। ପରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ନୀଳଗିରି ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି।

# ଭଦ୍ରକ ଗାନ୍ଧୀପଡ଼ିଆରେ ଭୂମିପୂଜନ

**ଭଦ୍ରକ ଅଫିସ,୫।୮**

ଅଯୋଧାରେ ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଙ୍କ ଭବ୍ୟ ମନ୍ଦିର ନିର୍ମାଣ ଉପଲକ୍ଷେ ବୁଧବାର ଭୂମି ପୂଜନ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏହି ଐତିହାସିକ କାର୍ଯ୍ୟକୁ ଅଧିକ ସ୍ମରଣୀୟ ଏବଂ ସ୍ୱାଗତ କରିବା ଉଦ୍ଦେଶ୍ୟରେ ଭଦ୍ରକର ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ସ୍ଥାନୀୟ ଗାନ୍ଧୀପଡ଼ିଆରେ ପ୍ରଭୁ ଶ୍ରୀରାମଙ୍କ ପ୍ରତିମୂର୍ତ୍ତି ଚରଣରେ ଦୀପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିପାଇଁ ସମଗ୍ର ଜିଲାରେ ଏକ ଭାବମୟ ପରିବେଶ ସୃଷ୍ଟି ହୋଇଥିଲା। ଜିଲା ଚିକିତ୍ସାଳୟ ପରିସରରେ ବହୁ ରାମ ଭକ୍ତ ରକ୍ତଦାନ କରିଥିଲେ। ଶହୀଦ ଭଗତସେନା ପକ୍ଷରୁ ଭଦ୍ରକ କୁଆଁସ ଗଣେଶ ମନ୍ଦିରରେ ସ୍ୱତନ୍ତ୍ର ପୂଜା ପାଠ ସାଙ୍ଗକୁ ଧାମନଗର ବ୍ଲକ ଗୋବିନ୍ଦପୁର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସଙ୍ଗଠନ ପକ୍ଷରୁ ଆବାହକ ସୀତାଂଶୁ ମହାପାତ୍ରଙ୍କ ଆବାହକତ୍ୱରେ ବୃକ୍ଷ ମୋର ଜୀବନ କାର୍ଯ୍ୟକ୍ରମ ମାଧ୍ୟମରେ ବୃକ୍ଷରୋପଣ କରାଯାଇଥିଲା। ବାବା ଲୋକନାଥଙ୍କ ପୀଠରେ ଅବସ୍ଥିତ ରାମ ପ୍ରତିମୂର୍ତ୍ତି ତଳେ କଳସ ସ୍ଥାପନ କରାଯାଇ ସ୍ୱତନ୍ତ୍ର ପୂଜା ପାଠ କରାଯାଇଥିଲା। ଭଦ୍ରକ ସହରର ସନ୍ଥିଆ, ବଙ୍କସାହି ଛକ, ଗାନ୍ଧୀପଡ଼ିଆ ସମେତ ବହୁ ସ୍ଥାନରେ ମିଷ୍ଟାନ୍ନ ବଣ୍ଟନ କରାଯାଉଥିବା ଦେଖିବାକୁ ମିଳିଥିଲା।



ଗାନ୍ଧୀ ପଡ଼ିଆଠାରେ ଭୂମିପୂଜନ କରାଯାଉଛି।

- ବିଭିନ୍ନ ସ୍ଥାନରେ ଦୀପଦାନ, ରକ୍ତଦାନ, ବୃକ୍ଷରୋପଣ
- ୫ ପ୍ଲାଟୁନରୁ ଅଧିକ ପୋଲିସ ମୁତୟନ

ମା' ଭଦ୍ରକାଳୀଙ୍କ ପୀଠରେ ଭାଜପାର ବହୁ ନେତ୍ରୀ ଅଖଣ୍ଡ ଦୀପ ଦାନ କରିଥିଲେ। ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ସହରର ବିଭିନ୍ନ ଛକରେ ପ୍ରାୟ ୫ ପ୍ଲାଟୁନରୁ ଅଧିକ ପୋଲିସ ମୁତୟନ ହୋଇଥିଲେ। ଗାନ୍ଧୀପଡ଼ିଆ ନିକଟରେ ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ହୋଇଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମିତିର ସଭାପତି ବରିଷ୍ଠ ଆଇନଜୀବୀ ରାୟ ରାମାନନ୍ଦ ମହାପାତ୍ର, କାର୍ଯ୍ୟକାରୀ ସଭାପତି ବ୍ୟୋମକେଶ ସେନାପତି, ସମ୍ପାଦକ ଶରତ ପଡ଼ିଆରୀ, ଧାମନଗର ବିଧାୟକ ବିଷ୍ଣୁ ସେଠୀ, ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ଅଭିମନ୍ୟୁ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଗାନ୍ଧିପଡ଼ିଆରେ ଏକ ଭବ୍ୟ ଶ୍ରୀରାମ ମନ୍ଦିର ନିର୍ମାଣ ପାଇଁ ଭୂମିପୂଜନ କରାଯାଇଥିଲା। ବେଦବିଦ୍ ବୀରେନ୍ଦ୍ର ପଣ୍ଡା ଏବଂ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ମନ୍ତ୍ର ପାଠ କରି ଭୂମିପୂଜନ କାର୍ଯ୍ୟ ସମ୍ପାଦନ କରିଥିଲେ।

## ବାରିପଦାରେ ନିର୍ମାଣ ହେବ ରାମମନ୍ଦିର

**ବାରିପଦା ଅଫିସ,୫।୮**

ଅଯୋଧାଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶ୍ରୀରାମ ଚନ୍ଦ୍ରଙ୍କର ମନ୍ଦିର ନିର୍ମାଣ ନିମନ୍ତେ ଭୂମି ପୂଜା କରିଛନ୍ତି। ଏହି ଅବସରରେ ମୟୂରଭଞ୍ଜ ଜିଲା ବାରିପଦାର ଭୁଗୁଡାକଟାଠାରେ ଏକ ରାମ ମନ୍ଦିର ନିର୍ମାଣ ପାଇଁ ବୁଧବାର ସ୍ଥାନ ନିରୂପଣ କରାଯାଇଛି। ଏହି ଅବସରରେ ମୟୂରଭଞ୍ଜ ଏମ୍‌ପି ବିଶେଶ୍ୱର ଟୁଡୁ, ସାରସକଣା ବିଧାୟକ ବୁଢାନ ମୁର୍ମୁ, ଭାଜପା ଜିଲା ପରିଷଦ ଅଧ୍ୟକ୍ଷା ସୁଜାତା ମୁର୍ମୁ, ଭାଜପା ଜିଲା ସଭାପତି କାନ୍ଦରା ସରେନ, ବୁଦ୍ଧିଜିବୀ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏଥିରେ ଉପସ୍ଥିତ ଥିଲେ। ଭୁଗୁଡାକଟାରେ ଥିବା ବାବା ଆଖଣ୍ଡଳମଣି ମନ୍ଦିର ପରିସରରେ ଟେମ୍ପଲ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଏହା ନିର୍ମାଣ କରାଯିବାକୁ ସଂକଳ୍ପ ନିଆଯାଇଥିବା ବେଳେ ମନ୍ଦିର ନିର୍ମାଣର ସମସ୍ତ ଖର୍ଚ୍ଚ ଟ୍ରଷ୍ଟର ସଦସ୍ୟମାନେ ବହନ କରିବେ। ଟ୍ରଷ୍ଟର ମୁଖ୍ୟ ଲକ୍ଷ୍ମୀଧର ହାବଡାଙ୍କ କହିବାନୁଯାୟୀ ଆସନ୍ତା ଡିସେମ୍ବର ମାସରୁ ଏହି ମନ୍ଦିରର ଭୂମି ପୂଜନ ଓ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ମନ୍ଦିର ନିର୍ମାଣ ହେଲେ ଭୁଗୁଡାକଟା ଅଞ୍ଚଳର ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇପାରିବ ବୋଲି ଟ୍ରଷ୍ଟର ସଭାପତି ସୁରେଶ ଚନ୍ଦ୍ର ଭୂଜବଳ ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟର ସଦସ୍ୟ ବଟକୃଷ୍ଣ ସାମଲ, ଉପେନ୍ଦ୍ର ପ୍ରଧାନ, ସରୋଜ କୁମାର ପାତ୍ରଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ରହି ଆଲୋଚନା କରିଥିଲେ।



ରାମ ମନ୍ଦିର ନିର୍ମାଣ ପାଇଁ ସ୍ଥାନ ନିରୂପଣ ଅବସରରେ ଉପସ୍ଥିତ ଅତିଥି।

## କଳାବ୍ୟାଜ୍ ପିନ୍ଧି ଆୟୁଷ ଡାକ୍ତରଙ୍କ ପ୍ରତିବାଦ

**ତିହିଡ଼ି, ୫।୮(ସ୍ୱ.ପ୍ର.)**

ଭଦ୍ରକ ଜିଲା ତିହିଡ଼ି ମୁଖ୍ୟ ଚିକିତ୍ସାଳୟରେ ଆୟୁଷ ଡାକ୍ତରମାନେ ବୁଧବାରଠାରୁ କଳା ବ୍ୟାଜ୍ ପରିଧାନ କରି ସରକାରଙ୍କ ବିରୋଧରେ ପ୍ରତିବାଦ ଆରମ୍ଭ କରିଛନ୍ତି। ଡା. ନିରଞ୍ଜନ ପଣ୍ଡା, ଉମାକାନ୍ତ ସାହୁ, ଆରାଧନା ଦୀକ୍ଷିତ ଓ ମମତା ବେହେରା ପ୍ରମୁଖ କଳା ବ୍ୟାଜ୍ ପରିଧାନ କରିଥିଲେ। ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ ଆୟୁଷ ଡାକ୍ତର ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କୁ ବାରମ୍ବାର ବିଭିନ୍ନ ଦାବି ବିଷୟରେ ଅବଗତ କରାଯାଇଥିଲେ ମଧ୍ୟ ସରକାର ନୀରବଦ୍ରଷ୍ଟା ସାଜିଛନ୍ତି। ଏଥିପାଇଁ ସଂଘ ନିଷ୍ପତ୍ତି କ୍ରମେ ଆୟୁଷ ଡାକ୍ତରମାନେ କାର୍ଯ୍ୟ ବନ୍ଦ ନ କରି ୮ଦଫା ଦାବି ପୂରଣ ନିମନ୍ତେ ଓଡ଼ିଶା ସରକାରଙ୍କ ଉଦ୍ଦେଶ୍ୟରେ ଅନିର୍ଦ୍ଦିଷ୍ଟ କାଳ ଯାଏ କଳା ବ୍ୟାଜ୍ ପରିଧାନ କରିବେ।

## ୩ ୱାର୍ଡ ୪୮ ଘଣ୍ଟା ଶଟ୍‌ଡାଉନ

**ଧାମନଗର,୫।୮(ଡି.ଏନ.ଏ.)**

ଧାମନଗର ବ୍ଲକ କଟସାହି ପଞ୍ଚାୟତର ୧, ୨ ଏବଂ ୩ନଂ ୱାର୍ଡକୁ ସ୍ଥାନୀୟ ସରପଞ୍ଚ ଅଞ୍ଜନା ଲେଙ୍କା ୪୮ ଘଣ୍ଟିଆ ଶଟ୍ ଡାଉନ ଘୋଷଣା କରିଛନ୍ତି। ଏହି ୱାର୍ଡର ଜଣେ ଯୁବକ ପଜିଟିଭ୍ ଚିହ୍ନଟ ପରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଆସନ୍ତା ୭ ତାରିଖ ସକାଳ ପର୍ଯ୍ୟନ୍ତ ଯାତାୟାତ, ଚଳପ୍ରଚଳ ଉପରେ କଟକଣା ଜାରି ହୋଇଛି। ସଂକ୍ରମିତଙ୍କ ପରିବାର ବର୍ଗଙ୍କୁ ତୁରନ୍ତ ଟେଷ୍ଟ କରାଇବା ପାଇଁ ପ୍ରଶାସନ ନିକଟରେ ଦାବି ହୋଇଛି।

# ନୀରବ ପ୍ରାର୍ଥନା, ଶପଥ ପାଠ



ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀମାନେ ଶପଥ ପାଠ କରୁଛନ୍ତି।

**ବାଲେଶ୍ୱର ଅଫିସ,୫।୮**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ କୋଭିଡ୍ ଯୋଦ୍ଧାମାନଙ୍କୁ ପୂର୍ଣ୍ଣ ସହଯୋଗ ଓ ସମ୍ମାନ ଜଣାଇ ବାଲେଶ୍ୱର ଜିଲାର ବିଭିନ୍ନ ପ୍ରଶାସନିକ ଅଧିକାରୀଙ୍କ କାର୍ଯ୍ୟାଳୟ, ରାଜନେତା ଏବଂ ଜନସାଧାରଣଙ୍କ ପକ୍ଷରୁ ସନ୍ଧ୍ୟା ୬ଟା ସମୟରେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିସହିତ କୋଭିଡ୍ ଯୋଦ୍ଧାମାନଙ୍କୁ ଉତ୍ସାହିତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହ ଶପଥ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ।

ବାଲେଶ୍ୱର ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ଅତିରିକ୍ତ ଜିଲାପାଳ ସମ୍ମିତ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ସହକାରୀ ଜିଲାପାଳ ମନୋଜ ସେନାପତି, ଜିଲା କ୍ରୀଡ଼ାଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ଜିଲା ଜନମଙ୍ଗଳ ଅଧିକାରୀ ରାଜୀବ କୁମାର ସାହୁ, ଜିଲା ଜରୁରୀକାଳୀନ ଅଧିକାରିଣୀ ରିଜୁଆନା କୱାକ, ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଶପଥ ପାଠ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଅନ୍ୟପକ୍ଷେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ସମ୍ମିଳନୀ କକ୍ଷରେ ପ୍ରକଳ୍ପ ନିର୍ଦ୍ଦେଶକ ରାମଚନ୍ଦ୍ର ଜେନାଙ୍କ ତତ୍ତ୍ୱାବଧାନରେ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ନିଲୁ ମହାପାତ୍ର, ଜିଲା ମଙ୍ଗଳ ଅଧିକାରୀ ରାଜୀବ ସାହୁଙ୍କ ସମେତ ସମସ୍ତ କର୍ମଚାରୀ ଶପଥ ପାଠ କରିଥିଲେ। ସେହିପରି ବିଭିନ୍ନ ରାଜନେତାମାନେ ନିଜର ଅଫିସ୍ ସମ୍ମୁଖରେ ଓ ଜନସାଧାରଣ ନିଜ ନିଜ ଘରେ ଏହି କାର୍ଯକ୍ରମରେ ସାମିଲ ହୋଇଥିଲେ।

## କୋଭିଡ୍ ଯୋଦ୍ଧାଙ୍କୁ ସମ୍ମାନ ଜଣାଇ ୧ମିନିଟ୍ ନୀରବ ପ୍ରାର୍ଥନା

**କେନ୍ଦୁଝର/ପାଟଣା, ୫।୮(ଡି.ଏନ୍.ଏ./ସ୍ୱ.ପ୍ର.)**

କୋଭିଡ୍ ଯୋଦ୍ଧାଙ୍କୁ ସମ୍ମାନ କେନ୍ଦୁଝର ଜିଲାରେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯିବା ସହିତ କୋଭିଡ୍ ବିରୋଧରେ ଲଢେଇ ଜାରି ରଖିଥିବା ଯୋଦ୍ଧାମାନଙ୍କୁ ଉତ୍ସାହିତ କରିବା ପାଇଁ ଶପଥ ପାଠ କରାଯାଇଛି। ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ କୋଭିଡ୍ ଯୋଦ୍ଧାମାନଙ୍କର ପ୍ରତିବଦ୍ଧତା, ନିଷ୍ଠା ଓ ଅହର୍ନିଶ ସେବାକୁ ସ୍ମରଣ କରି ସେମାନଙ୍କର ସର୍ବୋଚ୍ଚ ତ୍ୟାଗକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଜିଲା, ଉପଖଣ୍ଡ, ବ୍ଲକ୍ ଏବଂ ପଞ୍ଚାୟତ ତଥା ତୃଣମୂଳସ୍ତରରେ ନୀରବ ପ୍ରାର୍ଥନା କରାଯିବା ସହ ଲଢେଇ ଜାରି ରଖିଥିବା ଯୋଦ୍ଧାମାନଙ୍କୁ ଶପଥ ପାଠ ଜରିଆରେ ଉତ୍ସାହିତ କରାଯାଇଛି। କେନ୍ଦୁଝର ଜିଲା କାର୍ଯ୍ୟାଳୟର ଓସ୍ୱାନ ଭିଡିଓ କନ୍‌ଫରେନ୍ସ ହଲ୍‌ଠାରେ ଜିଲାପାଳ ଆଶିଷ ଠାକରେଙ୍କ ସମେତ କେନ୍ଦୁଝର ଲୋକସଭା ସଦସ୍ୟା ସୁଶ୍ରୀ ଚନ୍ଦ୍ରାଣୀ ମୁର୍ମୁ, ଘସିପୁରା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର, ଆନନ୍ଦପୁର ବିଧାୟକ ଭାଗିରଥି ସେଠୀ, କେନ୍ଦୁଝର ବିଧାୟକ ମୋହନ ଚରଣ ମାଝୀ, ପାଟଣା ବିଧାୟକ ଜଗନ୍ନାଥ ନାଏକ, ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତ ପ୍ରମୁଖ ଅଂଶଗ୍ରହଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସେହିପରି ପାଟଣା ବ୍ଲକ ମୁଖ୍ୟାଳୟ ସ୍ଥିତ ଷ୍ଟାଡିୟମରେ ବୁଧବାର ଅପରାହ୍ନରେ ପାଟଣା ନିର୍ବାଚନ ମଣ୍ଡଳୀର ବିଜୁ ଛାତ୍ର ଜନତା ଦଳ ତରଫରୁ ୧ ମିନିଟ ନୀରବ ପାର୍ଥନା ଓ ଶପଥ ପାଠ କରାଯାଇଥିଲା।

## ଶ୍ରମିକଙ୍କ ମୃତ୍ୟୁକୁ ନେଇ ରାସ୍ତା ଅବରୋଧ

**ବନ୍ତ,୫।୮(ଡି.ଏନ୍.ଏ.)**

ଜଣେ ଶ୍ରମିକଙ୍କ ମୃତ୍ୟୁ ପ୍ରତିବାଦରେ କ୍ଷତିପୂରଣ ଦାବି ନେଇ ଉତ୍ତ୍ୟକ୍ତ ଲୋକେ ବୁଧବାର ସନ୍ଧ୍ୟାରେ ଭଦ୍ରକ ଜିଲା ବନ୍ତ ଥାନା ଅଧୀନ ଛୟାଳସିଂ ବିଦ୍ୟୁତ୍ ଷ୍ଟକଚର ସମ୍ମୁଖ ୫୩ନଂ.ରାଜ୍ୟ ରାଜପଥକୁ ଅବରୋଧ କରିଥିଲେ। ମୃତଦେହ ଗ୍ରାମରେ ପହଞ୍ଚିବା ପରେ ଲୋକେ ଟାୟାର ଜାଳି ପ୍ରତିବାଦ କରିଥିଲେ। ଖବର ପାଇ ବନ୍ତ ପୋଲିସ ପହଞ୍ଚି ସେମାନଙ୍କୁ ବୁଝାସୁଝା କରିଥିଲେ ମଧ୍ୟ କୌଣସି ସମାଧାନ ହୋଇପାରିନାହିଁ। ଉଲ୍ଲେଖଯୋଗ୍ୟ ଯେ, ଛୟାଳସିଂ ଅଞ୍ଚଳର ୩ ଶ୍ରମିକ କିଛି ଦିନ ତଳେ ଢେଙ୍କାନାଳ ଜିଲା ହିନ୍ଦୋଳ ରୋଡ଼ ଫାଣ୍ଡି ଅଧୀନ ପୋଡ଼ାପଡ଼ା ରେଳ ଲାଇନ୍ ନିକଟରେ ଟାୱାର କାମ କରିବାକୁ ଯାଇଥିଲେ। ଛୟାଳସିଂ ଅଞ୍ଚଳର ଜନୈକ ଠିକାଦାର ସେମାନଙ୍କୁ କାମ କରିବା ପାଇଁ ନେଇଥିଲେ। ମଙ୍ଗଳବାର ଟାୱାର କାମ କରୁଥିବା ବେଳେ ଦୁର୍ଘଟଣା ଘଟି ଛୟାଳସିଂ ଗ୍ରାମର ପ୍ରଦୀପ ସେଠୀ(୩୫)ଙ୍କର ମୃତ୍ୟୁ ହୋଇଥିବା ବେଳେ ବରହମପୁର ଗ୍ରାମର ଶ୍ରୀକାନ୍ତ ଜେନା(୩୪) ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ପ୍ରଦୀପଙ୍କ ମୃତ୍ୟୁରେ କ୍ଷତିପୂରଣ ଦାବି କରିବା ସହ ଗୁରୁତର ଶ୍ରୀକାନ୍ତଙ୍କୁ ଚିକିତ୍ସା ସେବା ଯୋଗାଇ ଦେବାକୁ ପରିବାର ଓ ଗ୍ରାମବାସୀମାନେ ଦାବି କରିଛନ୍ତି।

## ଏନ୍‌ଏସିବାସୀ ପିଉଛନ୍ତି ଗୋଳିଆ ପାଣି

**ଚମ୍ପୁଆ, ୫।୮(ଡି.ଏନ୍.ଏ.)**

ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚମ୍ପୁଆ ଏନ୍‌ଏସିବାସୀଙ୍କୁ ଗୋଳିଆ ପାନୀୟ ଜଳ ଯୋଗାଇ ଦିଆଯାଉଥିବାରୁ ଅସନ୍ତୋଷ ଦେଖାଦେଇଛି। ନିୟମିତ ଭାବେ ଏହା ଚାଲିଥିବାରୁ ଏନ୍‌ଏସି ବାସୀଙ୍କ ସ୍ୱାସ୍ଥ୍ୟକୁ ନେଇ ବିଭାଗର ଦାୟିତ୍ୱ ପ୍ରତି ପ୍ରଶ୍ନ ଉଠିଛି। ସୂଚନା ଅନୁସାରେ ଚମ୍ପୁଆ ଅଞ୍ଚଳରେ ପାନୀୟ ଜଳ ସମସ୍ୟା ସମାଧାନ ପାଇଁ ଏକ କମ୍ପାନୀ ପକ୍ଷରୁ ୮୦ ଲକ୍ଷ ଲିଟର କ୍ଷମତା ସମ୍ପନ୍ନ ଏକ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଇଛି। ଶୁଦ୍ଧ ପାନୀୟ ଜଳ ଯୋଗାଇବା ଲକ୍ଷ୍ୟ ନେଇ ଏହା ନିର୍ମାଣ କରାଯାଇଥିବା ବେଳେ ୬ ଲକ୍ଷ ଲିଟର କ୍ଷମତା ସମ୍ପନ୍ନ ଜଳ ସଂରକ୍ଷଣ ବ୍ୟବସ୍ଥା କରାଯାଇଛି। ମାତ୍ର କିଛି ଦିନ ହେବ ଉକ୍ତ ଟାଙ୍କିରୁ ଯୋଗାଇ ଦିଆଯାଉଥିବା ଜଳ ଗୋଳିଆ ଓ ପଟୁ ଆସୁଥିବା ଦେଖିବାକୁ ମିଳୁଛି। ଫଳରେ ସଂଯୋଗ ହୋଇଥିବା ଏନଏସି ବାସିନ୍ଦାମାନେ କେତେକ ଏହାକୁ ଫୁଟାଇ ବ୍ୟବହାର କରୁଥିବା ବେଳେ କେତେକ ଛାଣି ବ୍ୟବହାର କରୁଛନ୍ତି। ଏସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ କହିଛନ୍ତି ଯେ, ଖରା ଦିନେ ଏଭଳି ସମସ୍ୟା ହେଉ ନ ଥିବା ବେଳେ ବର୍ଷା ଦିନରେ ହେଉଛି। ନଦୀରେ ଥିବା ଇନଟେକ ୱେଲର ଗ୍ୟାଲେରୀ ଯୋଗୁ ଏହି ପାଣି ଗୋଳିଆ ଆସୁଛି। ଆମ୍ଭେ ତାକୁ ପିଏସି, ବ୍ଲିଚିଙ୍ଗ, ହାଲାମ ଓ ଆଦି ପକାଇ ସଫା କରୁଛୁ। ନିକଟ ଭବିଷ୍ୟତରେ ଗୋଧୂଳିଠାରେ ନିର୍ମାଣ କରାଯାଉଥିବା ୪୦ଲକ୍ଷ ଲିଟରର ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ କାର୍ଯ୍ୟକ୍ଷମ କରାଗଲେ ସ୍ୱଚ୍ଛ ପାଣି ମିଳିପାରିବ।

# ମହିଳାମାନଙ୍କୁ ଟଙ୍କା ପରିଶୋଧ ପାଇଁ ଧମକ

**ତିହିଡ଼ି, ୫।୮(ସ୍ୱ.ପ୍ର.):** ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅନ୍ତର୍ଗତ ବାରୋ ପଞ୍ଚାୟତର ନରସିଂହପୁର ଗ୍ରାମରେ ବିଭିନ୍ନ ଅର୍ଥଲଗାଣକାରୀ ସଂସ୍ଥାର କର୍ମଚାରୀ ମାନେ ମହିଳାମାନଙ୍କୁ ଲୋନ ଟଙ୍କା ପରିଶୋଧ ପାଇଁ ନାନା ପ୍ରକାର ଧମକ ଚମକ ଦେଉଥିବାର ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଗ୍ରାମର ଶତାଧିକ ମହିଳା ତହସିଲଦାର ଓ ବିଡିଓଙ୍କୁ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଅଭିଯୋଗରେ କିଭଳି ବିଭିନ୍ନ ଅର୍ଥଲଗାଣ ସଂସ୍ଥାମାନେ ଟଙ୍କା ପାଇଁ ଜୋରଜୁଲମ କରୁଛନ୍ତି ସେ ନେଇ ଉଲ୍ଲେଖ କରାଯାଇଛି। ଏ ସମ୍ପର୍କରେ ପ୍ରଶାସନ ଆମକୁ ସହାୟତା ପୂର୍ବକ ଅର୍ଥଲଗାଣ ସଂସ୍ଥାଠାରୁ କିଛି ଦିନ ମହଲତ ଦେବାପାଇଁ ଆକୁଳ ନିବେଦନ କରିଛନ୍ତି। ନଚେତ ଆମେମାନେ ଆତ୍ମହତ୍ୟା କରିବାକୁ ବାଧ୍ୟ ହେବୁ ବୋଲି ଲିଖିତ ଭାବେ ଜଣାଇଛନ୍ତି। ସ୍ଥାନୀୟ ତହସିଲଦାର ରମେଶ ପଣ୍ଡା ଏ ସମ୍ପର୍କରେ ଅଭିଯୋଗ ଶୁଣିବା ପରେ ମହିଳାମାନଙ୍କୁ କିଛି ଦିନ ମହଲତ ଦେବାର ବ୍ୟବସ୍ଥା କରିବାର ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି।

## ବାସୁଦେବପୁରରେ ମୁମ୍ବାଇ ପୋଲିସ

**ବାସୁଦେବପୁର, ୫।୮(ଡି.ଏନ୍.ଏ.)**

**ଚୋରି ହୋଇଥିବା ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଜବତ, ଜଣେ ଗିରଫ**

ମୁମ୍ବାଇରୁ ଚୋରି ହୋଇଥିବା ଟଙ୍କା ଭଦ୍ରକ ଜିଲା ବାସୁଦେବପୁରରୁ ଜବତ ହୋଇଛି। ମୁମ୍ବାଇ ପୋଲିସ ବାସୁଦେବପୁର ପୋଲିସ ସହାୟତାରେ ଚୋରି ଟଙ୍କା ୨୨ ଲକ୍ଷ ମଧ୍ୟରୁ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଜବତ କରିବାରେ ସକ୍ଷମ ହେବା ସହ ଜଣେ ଯୁବକଙ୍କୁ ଗିରଫ କରିଛି।

ମୁମ୍ବାଇ ଡିବି ମାର୍ଗ ଅଞ୍ଚଳର ଜଣେ ବ୍ୟବସାୟୀଙ୍କ ଘରୁ ୨୨ ଲକ୍ଷ ଟଙ୍କା ଚୋରି ହୋଇଥିଲା। ଚୋରି କରିଥିବା ଯୁବକ ଜଣକ ସେଠାରୁ ବାସୁଦେବପୁର ଫେରି ଆସିଥିଲେ। ସେଠାକାର ପୋଲିସ ଏନେଇ ଏକ ମାମଲା (ନଂ ୨୩୬/୨୦) ରୁଜୁ କରି ଅଧିକ ତଦନ୍ତ ପାଇଁ ବାସୁଦେବପୁର ଆସିଥିଲା। ସୋର ଥାନା ଶିରାପୁର ଗ୍ରାମର ଆଶିଷ ସେଠୀ(୩୫)ଙ୍କୁ ଗିରଫ କରି ତାଙ୍କଠାରୁ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଜବତ କରାଯାଇଛି। ଗିରଫ ଆଶିଷ ମୁମ୍ବାଇର ଜଣେ ବ୍ୟବସାୟୀଙ୍କ ଘରେ ଗତ ୭/୮ ବର୍ଷ ଧରି କାମ କରୁଥିଲେ। କୌଶଳକ୍ରମେ ଆଶିଷ ଉକ୍ତ ବ୍ୟକ୍ତିଙ୍କ ଘରୁ ପ୍ରାୟ ୨୨ ଲକ୍ଷ ଟଙ୍କା ଚୋରି କରି ପଳାଇ ଆସିଥିଲେ। ମୋବାଇଲ ଟ୍ରାକିଂରୁ ପୋଲିସ ଆଶିଷଙ୍କୁ ଠାବ କରିବାରେ ସଫଳ ହୋଇଥିଲା। ବାସୁଦେବପୁର ଓ ମୁମ୍ବାଇ ପୋଲିସ ଉଚ୍ଚଡିହା ସେଠୀ ସାହି, ବାଲିକଲୋନୀ ହନୁମାନ ମନ୍ଦିର ପାଖ ଏକ ଘର ଉପରେ ମଧ୍ୟ ଚଢ଼ାଉ କରି ଯାଞ୍ଚ କରିଥିଲେ। ଏହି ଦୁଇଟି ସ୍ଥାନରେ ଗିରଫ ଆଶିଷଙ୍କର କେତେକ ସମ୍ପର୍କୀୟ ରହିଥିବା ପୋଲିସ ଜାଣିବାକୁ ପାଇଥିଲା। ଗିରଫ ଆଶିଷଙ୍କୁ ଧରି ମୁମ୍ବାଇ ପୋଲିସ ବୁଧବାର ଅପରାହ୍ନରେ ଫେରିଯାଇଛି।

# ରାସ୍ତା କାମ ବନ୍ଦ କଲେ ଗ୍ରାମବାସୀ

**ଖଇରା,୫।୮(ଡି.ଏନ.ଏ)**

ବାଲେଶ୍ୱର ଜିଲା ଖଇରା ବ୍ଲକ ରତିଶା ପଞ୍ଚାୟତ ଅଧୀନ ତୁମ୍ବାପଦୀ ଗ୍ରାମରେ ନିର୍ମାଣଧୀନ ରାସ୍ତାକାର୍ଯ୍ୟ ନିମ୍ନମାନର କରାଯିବା ଅଭିଯୋଗରେ ଶତାଧିକ ଗ୍ରାମବାସୀ କାମ ବନ୍ଦ ରଖିଛନ୍ତି। ଏଥିରେ ବ୍ୟବହୃତ ନିମ୍ନମାନର କଞ୍ଚାମାଲକୁ ବଦଳା ନ ଯିବା ପର୍ଯ୍ୟନ୍ତ ରାସ୍ତାକାମ କରିବାକୁ ଦିଆଯିବ ନାହିଁ ବୋଲି ଗ୍ରାମର ଶାନ୍ତିଲତା ଦାସ, ପୂର୍ଣ୍ଣଚନ୍ଦ୍ର ଦାସ, କୁନ୍ତଳା ଦାସ ପ୍ରମୁଖ ଚେତାବନୀ ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ଗ୍ରାମର ଅଙ୍ଗନୱାଡି କେନ୍ଦ୍ରକୁ ସଂଯୋଗିକରଣ ରାସ୍ତା ପାଇଁ ୧ଲକ୍ଷ ୫୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ନିର୍ମାଣ ଦାୟିତ୍ୱରେ ଥିବା ସମ୍ପୃକ୍ତ ବ୍ୟକ୍ତି ନିମ୍ନମାନର କଞ୍ଚାମାଲ ବ୍ୟବହାର କରିବା ପରେ ଗତ ୧ତାରିଖରେ ପ୍ରଥମେ ଗ୍ରାମବାସୀ ବିରୋଧ କରି ଏତଲା ଦେଇଥିଲେ। ପରେ ୩ତାରିଖ ଦିନ ଉଭୟ ପକ୍ଷର ସମାଧାନ କ୍ରମେ ନିର୍ମାଣ ଦାୟିତ୍ୱରେ ଥିବା ବ୍ୟକ୍ତି ଏଷ୍ଟିମେଟ ଅନୁଯାୟୀ କାମ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ମଙ୍ଗଳବାର ନିମ୍ନମାନର ମେଟାଲ ଓ ବାଲି ବ୍ୟବହାର ହେଉଥିବା ଦେଖି ଗ୍ରାମବାସୀ ଏହାକୁ ବନ୍ଦ କରିଥିଲେ। ଏ ସମ୍ପର୍କରେ ସହକାରୀ ଯନ୍ତ୍ରୀ ବିଜୟଲକ୍ଷ୍ମୀ ଟୁଡୁଙ୍କୁ ପଚାରିବାରୁ କଞ୍ଚାମାଲ ବଦଳାଇବାକୁ ନିର୍ଦ୍ଦେଶ ଦିଆଯାଇଛି। କନିଷ୍ଠ ଯନ୍ତ୍ରୀଙ୍କୁ ପଠାଇ ଏହାର ତଦାରଖ କରାଯିବ। ସରପଞ୍ଚ ସତ୍ୟାନନ୍ଦ ଦାସ କହିଛନ୍ତି ଯେ, କନିଷ୍ଠ ଯନ୍ତ୍ରୀଙ୍କ ପରାମର୍ଶ ଅନୁଯାୟୀ କାର୍ଯ୍ୟ କରାଯାଉଛି।



ନିମ୍ନମାନର ରାସ୍ତାକାମକୁ ଗ୍ରାମବାସୀ ବିରୋଧ କରୁଛନ୍ତି।

# ଫାଇଦାରେ ଆଗୁଆ, ନିଯୁକ୍ତିରେ ପଛୁଆ

**ହର୍ଷବର୍ଦ୍ଧନ ବେହେରା**
**ଯାଜପୁର ଅଫିସ୍,୫।୮**

କଳିଙ୍ଗନଗରରେ ଶିଳ୍ପାୟନ ପଛରେ ମୂଳ ଲକ୍ଷ୍ୟ ରହିଥିଲା ସ୍ଥାନୀୟ ଅଞ୍ଚଳ ସମେତ ରାଜ୍ୟର ନିଯୁକ୍ତି ଏବଂ ଅର୍ଥନୈତିକ କ୍ଷେତ୍ରରେ ବିକାଶ। ଏହି ଅଞ୍ଚଳକୁ ଶିଳ୍ପ ସ୍ଥାପନ କରିବାକୁ ଆସିଥିବା ଦେଶର ଅଗ୍ରଣୀ ଶିଳ୍ପ ସଂସ୍ଥାମାନେ ସେହିଭଳି ପ୍ରତିଶ୍ରୁତି ଦେଇ ରାଜ୍ୟର ଖଣିଜ ପଦାର୍ଥ ହାତେଇବା ସହିତ ପାଣି, ପବନ, ଜଙ୍ଗଲ ଜମିକୁ ମନଇଚ୍ଛା ବ୍ୟବହାର କରିବାର ସୁଯୋଗ ପାଇଲେ। ପ୍ରଦୂଷିତ ପରିବେଶ ସମେତ ଶିଳ୍ପାୟନ ପ୍ରଭାବରେ ସୃଷ୍ଟି ସମସ୍ତ ଅସୁବିଧାକୁ ସ୍ଥାନୀୟ ଲୋକେ ସହିଗଲେ ଏହି ଆଶାରେ ଯେ ସେମାନେ ରୋଜଗାରର ଭରପୂର ସୁଯୋଗ ପାଇବେ। କିନ୍ତୁ କଳିଙ୍ଗନଗର ଶିଳ୍ପାଞ୍ଚଳ ସ୍ଥାପନ ହେବାର ୨ ଦଶନ୍ଧିରୁ ଅଧିକ ସମୟ ଅତିବାହିତ ହୋଇଯିବା ପରେ ଆଜି ଦେଖାଯାଉଛି ଯେ, କେବଳ ସ୍ଥାନୀୟ ଲୋକେ ନୁହଁ ସମଗ୍ର ରାଜ୍ୟବାସୀ ଠକି ହୋଇଛନ୍ତି। ନିଯୁକ୍ତି କ୍ଷେତ୍ରରେ ଏହି ଅଞ୍ଚଳର ଶିଳ୍ପ ସଂସ୍ଥାଗୁଡ଼ିକ ପ୍ରତିଶ୍ରୁତି ରକ୍ଷା କରିନାହାନ୍ତି କି ସେମାନଙ୍କଠାରେ ଆଗାମୀ ଦିନ ପାଇଁ ପ୍ରତିଶ୍ରୁତିବଦ୍ଧତାର କୌଣସି ଲକ୍ଷଣ ଦେଖାଯାଉନାହିଁ। ସେମାନେ କେବଳ ଅଧିକ ଜମି, ଖଣି ଓ ଖଣିଜ ପଦାର୍ଥ ନେଇ ସମ୍ପ୍ରସାରଣ ମାଧ୍ୟମରେ ନିଜର ଲାଭକୁ ବହୁଗୁଣ ବୃଦ୍ଧି କରିବାରେ ପ୍ରତିଶ୍ରୁତିବଦ୍ଧ।

ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳରେ ୧୯୯୫ ପରଠାରୁ ଦ୍ରୁତ ଶିଳ୍ପାୟନର ଧାରା ଅବ୍ୟାହତ ରହିଛି। ୧୦ରୁ ଅଧିକ ଇସ୍ପାତ କାରଖାନା ଗଢ଼ି ଉଠିଥିବାବେଳେ ଟାଟା ଷ୍ଟିଲ୍ ଓ ଜିନ୍ଦଲ ଷ୍ଟେନ୍‌ଲେସ୍ ଷ୍ଟିଲ୍ ଲିମିଟେଡ୍ (ଜେଏସ୍‌ଏଲ୍) ଭଳି ବୃହତ୍ ଶିଳ୍ପ ରହିଛି। ୨ଟି ସିମେଣ୍ଟ କାରଖାନା ଉତ୍ପାଦନକ୍ଷମ ହେବା ସାଙ୍ଗକୁ ୩ଟି ନିର୍ମାଣାଧୀନ ରହିଛି। ବିଭିନ୍ନ ଶିଳ୍ପ ପ୍ରତିଷ୍ଠାକୁ ଦୃଷ୍ଟି ରଖି ସରକାରୀ ଓ ବେସରକାରୀ ବୈଷୟିକ ଶିକ୍ଷାନୁଷ୍ଠାନ ମଧ୍ୟ ଖୋଲିଛି। ବହୁ ଛାତ୍ରୀଛାତ୍ର ନିଯୁକ୍ତି ଆଶାରେ ଏଥିରେ ନାମ ଲେଖାଉଛନ୍ତି। ଖର୍ଚ୍ଚାନ୍ତ ହୋଇ ପାଠ ପଢ଼ିବା ପରେ ସେମାନଙ୍କୁ କିନ୍ତୁ ଜିଲାର ଶିଳ୍ପ କାରଖାନାରେ ନିଯୁକ୍ତି ମିଳୁନାହିଁ। ଜିଲା କର୍ମ ନିୟୋଜନ ସଂସ୍ଥା ମାଧ୍ୟମରେ ନିଯୁକ୍ତି ପ୍ରକ୍ରିୟା ସମ୍ପାଦନ ହେବାର ଆଇନଗତ ବ୍ୟବସ୍ଥା ରହିଥିଲେ ହେଁ ଏହାକୁ କେହି ଶିଳ୍ପ ସଂସ୍ଥା ମାନୁନାହାନ୍ତି। ଉଦାହରଣ ଭାବେ ଜିଲା କର୍ମ ନିୟୋଜନ ସଂସ୍ଥାରେ ମୋଟ ୨୪,୫୯୬ ଜଣ ଯୁବତୀଯୁବକ ନାମ ପଞ୍ଜୀକୃତ କରିଛନ୍ତି। ହେଲେ ଏହି ସଂସ୍ଥା ଜରିଆରେ ବିଭିନ୍ନ ଶିଳ୍ପ ସଂସ୍ଥାରେ ୨୦୧୭ ସୁଦ୍ଧା ୧୪୨ ଜଣ ଏବଂ ପରେ ଅଦ୍ୟାବଧି ମାତ୍ର ଜଣଙ୍କୁ ନିଯୁକ୍ତି ମିଳିଛି। ସ୍ଥାନୀୟ ନିଯୁକ୍ତି ଅପେକ୍ଷା ରାଜ୍ୟ ବାହାରର ନିଯୁକ୍ତି ସଂଖ୍ୟା ପଦାରେ ପଡ଼ିଯିବା ଭୟରେ କର୍ମ ନିୟୋଜନ ସଂସ୍ଥାକୁ ବାଦ୍ ଦିଆଯାଉଥିବା କୁହାଯାଉଛି। ସେହିପରି କମ୍ପଲସରି ନୋଟିଫିକେସନ ଅଫ୍ ଭାକେନ୍ସି ଆକ୍ଟ ୧୯୫୯ ଅନୁଯାୟୀ ଶିଳ୍ପ ପ୍ରତିଷ୍ଠାନଗୁଡିକରେ ଖାଲି ପଡ଼ିଥିବା ପଦବୀରେ ନିଯୁକ୍ତି ପାଇଁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ କରାଯାଉନାହିଁ। ଜିଲାର ରଗଡ଼ିସ୍ଥିତ ସରକାରୀ ପଲିଟେକ୍ନିକ ଏବଂ ତରାପୁରସ୍ଥିତ କଳିଙ୍ଗନଗର ପଲିଟେକ୍ନିକରୁ ପ୍ରତିବର୍ଷ ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହେଉଥିଲେ ହେଁ ଅଭିଜ୍ଞତା ଆଳରେ ସେମାନଙ୍କୁ ନିଯୁକ୍ତି ମିଳୁନାହିଁ। ଏହାର ପ୍ରତିବାଦରେ ବିଭିନ୍ନ ସମୟରେ ଆନ୍ଦୋଳନ ହେଉଥିଲେ ମଧ୍ୟ କେହି ଶୁଣୁନାହାନ୍ତି। ଇତିମଧ୍ୟରେ ଟାଟା ଷ୍ଟିଲ୍ ଓ ଜେଏସ୍‌ଏଲ୍ ସମ୍ପ୍ରସାରଣ କାର୍ଯ୍ୟ ଚଳାଇଥିଲେ ମଧ୍ୟ ପ୍ରତିଶ୍ରୁତି ମୁତାବକ ସ୍ଥାନୀୟ ନିଯୁକ୍ତିକୁ ଭୁଲିଯାଇଥିବା ଅଭିଯୋଗ ହୋଇଛି।

ଟାଟା ଷ୍ଟିଲ୍ କାରଖାନାର ଅଶୋଧିତ ଇସ୍ପାତ ଉତ୍ପାଦନ କ୍ଷମତାକୁ ବାର୍ଷିକ ୬ ନିୟୁତ ଟନ୍‌ରୁ ୮ ନିୟୁତ ଟନ୍‌କୁ ବୃଦ୍ଧି କରିବା ଏବଂ ବାର୍ଷିକ ୯ ନିୟୁତ ଟନ୍ ଫିନିଶଡ୍ ଇସ୍ପାତ ଉତ୍ପାଦନ କରିବା ନିମନ୍ତେ ଗତ ଅକ୍ଟୋବରରେ ଜନଶୁଣାଣି ହୋଇଥିଲା। ଏଥିରେ ପ୍ରାୟ ୨,୬୨୦ କୋଟି ଟଙ୍କା ପୁଞ୍ଜିନିବେଶ କରାଯିବ ଏବଂ ଦେଢ଼ଗୁଣ ନିଯୁକ୍ତି ସୁଯୋଗ ବୃଦ୍ଧି ହେବ ବୋଲି ଜନଶୁଣାଣିରେ ପ୍ରତିଶ୍ରୁତି ଦିଆଯାଇଥିଲା। ତେବେ ସମ୍ପ୍ରସାରଣ କାର୍ଯ୍ୟ ଜୋରସୋର ଚାଲିଥିବାବେଳେ ନିଯୁକ୍ତି ବୃଦ୍ଧି ସଂକ୍ରାନ୍ତରେ କମ୍ପାନୀ ପକ୍ଷରୁ କିଛି କୁହାଯାଉ ନାହିଁ। ଜିଲା ପ୍ରଶାସନ ପାଖରେ ମଧ୍ୟ ଏନେଇ କୌଣସି ତଥ୍ୟ ନାହିଁ। ସେହିପରି ଜେଏସ୍‌ଏଲ୍‌ର ଅଶୋଧିତ କଳଙ୍କିବିହୀନ ଇସ୍ପାତ ଉତ୍ପାଦନ କ୍ଷମତା ବାର୍ଷିକ ୦.୮ ମିଲିୟନ ଟନ୍‌ରୁ ୨.୨ ମିଲିୟନ ଟନ୍ ଓ କୋଲ୍ଡ ରୋଲିଂ ମିଲ୍ (ସିଆର୍‌ଏମ୍)ର ବାର୍ଷିକ ଉତ୍ପାଦନ କ୍ଷମତା ୦.୮ ମିଲିୟନ ଟନ୍‌ରୁ ୧.୬ ମିଲିୟନ ଟନ ସମ୍ପ୍ରସାରଣ କାର୍ଯ୍ୟ ଚାଲିଛି। ଏଥିପାଇଁ ୧,୬୮୪ କୋଟି ଟଙ୍କା ବିନିଯୋଗ ହେବ। ନିର୍ମାଣ ଅବଧିରେ ସର୍ବାଧିକ ୧୬୦୦ ଶ୍ରମିକ ନିଯୁକ୍ତି ପାଇବେ। କାରଖାନାର ସମ୍ପ୍ରସାରଣ ପରେ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ୭,୮୩୦ ଜଣ ନିଯୁକ୍ତି ପାଇବେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଥିଲା। ହେଲେ ଜେଏସ୍‌ଏଲ୍ ସମ୍ପ୍ରସାରଣ କାର୍ଯ୍ୟ ଚାଲିଥିଲେ ହେଁ ନିଯୁକ୍ତି ବୃଦ୍ଧି ସଂକ୍ରାନ୍ତରେ କୌଣସି ତଥ୍ୟ ଜିଲା ପ୍ରଶାସନ ପାଖରେ ନାହିଁ।

ଜିଲା ପ୍ରଶାସନ ପାଖରେ ଶିଳ୍ପ କାରଖାନାଗୁଡ଼ିକର ନିଯୁକ୍ତି ସମ୍ପର୍କରେ ଯେଉଁ ତଥ୍ୟ ରହିଛି ତାହା ୪ ବର୍ଷ ତଳର। ୨୦୧୬ ସେପ୍ଟେମ୍ବର ୧୪ରେ ଆରଡିସିଙ୍କ ଅଧ୍ୟକ୍ଷତାରେ ଥଇଥାନ ଏବଂ ପାରିପାର୍ଶ୍ୱିକ ଉନ୍ନୟନ ପରାମର୍ଶଦାତା କମିଟି(ଆର୍‌ପିଡିଏସି) ବୈଠକ ବସିଥିଲା। ସେଥିରେ ଶିଳ୍ପ କାରଖାନାଗୁଡ଼ିକ ଦ୍ୱାରା ଦିଆଯାଇଥିବା ନିଯୁକ୍ତି ସମ୍ପର୍କରେ ତଥ୍ୟ ଉପସ୍ଥାପିତ ହୋଇଥିଲା। ତଦନୁଯାୟୀ ଟାଟା ଷ୍ଟିଲ୍ କାରଖାନାରେ ୩୫୮୧ ଜଣ ନିୟମିତ ଏବଂ ୧୪,୨୦୮ ଜଣ ଠିକା ନିଯୁକ୍ତି ପାଇଥିବା ତଥ୍ୟରେ ଉଲ୍ଲେଖ ଥିଲା। ଉକ୍ତ ନିୟମିତ ନିଯୁକ୍ତି ମଧ୍ୟରୁ ୧୭୩୮ ଜଣ ସ୍ଥାନୀୟ (ଓଡ଼ିଶାର) ହୋଇଥିବାବେଳେ ୧୮୪୩ ଜଣ ରାଜ୍ୟ ବାହାରର ଥିଲେ। ଠିକା ନିଯୁକ୍ତି ମଧ୍ୟରୁ ୧୦,୫୫୮ ଜଣ ସ୍ଥାନୀୟ ଏବଂ ୩୬୫୦ ଜଣ ରାଜ୍ୟ ବାହାର ଥିଲେ। ସେହିପରି ଜିନ୍ଦଲ ଷ୍ଟେନ୍‌ଲେସ୍ ଷ୍ଟିଲ୍‌ରେ ୧୭୭୩ ନିୟମିତ କର୍ମଚାରୀ ମଧ୍ୟରୁ ୧୦୦୭ ସ୍ଥାନୀୟ ଓ ୭୬୬ ରାଜ୍ୟ ବାହାରର ଏବଂ ୬୬୪୩ ଠିକା ଶ୍ରମିକ ମଧ୍ୟରୁ ୫୩୮୭ ସ୍ଥାନୀୟ ଓ ୧୨୫୬ ରାଜ୍ୟ ବାହାରର ବୋଲି ଆରପିଡିଏସି ବୈଠକରେ ଉପସ୍ଥାପିତ ତଥ୍ୟରୁ ଜଣାପଡ଼ିଥିଲା। ଅନ୍ୟପକ୍ଷରେ ଭିସା ଷ୍ଟିଲରେ ୧୧୩୮ ଜଣ ନିୟମିତ(୬୩୩ ଜଣ ସ୍ଥାନୀୟ ଓ ୫୦୫ ଜଣ ରାଜ୍ୟ ବାହାରର) ଏବଂ ୨୬୫୧ ଜଣ ଠିକା(୨୪୮୪ ଜଣ ସ୍ଥାନୀୟ ଓ ୧୬୭ ଜଣ ରାଜ୍ୟ ବାହାରର), ବିଆର୍‌ପିଏଲ୍‌ରେ ୧୨୫ ଜଣ ନିୟମିତ(୯୪ ଜଣ ସ୍ଥାନୀୟ ଓ ୩୧ ଜଣ ରାଜ୍ୟ ବାହାରର) ଏବଂ ୩୪୯ ଜଣ ଠିକା (୩୩୮ ଜଣ ସ୍ଥାନୀୟ ଓ ୧୧ ଜଣ ରାଜ୍ୟ ବାହାରର) ନିଯୁକ୍ତି ପାଇଥିଲେ।

ଶିଳ୍ପ କାରଖାନାଗୁଡ଼ିକରେ ରାଜ୍ୟ ବାହାରର ଲୋକଙ୍କୁ ଅଧିକ ପ୍ରାଧାନ୍ୟ ଦିଆଯାଉଥିବା ପ୍ରାୟ ଅଭିଯୋଗ ହୋଇଆସୁଛି। ବିଧାୟକ ପ୍ରୀତିରଞ୍ଜନ ଘଡାଇଙ୍କ ନେତୃତ୍ୱରେ ନିର୍ବାଚିତ ପଞ୍ଚାୟତିରାଜ ପ୍ରତିନିଧି ଓ ଅଞ୍ଚଳବାସୀଙ୍କ ପକ୍ଷରୁ ସୁକିନ୍ଦା ବନ୍ଦ ଡାକରା ଦିଆଯାଇଥିଲା। ୨୦୧୫ ସେପ୍ଟେମ୍ବର ୧୪ରେ ଆନ୍ଦୋଳନ ହୋଇଥାନ୍ତା। କିନ୍ତୁ ଗୋଟିଏ ଦିନ ପୂର୍ବରୁ ଅର୍ଥାତ୍ ସେପ୍ଟେମ୍ବର ୧୩ରେ ନୀଳାଚଳ ହାଉସ୍‌ରେ ତତ୍କାଳୀନ ଜିଲାପାଳ ସତ୍ୟକୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ସମାଧାନ ବୈଠକ ହୋଇଥିଲା। ତତ୍କାଳୀନ ଶିଳ୍ପମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ରଙ୍କ ହସ୍ତକ୍ଷେପ ଯୋଗୁ ବୈଠକରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଟାଟା କର୍ତ୍ତୃପକ୍ଷ ଦେଇଥିବା ନିଯୁକ୍ତିର ତାଲିକା ପ୍ରସ୍ତୁତ କରି ତାହାର ତଦନ୍ତ କରାଯିବାକୁ ବିଧାୟକ ଘଡାଇ ଦାବି କରିଥିଲେ। ଏହାର ତଦନ୍ତ ପାଇଁ ଏକ କମିଟି ଗଠନ କରାଯାଇଥିଲା। କମିଟିରେ ଜିଲାପାଳ, ବିଧାୟକ ଏବଂ ଟାଟା କର୍ତ୍ତୃପକ୍ଷ ସଭ୍ୟ ଭାବେ ରହିବେ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସମାଧାନ ବୈଠକର ୧୫ ଦିନ ମଧ୍ୟରେ ନିଯୁକ୍ତି ସମ୍ପର୍କରେ କମିଟି ତଦାରଖ କରି ରିପୋର୍ଟ ଦେବାକୁ ତତ୍କାଳୀନ ଆରଡିସି ବିକାଶ କୁମାର ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଉକ୍ତ ତଦନ୍ତ କମିଟି ନିଷ୍କ୍ରିୟ ହୋଇପଡ଼ିଛି। କୌଣସି କମିଟି ବୈଠକ ହେଉନାହିଁ କିମ୍ବା ନିଯୁକ୍ତି ସଂକ୍ରାନ୍ତରେ ତଦନ୍ତ ହେଉନାହିଁ।

ରାଜ୍ୟର ଉତ୍କଟ ବେକାରି ସମସ୍ୟା ପରିପ୍ରେକ୍ଷୀରେ ଶିଳ୍ପାୟନକୁ ଗ୍ରହଣୀୟ କରାଇବା ପାଇଁ ଜିଲାବାସୀଙ୍କୁ ନିଯୁକ୍ତିର ଲଲିପପ୍ ଦେଖାଉଛନ୍ତି। କିନ୍ତୁ ବାସ୍ତବରେ ଶିଳ୍ପରେ ନିଯୁକ୍ତି ଅତି ନଗଣ୍ୟ ବୋଲି ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂରେ ଡିଗ୍ରୀ କରିଥିବା ଯାଜପୁରରୋଡ୍‌ର ଦେବାଶିଷ ରାଉତ କହିଛନ୍ତି। ଏ ସଂକ୍ରାନ୍ତରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କୁ ପଚାରିବାରେ ସେ କୁହନ୍ତି, ଟାଟା ଷ୍ଟିଲ୍ ଓ ଜିନ୍ଦଲ ଷ୍ଟେନଲେସ୍ ଷ୍ଟିଲ୍‌ର ସଂପ୍ରସାରଣ ସମୟରେ ନିଯୁକ୍ତି ତଥ୍ୟ ମଗାଯାଇଛି। ଏ ପର୍ଯ୍ୟନ୍ତ ହସ୍ତଗତ ହୋଇ ପାରିନାହିଁ। ଜିଲା ପ୍ରଶାସନ ସର୍ବଦା ସ୍ଥାନୀୟ ନିଯୁକ୍ତି ଉପରେ ଗୁରୁତ୍ୱ ଦେଇ ଶିଳ୍ପ କାରଖାନାଗୁଡ଼ିକୁ ପରାମର୍ଶ ଦେଇଆସୁଛି।

**କଳିଙ୍ଗନଗର ଶିଳ୍ପାଞ୍ଚଳ**




## ସଂକ୍ଷେପରେ

### କଂଗ୍ରେସ ଛାଡ଼ିଲେ ପୂର୍ବତନ ବିଧାୟକ

**ବାଲିଆ,୫।୮:** ୧୯୮୫ରେ ଜଗତ୍‌ସିଂହପୁର ସଂରକ୍ଷିତ ଆସନରୁ କଂଗ୍ରେସ ଟିକେଟରେ ଲଢ଼ି ବିଧାୟକ ଭାବେ ଜିତିଥିବା ପୂର୍ବତନ ବିଧାୟକ କୈଳାସ ଚନ୍ଦ୍ର ମଲ୍ଲିକ ବୁଧବାର କଂଗ୍ରେସ ଦଳ ଛାଡିଥିବା ଘୋଷଣା କରିଛନ୍ତି। ସେ ତାଙ୍କର ଇସ୍ତଫାପତ୍ର ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିକଟକୁ ସ୍ପିଡ୍ ପୋଷ୍ଟ ମାଧ୍ୟମରେ ପଠାଇଥିବା ସୂଚନା ଦେଇଛନ୍ତି। ୧୯୮୫ରେ ସେ ଚାକିରି ଛାଡି କଂଗ୍ରେସରେ ଯୋଗଦେବା ସହ ଦଳ ତରଫରୁ ଜଗତ୍‌ସିଂହପୁର ସଂରକ୍ଷିତ ଆସନ ପାଇଁ ବିଧାୟକ ପ୍ରାର୍ଥୀ ହୋଇଥିଲେ। ସେତେବେଳେ ସେ ବହୁ ଭୋଟରେ ଜିତିଥିଲେ। ପରବର୍ତ୍ତୀ ସମୟରେ ୧୯୯୦ରୁ ୨୦୦୯ ପର୍ଯ୍ୟନ୍ତ ଜଗତ୍‌ସିଂହପୁର ସଂରକ୍ଷିତ ଆସନ ଓ ୨୦୦୯ରୁ ୨୦୧୯ ପର୍ଯ୍ୟନ୍ତ ନୂତନ ଭାବେ ଗଠିତ ତିର୍ତ୍ତୋଲ ବିଧାନସଭା ଆସନ ପାଇଁ ତାଙ୍କୁ ଆଉ ଟିକଟ ମିଳି ନ ଥିଲା। ଦଳ ତାଙ୍କୁ ବାରମ୍ବାର ଉପେକ୍ଷା କରି ଆସୁଥିବାରୁ ସେ ଏଭଳି ନିଷ୍ପତ୍ତି ନେଇଥିବା କୁହାଯାଉଛି। ତେବେ ଇସ୍ତଫା ଦେବାପରେ ଅନ୍ୟ କୌଣସି ଦଳକୁ ଯିବେନାହିଁ ବୋଲି ସେ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

### ବିଧାନସଭାରେ ଶପଥପାଠ

**ଭୁବନେଶ୍ୱର,୫।୮(ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ କୋଭିଡ୍ ଯୋଦ୍ଧାଙ୍କ ଉଦ୍ଦେଶ୍ୟରେ ବୁଧବାର ବିଧାନସଭାରେ ନୀରବ ପ୍ରାର୍ଥନା ସହିତ ଶପଥ ପାଠ କରାଯାଇଛି। ଭିଡିଓ କନ୍‌ଫରେନ୍ସିଂ ଜରିଆରେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର, ଉପ ବାଚସ୍ପତି ରଜନୀକାନ୍ତ ସିଂହ, ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ, ସରକାରୀ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଏଥିରେ ଅଂଶ ଗ୍ରହଣ କରିଛନ୍ତି। ବିଧାନସଭାର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ମଧ ନୀରବ ପ୍ରାର୍ଥନା କରିବା ସହିତ ଶପଥ ପାଠ କରିଛନ୍ତି। କୋଭିଡ୍ ଯୁଦ୍ଧରେ ପ୍ରାଣବଳୀ ଦେଇଥିବା ଯୋଦ୍ଧାଙ୍କ ସମ୍ପ୍ରତି ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଓ ନୀରବ ପ୍ରାର୍ଥନା ଅଭିପ୍ରେତ ଥିବାବେଳେ ଏହି ଲଢ଼େଇ ଜାରି ରଖିଥିବା କୋଭିଡ୍ ଯୋଦ୍ଧାମାନଙ୍କୁ ଉତ୍ସାହିତ କରିବା ଶପଥ ପାଠର ଉଦ୍ଦେଶ୍ୟ।

### କୋଣାର୍କରେ ୨ ଆୟୁଷ ଡାକ୍ତର ପଜିଟିଭ

**କୋଣାର୍କ,୫।୮(ଡି.ଏନ୍.ଏ.):** କୋଣାର୍କସ୍ଥିତ ମାତୃମଙ୍ଗଳ ହସ୍ପିଟାଲ ପରିସରରେ ଖୋଲା ଯାଇଥିବା କୋଭିଡ୍ କେୟାର ହସ୍ପିଟାଲରେ କାର୍ଯ୍ୟରତ ୨ ଆୟୁଷ ଡାକ୍ତର ପଜିଟିଭ ଚିହ୍ନଟ ହୋଇଥିବା ଏନ୍‌ଏସି ନିର୍ବାହୀ ଅଧିକାରୀ ଏମ୍ ଶ୍ରୀନିବାସ କହିଛନ୍ତି। ଚିହ୍ନଟ ୨ ଡାକ୍ତର କରୋନା ରୋଗୀଙ୍କୁ ଚିକିତ୍ସା କରୁଥିବାବେଳେ ସୋମବାର ଅସୁସ୍ଥତା ଅନୁଭବ କରିବାରୁ ସ୍ୱାବ ଟେଷ୍ଟ ପାଇଁ ପଠାଯାଇଥିଲା। ବୁଧବାର ରିପୋର୍ଟ ପଜିଟିଭ ଆସିବା ପରେ ସେମାନଙ୍କୁ କୋଣାର୍କସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଥିବା ଆଇସୋଲେଶନରେ ରହି ଚିକିତ୍ସା କରାଯାଉଛି। ଅନ୍ୟପକ୍ଷେ କୋଣାର୍କ ଥାନା ଅଧୀନସ୍ଥ କୁରୁଜଙ୍ଗ ପଞ୍ଚାୟତରୁ ୪ଜଣ ପଜିଟିଭ ରୋଗୀ ଚିହ୍ନଟ ହୋଇଥିବାବେଳେ ସରପଞ୍ଚ ନିଗମାନନ୍ଦ ପରିଡା ପଞ୍ଚାୟତକୁ ୭ଦିନ ପାଇଁ ଶଟ୍‌ଡାଉନ ଘୋଷଣା କରିଛନ୍ତି। ଏ ନେଇ ଚିହ୍ନଟ ହୋଇଥିବା ଗ୍ରାମଗୁଡିକକୁ ସାନିଟାଇଜ କରାଯାଇଥିବା ସରପଞ୍ଚ କହିଛନ୍ତି।

### ଖୋର୍ଦ୍ଧା: ୪୯ ପଜିଟିଭ ଚିହ୍ନଟ

**ଖୋର୍ଦ୍ଧା ଅଫିସ, ୫।୮:** ଖୋର୍ଦ୍ଧା ଜିଲାରେ (ବିଏମ୍‌ସିକୁ ବାଦ୍ ଦେଇ) ବୁଧବାର ୪୯ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୧୪୮୮ରେ ପହଞ୍ଚିଛି। ୪୯ ଆକ୍ରାନ୍ତଙ୍କ ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସାଳୟରୁ ୪ଜଣ ଓ ଖୋର୍ଦ୍ଧା ପୌରାଞ୍ଚଳରୁ ଜଣେ ରହିଛନ୍ତି। ସେହିପରି ବାଣପୁର ବ୍ଲକରୁ ୪, ବାଲୁଗାଁରୁ ୪, ଟାଙ୍ଗୀରୁ ୮, ଖୋର୍ଦ୍ଧା ବ୍ଲକ ହଳଦିଆରୁ ୨, ବେଗୁନିଆରୁ ୨, ବୋଲଗଡରୁ ୫, ଜଟଣୀରୁ ୩, ଭୁବନେଶ୍ୱର ବ୍ଲକ ମେଣ୍ଢାଶାଳରୁ ୬, ବାଲକାଟୀରୁ ୪ ଏବଂ ବାଲିପାଟଣା ବ୍ଲକରୁ ୬ଜଣ ପଜିଟିଭ ରହିଛନ୍ତି।



ପୁରୀ ସମୁଦ୍ର ବୁଧବାର ଅପରାହ୍ନରେ ଅଶାନ୍ତ ହୋଇପଡ଼ିଛି।

# ନିରାପଦ ପାନୀୟଜଳ ଯୋଗାଇବାକୁ ସରକାର ସଂକଳ୍ପବଦ୍ଧ: ୱାଟ୍‌କୋ

**ଭୁବନେଶ୍ୱର,୫।୮(ବ୍ୟୁରୋ)**

ଗତ ଅଗଷ୍ଟ ୨ରେ ଧରିତ୍ରୀରେ ପ୍ରକାଶିତ 'ସହର ପାଣି ବିପଦ ଆଣିପାରେ' ଶୀର୍ଷକ ଖବର ସମ୍ପର୍କରେ ଓଡ଼ିଶା ଜଳ ନିଗମ(ୱାଟ୍‌କୋ) ଡିଭିଜନ-୧, ଭୁବନେଶ୍ୱରର ମହାପ୍ରବନ୍ଧକଙ୍କ ପକ୍ଷରୁ ଏକ ପତ୍ର ମାଧ୍ୟମରେ ସ୍ପଷ୍ଟୀକରଣ ଦିଆଯାଇଛି। ସେଥିରେ ଦର୍ଶାଯାଇଛି ଯେ, ସହରାଞ୍ଚଳରେ ଯୋଗାଇ ଦିଆଯାଉଥିବା ପାନୀୟ ଜଳର ଗୁଣବତ୍ତା ରକ୍ଷା କରିବା ପାଇଁ ରାଜ୍ୟ ସରକାର ୨୬।୧୨।୨୦୧୬ରୁ ସରକାରୀ ସହଭାଗିତାରେ ଏକ ଘରୋଇ ସଂସ୍ଥା ଏମ୍/ଏସ୍ ସ୍ପେକ୍ଟ୍ରୋ ଆନାଲିଟିକାଲ ଲାବ୍‌ସ ଲି, ନୂଆଦିଲ୍ଲୀ ସହିତ ଚୁକ୍ତିପତ୍ର ସ୍ୱାକ୍ଷର କରିଛନ୍ତି। ଏହି ଚୁକ୍ତି ମୁତାବକ ୮ ସହରରେ ଡିଭିଜନାଲ ପରୀକ୍ଷାଗାର ପ୍ରତିଷ୍ଠିତ ହୋଇଛି ଏବଂ ତା' ସହିତ ଏକ ରାଜ୍ୟସ୍ତରୀୟ ପରୀକ୍ଷାଗାର ମଧ୍ୟ ପ୍ରତିଷ୍ଠିତ ହୋଇ ସୁଚାରୁରୂପେ କାର୍ଯ୍ୟ କରୁଛି। ଚୁକ୍ତି ମୁତାବକ ଉକ୍ତ ସଂସ୍ଥା ନିୟମିତ ସର୍ବସାଧାରଣଙ୍କ ଲାଗି ଉଦ୍ଦିଷ୍ଟ ଷ୍ଟାଣ୍ଡପୋଷ୍ଟ, ଗୃହ ସଂଯୋଗ, ନଳକୂପ, ପ୍ରଡକ୍ସନ ୱେଲ୍, ଜଳ ବିଶୋଧନାଗାର ଓ ବିଭିନ୍ନ ସ୍ଥାନରେ ଥିବା ଭୂତଳ ଜଳଭଣ୍ଡାରରୁ ଜଳ ନମୁନା ସଂଗ୍ରହ କରି ଏହାର ବିଧିବଦ୍ଧ ମାନ ପରୀକ୍ଷା କରୁଛି। ଚୁକ୍ତି ମୁତାବକ ଡିଭିଜନ ସ୍ତରୀୟ ପରୀକ୍ଷାଗାର ସତ୍ୟନଗରରେ ଦୈନିକ ୫୪ଗୋଟି ଜଳ ନମୁନା ବିଭିନ୍ନ ଉତ୍ସ ଯଥା ଅବିଶୋଧିତ ଜଳ, ବିଶୋଧିତ ଜଳ, ଷ୍ଟାଣ୍ଡପୋଷ୍ଟ, ନଳକୂପ, ପ୍ରଡକ୍ସନ ୱେଲ୍ ଓ ଉପଭୋକ୍ତାଙ୍କ ଗୃହ ସଂଯୋଗରୁ ଜଳର ନମୁନା ସଂଗ୍ରହ କରାଯାଇ ତାହା ୨୯ ଗୋଟି ମାନଦଣ୍ଡରେ ପରୀକ୍ଷା କରାଯାଉଛି। ଏପରି କି କୋଭିଡ୍ ମହାମାରୀ ସମୟରେ ମାର୍ଚ୍ଚ ୨୦୨୦ରୁ ଜୁଲାଇ ମଧ୍ୟରେ ୩୧୯୮ଟି ଜଳ ନମୁନା ଡିଭିଜନ ସ୍ତରୀୟ ପରୀକ୍ଷାଗାରରେ ପରୀକ୍ଷା କରାଯାଇଛି। ସେହିପରି ରାଜ୍ୟସ୍ତରୀୟ ପରୀକ୍ଷାଗାରରେ ଭୌତିକ, ରାସାୟନିକ, ବୀଜାଣୁ, ଧାତବ, କୀଟନାଶକ ଓ ଜୈବିକ ଅଂଶପାଇଁ ୬୯ଗୋଟି ମାପଦଣ୍ଡରେ ନିୟମିତ ପରୀକ୍ଷଣ କରାଯାଉଛି ଏବଂ ଗତ ମାର୍ଚ୍ଚରୁ ଜୁଲାଇ ମଧ୍ୟରେ ୩୩୦୧ଟି ଜଳ ନମୁନା ପରୀକ୍ଷଣ କରାଯାଇଛି। ଏତଦ୍‌ବ୍ୟତୀତ ଆଉ ୭ଟି ଡିଭିଜନାଲ ଲାବରେଟୋରି ରାଉରକେଲା, ବାଲେଶ୍ୱର, ବାରିପଦା, ସମ୍ବଲପୁର, କଟକ, ପୁରୀ ଓ ବ୍ରହ୍ମପୁରରେ କାର୍ଯ୍ୟକ୍ଷମ ଅଛି। ଉକ୍ତ ଲାବରେଟୋରିଗୁଡ଼ିକରେ କୋଭିଡ୍ ନିୟମ ଅନୁପାଳନ ସମୟରେ ଯଥାକ୍ରମେ ୨୬୬୧, ୧୨୯୬, ୩୩୪୬, ୪୨୭୭, ୨୫୧୧ ଓ ୨୫୧୧ଟି ନମୁନା ପରୀକ୍ଷା କରାଯାଇଛି।

ଏହାଛଡ଼ା ପିପିପି ଲାବରେଟୋରିର ନମୁନା ସଂଗ୍ରହଠାରୁ ପରୀକ୍ଷଣ ପର୍ଯ୍ୟନ୍ତ ସମସ୍ତ ତଥ୍ୟର ହିସାବ ରଖିବା ପାଇଁ ଏନ୍‌ଆଇସି ଭୁବନେଶ୍ୱର ମାଧ୍ୟମରେ ଏକ ସଫ୍ଟୱେର ପ୍ରସ୍ତୁତ କରାଯାଇଛି, ଯାହାର ନାମ ହେଲା 'ଆକ୍ୱିଜିଶନ ୱାଟର କ୍ୱାଲିଟି ଡାଟା ଆଣ୍ଡ ସର୍ଭିଲାନ୍ସ'। ଉକ୍ତ ଇଣ୍ଟରଫେସ୍‌ଟି ଦୃଷ୍ଟାନ୍ତମୂଳକ ଭାବେ ଭୁବନେଶ୍ୱର ପିପିପି ଲାବରେଟୋରିରେ ପ୍ରଥମେ ଚାଲୁ କରାଯାଇଛି ଏବଂ ପର୍ଯ୍ୟାୟକ୍ରମେ ସମସ୍ତ ପିପିପି ଲାବରେଟୋରିକୁ ପରିବ୍ୟାପ୍ତ କରାଯିବ। ଏତଦ୍‌ବ୍ୟତୀତ ନିକଟ ଭବିଷ୍ୟତରେ ଜନସାଧାରଣଙ୍କ ଅବଗତି ନିମନ୍ତେ ଆଇଏସ୍‌ଡବ୍ଲ୍ୟୁଆଇଏମ୍‌ଏସ୍ ମାଧ୍ୟମରେ ଜଳର ମାନ ଡାସ୍‌ବୋର୍ଡରେ ଉପଲବ୍ଧ ହେବ। ଏହାବ୍ୟତୀତ ଜଳସାଥୀମାନଙ୍କ ଦ୍ୱାରା ଭୁବନେଶ୍ୱର ଓ ପୁରୀରେ ମଧ୍ୟ କୋଭିଡ୍ ପ୍ରତିବନ୍ଧକ ସମୟରେ ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦିଆଯାଇ ଜଳର ଉପଯୁକ୍ତ ମାନ ପରୀକ୍ଷା କରାଯାଉଛି। ଭୁବନେଶ୍ୱର ନିମନ୍ତେ ୨୩ଟି ୱାର୍ଡ ପାଇଁ ୫୯ ଜଳସାଥୀ ନିୟୋଜିତ ହୋଇଛନ୍ତି ଓ ଅବଶିଷ୍ଟ ୪୪ଟି ୱାର୍ଡ ନିମନ୍ତେ ୬୫ ଜଳସାଥୀ ନିୟୋଜନ ସକାଶେ ପ୍ରକ୍ରିୟା ସମାପ୍ତ ହୋଇଛି। ସେହିପରି ପୁରୀ ସହର ନିମନ୍ତେ ୨୮ ଜଳସାଥୀ ୨୮ଟି ୱାର୍ଡରେ କାର୍ଯ୍ୟ କରୁଛନ୍ତି। ପ୍ରତ୍ୟେକ ଜଳସାଥୀ ଉପଭୋକ୍ତାମାନଙ୍କର ଜଳର ମାନ ନିର୍ଦ୍ଧାରଣ ପାଇଁ ପ୍ରତିଦିନ ୨ଟି ଲେଖା ମୁଖ୍ୟ ଜଳ ପରୀକ୍ଷଣ ଯଥା ଏଫ୍‌ଆର୍‌ସି, ଏଚ୍‌୨ଏସ୍ ପରୀକ୍ଷା କରୁଛନ୍ତି। ଜଳସାଥୀମାନେ ଲୋକମାନଙ୍କ ଆପତ୍ତି, ଅଭିଯୋଗ, ନୂତନ ପାନୀୟଜଳ ସଂଯୋଗ ଆବେଦନ, ଜଳକର ଆଦାୟ, ମିଟର ରିଡିଂ ଇତ୍ୟାଦି ସେବା ଘର ନିକଟରେ ଯୋଗାଇ ଦେଉଛନ୍ତି। ଅନ୍ୟପକ୍ଷରେ ଆନାଲିଷ୍ଟଙ୍କ ଅସୁସ୍ଥତା ଯୋଗୁ ଅନୁପସ୍ଥିତ ରହିବା ହେତୁ ଅନ୍ୟଜଣେ ଅସିଷ୍ଟାଣ୍ଟ ଆନାଲିଷ୍ଟଙ୍କୁ ଉକ୍ତ କାର୍ଯ୍ୟ ତଦାରଖ ନିମନ୍ତେ ଦାୟିତ୍ୱ ପ୍ରଦାନ କରାଯାଇଛି। ଜନସାଧାରଣଙ୍କୁ ନିରାପଦ ପାନୀୟଜଳ ଯୋଗାଇବାକୁ ସରକାର ସଂକଳ୍ପବଦ୍ଧ ଓ ନିରନ୍ତର ଚେଷ୍ଟିତ।

## ସଡ଼କ ଦୁର୍ଘଟଣା: ଜଣେ ମୃତ, ୩ ଗୁରୁତର

**ବାଲୁଗାଁ,୫।୮(ଡି.ଏନ୍.ଏ.):** ବାଲୁଗାଁ ବାଇପାସ୍ ରାସ୍ତାର ପାରିକଂସାରୀ ଛକଠାରେ ବୁଧବାର ସକାଳେ ଏକ ସଡ଼କ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ବେଳେ ୩ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ଆନ୍ଧ୍ରପ୍ରଦେଶ ବିଶାଖାପାଟଣା ଅଞ୍ଚଳର ଏମ୍. ତାତା(୬୦)। ବାଲୁଗାଁ ଅଗ୍ନିଶ୍ରମ କର୍ମଚାରୀ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାକୁ ନେଇଥିଲେ। ଆହତଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ପରେ ବାଲୁଗାଁ ଥାନାଧିକାରୀ ରମାକାନ୍ତ ମହାଲିକ୍ ଆସି ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲେ। ପୋଲିସ ନଂ. ୧୪୨/୨୦ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପିକ୍‌ଅପ୍(ନଂ.ଏପି୩୯ଟିଏଲ୍-୮୦୦୩) ଗାଡ଼ି ବିଶାଖାପାଟଣାରୁ ୮ଜଣଙ୍କୁ ନେଇ ପୁରୀ ଆସୁଥିଲା। ବୁଧବାର ଭୋରରେ ପାରିକଂସାରୀ ଛକଠାରେ ଡ୍ରାଇଭର ଗାଡ଼ିଟି ଡିଭାଇଡରରେ ପିଟି ଦେବାରୁ ବିପରୀତ ଓଲଟିପଡ଼ିଥିଲା। ଫଳରେ ଗାଡ଼ି ଡାଲାରେ ବସିଥିବା ସମସ୍ତ ଯାତ୍ରୀ ଛିଟିକି ପଡ଼ିଥିଲେ। ଏହି ସମୟରେ ଉକ୍ତ ରାସ୍ତା ଦେଇ ଦ୍ରୁତଗତିରେ ଆସୁଥିବା ଏକ ଗାଡ଼ି ଜଣଙ୍କ ଉପରେ ଚଢ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

## କଟକଣା କୋହଳ ସତ୍ତ୍ୱେ ବସ୍ ବନ୍ଦ



କଟକଣା କୋହଳ ହେବା ପରେ କଟକ ବାଦାମବାଡ଼ିରେ ଯାତ୍ରୀ ଅପେକ୍ଷାରେ ବସ୍।

**କଟକ ଅଫିସ,୫।୮**

କରୋନା କଟକଣା କୋହଳ ସତ୍ତ୍ୱେ ବସ୍ ସେବା ବନ୍ଦ ରହିଛି। ମାର୍ଚ୍ଚରୁ ଘରୋଇ ବସ୍‌ଗୁଡ଼ିକ ବାଦାମବାଡ଼ି-ଲିଙ୍କ୍‌ରୋଡ ମୁଖ୍ୟରାସ୍ତା କଡ଼ରେ ପଡ଼ିରହି ଖତ ଖାଉଛି। ସରକାରୀ ବସ୍ ସେବାର ମଧ୍ୟ ସମଦଶା। କଟକରୁ କୌଣସି ବସ୍ ଗଡୁ ନ ଥିବାରୁ ଘରୋଇ ବସ୍‌ର ମାଲିକଙ୍କୁ ଏହା ବିପୁଳ କ୍ଷତି ଦେଉଥିବା ମାଲିକମାନେ କହିଛନ୍ତି।

ମେ'ରେ କଟକରୁ ଭୁବନେଶ୍ୱରକୁ ବସ୍ ଚାଲିବା ପରେ ଓଏସ୍‌ଆର୍‌ଟିସିର ମାତ୍ର ଗୋଟିଏ ବସ୍ ଚାଲିଥିଲା। ଏହି ବସ୍‌ରେ ମାତ୍ର ୨୦ ଜଣ ଯାତ୍ରା କରୁଥିଲେ ବୋଲି କୁହାଯାଇଥିଲା। ବସ୍‌ଟି ୪୦ ସିଟ୍ ବିଶିଷ୍ଟ ହୋଇଥିଲେ ମଧ ସାମାଜିକ ଦୂରତ୍ୱ ପାଇଁ ଏପରି ହୋଇଥିବା ଓଏସ୍‌ଆର୍‌ଟିସି କଟକ ୟୁନିଟ ଇନ୍‌ଚାର୍ଜ ବଳରାମ ମହାନ୍ତି କହିଛନ୍ତି। କିନ୍ତୁ ଜୁଲାଇ ୧୭ରୁ ସରକାରୀ ବସ୍ ଗଡ଼ିବା ମଧ୍ୟ ବନ୍ଦ ରହିଛି। ଏବେ ଓଏସ୍‌ଆର୍‌ଟିସିର କୌଣସି ବସ୍ ଗଡୁନାହିଁ। ବିଭିନ୍ନ ଜିଲାକୁ ଲୋକେ ଗାଡ଼ି ଭଡ଼ାକରି ଯାଉଛନ୍ତି। ପରବର୍ତ୍ତୀ ଚିଠି ନ ଆସିବା ଯାଏ ମତାମତ ଦେଇହେବ ନାହିଁ ବୋଲି ଓଏସ୍‌ଆର୍‌ଟିସିର ଜଣେ ଅଧିକାରୀ କହିଥିଲେ।

**ଖତ ଖାଉଛି ଗାଡ଼ି, କ୍ଷତିରେ ମାଲିକ**

ଘରୋଇ ବସ୍ ମାଲିକ କପିଳା ବାରିକ କହିଛନ୍ତି, ବସ୍ ଏବେ ନଷ୍ଟ ହେବା ଉପରେ। ପଡ଼ିପଡ଼ି ଏହାର ବିଭିନ୍ନ ଯନ୍ତ୍ରାଂଶ ଖରାପ ହେବାକୁ ଲାଗିଲାଣି। କେବେ ଗଡ଼ିବ ତାହା ସ୍ପଷ୍ଟ ହେଉନି। ଏହି ସେବା ପୁଣି ଆରମ୍ଭ ହେବା ବେଳକୁ ଲକ୍ଷ ଲକ୍ଷ ଟଙ୍କା ମରାମତିରେ ଯିବ। ଡ୍ରାଇଭରମାନେ ଗାଁକୁ ଚାଲି ଯାଇଛନ୍ତି। ପ୍ରତି ସପ୍ତାହରେ ସେମାନଙ୍କୁ କିଛି ଖର୍ଚ୍ଚ ଦେବାକୁ ପଡୁଛି। ଗୋଟିଏ ୫୦ ସିଟ୍‌ବିଶିଷ୍ଟ ବସ୍‌ରେ ମାତ୍ର ୨୫ ଜଣଙ୍କୁ ନେଇ ଯାତ୍ରା କଲେ ତେଲ ଖର୍ଚ୍ଚ ଉଠିବ ନାହିଁ ବୋଲି ସେ କହିଛନ୍ତି। ଘରୋଇ ବସ୍ ମାଲିକ ସଂଘର କଟକ ସଭାପତି ଅଜୟ ବାରିକ କହିଛନ୍ତି, ବସ୍ ସେବାରେ ଏବେ କ୍ଷତି ହିଁ କ୍ଷତି। କିଛି ଘରୋଇ ବସ୍ ଚଳାଚଳ କରୁଛି।

# ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟରେ ନୀରବ ପ୍ରାର୍ଥନା



ସୂଚନା ଓ ଲୋକସମ୍ପର୍କ ବିଭାଗ କାର୍ଯ୍ୟାଳୟରେ କର୍ମଚାରୀମାନେ କୋଭିଡ୍ ଯୋଦ୍ଧାଙ୍କ ଲାଗି ନୀରବ ପ୍ରାର୍ଥନା କରୁଛନ୍ତି।

**ଭୁବନେଶ୍ୱର,୫।୮(ବ୍ୟୁରୋ)**


କୋଭିଡ୍ ଯୋଦ୍ଧାମାନଙ୍କ ଉତ୍ସର୍ଗୀକୃତ ସେବା ଓ ସର୍ବଶ୍ରେଷ୍ଠ ତ୍ୟାଗ ପାଇଁ ସେମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା ଏବଂ ଆଗଧାଡିରେ ରହି ଦିନରାତି ସଂଗ୍ରାମ କରୁଥିବା ସମସ୍ତ କୋଭିଡ୍ ଯୋଦ୍ଧାଙ୍କ ସମ୍ମାନାର୍ଥେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ବୁଧବାର ସନ୍ଧ୍ୟା ୬ ଟାରେ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ମୁଖ୍ୟ କାର୍ଯ୍ୟାଳୟରେ ନୀରବ ପ୍ରାର୍ଥନା ଓ ଶପଥ ପାଠ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କାର୍ଯ୍ୟାଳୟରେ ଉପସ୍ଥିତ ଥିବା ସମସ୍ତ ପଦାଧିକାରୀ ଓ କର୍ମଚାରୀ ସାମାଜିକ ଦୂରତା ରକ୍ଷା କରି କୋଭିଡ୍ ଯୋଦ୍ଧାଙ୍କ ଉଦ୍ଦେଶ୍ୟରେ ୧ ମିନିଟ୍ ନୀରବ ପ୍ରାର୍ଥନା କରିବା ସହିତ କୋଭିଡ୍ ଯୋଦ୍ଧାମାନଙ୍କୁ ପୂରା ସହଯୋଗ କରିବା, ଏ ଲଢେଇରେ ନିଜେ ସାମିଲ ହେବା, କୋଭିଡ୍ ଯୋଦ୍ଧାଙ୍କ ତ୍ୟାଗ, ନିଷ୍ଠା ଓ ଉତ୍ସର୍ଗୀକୃତ ସେବାକୁ ଉତ୍ସାହିତ କରିବା, କରୋନା ବିରୁଦ୍ଧରେ ଲଢେଇକୁ ମଜବୁତ କରିବା ଏବଂ ସମସ୍ତେ କୋଭିଡ୍ ନିୟମାବଳୀ ପାଳନ କରିବାକୁ ଶପଥ ନେଇଥିଲେ। ସୂଚନା ଓ ଲୋକ ସମ୍ପର୍କ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ବରଦା ପ୍ରସନ୍ନ ଦାସଙ୍କ ସମେତ କାର୍ଯ୍ୟାଳୟର ଅନ୍ୟ ସମସ୍ତ ପଦାଧିକାରୀ, ଉପବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଏହି ନୀରବ ପ୍ରାର୍ଥନା ଓ ଶପଥପାଠ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ପୁସ୍ତକ ପରିଚୟ

### ଅଧା ଗଢ଼ା ଅଧା ବର୍ଣ୍ଣମାଳାରେ

**କବି:** ଫନୀ ମହାନ୍ତି
**ପ୍ରକାଶକ:** ଏଥେନା ବୁକ୍ସ, ଭୁବନେଶ୍ୱର-୨
**ପ୍ରଥମ ପ୍ରକାଶ:** ୨୦୧୯, **ମୂଲ୍ୟ:** ଟ.୧୪୦/-

ଗ୍ରନ୍ଥର 'ଆତ୍ମକଥନ'ରେ କବି କହିଛନ୍ତି: ''ପରିବର୍ତ୍ତିତ ସମୟଖଣ୍ଡର ସାମାଜିକ, ଆଧ୍ୟାତ୍ମିକ ଚିତ୍ରାବଳୀକୁ ଆଧାର କରି ଭିନ୍ନଭିନ୍ନ ସମୟରେ ଲେଖାଯାଇଥିବା ଓ ପକାଶ ପାଇଥିବା କବିତାଗୁଡ଼ିକୁ ଚୟନ କରି ଆବଶ୍ୟକସ୍ଥଳେ କେତେକ କବିତାର ପୁନଃସର୍ଜନ କରାଯାଇ ଏହି ସଂକଳନରେ ପତ୍ରସ୍ଥ କରାଯାଇଛି।'' ସଂକଳନରେ




ମୋଟ ୪୫ଟି କବିତା ସ୍ଥାନିତ। ଅନେକ କବିତାରେ ଗଠନଗତ ଲାଳିତ୍ୟ ଖୁବ୍ ବ୍ୟତିକ୍ରମୀ। ଯଥା: 'କୋଉ ଭାଷାରେ ମୁଁ ବର୍ଣ୍ଣିବି ତମକୁ' ଓ 'କସ୍ତୁରୀ ଗନ୍ଧରେ ଅନ୍ଧ ମୃଗୁଣୀ ମୁଁ ଓ 'ଏ କୂଳେ ଆନନ୍ଦ ସେ କୂଳେ ବିଷାଦ' ଆଦି କବିତା। 'ଅନାମ ଆନ୍ଦୋଳନ' କାଳୀନ କିଛି କବିତାକୁ ହୁଏତ କବି ବହିଟି ପାଇଁ ବାଛିଛନ୍ତି। ପଙ୍କ୍ତିଟିଏ ଦେଖନ୍ତୁ: ''ଶୂନ୍ୟରେ ଡାଳରେ ଲୋଟଣି ପାରା/ ପାରା ଉଡ଼ିଗଲେ ନଦେବ ଧରା/ ଧରା ନ ଜିଣିଲେ ଧିକ ଜୀବନ/ ଘଡ଼ିଘଡ଼ିକରେ ଦୁନିଆଁ ଆନ/ ପାଣି ଦେଖା ନାହିଁ ଖେଳୁଛି ମୀନ।'' ('ଶୁଣ ହେ ସୁଜନ କଥା ମୋହର'- ପୃ: ୧୦୫) କବତା ଗୁଡ଼ିକ ସୁଖପାଠ୍ୟ ଓ ପ୍ରେମଭାବନା ଉତ୍ତରଣମୁଖୀ।

### ପାଣ୍ଡବପୁର

**ମୂଳ ମାଲାୟାଲମ୍:** ଏ. ସେତୁ ମାଧବନ୍
**ଅନୁବାଦ:** ରବୀନ୍ଦ୍ର କୁମାର ନାୟକ
**ପ୍ରକାଶକ:** ଅନୁସୃଷ୍ଟି, ଓଡ଼ିଶା
**ପ୍ରଥମ ପ୍ରକାଶ:** ୨୦୧୯, **ମୂଲ୍ୟ:** ଟ.୧୨୦/-

ଏ. ସେତୁ ମାଧବନ୍‌ଙ୍କ ମାଲାୟାଲମ୍ ଉପନ୍ୟାସ 'ପାଣ୍ଡବପୁର'ର ଓଡ଼ିଆ ଅନୁବାଦ ହେଉଛି ଆଲୋଚ୍ୟଗ୍ରନ୍ଥ। 'ମୁଖବନ୍ଧ'ରେ ଅନୁବାଦକ ଶ୍ରୀ ନାୟକ ଲେଖିଛନ୍ତି- 'ପାଣ୍ଡବପୁରମ୍' ହେଉଛି ୧୯୭୯ରେ




ଲିଖିତ ଏକ ପ୍ରୟୋଗବାଦୀ ଉପନ୍ୟାସ ଏବଂ ଏଥିରେ ବିଭ୍ରାନ୍ତ, ବିକ୍ଷୁବ୍ଧ ଓ ସୀମାନ୍ତରିତ ମଣିଷଙ୍କର ମାର୍ମିକ ଚିତ୍ର ଦେଖିବାକୁ ମିଳେ। 'ପାଣ୍ଡବପୁର' ଶବ୍ଦଟି ସ୍ଥୂଳତଃ ମହାଭାରତୀୟ ସମୟର କାହାଣୀପଟକୁ ଇଂଗିତ କରୁଥିଲେ ବି ସାଂପ୍ରତିକ ସମୟରେ କଂକ୍ରିଟ୍ ଜଙ୍ଗଲରେ ଶ୍ୱାସରୁଦ୍ଧ ମଣିଷଙ୍କ ସୁଖଦୁଃଖର ସମାନ୍ତରାଳତା ଗଢ଼ିତୋଳେ। ଚରିତ୍ରର ଅକୃତ୍ରିମ ଗଠନ ଓ ଭାଷାର ସହଜବୋଧ୍ୟ ଅଭିନବତା ପାଇଁ ଉପନ୍ୟାସଟି ଯେ ପାଠକୀୟ ଆଦୃତି ପାଇବ, ଏଥିରେ ସନ୍ଦେହ ନାହିଁ। ଅନୁବାଦଟି ମୂଳ ଭାଷାରୁ ନ ହୋଇ ଇଂଲିଶ୍‌ରୁ ହୋଇଥିଲେ ବି ତା'ର ମୌଳିକତା ସୁରକ୍ଷିତ ରହିଛି।

## ସୃଜନ-ଆଳାପ



ଭଗବାନ ଜୟସିଂହ

# ତାହା ହିଁ ଭଲ କବିତା, ଯାହା ମନରେ ଆଣେ ଏକ ଅପୂର୍ବତା...

ଭଗବାନ ଜୟସିଂହ(୧୯୫୨)ଙ୍କ ଜନ୍ମ ଖୋର୍ଦ୍ଧା ଜିଲା ବୋଲଗଡ଼ ନିକଟ ସଂପୁର ଗାଁରେ। ପ୍ରକାଶିତ କବିତା ପୁସ୍ତକ: 'ନିର୍ବାସନରେ ପକ୍ଷୀ', 'ଘୋଷଯାତ୍ରା', 'ଓଲଟ ଦୃଶ୍ୟ', 'ମାୟାଘେରରେ କାଳିଦାସ', 'ଏଇ ଅଛି, ଏଇ ନାହିଁ', 'ଫେରନ୍ତି ଘର' ଓ 'ଲାଲ ଡଙ୍ଗା'। ଉଲ୍ଲେଖନୀୟ କବିତା ରଚନା ପାଇଁ 'ବିଷୁବ ଝଙ୍କାର' ସହ ବହୁ ପୁରସ୍କାରରେ ସମ୍ମାନିତ ଏହି କବିଙ୍କୁ ତାଙ୍କ କାବ୍ୟକୃତି 'ଫେରନ୍ତି ଘର' ପାଇଁ ମିଳିଛି ୨୦୧୬ର 'ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର'। ଓଡ଼ିଆ କବିତାର ସେ ଜଣେ ଚର୍ଚ୍ଚିତ ସମାଲୋଚକ ବି। ତାଙ୍କୁ ତାଙ୍କ ପୁରୀ ବାସଭବନରେ ଭେଟି ଏହି ସାକ୍ଷାତ୍‌କାରଟି ଗ୍ରହଣ କରିଛନ୍ତି କବି ଶ୍ୟାମ ପ୍ରକାଶ ସେନାପତି।


**ପ୍ର:** ଆପଣ କେମିତି ଓ କେବେ ଲେଖିବା ଆରମ୍ଭ କଲେ ?

**ଉ:** ଗାଁ ସ୍କୁଲ୍‌ରେ ପଢ଼ିଲା ବେଳେ ହିଁ ଲେଖାଲେଖି ଆରମ୍ଭ କରିଥିଲି। ମୋ' ଗାଁର ପ୍ରାକୃତିକ ପରିବେଶ, ବିଶେଷକରି ପାଖ ପାହାଡ଼ର ମନୋରମ ଦୃଶ୍ୟ, ମାଇଲ ମାଇଲ ବିସ୍ତୃତ ଧାନକ୍ଷେତର ସବୁଜ ସୁଷମା, ଗାଁ ଉପରେ ଲୋଟିପଡ଼ିଥିବା ଜହ୍ନରାତି ମୋ' କବିତାକୁ ଆବୋରି ବସିଥିଲେ ସେତେବେଳେ। ତେବେ କଲେଜ ଜୀବନରେ ହିଁ ମୋ' ଲେଖାମାନ ବିଧିବଦ୍ଧ ଭାବେ ପ୍ରକାଶ ପାଇଲା।

**ପ୍ର:** କବି ବ୍ୟତିରେକେ ଜଣେ ସମାଲୋଚକ, ଅନୁବାଦକ ଓ ସମ୍ପାଦକ ଭାବେ ଆପଣଙ୍କ ଖ୍ୟାତି ରହିଛି। କବିତା ରଚନା କ୍ଷେତ୍ରରେ ଏହା ଅନ୍ତରାୟ ସୃଷ୍ଟି କରେ କି ?

**ଉ:** ନା, କେବେ ବି ନୁହେଁ। କାରଣ ସାହିତ୍ୟର ଏମାନେ ଏକଏକ ବିଭାଗ, କେହି କାହାର ଶତ୍ରୁ ନୁହନ୍ତି। ଗୋଟିଏ ବିଭାଗରେ କ୍ରିୟାଶୀଳ ଥିଲାବେଳେ, ବେଳେବେଳେ ମୁଁ ଅନ୍ୟ ବିଭାଗର କଳାକୁ ପ୍ରୟୋଗ କରିଥାଏ, ଯାହା ମୋ' ରଚନାକୁ ବିଭବବନ୍ତ କରିଥାଏ ବୋଲି ମୋର ବିଶ୍ୱାସ।

**ପ୍ର:** ଅନେକ ସମୟରେ ସମକାଳୀନ ପ୍ରସଙ୍ଗକୁ ନେଇ ଆପଣ ଆପଣଙ୍କ କବିତାରେ




କ୍ରିୟାଶୀଳ। କହନ୍ତୁ- ଜଣେ ସ୍ରଷ୍ଟାର ସାମାଜିକ ପ୍ରତିବଦ୍ଧତା ରହିବା ଉଚିତ କି ?

**ଉ:** ସ୍ରଷ୍ଟାଟିଏ ସମାଜର ଅଧିବାସୀ, ସେ ସମାଜରେ ବଞ୍ଚିଥାଏ, ସମାଜ ତା' ସୃଷ୍ଟିକୁ ପ୍ରଭାବିତ କରିଥାଏ। ତେବେ ସମାଜ ପ୍ରତି ସେ କେତେ ପ୍ରତିବଦ୍ଧ ରହିବ ତାହା ତା' ଉପରେ ନିର୍ଭର କରେ। ପ୍ରତିବଦ୍ଧତା ପାଇଁ ତାକୁ ବାଧ କରିହେବନି।

**ପ୍ର:** 'ମାୟାଘେରରେ କାଳିଦାସ' ରଚନା କରି ଆପଣ ଖୁବ୍ ପାଠକୀୟ ଆଦୃତି ପାଇଛନ୍ତି। ଆପଣଙ୍କ କବିତାର ଏ କାଳିଦାସ ଜଣକ କିଏ ? କବିତାଗୁଡ଼ିକର ମୁଖ୍ୟ ଆବେଦନ କ'ଣ ?

**ଉ:** ମୋ' କବିତାର କାଳିଦାସ ଏକ ଚରିତ୍ର, ଯିଏ ମହାନ୍ ସଂସ୍କୃତ କବି ଓ ପଣ୍ଡିତ କାଳିଦାସ ନୁହନ୍ତି। ସେ ହେଉଛନ୍ତି ଆମ ଗହଣରେ ଆତଯାତ ପ୍ରତ୍ୟେକଟି ମଣିଷ। ଜଣେ ସାଧାରଣ ଲୋକ, ଆପଣ, ମୁଁ, every man। ମାୟା ଓ ମୋହର ଆବେଶରେ କ୍ଷଣସ୍ଥାୟୀ ଜୀବନର ଅଳୀକତା ବା ଅସାରତାକୁ ବୁଝି ନ ପାରି ସବୁକିଛିକୁ ନିଜର ବୋଲି କର୍ତ୍ତାପଣ ଜାହିର୍ କରୁଥିବା ମଣିଷର ପ୍ରତିଛବି ସେ। ଲୋଭ ଓ ଆସକ୍ତିର ପ୍ରତିବିମ୍ବ ବି।

**ପ୍ର:** 'ଫେରନ୍ତି ଘର' 'ଓଡ଼ିଶା ସାହିତ୍ୟ ଏକାଡେମୀ' ପୁରସ୍କାର ପାଇଲା ପରେ ଆପଣ କେମିତି ଅନୁଭବ କରୁଛନ୍ତି ?

**ଉ:** ବିଳମ୍ବରେ ମିଳିଲେ ବି ଖୁସି ଅଛି। ପାଠକୀୟ ସ୍ୱୀକୃତି ତ ବହୁକାଳରୁ ପାଇଥିଲି। ଆନୁଷ୍ଠାନିକ ସ୍ୱୀକୃତିର ଅଲଗା ଆନନ୍ଦ ରହିଛି, ତାକୁ ଅସ୍ୱୀକାର କରି ହେବନି।

**ପ୍ର:** ଆପଣଙ୍କ ମତରେ ଭଲ କବିତା କାହାକୁ କହିବା ?

**ଉ:** ଯେଉଁ କବିତା ପଢ଼ିଲେ ଦେହ ଓ ମନରେ ଏକ ଅପୂର୍ବତା ସୃଷ୍ଟିହୁଏ, ଯାହା ଛାତିକୁ ଏକ ଅନନ୍ୟ ଉଦ୍ଦୀପନାରେ ବାନ୍ଧିପକାଏ, ଶିରା ପ୍ରଶିରାରେ ବିଜୁଳିର ଚମକ ଖେଳେଇଦିଏ, ତାକୁ ହିଁ ଆମେ ଭଲ କବିତା କହିବା। ଏହା ଏମିତି ଏକ ଅନୁଭୂତି ବା ଉପଲବ୍ଧି, ଯାହା ଏକ ସତେଜ କ୍ଷତ ପରି ମୃତ୍ୟୁ ପର୍ଯ୍ୟନ୍ତ ଚେତନାକୁ ଆନ୍ଦୋଳିତ କରିଥାଏ।

**ପ୍ର:** ଆପଣଙ୍କ ସମୟ ଓ ଏବର କାବ୍ୟ ପରିବେଶ ଭିତରେ କ'ଣ ପାର୍ଥକ୍ୟ ଲକ୍ଷ୍ୟ କରନ୍ତି ?

**ଉ:** ମୁଁ ଦୀର୍ଘ ପାଞ୍ଚ ଦଶନ୍ଧି ଧରି କବିତା ଲେଖୁଛି ଓ କବିତାରେ ଅଛି। ଆଜିର କବିତା ଆଗ ପରି ଜଟିଳ ହୋଇ ରହିନାହିଁ, କବି ତା'ର ସରଳ ଜୀବନଚର୍ଯ୍ୟାକୁ ବୋଧଗମ୍ୟ ଭାଷାରେ ରୂପ ଦେବାକୁ କବିକର୍ମ ମନେକରୁଛି। ଲାଗୁଛି ପଶ୍ଚିମର ଆକର୍ଷଣ ଆଗ ପରି ଆଉ ଦୁର୍ବାର ହୋଇ ନାହିଁ। ବାସ୍ତବ ଜୀବନର ଯଥାର୍ଥ ରୂପାୟନ ପ୍ରତି କବି ଅଧିକରୁ ଅଧିକ ଚେତନଶୀଳ ହୋଇଛି।

**ପ୍ର:** ଆପଣ ଏବେ ପୁରୀର ଅଧିବାସୀ, ଶ୍ରୀକ୍ଷେତ୍ର ସଂସ୍କୃତି ଓ ଜୀବନଧାରା ଆପଣଙ୍କୁ କିଭଳି ପ୍ରଭାବିତ କରିଛି ?

**ଉ:** ଛାତ୍ରାବସ୍ଥାରୁ ଆଜିଯାଏଁ ପୁରୀ ମୋ' ଚେତନାର ଏକ ଅବିଚ୍ଛେଦ୍ୟ ଅଂଶ ହୋଇ ରହିଛି। ମୋର ଅନେକ କବିତାରେ ପୁରୀ ସହର, ଏହାର ମାଟି, ମନ୍ଦିର, ସମୁଦ୍ର, ସମୁଦ୍ରକୂଳ, ନୋଳିଆ ବସ୍ତି ତଥା ଯାନିଯାତ୍ରାର ଅବତାରଣା ରହିଛି।

**ପ୍ର:** ଆପଣଙ୍କ କବି ଜୀବନର କିଛି ଅଭୁଲା ସ୍ମୃତି ବିଷୟରେ କହିବେ କି ?

**ଉ:** ସେତେବେଳେ ମୁଁ କଟକରେ ଥାଏ, ଦିନେ Inland letter ଟିଏ ପାଇଲି। ଚିଠିଟି ଆସିଥିଲା ଶ୍ରୀଲଙ୍କାର ଏକ ଯୁଦ୍ଧ ଶିବିରରୁ, ମେଜର୍ ଶତପଥୀ ଲେଖିଥିଲେ ଚିଠି। ଭାରତର 'ଶାନ୍ତିରକ୍ଷା ବାହିନୀ' (IPKF) ପକ୍ଷରୁ ଶ୍ରୀଲଙ୍କାର LTTE ଆତଙ୍କବାଦୀଙ୍କ ବିପକ୍ଷରେ ଲଢୁଥିଲେ ସେ। ସେ ମାସର 'ଝଙ୍କାର'ରେ ପ୍ରକାଶିତ ମୋର 'ଦୁଇ ସଙ୍ଗାତ କଥା' କବିତାଟି ପଢ଼ି ମୁଗ୍ଧ ହୋଇ ସେ ଏହି ଚିଠି ଲେଖିଥିଲେ। ଦୁଇଟି କାରଣ ପାଇଁ ମୁଁ ଆଶ୍ଚର୍ଯ୍ୟ ହୋଇ ଯାଇଥିଲି। ପ୍ରଥମ- ଯୁଦ୍ଧର ବିଭୀଷିକା ଭିତରେ ଜଣେ ମେଜର୍ କବିତାକୁ ନେଇ କେମିତି ଚିଠିଏ ଲେଖିପାରିଲେ, ଦ୍ୱିତୀୟ- ଶ୍ରୀଲଙ୍କାର ଯୁଦ୍ଧ ଶିବିରରେ କେମିତି ତାଙ୍କୁ ପ୍ରାପ୍ତ ହେଲା ଓଡ଼ିଆ ପତ୍ରିକା 'ଝଙ୍କାର'। ଏବେ ବି ଭୁଲିନି ଏ ଚିଠି କଥା।

## କବିତା

### ସ୍ମୃତି

—ନୃସିଂହ ତରାଇ

ଓଦା ବାଲି
ସମୁଦ୍ର ତଟରେ
ତମ ପାଦ ଚିହ୍ନ
ସ୍ମୃତି ମୋର
ଅନେକ ଦିନର।


ସ୍ମୃତି ମୋର
ପୂଜା ଫୁଲ
ସ୍ମୃତି ମୋ' ସପନ
ବୁଣିଦିଏ ମୁଠାମୁଠା
ସାତ ପ୍ରସ୍ତ ରଙ୍ଗ।

ସ୍ମୃତି ବୋଲି
ସାଇତିଚି ଛାତି ତଳେ
ଗହୀର ମନରେ,
ସ୍ମୃତିର ପରଶେ
ଅଭିଭୂତ କେବେ।

ସ୍ମୃତି ସିନା
ସଜ ଫୁଲ
ମହକ ତମର
କେବେ ଘାରେ
କେବେ ଝୁରେ
ଦିନ ଅତୀତର।

—ମୋ: ୭୯୭୮୩୮୧୨୧୩





### ପ୍ରେମ ଏକ ଅନୁଭବ

—ସ୍ନେହଲତା ପୃଷ୍ଟି

ମରଣକୁ ନାହିଁ ଡର
ତୁମେ ଯଦି
ଅଛ ମୋର ପାଶେ
ଚାରିଆଡ଼େ ଅନ୍ଧକାର
ତଥାପି ଆଲୋକ ମତେ
ସବୁଆଡ଼େ ଦିଶେ।

ପ୍ରାଣ ଯଦି ଯାଏ ଚାଲି
ଶରୀର ମୋ
ଚିତାରେ ଶୋଇବ
ପାଉଁଶ ହୋଇବ ଦେହ
ହେଲେ ମନ
ତୁମ ପାଶେ ଥିବ।

ଏ ମନ ତ ଦେଇଛି ତୁମକୁ।

ମନ ଥରେ ଦେଲା ପରେ
ଫେରେଇକି ହୁଏ
ତୁମେ ପରା କହୁଥିଲ
ଦେହରେ ନଥାଏ ପ୍ରେମ
ପ୍ରେମ ଏକ ଅନୁଭବଟିଏ।

—ବାଗୁରାଇ, ଭଦ୍ରକ

## କାଳ କାଳକୁ



'ସମୟ ସେଇମାନଙ୍କୁ ଦଣ୍ଡ ଦିଏ, ଯେଉଁମାନେ ଧର୍ମଚ୍ୟୁତ। କିନ୍ତୁ ମଣିଷ ନିଜକୁ ସାନ୍ତ୍ୱନା ଦିଏ ଯେ ଏହା ହିଁ ଈଶ୍ୱରଙ୍କ ଇଚ୍ଛା''

— ଏମ୍.ଟି. ବାସୁଦେବନ୍ ନାୟର୍

'**ଏମ୍.ଟି. ବାସୁଦେବନ୍ ନାୟର୍‌ଙ୍କ** ଜନ୍ମ ୯ ଅଗଷ୍ଟ ୧୯୩୩ରେ, କେରଳର ପାଲକଡ଼ (ପାଲଘାଟ) ଜିଲା ଅନ୍ତର୍ଗତ କୁଡ଼ାଲୁର୍ ଗାଁରେ। ଉତ୍ତର-ସ୍ୱାଧୀନ ମାଲାୟାଲମ୍ ସାହିତ୍ୟର ଏହି ବହୁମୁଖୀ ଲେଖକ, ମାତ୍ର ୨୦ ବର୍ଷ ବୟସରେ 'ବିଶ୍ୱ କ୍ଷୁଦ୍ରଗଳ୍ପ ପ୍ରତିଯୋଗିତା'ରେ ଭାଗନେଇ ପାଇଥିଲେ ଶ୍ରେଷ୍ଠ କ୍ଷୁଦ୍ରଗଳ୍ପ ପୁରସ୍କାର। 'ନାଲକେଟ୍ଟୁ' (ପୈତୃକ ଘର) ଉପନ୍ୟାସ ପାଇଁ ୧୯୫୮ରେ ସେ ପାଇଥିଲେ 'କେରଳ ସାହିତ୍ୟ ଏକାଡେମୀ ପୁରସ୍କାର'। 'ଅସୁର ଭିଥୁ', 'କାଳମ୍' ଓ 'ରାଣ୍ଡାମୁଝମ୍' ତାଙ୍କର ଅନ୍ୟ ଚର୍ଚ୍ଚିତ ଉପନ୍ୟାସ। 'କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର' ଓ 'ପଦ୍ମଭୂଷଣ' ସମ୍ମାନରେ ମଧ୍ୟ ଏହି ଲେଖକ ସମ୍ମାନିତ।

# ମୋ' ନୂଆ ସାଙ୍ଗ

**ଗପ**

ସସ୍ମିତା ଜାମୁଦା

ମୋତେ ଟିକେ ଆଶ୍ୱସ୍ତ ଲାଗିଲା। ସେ ବୁଝାଇଲା- ଜଣେ ତୁମ ଭାବନା ସହ ଖେଳି ଚାଲିଗଲା ମାନେ ନୁହେଁ ଯେ ସବୁ ଝିଅଙ୍କ ପ୍ରତି ତୁମ ଧାରଣା ସମାନ ରହିବ। କାହା ବିରହରେ ଆମେ କ'ଣ ବଂଚିବା ଛାଡ଼ି ଦେବା ? ଅନ୍ୟ ପାଇଁ ନୁହେଁ ବରଂ ନିଜ ପାଇଁ, ନିଜ ଖୁସି ପାଇଁ ଲେଖ। ଟେକ୍ କେୟାର୍। ସେଦିନ ତା' କଥା ଶୁଣି ମୋ' ମନରେ ପୁଣି ଥରେ ବିଶ୍ୱାସ କଅଁଳି ଥିଲା। ସମୟକ୍ରମେ ଆମେ ଦୁହେଁ ଭଲ ସାଙ୍ଗ ହୋଇଗଲୁ, ସୁସ୍ମିତା ଇନ୍ଦ୍ରଧନୁ ସାଜି ମୋ' ଜୀବନକୁ ରଂଗୀନ୍ କରି ସାରିଥାଏ।



ସୁସ୍ମିତା, କାଲି ମୋ' ପାଇଁ ବିଶେଷ ଦିନ ଆଉ ମୁଁ ଚାହୁଁଛି ତୁମେ ଏହି ଦିନକୁ ଆହୁରି ସ୍ମରଣୀୟ କରିଦିଅ। କାଲି କ'ଣ ଅଛି ଉମେଶ ? ସେଇଟା ସରପ୍ରାଇଜ୍। ସେମିତି ବି କାଲି ରବିବାର ତେଣୁ ପ୍ଲିଜ୍ ତୁମେ ମନା କରିବନି। ଠିକ୍ ଅଛି। ମୁଁ ଫୋନ୍ କଲେ ଘରୁ ବାହାରିବ। ରାଜମହଲ ଛକରୁ ମିଶିକି ଯିବା। ରଖୁଛି ତେବେ। ହଁ।

ରାତିରୁ ପ୍ୟାଂଟ୍, ଶାର୍ଟ ଇସ୍ତ୍ରୀ କରିବା ସହ ଅନ୍ୟାନ୍ୟ ଦରକାରୀ ଜିନିଷ ସବୁ ସଜାଡ଼ି ରଖି ଦେଇଥିଲି। ସକାଳର ଆଲାର୍ମ ଶବ୍ଦରେ ନିଦ ଭାଙ୍ଗିଲା। ବେଗାବେଗି ନିତ୍ୟକର୍ମ ଓ ଜଳଖିଆ ସାରିଲି। ତା' ପରେ ମୋବାଇଲରେ ଅଟୋ ପ୍ଲେ ମୋଡ୍‌ରେ ଗୀତ ଲଗେଇ ରେଡି ହେବାରେ ବ୍ୟସ୍ତ। ସ୍ମୃତି...ଅଙ୍କା ବଙ୍କା ନଈ...ଆଜି ବି ଏ ଗୀତ ଶୁଣିଲେ ଲାଗେ ଯେମିତି ସୁସ୍ମିତା ସହ ମୋ' ଦେଖା ହେବା ସଂଯୋଗ ମାତ୍ର ନ ଥିଲା।

ବର୍ଷେ ତଳର କଥା। ସେତେବେଳେ ମୁଁ ୧୧ ନଂ 'ମୋ ବସ୍'ରେ ଅଫିସ୍ ଯିବାଆସିବା କରୁଥିଲି। ଏମିତି ଦିନେ ଅଫିସ୍‌ରୁ ଫେରିବା ସମୟରେ ଝର୍କା ପାଖ ସିଟ୍‌ରେ ବସିଥାଏ। ଏତେ କୋଳାହଳ ମଧ୍ୟରେ ବି ସ୍ୱପ୍ନା ଓ ମୋ' ଭିତରେ ହୋଇଥିବା ଶେଷ ଆଳାପ ସ୍ପଷ୍ଟ ଶୁଭୁଥିଲା- ଉମେଶ, ଆମ ଭିତରେ ଯାହା ଥିଲା ତାକୁ ବୟସର ଚପଳାମି ଭାବି ଭୁଲି ଯାଅ। ହ୍ୱାଟ୍ ? କିନ୍ତୁ କାହିଁକି ? ମୁଁ ଭାବେ ଯେ ଛୋଟ ସହରର ପୁଅମାନେ ମୋ' ପରି ସ୍ମାର୍ଟ ସିଟି ଝିଅର ଉଚ୍ଚ ଅଭିଳାଷକୁ କେବେ ହେଲେ ପୂରଣ କରି ପାରିବେନି। ଆଉ ଆଜିକାଲି ବ୍ରେକ୍‌ଅପ୍ ଖୁବ୍ ସାମାନ୍ୟ କଥା। ତା' କଥାରୁ ଯେମିତି ଗର୍ବର ଗନ୍ଧ ଆସୁଥିଲା। ଆହୁରି ଏମିତି ଅନେକ କଥା ଭାବୁଥିଲି। ହଠାତ୍ କାହା ହାତ ସ୍ପର୍ଶରେ ମୁଁ ଚମକି ପଡ଼ିଲି। ମୋ' ପାଖରେ ବସିଥିବା ଝିଅଟି ମୋତେ ରୁମାଲ ବଢ଼ାଇଲା। ମୁଁ କିଛି ବୁଝିପାରିଲିନି। ତା' ପରେ ମୋର ଅନୁଭବ ହେଲା ଯେ ମୋ' ଅଜାଣତରେ ଆଖିରୁ ଲୁହ ଝରି ପଡ଼ିଛି। ତା'ହାତରୁ ରୁମାଲ ନେଇ ମୁଁ ପୁଣି ଝର୍କା ପଟକୁ ମୁହଁ କରିଦେଲି। କିଛି ସମୟ ପରେ ବୁଲିକି ଦେଖେ ତ ସେ ଝିଅ ନାହିଁ। ଅନ୍ୟମନସ୍କ ଥିବା କାରଣରୁ ତାକୁ ଧନ୍ୟବାଦ କହି ରୁମାଲ ଫେରେଇବାକୁ ଭୁଲିଯାଇଥିଲି।

ତା' ପରଦିନ ଠିକ୍ ଫେରିବା ସମୟରେ ସେ ଦେଖା ହେଲା। ମୋ' ପାଖ ସିଟ୍ ଖାଲି ହେବାରୁ ସେଠି ବସି ଗଲା। ମୁଁ ବ୍ୟାଗ୍‌ରୁ ତା' ରୁମାଲ କାଢ଼ି କହିଲି- ମ୍ୟାଡାମ୍, ଗତକାଲି ପାଇଁ ଧନ୍ୟବାଦ, ଆଉ ସରି, କାରଣ ଆପଣଙ୍କ ରୁମାଲ ମୋ' ପାଖରେ ରହିଯାଇଥିଲା। ଆପଣଙ୍କର ଆଉ ଦରକାର ପଡ଼ିବନି ତ ? ଦରକାର ହେଲେ ଆପଣ ଅଛନ୍ତି ନା ! ଆମେ ଦୁହେଁ ହସିଲୁ। ଔପଚାରିକତା ଦୃଷ୍ଟିରୁ କେବଳ ନାଁ ପଚାରିଲି। ସେତେବେଳେ ଝିଅମାନଙ୍କ ସହ ବିଶେଷ କଥା ହେଉ ନ ଥିଲି, କାରଣ ସ୍ୱପ୍ନା ପରେ ଅନ୍ୟ ଝିଅମାନଙ୍କୁ ବିଶ୍ୱାସ କରିବା ମୋ' ପକ୍ଷେ ସହଜ ନ ଥିଲା। ଆମେ ଯେବେ ବି କଥା ହେଉ ମୁଁ ଉତ୍ତର କେବଳ ହଁ/ନା ରେ ହିଁ ଦିଏ। ମୋ' ଅସହଜ ବ୍ୟବହାରରୁ ସେ ଆଘାତ ପାଇଥିବା ତା' ଚେହେରାରୁ ସ୍ପଷ୍ଟ ବାରି ପାରୁଥିଲି। ମୋ' ପାଇଁ ଗୋଟେ ଝିଅର ମନ ଖରାପ ହେଉ, ମୁଁ କେବେ ଚାହୁଁ ନ ଥିଲି।

ଦିନେ ସୁବିଧା ଦେଖି ତା' ଷ୍ଟପେଜ୍‌ରେ ଓହ୍ଲାଇ ପଡ଼ିଲି। ସୁସ୍ମିତା, ତୁମେ ଯଦି ଖରାପ ନ ଭାବିବ ଟିକେ ଡେରି ଯାଏ ବସି କଥା ହୋଇପାରିବା ? ଠିକ୍ ଅଛି। ମୁଁ ତାକୁ ସ୍ୱପ୍ନା ଆଉ ମୋ' ବିଷୟରେ ସବୁ କହିଲି। ସେ ସବୁ ଧୈର୍ଯ୍ୟର ସହ ଶୁଣୁଥାଏ। ସେ ଗଲା ପରେ ମୋ' ଭିତର କବିପଣ ବି ମଉଳିଗଲା...କହୁକହୁ ମୁଁ ଭାବପ୍ରବଣ ହୋଇଗଲି। ସେ ପିଇବାକୁ ପାଣି ଦେଲା। ମୋତେ ଟିକେ ଆଶ୍ୱସ୍ତ ଲାଗିଲା। ସେ ବୁଝାଇଲା- ଜଣେ ତୁମ ଭାବନା ସହ ଖେଳି ଚାଲିଗଲା ମାନେ ନୁହେଁ ଯେ ସବୁ ଝିଅଙ୍କ ପ୍ରତି ତୁମ ଧାରଣା ସମାନ ରହିବ। କାହା ବିରହରେ ଆମେ କ'ଣ ବଂଚିବା ଛାଡ଼ି ଦେବା ? ଅନ୍ୟ ପାଇଁ ନୁହେଁ ବରଂ ନିଜ ପାଇଁ, ନିଜ ଖୁସି ପାଇଁ ଲେଖ। ଟେକ୍ କେୟାର୍। ସେଦିନ ତା' କଥା ଶୁଣି ମୋ' ମନରେ ପୁଣି ଥରେ ବିଶ୍ୱାସ କଅଁଳିଥିଲା। ସମୟକ୍ରମେ ଆମେ ଦୁହେଁ ଭଲ ସାଙ୍ଗ ହୋଇଗଲୁ।

ସୁସ୍ମିତା ଇନ୍ଦ୍ରଧନୁ ସାଜି ମୋ' ଜୀବନକୁ ରଂଗୀନ୍ କରି ସାରିଥାଏ। ଧୀରେ ଧୀରେ ସ୍ୱପ୍ନାର ସ୍ମୃତି ସବୁ ଫିକା ପଡ଼ିବାକୁ ଲାଗିଥିଲା। ହଠାତ୍ ଫୋନ୍‌ର ରିଙ୍ଗ୍ ଶବ୍ଦରେ ମୁଁ କଳ୍ପନା ଦୁନିଆରୁ ବର୍ତ୍ତମାନକୁ ଫେରି ଆସିଲି। ଫୋନ୍ ଦେଖେ ତ ଘରୁ ବାହାରିବାର ରିମାଇଂଡର୍ ଥିଲା। ସୁସ୍ମିତାକୁ ଫୋନ୍ କରି ଘରୁ ବାହାରିବା ପାଇଁ କହିଲି। ଯୋଜନା ଅନୁଯାୟୀ ଆମେ ରାଜମହଲରେ ଭେଟହେଲୁ। ନୀଳ ରଂଗର ଶାଢ଼ି ସହ ହାଲୁକା ଶୃଂଗାର ତାକୁ ଭଲ ମାନୁଥିଲା। ବେଶ୍ ଚିତ୍ତାକର୍ଷକ ଥିଲା ତା' ରୂପ। କ'ଣ ଭାବୁଛ ଉମେଶ ? କିଛି ନାହିଁ। ଯିବା ତେବେ ? ହଁ।

ଆଜି କାହିଁକି କେଜାଣି ତାକୁ ବାରମ୍ବାର ଦେଖିବାକୁ ଇଚ୍ଛା ହେଉଥିଲା। କିଛି ସମୟ ମଧ୍ୟରେ ଆମେ ନିର୍ଦ୍ଧାରିତ ସ୍ଥାନରେ ପହଂଚିଲୁ। ନିର୍ଦ୍ଦିଷ୍ଟ ଆସନ ବି ଗ୍ରହଣ କଲୁ। ଧୀରେ ଧୀରେ ଲୋକମାନଙ୍କ ଭିଡ଼ ବଢ଼ିବାରେ ଲାଗିଥାଏ। ଯା'ରି ଭିତରେ ମୁଁ ସାହସ ବାନ୍ଧି ପଚାରିଲି- ଆଚ୍ଛା ସୁସ୍ମିତା, ତୁମେ ବହୁତ ଭଲ ଝିଅ, ପୁଣି ଦେଖିବାକୁ ଏତେ ଖରାପ ବି ନୁହଁ। ତୁମ ଜୀବନରେ କ'ଣ କେବେ ପ୍ରେମ ଚଢ଼େଇ ଦସ୍ତଖତ ଦେଇନି ? ମନେହେଲା ଯେମିତି ମୋ' ପ୍ରଶ୍ନ ତାକୁ ଅସ୍ତବ୍ୟସ୍ତ କରି ଦେଇଥିଲା। ଏତେ ଦିନର ବନ୍ଧୁତା ଭିତରେ ତା' ନିରବତାର ଭାଷାକୁ କିଛିମାତ୍ରାରେ ବୁଝିପାରୁଥିଲି। ସରି, ମୁଁ ଏମିତି ପଚାରିଦେଲି। ସ୍ଥିତି ସମ୍ଭାଳିବା ପାଇଁ ମୁଁ ଅନେକ କଥା ଗପି ଚାଲିଲି, କିନ୍ତୁ ସେ ସେମିତି ଚୁପ୍ ଥାଏ। କାର୍ଯ୍ୟକ୍ରମ ସାରା ସେମିତି ଚୁପ୍‌ଚାପ୍ ଓ ଅନ୍ୟମନସ୍କ ଥାଏ।

ବହୁତ ଡେରିରେ ତା' ଚେହେରାରେ ହସ ଦେଖିଲି, ଯେତେବେଳେ ୨୦୨୦ର ଶ୍ରେଷ୍ଠ ଯୁବ କବି ପ୍ରତିଭା ସମ୍ମାନ ଗ୍ରହଣ କରିବା ପାଇଁ ମୋ' ନାଁ ଘୋଷଣା କରାଗଲା। ସମ୍ମାନ ଗ୍ରହଣ କରିବା ପୂର୍ବରୁ କହିଲି- ମୋ' ଜୀବନରେ ବିଶ୍ୱାସ ଓ ବନ୍ଧୁତାର ବନ୍ଧ ବାନ୍ଧି ମାର୍ଗଦର୍ଶନ ଦେଇଥିବା ସାଙ୍ଗ ବିନା ଏ ସଫଳତା ଅଧୁରା। ସିଏ ମୋ' ପ୍ରେରଣା। ଧନ୍ୟବାଦ ଶବ୍ଦ ବି ତା' ପାଇଁ ଛୋଟ। 'କାଗଜଫୁଲ' ନାମକ ପୁସ୍ତକରେ ମୋ' ଜୀବନର କିଛି ଫର୍ଦ୍ଦ କବିତା ଆକାରରେ ଭେଟି ଦେଇଛି, ଯାହା ମୁଁ ତାକୁ ଉତ୍ସର୍ଗ କରିଛି। ତେଣୁ ମଂଚ ଉପରକୁ ଆସି ସମ୍ମାନର ଅଂଶୀଦାର ହୋଇ ମୋତେ କୃତକୃତ୍ୟ କର ସୁସ୍ମିତା। ସେତେବେଳେ କରତାଳିରେ ପୂରା ହଲ୍ କଂପି ଉଠିଥିଲା। ସୁଯୋଗ ଦେଖି ତା' କାନରେ ଆସ୍ତେ କହିଲି- ମୋ' ସରପ୍ରାଇଜ୍ କେମିତି ଲାଗିଲା ? ସେ ମୋତେ କୁଣ୍ଢେଇ ପକାଇଲା। ମନେହେଲା ଯେମିତି ସେ କିଛି ନ କହି ବି ବହୁତ କିଛି କହି ଦେଲା।

E-mail: j.sasmita2020@gmail.com



ଜ୍ୟାକି



ଶତ୍ରୁଘ୍ନ

# ପ୍ରଥମେ ଶତ୍ରୁଘ୍ନ ପରେ ଜ୍ୟାକି

ସୁବାସ ଘାଇଙ୍କ ଅନ୍ୟତମ ସୁପରହିଟ୍ ଚଳଚ୍ଚିତ୍ର ହେଲା 'ରାମ ଲଖନ'। ଏଥିରେ ଜ୍ୟାକି ଶ୍ରଫ ଏବଂ ଅନିଲ କପୁରଙ୍କୁ ଟାଇଟଲ ଭୂମିକାରେ ଦେଖିବାକୁ ମିଳିଥିଲା। ୧୯୮୯ରେ ଫିଲ୍ମଟି ରିଲିଜ ହୋଇ ବଲିଉଡ୍‌ରେ ଚହଳ ସୃଷ୍ଟି କରିଥିଲା। କିନ୍ତୁ ଏହାର କଳାକାର ଚୟନ ସମୟରେ ରାମ୍ ଭୂମିକା ପାଇଁ ପ୍ରଯୋଜକ-କମ୍-ନିର୍ଦ୍ଦେଶକ (ସୁବାସ ଘାଇ) ଶତ୍ରୁଘ୍ନ ସିହ୍ନାଙ୍କୁ ନେବାକୁ ଚାହୁଁଥିଲେ, ହେଲେ ତାହା ସଫଳ ହୋଇପାରି ନଥିଲା। ତା'ପରେ ସେ ସମୟର ଅନ୍ୟତମ ଲୋକପ୍ରିୟ ଅଭିନେତା ଜ୍ୟାକି ଶ୍ରଫଙ୍କୁ ଅଫର ଦିଆଯାଇଥିଲା ଏବଂ ସେ ଅଭିନୟ କରିବାକୁ ରାଜି ହୋଇଥିଲେ। ସେତେବେଳେ ୧୯୮୦-୧୯୯୦ ପର୍ଯ୍ୟନ୍ତ ଜ୍ୟାକି-ଅନିଲ ଯୋଡ଼ି ହିନ୍ଦୀ ସିନେମାରେ ନିଜର ଆଧିପତ୍ୟ ବିସ୍ତାର କରଥିଲେ। ଏପରିକି ୧୯୮୯ରେ ଏହି ଯୋଡ଼ି ଅଭିନୀତ ତିନୋଟି ସିନେମା- 'ରାମ ଲଖନ୍', 'ପରିନ୍ଦା' ଏବଂ 'କାଲା ବଜାର' ରିଲିଜ ହୋଇ ହିଟ୍ ସାବ୍ୟସ୍ତ ହୋଇଥିଲା। 'ରାମ ଲଖନ୍'ର ମହୁରତ ସମୟରେ ମହୁରତ କ୍ଲାପ ଦେଇଥିଲେ ସୁନୀଲ ଦତ୍ତ।

# ପାଞ୍ଚ ବନ୍ଧୁଙ୍କ କଥା

ଏକ ରାଜ୍ୟରେ ପାଞ୍ଚଜଣ ଅଫିସରଙ୍କ ଭିତରେ ଥାଏ ଅତୁଟ ବନ୍ଧୁତା। ସତେଯେମିତି ସେମାନେ ଗୋଟିଏ ରଜ୍ଜୁରେ ବନ୍ଧା। କାହାର ଅସୁବିଧା ପଡ଼ିଲେ ଏକାଠି ହୋଇ ସାହାଯ୍ୟର ହାତ ବଢ଼ାଇ ଦିଅନ୍ତି। ହେଲେ ହଠାତ୍ ସେମାନଙ୍କ ମଧ୍ୟରୁ ଦୁଇଜଣଙ୍କ ଜୀବନ ଆକାଶରେ କଳା ବାଦଲ ମାଡ଼ିଆସେ। ସେତେବେଳେ ସେମାନଙ୍କ ବନ୍ଧୁତା ଏହାଦ୍ୱାରା ପ୍ରଭାବିତ ହୁଏ କି ? ଏହା ପରେ ରାଜ୍ୟ ଚଳାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଏହି ପାଞ୍ଚଜଣ ଅଫିସର ନିଜ ଦାୟିତ୍ୱକୁ ଠିକ୍ ଭାବରେ ତୁଲାଇ ପାରନ୍ତି ତ ? ଏସବୁ ପ୍ରଶ୍ନର ଉତ୍ତରକୁ ଆଧାର କରି ପ୍ରସ୍ତୁତ ହୋଇଛି ଏକ ଭିନ୍ନ ଧରଣର କାହାଣୀ, ଯାହାକୁ ନେଇ ନିର୍ମିତ ହେବାକୁ ଯାଉଛି ନୂଆ ଓଡ଼ିଆ ସିନେମା 'ଅଫିସର'। ଅନୀତା ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ଚିତ୍ରଟିର ପ୍ରଯୋଜନା କରିଛନ୍ତି ପ୍ରଭାକର ମହାନ୍ତି। ଡ. ନିର୍ମଳ ନାୟକ ସଂଳାପ ରଚନା କରିଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଯଜ୍ଞ ଦାଶ। ଫିଲ୍ମର ମେଲ୍ ଲିଡ୍‌ରେ ନବୀନ, ରୁଦ୍ର ପାଣିଗ୍ରାହୀ, ଦୁଷ୍ମନ୍ତ, ଜଗା, ପ୍ରିନ୍ସ, ରାମ, ନାଗଜ ନିରଞ୍ଜନ, ଜିନା, ସୁନୟନା, ସୋନୁ, ଦେବୀ ବାରିକ, ଦେବୁ ବ୍ରହ୍ମା, ଥିନ୍, ପ୍ରିୟ ମିଶ୍ର, ପ୍ରିୟଙ୍କା, ରତନ ମେହେର, ମିଟୁ ମିଥୁନ୍ ପ୍ରମୁଖ କଳାକାର ଅଭିନୟ କରିବେ।

# ମନ ବଦଳାଇଥିଲେ ଧର୍ମେନ୍ଦ୍ର

ବଲିଉଡ୍‌ର ଅନ୍ୟତମ ବ୍ଲକବଷ୍ଟର ସିନେମା ହେଉଛି 'ସୋଲେ'। ଏହାର ମୁଖ୍ୟ ଭୂମିକାରେ ଅମିତାଭ ବଚ୍ଚନ, ଧର୍ମେନ୍ଦ୍ର, ଜୟା ଭାଦୁରି, ହେମାମାଲିନୀ, ସଞ୍ଜୀବ କୁମାର ଏବଂ ଅମଜାଦ ଖାଁ ଅଭିନୟ କରିଥିଲେ। ଯେତେବେଳେ ଏହାର କାଷ୍ଟିଂ ଚାଲିଥିଲା ଧର୍ମେନ୍ଦ୍ର ନିଜର ମନ କଥା ପ୍ରକାଶ କରି କହିଥିଲେ ଯେ ସେ ଏହି ଫିଲ୍ମରେ ଠାକୁର ବଳଦେବ ସିଂ ଭୂମିକାରେ ଅଭିନୟ କରିବାକୁ ଚାହାନ୍ତି। କିନ୍ତୁ ଯେତେବେଳେ ଜାଣିଲେ ଯଦି ସେ ବୀରୁ ଭୂମିକାରେ ଅଭିନୟ କରିବେ ତେବେ ତାଙ୍କ ଅପୋଜିଟ୍‌ରେ ହେମାମାଲିନୀ ରହିବେ। ତା'ପରେ ସେ ନିଜର ମନ ବଦଳାଇ ବୀରୁ ଭୂମିକା ପାଇଁ ଆଗ୍ରହ ପ୍ରକାଶ କଲେ ଏବଂ ନିର୍ଦ୍ଦେଶକ ମଧ୍ୟ ତାହାକୁ ଗ୍ରହଣ କରିଥିଲେ ଏବଂ ଠାକୁର ଭୂମିକାଟି ସଞ୍ଜୀବ କୁମାରଙ୍କୁ ଦିଆଯାଇଥିଲା। ଏହି ସିନେମାରେ ଧର୍ମେନ୍ଦ୍ର-ହେମା ଯୋଡି ଭୂମିକା ଦର୍ଶକଙ୍କୁ କେତେ ପ୍ରଭାବିତ କରିଥିଲା ତାହା କହିବା ବାହୁଲ୍ୟ।



ଧର୍ମେନ୍ଦ୍ର

# ପରିଣିତିଙ୍କୁ କ'ଣ ଭଲ ଲାଗେ



ପରିଣିତି ଚୋପ୍ରା କେତେ ଖାଦ୍ୟପ୍ରିୟ ତାହା ନିକଟରେ ପ୍ରକାଶ କରିଛନ୍ତି। ମନ ପସନ୍ଦର ଖାଦ୍ୟ ନ ଖାଇବା ପର୍ଯ୍ୟନ୍ତ ତାଙ୍କୁ ଶାନ୍ତି ଲାଗି ନ ଥାଏ। ଶୁଟିଂ ସେଟ୍‌ରେ ଥିଲେ ମଧ୍ୟ ସେ ମଝିରେ ମଝିରେ କିଛି ଖାଇବାକୁ ପସନ୍ଦ କରନ୍ତି। ସବୁଠାରୁ କେଉଁ ଖାଦ୍ୟ ତାଙ୍କର ବେଶି ପସନ୍ଦ ଜାଣନ୍ତି ? ପଞ୍ଜାବୀ ଖାଦ୍ୟ ଖାଇବାକୁ ସେ ଭଲ ପାଆନ୍ତି। ଆଉ ଯଦି କଡେଇ ମସଲା ଚିକେନ ଆଉ ରାଜ୍‌ମା ରାଇସ ମିଳିଗଲା ତେବେ ତାଙ୍କର ଖୁସି କହିଲେ ନ ସରେ। 'କେବଳ ଏବେ ନୁହେଁ, ପିଲାଟି ଦିନରୁ ମୋର ଏହି ଅଭ୍ୟାସ ରହିଛି। ଅଧିକାଂଶ ସମୟ ମୁଁ କିଛି ନା କିଛି ଖାଉଥିବି। ଯେତେବେଳେ ଘରେ ଥାଏ ସେତେବେଳେ ନିଜେ ମନ ପସନ୍ଦର ଖାଦ୍ୟ ପ୍ରସ୍ତୁତ କରି ଖାଏ ଏବଂ ପରିବାର ଲୋକଙ୍କୁ ଖୁଆଏ ବୋଲି କହନ୍ତି ପରିଣିତି।'

# ଟିପ୍ସ ବାଣ୍ଟୁଛନ୍ତି କରୀନା



କରୀନା କପୁର ଓରଫ ବେବୋ ନିଜ ପ୍ରଫେସନ ଏବଂ ବ୍ୟକ୍ତିଗତ ଜୀବନକୁ ନେଇ ଯେତେ ବ୍ୟସ୍ତ ରହିଲେ ମଧ୍ୟ ଗୋଟିଏ କଥା ପ୍ରତି ଆଦୌ ଅବହେଳା କରନ୍ତି ନାହିଁ। ତାହା ହେଲା ସ୍ୱାସ୍ଥ୍ୟ। ନିଜକୁ ସୁସ୍ଥ ତଥା ସ୍ଲିମ୍ ଟ୍ରିମ୍ ରଖିବାକୁ ସେ ସବୁବେଳେ ସଜାଗ ରହିଥାଆନ୍ତି। କେବଳ ସେତିକି ନୁହେଁ, ନିଜ ସାଙ୍ଗସାଥୀମାନଙ୍କୁ ଫିଟ୍‌ନେସ ବିଷୟରେ ଟିପ୍ସ ଦେବାକୁ ଭୁଲି ନ ଥାନ୍ତି। ଏବେ ତ କରୋନା ମହାମାରୀ ପାଇଁ ଶୁଟିଂ ବନ୍ଦ ଅଛି। ଯଦିଓ କେତେକ ପ୍ରଯୋଜକ ଶୁଟିଂ ଆରମ୍ଭ କରିବାକୁ ଯୋଜନା କଲେଣି ତଥାପି ନିଜର ଅବସର ସମୟକୁ କରୀନା ଅଯଥାରେ ନଷ୍ଟ କରିବାକୁ ଦିଅନ୍ତି ନାହିଁ। ଏ ନେଇ ସେ କହନ୍ତି, 'ଆଜିକାଲିର ବ୍ୟସ୍ତମୟ ଜୀବନରେ ଆମେ ସୁସ୍ଥ ରହିବା ବଡ଼ କଥା। ଏନେଇ ମୁଁ ସବୁବେଳେ ସଚେତନ ଥାଏ। ପ୍ରତିଦିନ ଯେତେ ବ୍ୟସ୍ତ ରହିଲେ ମଧ୍ୟ ମୁଁ ଏକ୍ସରସାଇଜ, ଯୋଗ, ପ୍ରାଣାୟାମ କରିବାକୁ ଭୁଲି ନ ଥାଏ। ତା'ସହ ଡାଏଟିଂକୁ ମଧ୍ୟ ସମାନ ଗୁରୁତ୍ୱ ଦିଏ। ମୋର ସାଙ୍ଗମାନେ ଯେତେବେଳେ ମୋତେ ମୋର ସ୍ଲିମ ଟ୍ରିମ୍ ରହସ୍ୟ ବିଷୟରେ ପଚାରନ୍ତି ସେମାନଙ୍କୁ ମୁଁ ଏ ବିଷୟରେ ବେଶ୍ ସରଳ ଭାବରେ ବୁଝାଏ ଏବଂ ମୋ କଥାକୁ ଫଲୋ କରିବାକୁ ପରାମର୍ଶ ଦେଇଥାଏ।'

# ଅତୀତରୁ..

▶ଇଚ୍ଛା ପିକ୍ଚର୍ସ ବ୍ୟାନରରେ ମୁକ୍ତିଲାଭ କରିଥିଲା ଓଡ଼ିଆ ସିନେମା 'ତ୍ରିନାଥ ମେଳା'। କୃଷ୍ଣଚନ୍ଦ୍ର ରଥ ଏହାର ପ୍ରଯୋଜନା କରିବା ସହ ନିର୍ଦ୍ଦେଶନା ମଧ୍ୟ ଦେଇଥିଲେ। ସଂଯୋଜିତ ଗୀତଗଡ଼ିକର ସ୍ୱର ଦେଇଥିଲେ ରାଖାଲ ମହାନ୍ତି। ରବୀନ୍ଦ୍ର ରଥ, ଶୁଭ୍ରା ପତି, ନିର୍ମଳ ମହାପାତ୍ର ଏବଂ ନିତ୍ୟାନନ୍ଦ ଦାସ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ।

▶ଓଡ଼ିଆ ସିନେମା 'ଅନୁରାଧା'ର ନାୟିକା ସାଜିଥିଲେ ରୋଜାରମଣି। ପୁଷ୍ପାଞ୍ଜଳି ପିକ୍ଚର୍ସ, ବ୍ରହ୍ମପୁର ବ୍ୟାନରରେ ଚିତ୍ରଟିର ପ୍ରଯୋଜନା କରିଥିଲେ ରଘୁନାଥ ମିଶ୍ର। ରୋଜାରମଣିଙ୍କ ବ୍ୟତୀତ ଜୟୀ, ନମ୍ରତା ଦାସ, ଜୟା ଏବଂ ନରିଙ୍କୁ ଏଥିରେ ଦେଖିବାକୁ ମିଳିଥିଲା।

▶ଓଡ଼ିଆ ଚଳଚ୍ଚିତ୍ର 'ଜୟ ମା ମଙ୍ଗଳା'ର ମୁଖ୍ୟ ଭୂମିକାରେ ପ୍ରସନ୍ନ ମିଶ୍ର, ଦୀପା ସାହୁ ଅଭିନୟ କରିଥିଲେ। ଫିଲ୍ମର ନିର୍ଦ୍ଦେଶନା ଦେଇଥିଲେ ଅକ୍ଷୟ ମହାନ୍ତି (କାଶ୍ୟପ)।

▶'ପାଦରେ ପାଦ ଛନ୍ଦା, ପାଦେ ନୂପୁର ବନ୍ଧା, ଯୋଡ଼ି ମହୁରି ଆରେ ବଜା ମକୁନ୍ଦା' ଗୀତଟି 'ତପସ୍ୟା' ଚଳଚ୍ଚିତ୍ରରେ ଦୃଶ୍ୟାୟିତ ହୋଇଥିଲା। ପ୍ରଫୁଲ୍ଲ କରଙ୍କ ସ୍ୱର ସଂଯୋଜନାରେ ଏହାର ଗୀତଗୁଡ଼ିକ ସିନେପ୍ରେମୀଙ୍କୁ ବେଶ୍ ପ୍ରଭାବିତ କରିଥିଲା। କବିରାଜ ବିଶ୍ୱନାଥ ମିଶ୍ରଙ୍କ ପ୍ରଯୋଜନାରେ ଏହାର ନିର୍ଦ୍ଦେଶନା ଦେଇଥିଲେ ନଗେନ ରାୟ। ଶରତ ପୂଜାରୀ, ଅନୀତା ଦାସ, ଉତ୍ତମ ମହାନ୍ତି



ଉତ୍ତମ ମହାନ୍ତି

ଏବଂ ଦୀପା ସାହୁ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ।

▶ସାରଥି ଏଣ୍ଟରଟେନମେଣ୍ଟ ପ୍ରା.ଲି., ଜୟପୁର ବ୍ୟାନରରେ ନିର୍ମିତ ହୋଇଥିଲା ଓଡ଼ିଆ ସିନେମା 'କିଏ ଜିତେ କିଏ ହାରେ'। ଶଶାଙ୍କ ଶେଖର ମିଶ୍ରଙ୍କ ପ୍ରଯୋଜିତ ତଥା ନିତାଇ ପାଲିତଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରରେ ଉତ୍ତମ ମହାନ୍ତି ନାୟକ ସାଜିଥିବା ବେଳେ ମହାଶ୍ୱେତା ରାୟ ଏବଂ ଅନୀତା ଦାସଙ୍କୁ ମଧ୍ୟ ଏଥିରେ ଦେଖିବାକୁ ମିଳିଥିଲା।



ଅନୀତା ଦାସ

# ନିର୍ଦ୍ଦେଶନାକୁ ଚ୍ୟାଲେଞ୍ଜ ଭାବେ ନେଇଛି

**ଓଡ଼ିଆ ଚଳଚ୍ଚିତ୍ର 'ମନେ ରହିବ ଏ ପ୍ରେମ କାହାଣୀ', 'ସନ୍ଦେହୀ ପ୍ରିୟତମା', 'ଖାସ୍ ତୁମରି ପାଇଁ', 'ମନ ମୋର ଯାଯାବର', 'ତୋ ସାଥେ ବନ୍ଧା ମୋ ଜୀବନ ଡୋରି', ରିଲିଜ୍ ଅପେକ୍ଷାରେ ଥିବା 'ଭକ୍ତ ଓ ଭଗବାନ' ଏବଂ ଜଗନ୍ନାଥଧାମ ପୁରୀ'ର ନିର୍ଦ୍ଦେଶନା ପରି ଗୁରୁଦାୟିତ୍ୱ ତୁଲାଇ ସାରିଛନ୍ତି ନାରାୟଣ ଘଡ଼େଇ। ଏହାବ୍ୟତୀତ ନିର୍ମିତ ହେବାକୁ ଯାଉଥିବା ନୂଆ ଓଡ଼ିଆ ସିନେମା 'ଅଫିସର'ର ନିର୍ଦ୍ଦେଶନା ମଧ୍ୟ ଦେବେ। ନିଜ ନିର୍ଦ୍ଦେଶନା କ୍ୟାରିୟର ସମ୍ପର୍କରେ ସେ କହନ୍ତି...**



ପରଦା ପଛରେ
ନାରାୟଣ ଘଡେଇ

'ସିନେମାଟିଏ ନିର୍ମାଣ କରିବା ଯେତିକି ରିସ୍କ ନିର୍ଦ୍ଦେଶନା ଦେବା ସେତିକି କଷ୍ଟକର। ଏ ପର୍ଯ୍ୟନ୍ତ ମୁଁ ଯେଉଁ କେତୋଟି ଓଡ଼ିଆ ସିନେମାର ନିର୍ଦ୍ଦେଶନା ଦେଇଛି ସେଗୁଡିକୁ ଏକ ଚ୍ୟାଲେଞ୍ଜ ଭାବରେ ନେଇଛି। ନିଜ ଦାୟିତ୍ୱ ପ୍ରତି ଶତ ପ୍ରତିଶତ ସଚେତନ ରହିଛି। ଆଜିକାଲି କେତେକ ନିର୍ଦ୍ଦେଶନା ବିଷୟରେ କିଛି ନ ଜାଣି ଏ ଲାଇନ୍‌ରେ ପାଦ ଦେଉଛନ୍ତି। ହେଲେ ନିର୍ଦ୍ଦେଶକ ହେବା ପୂର୍ବରୁ ସେ ସମ୍ପର୍କିତ ସବିଶେଷ ଜ୍ଞାନ ଅର୍ଜନ କରିବା ନିହାତି ଦରକାର ବୋଲି କହନ୍ତି ନାରାୟଣ। ନୟାଗଡ ଜିଲା ଓଡଗାଁ ଅନ୍ତର୍ଗତ ନନ୍ଦିଘୋର ଗ୍ରାମରେ ଜନ୍ମିତ ଏହି ନିର୍ଦ୍ଦେଶକଙ୍କ କ୍ୟାରିୟର ଆରମ୍ଭ ଭିଡିଓ ଆଲବମ୍‌ରୁ। ପାଖାପାଖି ୧୦୦ରୁ ଅଧିକ ଭିଡିଓ ଆଲବମ୍‌ର ନିର୍ଦ୍ଦେଶନା ଦେବା ସହ ୩୫ଟି ପ୍ରାମାଣିକ ଚଳଚ୍ଚିତ୍ର, ଧାରାବାହିକ, ସିଡି ଫିଲ୍ମର ନିର୍ଦ୍ଦେଶକ ସାଜି ସାରିଛନ୍ତି ନାରାୟଣ। ନିର୍ଦ୍ଦେଶନାକୁ କ୍ୟାରିୟର କଲେ କାହିଁକି ପ୍ରଶ୍ନର ଉତ୍ତରରେ ସେ କହନ୍ତି, 'ମଣିଷର ଜୀବନ ଏକ ଚ୍ୟାଲେଞ୍ଜ। ଏହାକୁ ଗ୍ରହଣ କରି ଆମକୁ ଆଗେଇବାକୁ ପଡିଥାଏ। ମୋତେ ଯେତେବେଳେ ନିର୍ଦ୍ଦେଶନା ପରି ଦାୟିତ୍ୱ ତୁଲାଇବାକୁ କୁହାଗଲା ସେତେବେଳେ ଏହାକୁ ହାଲକା ଭାବରେ ନେଇ ନ ଥିଲି। ମୋ ନିର୍ଦ୍ଦେଶନା କିପରି ଅନ୍ୟମାନଙ୍କଠାରୁ ଭିନ୍ନ ହେବ ସେଥିପାଇଁ ଚେଷ୍ଟା ଜାରି ରଖିଛି। ବିଶେଷଭାବରେ ମୋ ନିର୍ଦ୍ଦେଶନାରେ ରିଲିଜ୍ ଅପେକ୍ଷାରେ ଥିବା 'ଜଗନ୍ନାଥଧାମ ପୁରୀ' କିପରି ଦର୍ଶକଙ୍କୁ ପ୍ରଭାବିତ କରିପାରିବ ସେ ନେଇ ଯଥେଷ୍ଟ ଚେଷ୍ଟା କରାଯାଇଛି। ଦର୍ଶକଙ୍କୁ ମୁଁ ସବୁବେଳେ ଗୁରୁତ୍ୱ ଦେଇଥାଏ। କାରଣ ସେମାନଙ୍କ ପାଇଁ ଆମେ ଆଜି ତିଷ୍ଠି ରହିଛୁ।' ନିଜ ନିର୍ଦ୍ଦେଶନାକୁ ନୂଆ ରୂପ ଦେବା ପାଇଁ ନାରାୟଣ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିଛନ୍ତି। ତେବେ ଭବିଷ୍ୟତରେ ତାଙ୍କ ନିର୍ଦ୍ଦେଶନା ଦର୍ଶକଙ୍କୁ କେତେକ ପ୍ରଭାବିତ କରିପାରୁଛି ତାହା ଦେଖିବାକୁ ବାକି ରହିଲା।

## ସଂକ୍ଷେପରେ

### ପ୍ରତି ଶନିବାର ପିଲାଙ୍କୁ ଗପ ଶୁଣାଇବ ବକୁଲ୍ ଫାଉଣ୍ଡେଶନ୍

**ଭୁବନେଶ୍ୱର,୫।୮ (ବ୍ୟୁରୋ):** ପିଲାଙ୍କୁ ସ୍ୱପ୍ନ ରାଇଜ ଦେଖାଇବା ସହ ସେମାନଙ୍କୁ ନୈତିକ ଶିକ୍ଷା ଦେବା ପାଇଁ ଏକ ଅଭିନବ ପ୍ରୟାସ ଆରମ୍ଭ କରିଛି ଭୁବନେଶ୍ୱରସ୍ଥିତ ବକୁଲ୍ ଫାଉଣ୍ଡେଶନ। ପିଲାଙ୍କ ପାଇଁ ପ୍ରଥମଥର ଲାଗି ବକୁଲ୍ ଫାଉଣ୍ଡେଶନ ପକ୍ଷରୁ ଡିଜିଟାଲ ଷ୍ଟୋରି ଟେଲିଂ ସେଶନର ଆୟୋଜନ ହୋଇଛି। କରୋନା ସଂକ୍ରମଣ ପରିସ୍ଥିତି ଓ ବିଶେଷକରି ସ୍କୁଲ୍ ଛୁଟିଥିବାରୁ ପିଲାମାନେ ଘରେ ଖାଲି ସମୟ ବିତାଉଛନ୍ତି। ଏଭଳିସ୍ଥଳେ ପିଲାଙ୍କ ମାନସିକ ସ୍ଥିତିକୁ ପରଖିବା ପାଇଁ ଫାଉଣ୍ଡେଶନ ପକ୍ଷରୁ ଏହି ନିଆରା ପଦକ୍ଷେପ ନିଆଯାଇଛି। ଏହାଦ୍ୱାରା ଡିଜିଟାଲ୍ ସ୍କ୍ରିନିଂ ମାଧ୍ୟମରେ ବକୁଲ୍ ନିଜ ଲାଇବ୍ରେରିକୁ ପିଲାଙ୍କ ପାଖରେ ପହଞ୍ଚାଇବାର ପ୍ରୟାସ କରାଯାଉଛି। ସପ୍ତାହର ସବୁ ଶନିବାର ରାତି ୯ଟାରେ ପିଲାଙ୍କ ପାଖରେ ପହଞ୍ଚିବା ଫେସବୁକ୍, ଟୁଇଟର, ୟୁଟ୍ୟୁବ୍ ଭଳି ଡିଜିଟାଲ୍ ମିଡ଼ିଆରେ ପିଲାଙ୍କୁ ଗପ କହିବା ଚଳିତ ମାସ ପ୍ରଥମ ଶନିବାରରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ସାରା ଦେଶର କଥାକାରମାନେ ଯୋଡି ହୋଇଛନ୍ତି। ଏଥିରେ ୫୦ଟି ଦେଶର ୫୦ କଥାକାର ନିଜ ସ୍ଥାନରେ ରହି ପିଲାଙ୍କୁ ଗପ କହିବେ। ଏହି କାର୍ଯ୍ୟକ୍ରମ ଆସନ୍ତା ୫୦ ସପ୍ତାହ ପର୍ଯ୍ୟନ୍ତ ଇଂଲିଶ ଭାଷାରେ ଚାଲିବା ନେଇ ଫାଉଣ୍ଡେଶନ ପକ୍ଷରୁ ସୂଚନା ଦିଆଯାଇଛି।

### ଠିକା କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦାବିରେ ବିକ୍ଷୋଭ

**କଟକ ଅଫିସ,୫।୮:** ଠିକା ଓ ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦାବିରେ ଏଆଇୟୁଟିୟୁସି କଟକ ଜିଲା କମିଟି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛି। କୋଭିଡ୍-୧୯ର ମୁକାବିଲା ପାଇଁ ଅର୍ଥର ଅଭାବ ରହିବ ନାହିଁ ବୋଲି ରାଜ୍ୟ ସରକାର ଗତ ମାର୍ଚ୍ଚରେ କହିଥିଲେ। କିନ୍ତୁ ଏବେ ବିଭିନ୍ନ ଆଳ ଦେଖାଇ କର୍ମଚାରୀଙ୍କୁ ଛଟେଇ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଲକ୍ଷ ଲକ୍ଷ ପ୍ରବାସୀ ଶ୍ରମିକଙ୍କୁ କାମ ଦେବାର ଆବଶ୍ୟକତା ଥିବାବେଳେ ତାହା ନ କରି ଆମ ରାଜ୍ୟରେ ଠିକା ଓ ଚୁକ୍ତିଭିତ୍ତିକ ୨ ଲକ୍ଷରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କୁ ଛଟେଇ କରିବା ପାଇଁ ଘୋଷଣା ହୋଇଛି। କରୋନା ମହାମାରୀ ସମୟରେ ଲକ୍‌ଡାଉନ ଓ ଶଟ୍‌ଡାଉନ ଯୋଗୁ ଲକ୍ଷ ଲକ୍ଷ ଶ୍ରମିକ କର୍ମଚାରୀ କାମ ନ ପାଇ ଅସହାୟ ଜୀବନ ବିତାଉଛନ୍ତି। ଠିକା ଓ ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ଛଟେଇ ବନ୍ଦ କରି ସ୍ଥାୟୀ ନିଯୁକ୍ତି ଦାବିରେ ବିକ୍ଷୋଭ ହୋଇଥିଲା। ଏଆଇୟୁଟିୟୁସି କଟକ ଜିଲା ସମ୍ପାଦକ ରାଜକିଶୋର ମଲ୍ଲିକ, ଅଫିସ ସମ୍ପାଦକ ଖଗେଶ୍ୱର ସେଠୀ, ଦିପକ ଦାସ, ପାଭେଲ ପ୍ରିୟଦର୍ଶନ, ମାନଗୋବିନ୍ଦ ପଣ୍ଡା ଓ ବସନ୍ତ ନାୟକ ଏହାର ନେତୃତ୍ୱ ନେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କଟକ ଜିଲାପାଳଙ୍କୁ ସ୍ମାରକପତ୍ର ଦିଆଯାଇଥିଲା।

# ଅଧିକ ଦରରେ ସାର ବିକିଲେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୫।୮ (ବ୍ୟୁରୋ)



ଭିଡିଓ କନ୍‌ଫରେନ୍ସରେ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି ମନ୍ତ୍ରୀ ଅରୁଣ କୁମାର ସାହୁ।

**ଖରିଫ୍ ଚାଷର ଅଗ୍ରଗତି ନେଇ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ**

- ଚାଷୀଙ୍କୁ ଧାର୍ଯ୍ୟ ଦରରେ କୃଷି ସାମଗ୍ରୀ ଯୋଗାଣକୁ ଗୁରୁତ୍ୱ
- ସଦର ମହକୁମାରେ ଉପସ୍ଥିତ ରହିବେ କ୍ଷେତ୍ର ଅଧିକାରୀ
- ସାର ସୁଷମ ବଣ୍ଟନର କଡ଼ାକଡ଼ି ତଦାରଖ କରିବାକୁ ନିର୍ଦ୍ଦେଶ
- ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅଧିକ ଶ୍ରମ ଦିବସ ସୃଷ୍ଟି ଲକ୍ଷ୍ୟ

ବର୍ତ୍ତମାନର କରୋନା ସ୍ଥିତିରେ ଚଳିତ ଖରିଫ୍ ଚାଷ ନିମନ୍ତେ ଚାଷୀମାନେ ଯେପରି ସାର ଓ ଅନ୍ୟାନ୍ୟ କୃଷି ସାମଗ୍ରୀ ଠିକଣା ସମୟରେ ଧାର୍ଯ୍ୟ ଦରରେ ପାଇପାରିବେ ସେଥି ନିମନ୍ତେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ପ୍ରତ୍ୟେକ ସ୍ତରରେ ତଦାରଖ ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି। ଆବଶ୍ୟକତା ପୂରଣ ପାଇଁ ରାଜ୍ୟକୁ ଅଧିକ ପରିମାଣର ସାର ଯୋଗାଇଦେବାକୁ କେନ୍ଦ୍ର ସରକାରଙ୍କୁ ମଧ୍ୟ ଅନୁରୋଧ କରାଯାଇଛି। ଚାଷୀମାନେ ଉଚିତ ଦରରେ ସାର ପାଇବା ପାଇଁ ଯାଞ୍ଚ ବ୍ୟବସ୍ଥାକୁ ଅଧିକ କଡାକଡି କରିବାକୁ କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଅରୁଣ କୁମାର ସାହୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ଚାଷ କାର୍ଯ୍ୟ ନିମନ୍ତେ ସାରର ଯେପରି କୌଣସି ଅଭାବ ନ ରୁହେ, ସେଥିପ୍ରତି ସମବାୟ ବିଭାଗ ସହିତ ସମନ୍ୱୟ ରକ୍ଷା କରି ଏହାର ସୁଷମ ବଣ୍ଟନ ନିମନ୍ତେ ଅଧିକାରୀମାନେ ପଦକ୍ଷେପ ନେବେ। ଅଧିକ ଦରରେ ସାର ବିକ୍ରୟ ଅଭିଯୋଗ ଆସିଲେ ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ସାହୁ କହିଛନ୍ତି। ବୁଧବାର ଆୟୋଜିତ ଏକ ଭର୍ଚୁଆଲ୍ ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ରାଜ୍ୟରେ ଖରିଫ୍ ଚାଷ ସମେତ ବିଭିନ୍ନ ଯୋଜନାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ଏହି ଅବସରରେ ମନ୍ତ୍ରୀ କହିଲେ, ଚାଷୀଙ୍କୁ ଯୋଗାଇ ଦିଆଯାଉଥିବା କୃଷି ସାମଗ୍ରୀର ଗୁଣାତ୍ମକ ମାନ ଓ ପରିମାଣରେ କୌଣସି ପ୍ରକାରର ସାଲିସ କରାଯିବ ନାହିଁ। କୋଭିଡ୍-୧୯ ପରି ଏକ ଜଟିଳ ସ୍ଥିତିରେ ଚାଷ କାର୍ଯ୍ୟ ଯେପରି ବାଧାପ୍ରାପ୍ତ ନ ହୁଏ, ସେଥିପ୍ରତି କ୍ଷେତ୍ର ଅଧିକାରୀମାନେ ଅଧିକ କ୍ରିୟାଶୀଳ ହେବା ଆବଶ୍ୟକ। ସେମାନେ ସଦର ମହକୁମାରେ ଉପସ୍ଥିତ ରହି ଚାଷକାର୍ଯ୍ୟକୁ ଆଗେଇ ନେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରେ ବିଭିନ୍ନ ସ୍ଥାନରେ ଜାରି ରହିଥିବା ବର୍ଷାର ସ୍ଥିତି ସମ୍ପର୍କରେ ଆଲୋଚନ କରାଯାଇଥିଲା। କୋଭିଡ-୧୯ ସ୍ଥିତିରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ବୃକ୍ଷ ରୋପଣ ଓ 'ମୋ ପୋଖରୀ' ଯୋଜନା କାର୍ଯ୍ୟକାରୀ କରି ଅଧିକ ଶ୍ରମ ଦିବସ ଓ ଭିତ୍ତିଭୂମି ନିର୍ମାଣ ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ବୃକ୍ଷ ରୋପଣ କରାଯାଉଥିବା ସ୍ଥାନଗୁଡ଼ିକର ଫଟୋଚିତ୍ର ଉତ୍ତୋଳନ ସହିତ ଭିଡିଓଗ୍ରାଫି କରିବାକୁ କୁହାଯାଇଛି। କୃଷି ବିଭାଗର ବରିଷ୍ଠ ଅଧିକାରୀମାନେ ଜିଲା ଗସ୍ତ ସମୟରେ ନିୟମିତ ବୃକ୍ଷରୋପଣ ସ୍ଥାନଗୁଡ଼ିକର ପରିଦର୍ଶନ କରିବା ପାଇଁ ମନ୍ତ୍ରୀ କହିଛନ୍ତି। ବୈଠକରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ସୌରଭ ଗର୍ଗ, ସ୍ୱତନ୍ତ୍ର ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଡ. ଏମ୍. ମୁଥୁକୁମାର, ଉଦ୍ୟାନ କୃଷି ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା, ମୃତ୍ତିକା ସଂରକ୍ଷଣ ଓ ଜଳଛାୟା ଉନ୍ନୟନ ନିର୍ଦ୍ଦେଶକ ହେମନ୍ତ କୁମାର ପଣ୍ଡାଙ୍କ ସମେତ ସମସ୍ତ ଜିଲା ମୁଖ୍ୟ କୃଷି ଅଧିକାରୀ ଓ ନୋଡାଲ ଅଧିକାରୀମାନେ ଯୋଗଦେଇଥିଲେ।

### ଦଶାହ ଭୋଜିଖାଇ ଝାଡ଼ାବାନ୍ତିରେ ୧୦୦ ଆକ୍ରାନ୍ତ

ନିରାକାରପୁର/ଟାଙ୍ଗୀ, ୫।୮ (ଡି.ଏନ୍.ଏ.)

କରୋନା କଟକଣା ବେଳେ ଦଶାହ ଭୋଜି ଖାଇ ୧୦୦ରୁ ଊର୍ଦ୍ଧ୍ୱ ଲୋକେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ଏହିଭଳି ଘଟଣା ଚାନ୍ଦପୁର ଥାନା କନ୍ଧ ନୟାଗଡ଼ ଗ୍ରାମରେ ଦେଖିବାକୁ ମିଳିଛି। ସୂଚନା ମୁତାବକ, ଏହି ଗ୍ରାମର ଜଣେ ଶିକ୍ଷକଙ୍କ ଗତ ୧୦ ଦିନ ତଳେ ମୃତ୍ୟୁ ହୋଇଥିଲା। ମଙ୍ଗଳବାର ପରିବାର ପକ୍ଷରୁ ତାଙ୍କର ଦଶାହ କ୍ରିୟାରେ ଭୋଜି ହୋଇଥିଲା। ଭୋଜିରେ ୩୦୦ଲୋକଙ୍କ ପାଇଁ ରନ୍ଧା ହୋଇଥିଲା। ସେହି ଖାଦ୍ୟ ଖାଇଥିବା ୧୦୦ରୁ ଊର୍ଦ୍ଧ୍ୱ ମହିଳା, ପୁରୁଷ ବିଳମ୍ବିତ ରାତିରେ ଝାଡାବାନ୍ତି ହୋଇଥିଲା। ଫଳରେ ସେମାନେ ଟାଙ୍ଗି ଡାକ୍ତରଖାନାରେ ଚିକିତ୍ସିତ କରାଇଥିଲେ। ପରେ ବୁଧବାର ସେମାନେ ସୁସ୍ଥ ହୋଇ ଫେରିଥିବା ଜଣାପଡ଼ିଛି। ତେବେ କରୋନା ସମୟରେ କମ୍ ଲୋକଙ୍କୁ ନେଇ ଭୋଜି କରିବାକୁ ନିୟମ ଥିବାବେଳେ କିଭଳି ଏତେ ପରିମାଣର ଭୋଜି ହେଲା। ପୋଲିସ କିଭଳି ଜାଣିପାରିଲା ନାହିଁ ତାହା ସାଧାରଣରେ ପ୍ରଶ୍ନ ଉଠୁଛି।

## ସଂସ୍କୃତି ସଚିବ ଭାବେ ଦାୟିତ୍ୱ ନେଲେ ବିଷ୍ଣୁପଦ ସେଠୀ


ଦାୟିତ୍ୱ ଗ୍ରହଣ ଅବସରରେ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀଙ୍କୁ ସ୍ୱାଗତ କରାଯାଉଛି।

ଭୁବନେଶ୍ୱର,୫।୮ (ବ୍ୟୁରୋ)

ବରିଷ୍ଠ ଆଇଏଏସ୍ ଅଧିକାରୀ ବିଷ୍ଣୁପଦ ସେଠୀଙ୍କୁ ରାଜ୍ୟ ସରକାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ଭାବେ ନିଯୁକ୍ତ କରିଛନ୍ତି। ବୁଧବାର ପୂର୍ବାହ୍ଣରେ ସେ ଏହି ନୂଆ ଦାୟିତ୍ୱ ଗ୍ରହଣ କରିଛନ୍ତି। ସଂସ୍କୃତି ନିର୍ଦ୍ଦେଶକ ବିଜୟ କୁମାର ନାୟକ, ଅତିରିକ୍ତ ଶାସନ ସଚିବ ଡ. ରାମକୃଷ୍ଣ ସାହୁ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳସଚିବ ଅନନ୍ତ ବିଜୟ ପଟ୍ଟନାୟକ ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ। ଏହି ଅବସରରେ ସେଠୀ କହିଲେ, ସଂସ୍କୃତି ବିଭାଗ ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ ହୋଇଥିବାବେଳେ ରାଜ୍ୟର କଳା, ସଂସ୍କୃତି ଓ ଐତିହ୍ୟର ସୁରକ୍ଷା ଦିଗରେ ଅନେକ କାର୍ଯ୍ୟ କରିବାକୁ ହେବ। ଆଗାମୀ ଦିନରେ ବିଭାଗକୁ ଅଧିକ କ୍ରିୟାଶୀଳ କରିବା ଓ ବିଭିନ୍ନ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ ଉପରେ ଗୁରୁତ୍ୱ ପ୍ରଦାନ କରାଯିବ ବୋଲି ସେ କହିଥିଲେ। ଜଣେ ସୁଲେଖକ ଭାବେ ସେଠୀଙ୍କର ଭିନ୍ନ ପରିଚୟ ରହିଥିବାବେଳେ ସଂସ୍କୃତି ପ୍ରତି ତାଙ୍କର ବିଶେଷ ରୁଚି ରହିଛି। ତାଙ୍କ ଲିଖିତ ଇଂଲିଶ ପୁସ୍ତକ 'ବିୟଣ୍ଡ ଫିଲିଂସ୍', 'ମାଇଁ ୱାର୍ଲଡ ଅଫ୍ ୱାର୍ଡସ୍' ଓ କବିତା 'ହୋୟାର ସାଲ୍ ଆଇ ଗୋ' ପ୍ରକାଶିତ ହୋଇଛି। ତେବେ 'ହୋୟାର ସାଲ୍ ଆଇ ଗୋ' ପୁସ୍ତକ ଉର୍ଦ୍ଦୁ ଓ ହିନ୍ଦୀରେ ଅନୁବାଦିତ ହୋଇ ବହୁ ପାଠକୀୟ ଆଦୃତି ଲାଭ କରିଛି।

### ମାଲଗୋଦାମ ବେପାର ସମୟ ବଦଳିଲା

କଟକ ଅଫିସ,୫।୮

ମାଲଗୋଦାମରେ ବେପାର ସମୟରେ ପରିବର୍ତ୍ତନ ହୋଇଛି। ବ୍ୟବସାୟୀ ସଂଘ ନିଷ୍ପତ୍ତି ପରେ କଟକ ମହାନଗର ନିଗମ (ସିଏମ୍‌ସି) ବୁଧବାର ଏନେଇ ବିଜ୍ଞପ୍ତି ଜାରି କରିଛି। ଅଣ-ଅତ୍ୟାବଶ୍ୟକ ସାମଗ୍ରୀ ବିକୁଥିବା ଦୋକାନ ସକାଳ ୭ରୁ ପୂର୍ବାହ୍ଣ ୧୦ଟା ଯାଏ ଖୋଲା ରହିବ। ହୋଲ୍‌ସେଲ୍ ଓ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ପୂର୍ବାହ୍ଣ ୧୦ରୁ ଅପରାହ୍ଣ ୨ଟା ଏବଂ ରିଟେଲ୍ ଦୋକାନ ଅପରାହ୍ଣ ୨ରୁ ରାତି ୮ଟା ଯାଏ ଖୋଲିବ। ପ୍ରତ୍ୟେକ ସପ୍ତାହର ବୁଧବାର ମାଲଗୋଦାମ ସଂପୂର୍ଣ୍ଣ ବନ୍ଦ ରହିବ। ମାଲ୍‌ଗୋଦାମ ନିକଟ ବେହେରାସାହିରୁ ଲଗାତର କରୋନା ଆକ୍ରାନ୍ତ ଚିହ୍ନଟ ହେବା ଯୋଗୁ ଏଭଳି ନିଷ୍ପତ୍ତି ନିଆଯାଇଥିବା ସିଏମ୍‌ସି କହିଛି। ଅପରପକ୍ଷେ ମଙ୍ଗଳବାର କଟକ ଚାମ୍ବର ଅଫ୍ କମର୍ସ ନେତୃତ୍ୱରେ ଓଡ଼ିଶା ଚାଉଳ ବ୍ୟବସାୟୀ ସଂଘ ଓ ଖୁଚୁରା ବ୍ୟବସାୟୀ ସଂଘର ବୈଠକ ଅନୁଷ୍ଠିତ ହୋଇଥିଲା। ବେହେରାସାହି ଓ ତେଲୁଗୁ ବସ୍ତିରେ ସଂକ୍ରମଣ ବଢୁଥିବା ନେଇ ବୈଠକରେ ଚିନ୍ତା ପ୍ରକଟ କରାଯାଇଥିଲା। ସାମାଜିକ ଦୂରତ୍ୱ ରକ୍ଷା, ଗ୍ରାହକ, ଦୋକାନୀ ମାସ୍କ ପିନ୍ଧିବା ବାଧ୍ୟତାମୂଳକ ସହ ଦୋକାନ ଭିତରକୁ ଗ୍ରାହକଙ୍କ ପ୍ରବେଶ ଉପରେ କଟକଣା ଜାରି କରାଯାଇଛି।

## ଭୁବନେଶ୍ୱର: ଆକ୍ରାନ୍ତ ୩୩୫୪, ସୁସ୍ଥ ୨୦୬୧

ଭୁବନେଶ୍ୱର, ୮।୫ (ବ୍ୟୁରୋ)

**ନୂଆ ୧୩୭ ପଜିଟିଭ୍ ଚିହ୍ନଟ, ୧୧୮ ସୁସ୍ଥ**

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରେ ପ୍ରତିଦିନ କରୋନାରେ ଶହେରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ହେଉଥିବାବେଳେ ଆରୋଗ୍ୟଙ୍କ ସଂଖ୍ୟା ମଧ୍ୟ ପୂର୍ବାପେକ୍ଷା ଅଧିକ ରହୁଛି। ଶେଷ ୨୪ ଘଣ୍ଟାରେ ପୁଣି ୧୩୭ ଆକ୍ରାନ୍ତ ଓ ୧୧୮ ସୁସ୍ଥ ହୋଇଛନ୍ତି। ଫଳରେ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩୩୫୪ରେ ପହଞ୍ଚିଛି। ସେହିଭଳି ୨୦୬୧ଜଣ ଆକ୍ରାନ୍ତ ଆରୋଗ୍ୟ ହୋଇ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଥିବା ବିଏମ୍‌ସି ତଥ୍ୟରୁ ଜଣାପଡ଼ିଛି।

ତେବେ ଚିହ୍ନଟ ହୋଇଥିବା ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ୧୧୩ଜଣ ସଙ୍ଗରୋଧରୁ ଓ ୨୪ଜଣ ସ୍ଥାନୀୟ ସଂକ୍ରମିତ ହୋଇଛନ୍ତି। ସାଲିଆସାହିରୁ ଆଉ ୧୦ଜଣ, ଭୀମପୁର ଅଞ୍ଚଳରୁ ୯, ଗଙ୍ଗନଗର ବସ୍ତିରୁ ୮, ୟୁନିଟ୍-୮ ଓସିସି ବସ୍ତିରୁ ୭, ବଡଗଡ଼ରୁ ୬, ଚନ୍ଦ୍ରଶେଖରପୁର ବିଡିଏ କଲୋନୀରୁ ୫, ଓୟୁଏଟି ନିକଟ ଗଙ୍ଗନଗରରୁ ୪, ୟୁନିଟ୍-୯ରୁ ୫, ଏକ ଘରୋଇ ହସ୍ପିଟାଲରୁ ୪ଜଣ କର୍ମଚାରୀ, ସତ୍ୟନଗରରୁ ୪, ଅଶୋକନଗରରୁ ୩ଜଣ ଓ ବାକି ଆକ୍ରାନ୍ତ ଅନ୍ୟାନ୍ୟ ଅଞ୍ଚଳରୁ ରହିଛନ୍ତି। ଛନ୍ତି। ଏବେ ବି ୧୨୭୩ ଆକ୍ରାନ୍ତ ବିଭିନ୍ନ କୋଭିଡ୍ ହସ୍ପିଟାଲ, ହୋମ୍ କ୍ୱାରାଣ୍ଟାଇନ୍, କୋଭିଡ୍ କେୟାର ସେଣ୍ଟର, କମ୍ୟୁନିଟି କୋଭିଡ୍ କେୟାର ସେଣ୍ଟର ଆଦିରେ ରହିଛନ୍ତି।

## ନନ୍ଦନକାନନ ଖୋଲିବା ନେଇ ଅନିଶ୍ଚିତତା

ବାରଙ୍ଗ,୫।୮ (ଡି.ଏନ୍.ଏ.)

କରୋନା ପାଇଁ ପ୍ରାଣୀ ଉଦ୍ୟାନ ନନ୍ଦନକାନନ ୧୫ ମାର୍ଚ୍ଚ ୨୦୨୦ରୁ ଦର୍ଶକଙ୍କ ପାଇଁ ବନ୍ଦ ରହିଛି। ହେଲେ ଏବେ ବି ରାଜ୍ୟରେ କରୋନା ସଂକ୍ରମିତ ସଂଖ୍ୟା ବଢୁଥିବାରୁ ନନ୍ଦନକାନନ ଖୋଲିବା ନେଇ ଅନିଶ୍ଚିତତା ଲାଗିରହିଛି। କେବଳ ଜୀବଜନ୍ତୁମାନଙ୍କ ରକ୍ଷଣାବେକ୍ଷଣ ପାଇଁ ସୁରକ୍ଷା, ଜଳଯୋଗାଣ, ବିଦ୍ୟୁତ୍ କାର୍ଯ୍ୟରେ ନିୟୋଜିତ ଥିବା କର୍ମଚାରୀମାନେ ନନ୍ଦନକାନନ ଆସୁଛନ୍ତି। ସେମାନଙ୍କୁ ପରୀକ୍ଷା କରାଯାଇ ଭିତରକୁ ଯିବାକୁ ଦିଆଯାଉଛି। ଅକ୍ଟୋବରରେ ନନ୍ଦନକାନନ ଖୋଲିବା ନେଇ ନନ୍ଦନକାନନ କର୍ତ୍ତୃପକ୍ଷ ଏକ ପ୍ରକାର ନିଷ୍ପତ୍ତି ନେଇ ସରକାରଙ୍କୁ ଜଣାଇଥିଲେ। ତେବେ ବିଧିବଦ୍ଧଭାବେ ସରକାରୀ ସ୍ତରରେ କୌଣସି ନିଷ୍ପତ୍ତି ନିଆଯାଇ ନ ଥିଲେ ମଧ୍ୟ ଅକ୍ଟୋବରରେ ନନ୍ଦନକାନନ ଖୋଲିବା ନେଇ ଆଲୋଚନା ଜୋର ଧରିଥିଲା। ତେବେ ନନ୍ଦନକାନନ ନିକଟସ୍ଥ ଗ୍ରାମଗୁଡ଼ିକରେ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାରୁ ପୁଣି ଖୋଲିବା ନିଷ୍ପତ୍ତିରେ ନନ୍ଦନକାନନ ପରିବର୍ତ୍ତନ କରିଥିବା ଜଣାପଡିଛି। ଏ ନେଇ ନନ୍ଦନକାନନ ପର୍ଯ୍ୟଟକ ପରିଚାଳନା ଓ ଜନ୍ତୁବିଭାଗ ଦାୟିତ୍ୱରେ ଥିବା ସହକାରୀ ନିର୍ଦ୍ଦେଶକ ଅମୂଲ୍ୟ କୁମାର ପରିଡ଼ା କୁହନ୍ତି, ଅକ୍ଟୋବରରେ ଖୋଲିବା ପାଇଁ ଆଲୋଚାନ ହୋଇଥିଲେ ମଧ୍ୟ ସରକାରୀ ସ୍ତରରେ ସେଭଳି ନିର୍ଦ୍ଦେଶନାମା ଆସି ନାହିଁ। ତେବେ ଆକ୍ରାନ୍ତଙ୍କ ସଂଖ୍ୟା ଯେଉଁଭଳି ଭାବେ ବଢିଚାଲିଛି ଅକ୍ଟୋବରରେ ସ୍ଥିତି ଦେଖିବା ପରେ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି।

### କେନାଲରେ ଭାସିଯାଇଥିବା ଛାତ୍ରଙ୍କ ମୃତଦେହ ଉଦ୍ଧାର

ସାଲେପୁର, ୫।୮ (ଡି.ଏନ୍.ଏ.)

କଟକ ଜିଲା ସାଲେପୁର ବ୍ଲକ ଜୋରପାରି ଗ୍ରାମର ନିର୍ମଳ ସାମଲଙ୍କ ପୁତ୍ର ଅଂଶୁମାନ (୧୫) ମଙ୍ଗଳବାର ପଟ୍ଟାମୁଣ୍ଡାଇ କେନାଲରେ ଭାସି ଯାଇଥିଲେ। ବୁଧବାର ତାଙ୍କ ମୃତଦେହ କେନାଲର ରାମେଶ୍ୱର-ଲେଖନପୁରରୁ ଉଦ୍ଧାର ହୋଇଛି। ସାଲେପୁର ଅଗ୍ନିଶମ କର୍ମଚାରୀ ଓ ଓଡ୍ରାଫ୍ ଟିମ୍ ସକାଳୁ ଖୋଜାଖୋଜି କରି ମୃତଦେହ ଉଦ୍ଧାର କରିଥିଲେ। ସେ ପଟ୍ଟାମୁଣ୍ଡାଇ କେନାଲର ନାୟକସାହି ଘାଟରେ ମଙ୍ଗଳବାର ଗାଧୋଇବାକୁ ଯାଇ ଭାସିଯାଇଥିଲେ। ଜପକୁଦ ଫାଣ୍ଡିର ଅଧିକାରୀ ସୁବାସ ଚନ୍ଦ୍ର ଉଦୟଭାନୁ ମାମଲା (ନଂ-୧୯/୨୦) ରୁଜୁ କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ପଠାଯାଇଛି।

## ବିଜେଡି କାର୍ଯ୍ୟାଳୟରେ ନୀରବ ପ୍ରାର୍ଥନା

ଭୁବନେଶ୍ୱର,୫।୮ (ବ୍ୟୁରୋ)

କରୋନା ମହାମାରୀର ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ଘର ପରିବାର ଭୁଲି ତ୍ୟାଗ ମନୋଭାବ ନେଇ କୋଭିଡ୍ ଯୋଦ୍ଧାମାନେ ଲୋକଙ୍କ ପାଇଁ କାମ କରିଚାଲିଛନ୍ତି। ଏପରିକି ଲୋକଙ୍କ ସେବାରେ ଥାଇ କରୋନାର ଶିକାର ହେବା ପରେ ଜୀବନ ମଧ୍ୟ ହାରିଛନ୍ତି। ସେହି ଯୋଦ୍ଧାଙ୍କ ଯୋଦ୍ଧାଙ୍କ ସମ୍ମାନାର୍ଥେ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ବୁଧବାର ସନ୍ଧ୍ୟା ୬ଟାରେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ତଥା ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ (କାର୍ଯ୍ୟାଳୟ) ସଞ୍ଜୟ ଦାସବର୍ମାଙ୍କ ନେତୃତ୍ୱରେ ବିଜେଡି ରାଜ୍ୟ କାର୍ଯ୍ୟାଳୟରେ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଛି। ଏଥିରେ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ନାୟକ, ସତ୍ୟବ୍ରତ ପାତ୍ର, ଲୋପାମୁଦ୍ରା ବକ୍ସିପାତ୍ର, ଜନ୍ମେଜୟ ଲେଙ୍କା, ଛାତ୍ର ବିଜେଡି ରାଜ୍ୟ ସଭାପତି ରାଣା ପ୍ରତାପ ପାତ୍ର, ଯୁବ ବିଜେଡି ସଭାପତି ଅମରେଶ ପତ୍ରୀ, ମହିଳା ଜନତା ଦଳ ସାଧାରଣ ସମ୍ପାଦକ ସୁଲତା ଦେଓ, ଭାରତୀ ସିଂ, ସଂଯୁକ୍ତା ମହାନ୍ତି ସାମିଲ ଥିଲେ। ଯୁବ ବିଜେଡିର ଦୁର୍ଗା ସାମନ୍ତରାୟ, ମଳୟ ପତି, ଧୃତି ମାର୍ଥା, ସୁନିଲ ନାୟକ, ତାରିଣୀ ନାୟକ, ଛାତ୍ର ବିଜେଡିର ମନୋଜ ସେନାପତି, ସୁଜିତ ପାଲଟାସିଂହ, ପ୍ରମୋଦ ପାତ୍ର, ଧର୍ମେନ୍ଦ୍ର ଧଳ, ସଞ୍ଜୟ ବିଶୋଇ କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ। ସେହିପରି ଛାତ୍ର ବିଜେଡି ପକ୍ଷରୁ ଉତ୍କଳ ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ନୀରବ ପ୍ରାର୍ଥନା ଓ ଶପଥପାଠ କରାଯାଇଛି। ଶହୀଦନଗର ବିଷ୍ଣୁ ମନ୍ଦିରରେ ବିଜୁ ଛାତ୍ର ଜନତା ଦଳର ସାଧାରଣ ସମ୍ପାଦକ ଦୀପକ ବେହେରାଙ୍କ ଅଧ୍ୟକ୍ଷତାରେ ନୀରବ ପ୍ରାର୍ଥନା ସହ ସମୂହ ଦୀପ ଦାନ କରାଯାଇଛି।

**ଶହୀଦ କୋଭିଡ୍ ଯୋଦ୍ଧାଙ୍କୁ ଶ୍ରଦ୍ଧାଞ୍ଜଳି**


ଭୁବନେଶ୍ୱରସ୍ଥିତ ବିଜେଡି କାର୍ଯ୍ୟାଳୟରେ ବୁଧବାର ଅନୁଷ୍ଠିତ ଶପଥ ପାଠ ଓ ନୀରବ ପ୍ରାର୍ଥନା କାର୍ଯ୍ୟକ୍ରମରେ ଉପସ୍ଥିତ ନେତା ଓ କର୍ମୀମାନେ।


ଭୁବନେଶ୍ୱର ୟୁନିଟ୍-୪ସ୍ଥିତ ଜାମା ମସ୍‌ଜିଦ୍ ସମ୍ମୁଖରେ ମୁସଲିମ୍ ସମ୍ପ୍ରଦାୟ ପକ୍ଷରୁ ନୀରବ ପ୍ରାର୍ଥନା।


ବିଧାନସଭା ପରିସରରେ ସଚିବ ଦାଶରଥି ଶତପଥୀଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମ।


## ରାଜଧାନୀରେ ସମୂହ ନୀରବ ପ୍ରାର୍ଥନା ସହ ଶପଥ ପାଠ


ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ କୋଭିଡ୍ ଯୋଦ୍ଧାଙ୍କୁ ସମ୍ମାନ ଜଣାଉଛନ୍ତି।

**ଭୁବନେଶ୍ୱର,୫।୮ (ବ୍ୟୁରୋ):** କୋଭିଡ୍ ନିୟମାବଳୀର ଅନୁପାଳନରେ ସହଯୋଗ ସହ କୋଭିଡ୍ ଯୋଦ୍ଧାଙ୍କୁ ସମ୍ମାନ ଜଣାଇବା ପାଇଁ ସମୂହ ଶପଥ ପାଠ ଓ ମୃତ ଯୋଦ୍ଧାଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କାର୍ଯ୍ୟକ୍ରମ ବୁଧବାର ରାଜ୍ୟବ୍ୟାପୀ ଅନୁଷ୍ଠିତ ହୋଇଯାଇଛି। କୋଭିଡ ଯୋଦ୍ଧାଙ୍କ ପ୍ରତିବଦ୍ଧତା, ନିଷ୍ଠା ଓ ଉତ୍ସର୍ଗୀକୃତ ସେବା ବଳରେ ଓଡ଼ିଶାରେ ଏବେ ଆରୋଗ୍ୟ ସଂଖ୍ୟା ୨୫ ହଜାର ଅତିକ୍ରମ କରିଛି। ମାନବ ଜାତି ପାଇଁ କୋଭିଡ ଯୋଦ୍ଧାଙ୍କ ପ୍ରାଣବଳି ପରି ସର୍ବୋଚ୍ଚ ତ୍ୟାଗକୁ ସମ୍ମାନ ଜଣାଇ ରାଜଧାନୀର ବିଭିନ୍ନ ସ୍ଥାନରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ରାଜଭବନରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଓ ବହୁ ଅଧିକାରୀ ଶପଥ ପାଠ ସହ ନୀରବ ପ୍ରାର୍ଥନା କରିଥିଲେ। ପୋଲିସ ସେବା ଭବନରେ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ସାମିଲ ହୋଇଥିଲେ। ସେହିପରି ବୀର ସୁରେନ୍ଦ୍ର ସାଏ ନଗର ଉନ୍ନୟନ ପରିଷଦର କର୍ମକର୍ତ୍ତା ଓ ସଦସ୍ୟମାନେ ନିଜ ନିଜ ଘରେ ନୀରବ ପ୍ରାର୍ଥନା କରିବା ସହ ଟିଭି ସମ୍ମୁଖରେ ଠିଆ ହୋଇ ଶପଥପାଠ କରିଥିଲେ। ଏଥିସହ ବିଭିନ୍ନ କାର୍ଯ୍ୟାଳୟ ଓ ଘରେ ମଧ୍ୟ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଧରିତ୍ରୀ
DHARITRI
ଗୁରୁବାର, ୬ ଅଗଷ୍ଟ, ୨୦୨୦





ବଲିଉଡ୍ ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ବଡ଼ ଭଉଣୀ ରାନୀ କହିଛନ୍ତି ଯେ, ସୁଶାନ୍ତ ଗର୍ଲଫ୍ରେଣ୍ଡ ରିୟା ଚକ୍ରବର୍ତ୍ତୀଙ୍କଠାରୁ ମୁକ୍ତି ଚାହୁଁଥିଲେ। ସେ ରାନୀଙ୍କୁ ଫୋନ୍‌ରେ ଅନୁରୋଧ କରିଥିଲେ ଯେ, ମତେ ରିୟାଙ୍କର ମାୟାଜାଲରୁ ମୁକ୍ତି କର। ରାନୀ ବରିଷ୍ଠ ଆଇପିଏସ୍ ଓ.ପି.ସିଂଙ୍କ ସ୍ତ୍ରୀ। ରାନୀଙ୍କ ଏଭଳି ମନ୍ତବ୍ୟ ନେଇ ଏବେ ଚର୍ଚ୍ଚା ଆରମ୍ଭ ହୋଇଛି। ସୁଶାନ୍ତଙ୍କୁ ଦେଖା କରିବାକୁ ହରିୟାଣାରୁ ମୁମ୍ବାଇ ଯାଇଥିବା ରାନୀଙ୍କୁ ରିୟା ଘରେ ରହିବାକୁ ଅନୁମତି ଦେଇ ନ ଥିଲେ। ଏହା ପରେ କିଛି ବଡ଼ ଧରଣର ଘଟଣା ଘଟିବାକୁ ଯାଉଥିବା ରାନୀ ସନ୍ଦେହ କରିଥିଲେ ବୋଲି କହିଛନ୍ତି।

# ହିରୋଶିମା: ଯୁଦ୍ଧ, ଯନ୍ତ୍ରଣାର ଦସ୍ତାବିଜ

**୧୯୪୫ ଅଗଷ୍ଟ ୬। ଯୁଦ୍ଧ ଇତିହାସରେ କଳାଦିନ। ଅପ୍ରତିଦ୍ୱନ୍ଦ୍ୱୀ ହେବାର ମୋହ, କ୍ଷମତା ଲୋଭ ଏବଂ ଯୁଦ୍ଧରେ ବିଜୟୀ ହେବା ଅଭିଳାଷ ପାଇଁ ଏହି ଦିନ ହୋଇଥିଲା ମାନବତାର ନରସଂହାର। ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷ ପର୍ଯ୍ୟାୟରେ ଆମେରିକାର ଏକ କଠୋର ନିଷ୍ପତ୍ତି ନିମିଷକ ମଧ୍ୟରେ ଜାପାନର ଦୁଇଟି ସହର ହିରୋଶିମା ଏବଂ ନାଗାସାକିକୁ ଧ୍ୱଂସସ୍ତୂପରେ ପରିଣତ କରିଦେଇଥିଲା। ଆଜି ବି ଯୁଦ୍ଧ ଯନ୍ତ୍ରଣାର ଦସ୍ତାବିଜ ନେଇ ବଞ୍ଚିଛି ହିରୋଶିମା। ଆଉ ବଖାଣୁଛି ପରମାଣୁ ଯୁଦ୍ଧର ଭୟାବହତା।**



**ନୂଆଦିଲ୍ଲୀ:** ବିଶ୍ୱ ଇତିହାସରେ ପରମାଣୁ ଯୁଦ୍ଧର ଏକମାତ୍ର ମୂଖସାକ୍ଷୀ ହେଉଛି ଜାପାନ। ୧୯୪୫ରେ ଆମେରିକା କେବଳ ଯୁଦ୍ଧକୁ ଅବଦମିତ କରିବାକୁ ଜାପାନ ଉପରେ ପରମାଣୁ ଆକ୍ରମଣ କରି ନ ଥିଲା, ବରଂ ନିଜକୁ ଶକ୍ତିଶାଳୀ ବୋଲି ପ୍ରମାଣିତ କରିବାକୁ ମାନବ ସଭ୍ୟତା ଉପରେ ରଚିଥିଲା ଏଭଳି ନରସଂହାର। ଘଟଣାକୁ ଦୀର୍ଘ ୭୫ ବର୍ଷ ଅତିକ୍ରାନ୍ତ ହୋଇଯାଇଥିଲେ ମଧ୍ୟ ଆଜି ବି ସେତିକି ତାଜା ଏହାର କ୍ଷତ। ଏହା ଥିଲା ପୃଥିବୀର କୌଣସି ଦେଶ ଉପରେ ପ୍ରଥମ ପରମାଣୁ ଆକ୍ରମଣ, ଯାହା ମାତ୍ର କେଇ ସେକେଣ୍ଡ ମଧ୍ୟରେ ୮୦ ହଜାର ଲୋକଙ୍କୁ ଠେଲି ଦେଇଥିଲା ମୃତ୍ୟୁର ଗହ୍ୱରକୁ। ପରମାଣୁ ବିକିରଣ ଏବଂ ଗୁରୁତରଙ୍କ ପରବର୍ତ୍ତୀ ସମୟରେ ମୃତ୍ୟୁକୁ ଆଲିଙ୍ଗନ କଲେ ଏହି ବୋମା ବିସ୍ଫୋରଣ ନେଇଥିଲା ପାଖାପାଖି ୨ ଲକ୍ଷ ଲୋକଙ୍କ ଜୀବନ। ଯୁଦ୍ଧ ସରିବାର ଦୀର୍ଘବର୍ଷ ପରେ ମଧ୍ୟ ବିକିରଣଜନିତ ଦୁଃଖକୁ ସହି ଆସୁଛନ୍ତି ହିରୋଶିମାବାସୀ। ହିରୋଶିମା ଆକ୍ରମଣର ଠିକ୍ ୩ଦିନ ପରେ ଅଗଷ୍ଟ ୯ରେ ନାଗାସାକି ଦେଖିଥିଲା ପରମାଣୁ ଅସ୍ତ୍ରର ଭୟଙ୍କର ରୂପ, ଯେଉଁଥିରେ ୮୦ ହଜାରରୁ ଉର୍ଦ୍ଧ୍ୱ ଜୀବନ ଯାଇଥିଲା। ମାନବତା ଉପରେ ହୋଇଥିବା ଏହି ନିଷ୍ଠୁର ଆକ୍ରମଣ ପାଇଁ ଆମେରିକା ଅନେକ ଥର ଅନୁତାପ କରିସାରିଲାଣି। ଦୁନିଆର ଅନେକ ଦେଶ ମଧ୍ୟ ପରମାଣୁ ଅସ୍ତ୍ରର ଏପରି ଭୟଙ୍କର ବ୍ୟବହାର ନ କରିବା ଲାଗି ଶପଥ ନେଇଛନ୍ତି। ତଥାପି ଆଜି ବି କ୍ଷମତା କନ୍ଦଳରେ ଛନ୍ଦି ହୋଇଥିବା ପୃଥିବୀ ଉପରୁ ହଟିନି ପରମାଣୁ ଯୁଦ୍ଧର ଆଶଙ୍କା। ଯୁଦ୍ଧ କାହାରି ପାଇଁ ଶୁଭଙ୍କରୀ ନୁହେଁ। ଯୁଦ୍ଧରେ ଯିଏ ବି ଜିତୁ ହେଲେ ଏହାର କୁପରିଣାମ ଉଭୟ ପକ୍ଷକୁ ଭୋଗିବାକୁ ପଡ଼ିଥାଏ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ସମାନ ଦୃଶ୍ୟ ଦେଖିବାକୁ ମିଳିଥିଲା।

ଏହି ଯୁଦ୍ଧରେ ପୃଥିବୀ ଦୁଇଭାଗରେ ବିଭକ୍ତ ହୋଇଥିଲା। ଗୋଟିଏ ପଟେ ଆକ୍ସିସ୍ ପାୱାର ଜର୍ମାନୀ, ଇଟାଲୀ, ଜାପାନ, ହଙ୍ଗେରୀ ଭଳି ଅନେକ ଦେଶ ଥିବାବେଳେ ଅନ୍ୟପଟେ ଆଲାଏଡ୍ ପାୱାର ଆମେରିକା, ବ୍ରିଟେନ, ଅଷ୍ଟ୍ରେଲିଆ, କାନାଡ଼ା, ଫ୍ରାନ୍ସ, ବ୍ରାଜିଲ। ତେବେ ହିଟ୍‌ଲରଙ୍କ ମୃତ୍ୟୁ ପରେ ଶକ୍ତିହୀନ ହୋଇପଡ଼ିଥିବା ଜର୍ମାନୀ ଆତ୍ମସମର୍ପଣ କରିଦେଲା। କେବଳ ଜାପାନ ହିଁ ଯୁଦ୍ଧରେ ନିଜର ପରାକ୍ରମ ଦେଖାଇ ଆସୁଥିଲା, ଯାହା ତତ୍କାଳୀନ ଆମେରିକୀୟ ରାଷ୍ଟ୍ରପତି ହେରୀ ଟ୍ରୁମ୍ୟାନ୍‌ଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଥିଲା। ଏସବୁ ଭିତରେ ଆମେରିକାର ବୈଜ୍ଞାନିକମାନେ ୧୯୪୫ ଜୁଲାଇରେ ସଫଳତାର ସହ ପରମାଣୁ ବୋମାର ପରୀକ୍ଷଣ କଲେ। ଏହାପରେ ଜାପାନକୁ ରୋକିବାକୁ ଆରମ୍ଭ ହେଲା ଭୟଙ୍କର ଗୋଟିଚାଳନା। ଜାପାନ ଉପରେ ପରମାଣୁ ଆକ୍ରମଣ ପୂର୍ବରୁ ରାଷ୍ଟ୍ରପତି ହେରୀ ଟ୍ରୁମ୍ୟାନ ଯୁଦ୍ଧ ସଚିବ ହେନ୍‌ରୀ ଷ୍ଟିମ୍‌ସନ୍‌ଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କଲେ। ଯୁଦ୍ଧକୁ ଶୀଘ୍ର ଶେଷ କରିବା ଲାଗି ଅନ୍ୟ ବିକଳ୍ପ ଥିଲେ ମଧ୍ୟ ଅଧିକାରୀଙ୍କ ଚାପରେ ପଡ଼ି ଜାପାନ ଉପରେ ପରମାଣୁ ଅସ୍ତ୍ରର ପ୍ରୟୋଗ କରିବାକୁ ଏହି ବୈଠକରେ ଆପାତତଃ ନିଷ୍ପତ୍ତି ହୋଇଥିଲା। ଅନ୍ୟ ଏକ ରିପୋର୍ଟ ଅନୁଯାୟୀ, ଜାପାନ ବିନା ସର୍ତ୍ତରେ ଆତ୍ମସମର୍ପଣ କରିବାକୁ ରାଜି ନ ଥିଲା। ଆମେରିକା ପାଇଁ ଇବୋଜିମା ଏବଂ ଆକିନାବା ଯୁଦ୍ଧ ମହଙ୍ଗା ସାବ୍ୟସ୍ତ ହୋଇସାରିଥିଲା। ଜାପାନର ନୌସେନା ଏବଂ ବାୟୁସେନା ଶିବିର ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିଲେ ମଧ୍ୟ ଏଥିରେ ଆମେରିକା ନିଜର ବହୁ ସୈନ୍ୟ ହରାଇଥିଲା। ତେଣୁ ଜାପାନକୁ ଆତ୍ମସମର୍ପଣ ପାଇଁ ବାଧ୍ୟ କରିବାକୁ ଆମେରିକା ପାଖରେ ପରମାଣୁ ଆକ୍ରମଣ ହିଁ ଏକମାତ୍ର ବିକଳ୍ପ ହୋଇ ରହିଯାଇଥିଲା। ପରମାଣୁ ବୋମା ପକାଇବା ଲାଗି ଜାପାନର ୪ ଗୁରୁତ୍ୱପୂର୍ଣ୍ଣ ସହରକୁ ଚିହ୍ନଟ କରାଯାଇଥିଲା। ହେଲେ ଶେଷ ନିଷ୍ପତ୍ତିକୁ ଆମେରିକା ସେନା ହାତରେ ଛାଡ଼ି ଦେଇଥିଲେ ଟ୍ରୁମ୍ୟାନ। ଶେଷରେ ଜାପାନ ସୈନ୍ୟ ସଞ୍ଚାଳନ ପ୍ରମୁଖ ସ୍ଥାନ ହିରୋଶିମାକୁ ଚିହ୍ନଟ କରାଯାଇଥିଲା। ଏହାପରେ ୧୯୫୪ ଅଗଷ୍ଟ ୬ ସକାଳ ୮ଟା ୧୫ରେ ହିରୋଶିମା ଉପରେ ଆମେରିକୀୟ ଏୟାରକ୍ରାଫ୍ଟ 'ବି-୨୯ ଏନୋଲା ଗେ'ରୁ ପଡ଼ିଥିଲା ମୃତ୍ୟୁର ବୋମା 'ଲିଟିଲ ବୟ'। ୩.୫ ମିଟର ଲମ୍ବା ଏବଂ ୪ ଟନ୍ ଓଜନ ବିଶିଷ୍ଟ ଏହି ପରମାଣୁ ବୋମା କିଛି ସେକେଣ୍ଡ ମଧ୍ୟରେ ୧୫ କିମି ପରିମିତ ଅଞ୍ଚଳକୁ ଛାରଖାର କରିଦେଇଥିଲା। ଏହାର ଠିକ୍ ୩ଦିନ ପରେ ଅର୍ଥାତ୍ ଅଗଷ୍ଟ ୯ରେ ନାଗାସାକିରେ ପଡ଼ିଥିଲା ଆଉ ଏକ ବୋମା, ଯାହାର ନାମ ଥିଲା 'ଫ୍ୟାଟ୍ ମ୍ୟାନ୍'। ଏହାପରେ ଅଗଷ୍ଟ ୧୪ରେ ଜାପାନ ବିନା ସର୍ତ୍ତରେ ଆତ୍ମସମର୍ପଣ କରିଦେଇଥିଲା। ଅଗଷ୍ଟ ୧୪ରେ ଜାପାନ ଆତ୍ମସମର୍ପଣ କରି ନ ଥିଲେ ଅନ୍ୟ ଏକ ସହର ପରମାଣୁ ଅସ୍ତ୍ରର ଶିକାର ହୋଇଥାନ୍ତା, ଯାହାର ପ୍ରସ୍ତୁତି ଆରମ୍ଭ କରିସାରିଥିଲା ଆମେରିକା। ଅଗଷ୍ଟ ୧୪ରେ ଜାପାନ ଆତ୍ମସମର୍ପଣ କରି ନ ଥିଲେ ଅନ୍ୟ ଏକ ସହର ପରମାଣୁ ଅସ୍ତ୍ରର ଶିକାର ହୋଇଥାନ୍ତା, ଯାହାର ପ୍ରସ୍ତୁତି ଆରମ୍ଭ କରିସାରିଥିଲା ଆମେରିକା।

# ନେପୋଟିଜମ୍‌କୁ ନେଇ ମୁହଁ ଖୋଲିଲେ ବେବୋ



କରୀନା କପୁର୍ ଖାନ୍

**ମୁମ୍ବଇ:** ବଲିଉଡ୍ ପାଇଁ ୨୦୨୦ ହେଉଛି ଏକ ଅଶୁଭ ବର୍ଷ। ଚଳିତବର୍ଷ ବଲିଉଡ୍ ବହୁ ଅଭିନେତା ଅଭିନେତ୍ରୀଙ୍କୁ ହରେଇଛି। ସମଗ୍ର ଦେଶରେ କୋଭିଡ୍ କଟକଣା ଯୋଗୁ ସ୍ୱାଭାବିକ ସ୍ଥିତି ଫେରିବାକୁ ଆହୁରି ସମୟ ଲାଗିବ। ଜୁନ୍ ୧୪ ତାରିଖରେ ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ମୃତ୍ୟୁ ପରଠାରୁ ନେପୋଟିଜିମକୁ ନେଇ ଚର୍ଚ୍ଚା ସରଗରମ ରହିଥିବା ବେଳେ ଏବେ ମୁହଁ ଖୋଲିଛନ୍ତି ବଲିଉଡ୍‌ର ବେବୋ କରୀନା କପୁର୍ ଖାନ୍। ଜାତୀୟ ଗଣମାଧ୍ୟମର ଜଣେ ଜଣାଶୁଣା ବରିଷ୍ଠ ଖବରଦାତାଙ୍କୁ ସାକ୍ଷାତକାର ଦେବା ଅବସରରେ କରୀନା କହିଛନ୍ତି, ଗୋଟିଏ କଳାକାରକୁ ଦର୍ଶକ ହିଁ ଗଢ଼ିଥାନ୍ତି। ଯେଉଁମାନେ 'ନେପୋଟିଜମ୍'କୁ ପ୍ରସଙ୍ଗ କରି ଅନ୍ୟ କଳାକାରମାନଙ୍କ ଉପରକୁ ଆଙ୍ଗୁଠି ଉଠାଉଛନ୍ତି, ସେହିମାନେ ହିଁ ନେପୋଟିଷ୍ଟିକ ଷ୍ଟାର୍‌ଙ୍କୁ ଜନ୍ମ ଦିଅନ୍ତି। ୨୧ ବର୍ଷ ଧରି ଚଳଚ୍ଚିତ୍ର ଦୁନିଆରେ ରହି ମୁଁ ଏତିକି ଅନୁଭବ କରିଛି, ଏଠାରେ ଦର୍ଶକଙ୍କ ନିଷ୍ପତ୍ତି ହିଁ ଶେଷ ନିଷ୍ପତ୍ତି। ମୁଁ ବି ମୋ ଜୀବନରେ ବହୁତ ସଂଘର୍ଷ କରିଛି। ହୁଏ ତ ମୋ କ୍ୟାରିୟର୍ ୧୦ ଟଙ୍କା ନେଇ ଟ୍ରେନ ଯାତ୍ରାରୁ ଆରମ୍ଭ ହୋଇନାହିଁ, କିନ୍ତୁ ବଲିଉଡ୍‌ରେ ତିଷ୍ଠି ରହିବା ପାଇଁ ସଂଘର୍ଷ କରିଛି। ଷ୍ଟାର୍ କିଡ୍ ହେଲେ କ'ଣ ହେଲା, ଆକ୍ଟିଂ ନିଜକୁ କରିବାକୁ ପଡ଼ିଥାଏ। ଅଭିନୟରେ କିଏ କେତେ ସଫଳ, ତାହା କେବଳ ଦର୍ଶକମାନେ କହିପାରିବେ। ସେଥିଲାଗି ଯିଏ କଷ୍ଟ କରୁଛନ୍ତି, ତାଙ୍କୁ ଦର୍ଶକ ସୁଯୋଗ ଦେବା ଦରକାର ଏବଂ ସେମାନଙ୍କ ପାଇଁ ଘୃଣାଭାବ ନ ଆଣିବା ଦରକାର। ଏହାର ପ୍ରକୃଷ୍ଟ ଉଦାହରଣ ହେଉଛନ୍ତି ଶାହରୁଖ ଖାନ୍, ଅକ୍ଷୟ କୁମାର, ଆୟୁଷ୍ମାନ ଖୁରାନା ଓ ରାଜକୁମାର ରାଓ। ଅତି ସାଧାରଣ ପରିବାରରୁ ଆସି ଆଜି ବଲିଉଡ୍‌ରେ ସଫଳ ଚେହେରା ପାଲଟିଛନ୍ତି ଏମାନେ। ଏଠାରେ କଠିନ ପରିଶ୍ରମ କରିବା ଓ ଆଗକୁ ବଢ଼ିବା ହିଁ ଏକମାତ୍ର ମନ୍ତ୍ର। ସେ ଆଲିଆ ଭଟ୍ଟ ହୁଅନ୍ତୁ କି କରୀନା କପୁର।

ଦ୍ୱିତୀୟ ବର୍ଷର ଜନ୍ମଦିବସ
ଶୁଭେଚ୍ଛା ଓ ଅଭିନନ୍ଦନ



ସୋସ୍ତିକ (ସୋମୁ)
ପାରାଦୀପ, ମଙ୍ଗରାଜପୁର
ସୋସ୍ତିକ, ତୋ ଜନ୍ମଦିନରେ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା। ଭଗବାନ କରନ୍ତୁ ତୋ ଚଲାପଥ କୁସୁମିତ ହେଉ ଏବଂ ତୋ ଜୀବନ ସବୁବେଳେ ହସ ଖୁସିରେ ଭରିରହୁ।
ଶୁଭେଚ୍ଛା ସହ: ଜେଜେ ବାପା, ମା, ପାପା, ମାମା, ପିଉସୀ, ପିଉସା, ଆଈ, ସୋନି ଆଉ ଭାଇଭଉଣୀମାନେ
ଧ-୧୭୮୯୧

# 'ଏବର୍ଷ ଦୀପାବଳି ଶୀଘ୍ର ଆସିଛି'

## ରାମମନ୍ଦିର ଭୂମିପୂଜାକୁ ନେଇ ଖୁସିରେ ବିଭୋର ସୀତା



ଦୂରଦର୍ଶନରେ ପ୍ରସାରିତ ହେଉଥିବା ରାମାୟଣର ସୀତା ଭୂମିକାରେ ଅଭିନୟ କରିଥିବା ଅଭିନେତ୍ରୀ ଦୀପିକା ଚିଖଲିଆ।

**ବମ୍ବେ:** ଶ୍ରୀରାମ ଜନ୍ମଭୂମି ଅଯୋଧ୍ୟା ନଗରୀରେ ବୁଧବାର ଭୂମିପୂଜା ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭୂମିପୂଜା କରିବା ସହ ରାମମନ୍ଦିର ନିମନ୍ତେ ଶିଳାନ୍ୟାସ କରିଛନ୍ତି। ସାରା ଦେଶରେ ଏହାକୁ ନେଇ ଉତ୍ସବର ମାହୋଲ। ଲୋକମାନେ ଏନେଇ ସୋସିଆଲ ମିଡିଆରେ ନିଜ ଖୁସି ବାଣ୍ଟୁଛନ୍ତି। ଏହି କ୍ରମରେ ପଛରେ କିଭଳି ରହିପାରିବେ ମା' ସୀତା। ଦୂରଦର୍ଶନରେ ପ୍ରସାରିତ ହେଉଥିବା ରାମାୟଣର ସୀତା ଭୂମିକାରେ ଅଭିନୟ କରିଥିବା ଅଭିନେତ୍ରୀ ଦୀପିକା ଚିଖଲିଆ ଏହାକୁ ନେଇ ବେଶ ଖୁସି ଅଛନ୍ତି। ସୋସିଆଲ ମିଡିଆରେ ଲଗାତାର ଭାବେ ସେ ନିଜ ମନକଥା ପ୍ରଶଂସକଙ୍କ ସହ ବାଣ୍ଟୁଛନ୍ତି।

ଦୀପିକା ନିଜ ଇନ୍‌ଷ୍ଟା ପୃଷ୍ଠାରେ ଏକ ଭିଡିଓ ଶେୟାର କରିଛନ୍ତି। ଏଥିରେ ସେ ଦୀପ ଲଗାଉଥିବା ଦେଖାଯାଇଛି। ଭିଡିଓକୁ ଶେୟାର କରିସେ କହିଛନ୍ତି, ଏହା ସବୁଭାରତୀୟଙ୍କ ପାଇଁ ଗର୍ବର କଥା। ୫୦୦ ବର୍ଷର ସଂଘର୍ଷ ପରେ ନିଜ ଘରେ ଭଗବାନଙ୍କ ସ୍ୱାଗତ କରାଯିବ। ପୂର୍ବରୁ ସେ ଆଉ ଏକ ପୋଷ୍ଟ କରି ଦୀର୍ଘ ଦିନର ଅପେକ୍ଷା ଶେଷ ହେଲା। ଏହା ଏକ ସୁନ୍ଦର ଅନୁଭବ। ଏଭଳି ଲାଗୁଛି ଏବର୍ଷ ଯେପରି ଦୀପାବଳି ଶୀଘ୍ର ଆସିଯାଇଛି। ପ୍ରତୀକ୍ଷାର ଫଳ ମିଠା ହୋଇଛି ବୋଲି ସେ କହିଛନ୍ତି।

# ପଥର ବଦଳାଇଦେଲା ଭାଗ୍ୟ

## ଗରିବରୁ ଏବେ କୋଟିପତି

**ଡୋଡୋମା:** କୁହାଯାଏ, ଭାଗ୍ୟର ପରିବର୍ତ୍ତନ ହେଲେ ରାତାରାତି ଗରିବରୁ ଜଣେ କୋଟିପତି ହୋଇଯାଏ। ଠିକ୍ ଏମିତି ଏକ ଘଟଣା ଘଟିଛି ତାଞ୍ଜାନିଆରେ। ଗାତ ଖୋଳିବା ସମୟରେ ଜଣେ ବ୍ୟକ୍ତିଙ୍କୁ ଏକ ନିଆରା ପଥର ମିଳିଥିଲା, ଯାହାକୁ ବିକି ସେ ୧୪.୭ କୋଟି ଟଙ୍କା ରୋଜଗାର କରିଛନ୍ତି। ମାତ୍ର ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ବ୍ୟକ୍ତି ଜଣଙ୍କ କିଛିଦିନ ତଳେ ଆଉ ଏକ ପଥର ପାଇଥିଲେ। ତାହା ବିକ୍ରି କରି ୨୩.୫ କୋଟି ଟଙ୍କା ରୋଜଗାର କରିଥିଲେ। ଦୁଇଦୁଇ ଥର କୋଟିକୋଟି ଟଙ୍କାର ପଥର ଜିତିଥିବା ଏହି ବ୍ୟକ୍ତିଙ୍କ ନାମ ହେଉଛି ସାନିନିୟୁ ଲାଜରସ। ସେ ତାଞ୍ଜାନିଆର ଏକ ଖଣିରେ କାମ କରୁଥିବା ବେଳେ ଏହି ପଥରଗୁଡ଼ିକୁ ପାଇଥିଲେ। ଯାହାକୁ ତାଞ୍ଜାନାଇଟ ପଥର କୁହାଯାଏ। ତାଞ୍ଜାନିଆ ହେଉଛି ପୂର୍ବ ଆଫ୍ରିକୀୟ ଦେଶ, ଯାହା କେନିଆ ଏବଂ ଜିମ୍ବାୱେ ନିକଟରେ ଅବସ୍ଥିତ। ସାନିନିୟୁ ଯେଉଁ ପଥର ପାଇଥିଲେ, ତାହାର ଓଜନ ୬.୩ କିଲୋଗ୍ରାମ ଥିଲା। ସେ ଏହାକୁ ଗତ ସୋମବାର ଏକ ସ୍ୱତନ୍ତ୍ର ସମାରୋହରେ ୧୪.୭ କୋଟିରେ ବିକ୍ରି କରିଛନ୍ତି। ଏହାକୁ ଦେଖିବା ପାଇଁ ଶତାଧିକ ଲୋକ ଉପସ୍ଥିତ ଥିଲେ। ସାନିନୟୁଙ୍କର ୪ ପତ୍ନୀ ଏବଂ ୩୦ ପିଲା ଅଛନ୍ତି। ପଥର ବିକି ଏତେ ଟଙ୍କା ରୋଜଗାର କରିବା ପରେ ସେ କହିଛନ୍ତି, କିଛି ଟଙ୍କା ଦେଇ ସେ ଏକ ସ୍କୁଲ ଏବଂ ଶପିଂ ମଲ ନିର୍ମାଣ କରିବେ। ସେ ଏହା ମଧ୍ୟ କହିଛନ୍ତି, ଏତେ ଟଙ୍କା ରୋଜଗାର କଲେ ମଧ୍ୟ ସେ ନିଜ ମୂଳ କର୍ମକୁ ଛାଡ଼ିବେ ନାହିଁ। ଅର୍ଥାତ୍ ପୂର୍ବପରି ରଖିଥିବା ୨୦୦୦ ଗୋରୁଙ୍କ ଯତ୍ନ ନେବେ।



# କରୋନା ବିଜୟୀ ପୋଖରୀ ମାନବ

**ବେଙ୍ଗାଲୁରୁ:** କରୋନାକୁ ଭୟ ନ ଥିଲା। କିନ୍ତୁ ଗାଁରେ ଥିବା ପୋଖରୀ ଓ ଗଛଗୁଡ଼ିକର ସୁରକ୍ଷାକୁ ନେଇ ୧୪ଦିନ ଧରି ମୁଁ ଚିନ୍ତାରେ ଥିଲି। ହସ୍ପିଟାଲରେ ବିଶ୍ରାମ ବ୍ୟତୀତ ଅନ୍ୟ କୌଣସି କାମ ନ ଥିଲା। ହେଲେ ମୋ ଧ୍ୟାନ କେବଳ ଗାଁ ପୋଖରୀଗୁଡ଼ିକ ଉପରେ ରହିଥିଲା। କରୋନାକୁ ପରାଜିତକରି ସୋମବାର ହସ୍ପିଟାଲରୁ ଫେରିଥିବା କର୍ନାଟକର ମାଣ୍ଡ୍ୟା ଜିଲା ଦାସନଦୋଦ୍ଦି ଗ୍ରାମର ୮୪ ବର୍ଷୀୟ କାମେଗୌଡ଼ା ଏହା କହିଛନ୍ତି। କାମେଗୌଡ଼ା ହେଉଛନ୍ତି ସେହି ପୋଖରୀ ମାନବ(ମେଣ୍ଢା ଚରାଳି); ଯିଏକି ପଶୁପକ୍ଷୀଙ୍କ ତୃଷା ମେଣ୍ଟାଇବା ପାଇଁ ଗାଁ ନିକଟ ବଞ୍ଜର ପାହାଡ଼ ଅଞ୍ଚଳରେ ୧୪ ପୋଖରୀ ଖୋଳିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମନ୍ କି ବାତ୍ କାର୍ଯ୍ୟକ୍ରମରେ ତାଙ୍କ କାର୍ଯ୍ୟକୁ ପ୍ରଶଂସା କରିବା ପରେ ସେ ଚର୍ଚ୍ଚାର ପରିସରକୁ ଆସିବା ସହ ସମଗ୍ର ଦେଶବାସୀଙ୍କ ମନ ଜିଣିଥିଲେ। ପରେ ତାଙ୍କ ମହତ କାର୍ଯ୍ୟକୁ ସମ୍ମାନ ଜଣାଇ କର୍ନାଟକ ରାଜ୍ୟ ସଡ଼କ ପରିବହନ ନିଗମ ପକ୍ଷରୁ



୧୪ ପୋଖରୀ ଖୋଳିଥିବା କର୍ନାଟକର ମାଣ୍ଡ୍ୟା ଜିଲା ଦାସନଦୋଦ୍ଦି ଗ୍ରାମର କାମେଗୌଡ଼ା।

## କାମେଗୌଡ଼ାଙ୍କୁ ସମ୍ବର୍ଦ୍ଧିତ କଲେ ଡେପୁଟି କମିଶନର

ତାଙ୍କୁ ଆଜୀବନ ମାଗଣା ବସ୍ ପାସ୍ ପ୍ରଦାନ କରାଯାଇଥିଲା। ତେବେ ଜୁଲାଇ ୨୦ରେ ସେ କରୋନା ଦ୍ୱାରା ସଂକ୍ରମିତ ହୋଇ ମାଣ୍ଡ୍ୟା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସେସ୍‌ରେ ଚିକିତ୍ସିତ ଥିଲେ। ତାଙ୍କର କୌଣସି ବିଶେଷ ଲକ୍ଷଣ ନ ଥିବାବେଳେ କରୋନାକୁ ପରାଜିତକରି ସୋମବାର ସେ ଘରକୁ ଫେରିଛନ୍ତି। କରୋନା ଯୁଦ୍ଧରେ ବିଜୟୀ ହୋଇଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କାମେଗୌଡ଼ାଙ୍କ କହିବା ହେଲା, କରୋନା କୌଣସି ବଡ଼ ରୋଗ ନୁହେଁ। ଏହା ଥଣ୍ଡା ଓ କଫ ଲକ୍ଷଣ ରହିଥିବା ଅନ୍ୟ ଜ୍ୱର ଭଳି। ଆମେ ସମସ୍ତେ ଦିନେ ଜନ୍ମ ହୋଇଛୁ ଏବଂ ନିଶ୍ଚୟ ଦିନେ ମରିବା। କିନ୍ତୁ ଆମର ଇଚ୍ଛାଶକ୍ତି ହିଁ ଆମକୁ ବଞ୍ଚିବାରେ ସାହାଯ୍ୟ କରିଥାଏ। ଲୋକେ କୌଣସି ଗୁଜବରେ ବିଶ୍ୱାସ କରିବା ଉଚିତ ନୁହେଁ ବୋଲି ସେ କହିଛନ୍ତି। ତାଙ୍କ ଗୋଡ଼ରେ ଆଘାତ ଯୋଗୁ ସେ ଚିକିତ୍ସାଧୀନ ଥିଲେ। ପରେ ସେ କରୋନା ଦ୍ୱାରା ସଂକ୍ରମିତ ହୋଇଥିବା ଜଣାପଡ଼ିଥିଲା। ତେବେ ମେଡିକାଲରେ ଥିବା ସମୟରେ ଘର ଖାଦ୍ୟ ମନେପଡ଼ିବା ସହ ଗୋଡ଼ ବ୍ୟଥା କଷ୍ଟ ବ୍ୟତୀତ ସେ ଅନ୍ୟ କୌଣସି ସମସ୍ୟା ଭୋଗି ନ ଥିବା କହିଛନ୍ତି। କରୋନା ମୁକ୍ତ ହୋଇ ଫେରିବା ସମୟରେ ହସ୍ପିଟାଲ ବାହାରେ ଅପେକ୍ଷା କରିଥିବା ମାଣ୍ଡ୍ୟା ଡେପୁଟି କମିଶନର(ଡିସି) ଏମ୍. ଭି. ଭେଙ୍କଟେଶ ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଏହି ଅବସରରେ କାମେଗୌଡ଼ା ପୋଖରୀଗୁଡ଼ିକର ସୁରକ୍ଷା ପାଇଁ ଡିସିଙ୍କୁ ଅନୁରୋଧ କରିଥିଲେ। ପୋଖରୀଗୁଡ଼ିକ ପଶୁପକ୍ଷୀଙ୍କ ପାନୀୟଜଳ ପାଇଁ ଉଦ୍ଦିଷ୍ଟ। ତେଣୁ ଲୋକେ ଲୁଗାପଟା ସଫାକରି ଜଳ ନଷ୍ଟ ନ କରିବାକୁ ପୋଖରୀ ନିକଟରେ ବୋର୍ଡ ଲଗାଇବା ପାଇଁ ସେ କହିଛନ୍ତି।

ମନେ ପଡ଼ନ୍ତି
ଦ୍ୱାଦଶାହ ଦିବସ ଅବସରରେ
ପୂଜ୍ୟ ପ୍ରଣାମ!



ସ୍ୱର୍ଗତ ଡଃ ପ୍ରଦୀପ କୁମାର ତ୍ରିପାଠୀ
ଇତିହାସ ବିଭାଗ ପ୍ରାଧ୍ୟାପକ, ଆଞ୍ଚଳିକ ବିଜ୍ଞାନ ମହାବିଦ୍ୟାଳୟ, କ୍ଷତ୍ରିୟବରପୁର, ଗଞ୍ଜାମ
ତିରୋଧାନ: ୨୬ ଜୁଲାଇ ୨୦୨୦
ଆପଣ ଥିଲେ ଆଞ୍ଚଳିକ ବିଜ୍ଞାନ ମହାବିଦ୍ୟାଳୟର ଜଣେ କର୍ତ୍ତବ୍ୟ ପରାୟଣ ଆଦର୍ଶ ପ୍ରାଧ୍ୟାପକ। ଜଣେ ମିଷ୍ଟଭାଷୀ, ଛାତ୍ର ବତ୍ସଳ ଓ ସେବାପରାୟଣତାର ମଣିଷଟିଏ। ମହାବିଦ୍ୟାଳୟ ଜାତୀୟ ସେବା ଯୋଜନାର ପ୍ରଥମ କାର୍ଯ୍ୟକ୍ରମ ଅଧିକାରୀଭାବେ ଦାୟିତ୍ୱ ନେଇ ଗାଁ ଗାଁରେ ସାମାଜିକ ଶିକ୍ଷା ଚେତନାର ମହକ ପହଞ୍ଚାଇ ମହାବିଦ୍ୟାଳୟର ସମ୍ମାନ ବୃଦ୍ଧି କରିଥିଲେ ଆପଣ। ହେ ପୂଜ୍ୟ ଗୁରୁ! ଆଜିର ଅବିସ୍ମରଣୀୟ ଦ୍ୱାଦଶାହ ଦିବସ ଅବସରରେ ଆପଣଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଆପଣଙ୍କ ଶୋକସନ୍ତପ୍ତ: ଆଞ୍ଚଳିକ ବିଜ୍ଞାନ ମହାବିଦ୍ୟାଳୟ, କ୍ଷତ୍ରିୟବରପୁର, ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ବୃନ୍ଦ। ପୁରାତନ ଛାତ୍ର ସଙ୍ଗଠନ (ASCAA), କ୍ଷତ୍ରିୟବରପୁର, ଗଞ୍ଜାମ। ବନ୍ଧୁବାନ୍ଧବ ଓ ପରିବାରବର୍ଗ।
ଧ-୬୬୬୪୪

## ସଂକ୍ଷେପରେ

### ଟିଭି ଅମ୍ପାୟର ନେବେ ଫ୍ରଣ୍ଟଫୁଟ୍ ନୋ ବଲ୍ ନିଷ୍ପତ୍ତି

ଦୁବାଇ,୫।୮(ପି.ଟି.): ପ୍ରଥମଥର ପାଇଁ ଟେଷ୍ଟ କ୍ରିକେଟରେ ଫ୍ରଣ୍ଟ ଫୁଟ୍ ନୋ ବଲ ସଂକ୍ରାନ୍ତରେ ଫିଲ୍ଡ ଅମ୍ପାୟର ନୁହେଁ ଟିଭି ଅମ୍ପାୟର ନିଷ୍ପତ୍ତି ନେବେ। ବୁଧବାରଠାରୁ ଆରମ୍ଭ ହୋଇଥିବା ଇଂଲଣ୍ଡ- ପାକିସ୍ତାନ ଟେଷ୍ଟ ସିରିଜରେ ଟିଭି ଅମ୍ପାୟରଙ୍କୁ ଏହି ବିଶେଷ ଅଧିକାର ଦିଆଯାଇଛି ଓ ଏ ନେଇ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ବୁଧବାର ଘୋଷଣା କରିଛି। ଫ୍ରଣ୍ଟ ଫୁଟ ନୋ ବଲ ଟେକ୍ନୋଲୋଜି ନେଇ ବିଭିନ୍ନ ଦୃଷ୍ଟିକୋଣରୁ ବିଚର କରାଯାଇ ମୂଲ୍ୟାଙ୍କନ କରାଯିବ। ଏହାପରେ ଭବିଷ୍ୟତରେ ଏହି ଟେକ୍ନୋଲୋଜିର ବ୍ୟବହାର ନେଇ ନିଷ୍ପତ୍ତି ନିଆଯିବ। ଇଂଲଣ୍ଡ ଓ ପାକିସ୍ତାନ ମଧ ଏହାକୁ ସମର୍ଥନ କରିଛନ୍ତି। ଆଇସିସି ବିଶ୍ୱ ଚାମ୍ପିୟନଶିପ୍‌ରେ ମଧ ଏହାର ବ୍ୟବହାର ହେବ। ଏହି ୩ଟି ଟେଷ୍ଟରେ ଏହି ଟେକ୍ନୋଲୋଜି କିପରି ବ୍ୟବହାର ହେଉଛି ଓ ଏହା ପ୍ରଦର୍ଶନ ଉପରେ ମଧ ତର୍ଜମା କରାଯିବ। ସଦ୍ୟସମାପ୍ତ ଇଂଲଣ୍ଡ- ଅୟର୍ଲାଣ୍ଡ ଦିନିକିଆ ସିରିଜରେ ମଧ ତୃତୀୟ ଅମ୍ପାୟର ଫ୍ରଣ୍ଟ ଫୁଟ୍ ନୋ ବଲକୁ ନଜର ରଖୁଥିଲେ। ଏହି ସିରିଜ ଆଇସିସି ଓ୍ୱାର୍ଲ୍ଡ କପ୍ ସୁପର ଲଗ୍‌ର ଅଂଶବଶେଷ। ଗତବର୍ଷ ଭାରତ- ୱେଷ୍ଟଇଣ୍ଡିଜ ସୀମିତ ଓଭର ସିରିଜରେ ମଧ ଏହି ଟେକ୍ନୋଲୋଜିର ବ୍ୟବହାର ହୋଇଥିଲା। ଚଳିତବର୍ଷ ପ୍ରାରମ୍ଭରେ ଅଷ୍ଟ୍ରେଲିଆରେ ଖେଳାଯାଇଥିବା ଟି୨୦ ମହିଳା ବିଶ୍ୱକପ୍‌ରେ ମଧ ଏହାର ବ୍ୟବହାର ହୋଇଥିଲା। ଇଂଲଣ୍ଡ ଓ ପାକିସ୍ତାନ ମଧ୍ୟରେ ମାଞ୍ଚେଷ୍ଟରରେ ବୁଧବାରଠାରୁ ପ୍ରଥମ ଟେଷ୍ଟ ମ୍ୟାଚ ଆରମ୍ଭ ହୋଇଛି। ସେହିପରି ଦ୍ୱିତୀୟ ଓ ତୃତୀୟ ଟେଷ୍ଟ ଯଥାକ୍ରମେ ଅଗଷ୍ଟ ୧୩ ଓ ୨୧ ତାରିଖରେ ଆରମ୍ଭ ହେବ।

# ଆଜମ, ମାସୁଦ ଇନିଂସ ସମ୍ଭାଳିଲେ

ମାଞ୍ଚେଷ୍ଟର, ୫।୮

ଇଂଲଣ୍ଡ ଓ ପାକିସ୍ତାନ ମଧ୍ୟରେ ଚଳିତ ସିରିଜର ପ୍ରଥମ କ୍ରିକେଟ ଟେଷ୍ଟ ବୁଧବାର ସ୍ଥାନୀୟ ଓଲ୍ଡ ଟ୍ରାଫୋର୍ଡ ଗ୍ରାଉଣ୍ଡରେ ଆରମ୍ଭ ହୋଇଛି। ଖବର ମିଳିବା ବେଳକୁ ପାକିସ୍ତାନ ପ୍ରଥମ ଇନିଂସରେ ୨ ଉଇକେଟ ହରାଇ ୧୨୫ ରନ କରିଛି। ବାବର ଆଜମ ଓ ଶାନ ମାସୁଦ ଇନିଂସ ସମ୍ଭାଳିଛନ୍ତି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ପାକିସ୍ତାନ। ତେବେ ଦଳର ଆରମ୍ଭ ଭଲ ହୋଇ ନ ଥିଲା। ୧୬ତମ ଓଭରର ପ୍ରଥମ ବଲ୍‌ରେ ଓପନର ଆବିଦ ଅଲୀଙ୍କୁ କ୍ଲିନ୍ ବୋଲ୍ଡ କରି

### ପ୍ରଥମ ଟେଷ୍ଟ

ପାକିସ୍ତାନର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ ଇଂଲଣ୍ଡ ଫାଷ୍ଟ ବୋଲର ଜୋଫ୍ରା ଆର୍ଚର। ଆବିଦ ୩୭ ବଲ୍‌ରୁ ୨ ଚୌକା ସହାୟତାରେ ୧୬ ରନ କରିବାକୁ ସକ୍ଷମ ହୋଇଥିଲେ। ଅଧିନାୟକ ଆଝାର ଅଲୀ ଖାତା ଖୋଲିବା ପୂର୍ବରୁ କ୍ରିସ୍ ୱୋକ୍ସଙ୍କ ବଲ୍‌ରେ ଏଲବିଡବ୍ଲ୍ୟୁ ଆଉଟ ହୋଇଥିଲେ। ଫଳରେ ୪୩ ରନରେ ପାକିସ୍ତାନ ୨ଟି ଉଇକେଟ ହରାଇଥିଲା। ତେବେ ଅନ୍ୟତମ ଓପନର ଶାନ ମାସୁଦ ଓ ୪ ନମ୍ବର ବ୍ୟାଟ୍ସମ୍ୟାନ ଆଜମ ସତର୍କତାର ସହ ଇଂଲଣ୍ଡ ବୋଲିଂ ଆକ୍ରମଣର ସମ୍ମୁଖୀନ ହୋଇ ଦଳୀୟ ଇନିଂସକୁ ଆଗେଇ ନେଇଥିଲେ। ୭୦ଟି



ଶାନ ମାସୁଦ



ବାବର ଆଜମ

ବଲ୍‌ର ସମ୍ମୁଖୀନ ହୋଇ କ୍ୟାରିୟରର ୧୪ତମ ଟେଷ୍ଟ ଅର୍ଦ୍ଧଶତକ ପୂରଣ କରିଥିଲେ ଆଜମ। ଆଜମ ଓ ମାସୁଦ ଅସମାପ୍ତ ୩ୟ ଉଇକେଟରେ ୭୮ ରନ ଯୋଗ କରିବାପରେ ବର୍ଷା ଯୋଗୁ ଖେଳ ବାଧାପ୍ରାପ୍ତ ହୋଇଥିଲା। ଫଳରେ ଚା' ବିରତି କରି ଦିଆ ଯାଇଥିଲା। ସେତେବେଳକୁ ଆଜମ ୫୨ ଓ ମାସୁଦ ୪୫ ରନରେ ଅପରାଜିତ ରହିଥିଲେ।

ଇଂଲଣ୍ଡ ପକ୍ଷରୁ କ୍ରିସ୍ ୱୋକ୍ସ ଓ ଜୋଫ୍ରା ଆର୍ଚର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ୱେଷ୍ଟଇଣ୍ଡିଜ ବିପକ୍ଷ ତୃତୀୟ ଟେଷ୍ଟରେ ବିଜୟୀ ହୋଇଥିବା ଇଂଲଣ୍ଡ ଏହାର ଦଳକୁ ଅପରିବର୍ତ୍ତିତ ରଖିଥିଲା। ଦଳ ୪ ପେସ୍ ବୋଲର ଓ ଜଣେ ପେସରଙ୍କୁ ନେଇ ପଡ଼ିଆକୁ ଓହ୍ଲାଇଥିଲା। ଅର୍ଥାତ୍ ଅଲରାଉଣ୍ଡର ବେନ୍ ଷ୍ଟୋକ୍ସ ଆହତ ସମସ୍ୟାରୁ ସମ୍ପୂର୍ଣ୍ଣ ମୁକୁଳି ନ ଥିବା ସ୍ପଷ୍ଟ ହୋଇଥିଲା। ଷ୍ଟୋକ୍ସ ଶତପ୍ରତିଶତ ଫିଟ୍ ନ ଥିବାରୁ ତାଙ୍କୁ ବୋଲିଂ ଦେଇ ରିସ୍କ ନେଇ ହେବନି। ଦଳପାଇଁ ତାଙ୍କ ବ୍ୟାଟିଂ ଅପରିହାର୍ଯ୍ୟ ବୋଲି ଟସ୍ ସମୟରେ ଅଧିନାୟକ ଜୋ ରୁଟ୍ ପ୍ରକାଶ କରିଥିଲେ। ଫଳରେ ଷ୍ଟୋକ୍ସ କେବଳ ଜଣେ ସ୍ପେଶାଲିଷ୍ଟ ବ୍ୟାଟ୍ସମ୍ୟାନଭାବେ ଖେଳିବେ। ଅନ୍ୟପକ୍ଷରେ ପାକିସ୍ତାନ ୩ ସିମର ଏବଂ ୨ ଲେଗ୍ ସ୍ପିନର ୟାସିର ଶାହ ଓ ଅଲରାଉଣ୍ଡର ଶାଦବ ଖାଁଙ୍କୁ ନେଇ ପଡ଼ିଆକୁ ଓହ୍ଲାଇଛି। ଇଂଲଣ୍ଡ ମାଟିରେ ୨୦୧୬ ଓ ୨୦୧୮ରେ ଗତ ଦୁଇ ସିରିଜକୁ ଡ୍ର ରଖିଛି ପାକିସ୍ତାନ। ତେଣୁ ୧୯୯୬ ପରେ ଏଠାରେ ପ୍ରଥମ ସିରିଜ ବିଜୟ ଆଶାରେ ରହିଛି ଆଝାର ଅଲୀଙ୍କ ଦଳ। ଚଳିତ ସିରିଜର ଦ୍ୱିତୀୟ ଓ ତୃତୀୟ ଟେଷ୍ଟ ସାଉଥାମ୍ପଟନରେ ଅନୁଷ୍ଠିତ ହେବ।

# ବିସିସିଆଇ ଆଗରେ ଚ୍ୟାଲେଞ୍ଜ

ମୁମ୍ବାଇ,୫।୮: ହାଇପ୍ରୋଫାଇଲ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଆଗାମୀ ୧୩ତମ ସଂସ୍କରଣରେ ଟାଇଟଲ ପ୍ରାୟୋଜକ ତଥା ଚାଇନା ମୋବାଇଲ୍ କମ୍ପାନୀ ଭିଭୋ ଓ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପରସ୍ପରଠାରୁ ଅଲଗା ଓ ଚୁକ୍ତିରୁ ଓହରିବା ପାଇଁ ମିଳିତଭାବେ ନିଷ୍ପତ୍ତି ନେଇଛନ୍ତି। ଫଳରେ ଆଇପିଏଲ୍ ଟାଇଟଲ ପ୍ରାୟୋଜନରୁ ଭିଭୋ ଓହରିବା ଏକ ପ୍ରକାର ନିଶ୍ଚିତ ହୋଇଛି। ବର୍ତ୍ତମାନ ନୂଆ ପ୍ରାୟୋଜକ ସନ୍ଧାନ ଏବେ ବିସିସିଆଇ ସମ୍ମୁଖୀରେ ଏକ ବଡ଼ ଚ୍ୟାଲେଞ୍ଜ୍ ସୃଷ୍ଟି ହୋଇଛି। ୨୦୧୭ ଆଇପିଏଲ୍‌ରେ ଭିଭୋ ବିସିସିଆଇ ସହିତ ଚୁକ୍ତି କରିଥିଲା। ୨,୧୯୯ କୋଟି ଟଙ୍କା ବିନିମୟରେ ଭିଭୋ ୫ ବର୍ଷ ପାଇଁ ବିଡ୍ ଜିତିଥିଲା। ଟୁର୍ନାମେଣ୍ଟର ଟାଇଟଲ ରାଇଟ୍ସ ପାଇଁ ଭିଭୋ ପ୍ରତିବର୍ଷ ପାଖାପାଖି ୪୪୦ କୋଟି ଟଙ୍କ ପ୍ରଦାନ କରୁଥିଲା। ବର୍ତ୍ତମାନ ଭିଭୋ ଚୁକ୍ତିରୁ ଓହରିଯିବା ଫଳରେ ବିସିସିଆଇ ପାଇଁ ସମସ୍ୟା ସୃଷ୍ଟି ହୋଇଛି। ସାରା ଦେଶ ତଥା ବିଶ୍ୱରେ ଏବେ କୋଭିଡ୍-୧୯ ମହାମାରୀର ପ୍ରକୋପ ଜାରି ରହିଥିବା ବେଳେ ଅର୍ଥିକ ସଙ୍କଟ ସୃଷ୍ଟି ହୋଇଛି ଓ ବଜାରରେ ମାନ୍ଦାବସ୍ଥା ଚରମସୀମାରେ ପହଞ୍ଚିଛି। ଆଉ ମାତ୍ର ୪୫ ଦିନ ପରେ ଆଇପିଏଲ୍ ଆରମ୍ଭ ହେବ। ଏପରିସ୍ଥିଳେ ହାତରେ ମଧ କମ୍ ସମୟ ରହିଛି। ଏବେ ସମାଧାନ ପନ୍ଥା ବାହାର କରିବା ପାଇଁ ବିସିସିଆଇ ବିଭିନ୍ନ ହିତଧାରକ ଓ ଶିଳ୍ପସଂସ୍ଥା ସହ ଆଲୋଚନା କରିବା ଆରମ୍ଭ କରିବ ବୋଲି କହିଛି। ଭିଭୋ ଓହରିବା ପରେ ଭାରତୀୟ କ୍ରିକେଟ ଜଗତରେ ସମସ୍ୟା ସୃଷ୍ଟି ହୋଇଛି। ଭିଭୋ ପ୍ରତିବର୍ଷ ଦେଉଥିବା ୪୪୦ କୋଟି ଟଙ୍କା ବିସିସିଆଇ ଓ ଫ୍ରାଞ୍ଚାଇଜ୍‌ଙ୍କ ମଧ୍ୟରେ ଭାଗ ହେଉଥିଲା। ବିସିସିଆଇ ୨୨୦ କୋଟି ହାସଲ କରୁଥିଲା। ସେହିପରି ୮ଟି ଫ୍ରାଞ୍ଚାଇଜ୍‌ଙ୍କ ମଧ୍ୟରେ ବାକି ୨୨୦ କୋଟି ଟଙ୍କା ଭାଗ ହେଉଥିଲା। ଫଳରେ ପ୍ରତ୍ୟେକ ଫ୍ରାଞ୍ଚାଇଜ୍ ପାଖାପାଖି ୨୮ କୋଟି ଟଙ୍କା ହାସଲ କରୁଥିଲେ। କିନ୍ତୁ ଭିଭୋ ଓହରିବା ପରେ ଫ୍ରାଞ୍ଚାଇଜ୍‌ଗୁଡିକ ଲାଭବାନ ହୋଇପାରିବେନି। ଫଳରେ ଫ୍ରାଞ୍ଚାଇଜ୍‌ଗୁଡିକ ଆଇପିଏଲ୍‌ଠାରୁ କ୍ଷତିପୂରଣ ଦାବି କରିବେ। ପୁଣି




ଫ୍ରାଞ୍ଚାଇଜ୍‌ଗୁଡିକ ୫୦ କୋଟି ଟଙ୍କା ଅର୍ଥିକ କ୍ଷତି ସହିବେ ବୋଲି ବିସିସିଆଇ ମଧ ସ୍ୱୀକାର କରିଛି। ଅନ୍ୟପଟେ ଆଇପିଏଲ ଆୟୋଜନ ନ ହୋଇଥିଲେ କିଛି ମିଳି ନ ଥାନ୍ତା। ଯେହେତୁ ଟୁର୍ନାମେଣ୍ଟ ଆୟୋଜନ ହେଉଛି କିଛି ଅର୍ଥ ମିଳିବା ନିଶ୍ଚିତ। ଆଦୌ ନ ମିଳିବା ଅପେକ୍ଷା କିଛି ମିଳିବା ଶ୍ରେୟସ୍କର ବୋଲି ଧରି ନେବାକୁ ହେବ। ବିସିସିଆଇ ମଧ ନୂଆ ପ୍ରାୟୋଜକ ସନ୍ଧାନରେ ରହିଛି ବୋଲି ବୋର୍ଡର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ନୂଆ ପ୍ରାୟୋଜକଙ୍କଠାରୁ ଭିଭୋ ଭଳି ଅର୍ଥ ନ ମିଳିବା ନିଶ୍ଚିତ। କିନ୍ତୁ ଅତିକମ୍‌ରେ ଏହାର ୫୦ ପ୍ରତିଶତ ଅର୍ଥ ମିଳି ପାରିବ ବୋଲି ଆଶା କରାଯାଉଛି।

### ୟୁଏସ୍ ଓପନରୁ ନାଡାଲ ଓହରିଲେ

ମାଡ୍ରିଡ, ୫।୮(ଏପି): ଡିଫେଣ୍ଡିଂ ଚାମ୍ପିୟନ ରାଫାଲ ନାଡାଲ ଆଗାମୀ ୟୁଏସ ଓପନ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ନାମେଣ୍ଟରୁ ଓହରି ଯାଇଛନ୍ତି। କରୋନା ଭାଇରସ ସଂକ୍ରମଣକୁ ଦୃଷ୍ଟିରେ ରଖି ସେ ଏହି ନିଷ୍ପତ୍ତି ନେଇଥିବା ପ୍ରକାଶ କରିଛନ୍ତି। ବିଶ୍ୱବ୍ୟାପୀ ଏବେ ଜଟିଳ ପରିସ୍ଥିତି ରହିଛି। କରୋନା ଭାଇରସ ସଂକ୍ରମଣ ସଂଖ୍ୟା ବଢ଼ିବାରେ ଲାଗିଛି। ଆମେ ଏପର୍ଯ୍ୟନ୍ତ ଏହାକୁ ନିୟନ୍ତ୍ରଣକୁ ଆଣିପାରି ନ ଥିବା ପ୍ରତୀୟମାନ ହୋଇଛି ବୋଲି ନିଜ ଟୁଇଟର ପୃଷ୍ଠାରେ ନାଡାଲ ଉଲ୍ଲେଖ କରିଛନ୍ତି। ଅଗଷ୍ଟ ୩୧ରୁ ନ୍ୟୁୟର୍କରେ ଆରମ୍ଭ ହେବାକୁଥିବା ଟୁର୍ନାମେଣ୍ଟରେ ଭାଗ ନେଉ ନ ଥିବା ୩୪ ବର୍ଷୀୟ ନାଡାଲ ସୂଚନା ଦେଇଛନ୍ତି। ଏହା ପୂର୍ବରୁ ମହିଳା ବିଭାଗରେ ବିଶ୍ୱର ନମ୍ବରଓ୍ୱାନ ଖେଳାଳି ଆଶଲେ ବାର୍ଟି ମଧ ଓହରି ଯାଇଛନ୍ତି।

# ୩ ଦିନିଆ କ୍ୱାରାଣ୍ଟାଇନ୍ ଚାହାନ୍ତି ଆଇପିଏଲ୍ ଦଳ

ନୂଆଦିଲ୍ଲୀ,୫।୮(ପି.ଟି.)

ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ପହଞ୍ଚିବା ପରେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଦଳଗୁଡିକ ୬ ବଦଳରେ ୩ ଦିନିଆ କ୍ୱାରାଣ୍ଟାଇନ୍ ଚାହାନ୍ତି ବୋଲି କହିଛନ୍ତି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଡ୍ରାଫ୍ଟ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡ୍ୟୁୟର (ଏସ୍‌ଓପି)ରେ ଖେଳାଳିମାନେ ସେଠାରେ ପହଞ୍ଚିବା ପରେ ୬ ଦିନ କ୍ୱାରାଣ୍ଟାଇନ୍‌ରେ ରହିବେ ବୋଲି ଉଲ୍ଲେଖ ରହିଛି। ଏଥିସହିତ ଟିମ୍ ଓ ଫ୍ୟାମିଲି ଡିନର ପାଇଁ ଆଗୁଆ ନୋଟିସ୍ ଦେବାକୁ ଦଳଗୁଡିକ ବିସିସିଆଇକୁ ଅନୁରୋଧ କରିଛନ୍ତି। ହୋଟେଲରେ ବିନା ସଂସ୍ପର୍ଶରେ ବାହାରୁ ଖାଦ୍ୟ ମଗାଇବାକୁ ଉପରେ ମଧ ଦଳଗୁଡିକ ଗୁରୁତ୍ୱ ଦେଇଛନ୍ତି। ବୁଧବାର ଆଇପିଏଲ୍ ଅଧିକାରୀ ଓ ଦଳ ମାଲିକଙ୍କ ମଧ୍ୟରେ ବୈଠକ ବସିବ। ଏଥିରେ ଏ ସଂକ୍ରାନ୍ତରେ ଆଲୋଚନା ହେବ ବୋଲି ବିସିସିଆଇର ଜଣେ ଅଧିକାରୀ କହିଛନ୍ତି।

ଗତ ୬ ମାସ ହେବ ଅଧିକାଂଶ ଖେଳାଳିଙ୍କ ମଧ୍ୟରେ ଅଧିକ ସମୟ ନାହିଁ। ତେଣୁ ଏମାନେ ଅଧିକରୁ ଅଧିକ ଅଭ୍ୟାସ କରିବାକୁ ଚାହାନ୍ତି। ତେବେ ୬ ବଦଳରେ ୩ ଦିନିଆ କ୍ୱାରାଣ୍ଟାଇନ୍ ସମ୍ଭବ କି ନୁହେଁ ତାହା ଏହି ବୈଠକରେ ଆଲୋଚନା ହେବ ବୋଲି ଅଧିକାରୀ ଜଣକ କହିଛନ୍ତି। ଅଗଷ୍ଟ ୨୦ ପୂର୍ବରୁ କୌଣସି ଦଳ ୟୁଏଇ ନ ଯିବାକୁ ବିସିସିଆଇ ପୂର୍ବରୁ ନିର୍ଦ୍ଦେଶ ଦେଇ ସାରିଛି। ଯଦିଓ ଚେନ୍ନାଇ ସୁପର କିଙ୍ଗ୍ସ ଭଳି ଦଳ ଶୀଘ୍ର ୟୁଏଇ ଯିବାକୁ ଚାହୁଁଛି। ବିସିସିଆଇର ଏସ୍‌ଓପି ଅନୁସାରେ ଖେଳାଳି ଓ ଦଳ ମାଲିକମାନଙ୍କ ପରିବାର ସଦସ୍ୟମାନଙ୍କୁ ମଧ ଜୈବ ସୁରକ୍ଷିତ ପରିବେଶରେ ରହିବାକୁ ହେବ। ଏହାକୁ ନେଇ ବୋର୍ଡ ପୁନର୍ବିଚାର କରିବ ବୋଲି ଦଳଗୁଡିକ ଆଶା ପ୍ରକାଶ କରିଛନ୍ତି। ଏହା ଏକ ଲମ୍ବା ଟୁର୍ନାମେଣ୍ଟ ହୋଇଥିବାରୁ ଦଳଗୁଡିକୁ ଭିନ୍ନ ଭିନ୍ନ ହୋଟେଲରେ ରହିବାକୁ କୁହାଯାଇଛି। ଖେଳାଳିମାନେ ମଧ ସେମାନଙ୍କ ବ୍ୟବସାୟିକ ପ୍ରତିଶ୍ରୁତି ପାଳନ କରିବାର ସ୍ୱାଧୀନତା ଚାହୁଥିବା କଥା ଦଳଗୁଡିକ କହିଛନ୍ତି। କାରିବିୟାନ ପ୍ରିମିୟର ଲିଗ୍ (ସିପିଏଲ୍) ଓ ଦ୍ୱୀପାକ୍ଷିକ ସିରିଜ ଖେଳୁଥିବା ଖେଳାଳିମାନଙ୍କୁ ଶୀଘ୍ର ବୋର୍ଡିଂ କରିବା ଉପରେ ମଧ ଗୁରୁତ୍ୱ ଦେବାକୁ ଅନୁରୋଧ କରାଯାଇଛି। ସିପିଏଲ୍ ସେପ୍ଟେମ୍ବର ୧୦ ତାରିଖରେ ଶେଷ ହେବ।


କୋଭିଡ୍ ଯୋଦ୍ଧାଙ୍କ ସ୍ମୃତିରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ବୁଧବାର କଳିଙ୍ଗ ଷ୍ଟାଡିୟମ ହକି କମ୍ପ୍ଲେକ୍ସରେ ୧ ମିନିଟ ନୀରବ ପ୍ରାର୍ଥନା। ଏଥିରେ କ୍ରୀଡ଼ା ସଚିବ ବିଶାଲ ଦେବ, ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ଓ କ୍ରୀଡ଼ାବିତ୍‌ମାନେ ଯୋଗ ଦେଇଥିଲେ।

# ଇଂଲଣ୍ଡ ବିପକ୍ଷରେ ଆୟର୍ଲାଣ୍ଡର ଦ୍ୱିତୀୟ ବିଜୟ

ସାଉଥାମ୍ପଟନ, ୫।୮

ଆୟର୍ଲାଣ୍ଡ ଏହାର ଏକଦିବସୀୟ କ୍ରିକେଟ ଇତିହାସରେ ଦ୍ୱିତୀୟଥର ପାଇଁ ଇଂଲଣ୍ଡକୁ ପରାସ୍ତ କରିଛି। ସ୍ଥାନୀୟ ରୋଜ ବାଓଲ ଷ୍ଟାଡିୟମରେ ଅନୁଷ୍ଠିତ ଏକ ହାଇସ୍କୋରିଂ ମ୍ୟାଚରେ ଆୟର୍ଲାଣ୍ଡ ୭ ଉଇକେଟରେ ଇଂଲଣ୍ଡକୁ ପରାସ୍ତ କରିଛି। ଇଂଲଣ୍ଡ ପକ୍ଷରୁ ଧାର୍ଯ୍ୟ ୩୨୯ ରନର ବିଜୟ ଲକ୍ଷ୍ୟକୁ ଆୟର୍ଲାଣ୍ଡ ୪୯.୫ ଓଭରରେ ମାତ୍ର ୩ ଉଇକେଟ ହରାଇ ହାସଲ କରି ନେଇଛି। ଓପନର ପଲ୍ ଷ୍ଟର୍ଲିଂ ଓ ଅଧିନାୟକ ଆଣ୍ଡ୍ର୍ୟୁ ବାଲବିର୍ନି ଶତକ ହାସଲ କରି ଆୟର୍ଲାଣ୍ଡକୁ ଏହି ସ୍ମରଣୀୟ ବିଜୟ ଦେଇଛନ୍ତି। ପୂର୍ବରୁ ୨୦୧୧ ବିଶ୍ୱକପରେ ସମାନ ସ୍କୋରର ପିଛା

### ଷ୍ଟର୍ଲିଂ-ବାଲବିର୍ନିଙ୍କ ଦ୍ୱିଶତକୀୟ ଭାଗୀଦାରି

କରି ଇଂଲଣ୍ଡକୁ ହରାଇଥିଲା ଆୟର୍ଲାଣ୍ଡ। ତୃତୀୟ ତଥା ଅନ୍ତିମ ଦିନିକିଆ କ୍ରିକେଟ ମ୍ୟାଚରେ ପରାଜିତ ହୋଇଥିବା ଇଂଲଣ୍ଡ ୩ ମ୍ୟାଚ ବିଶିଷ୍ଟ ସିରିଜକୁ ୨-୧ରେ ଜିତିଛି।

ବଡ଼ ସ୍କୋରର ପିଛା କରି ଆୟର୍ଲାଣ୍ଡ ୫୦ ରନରେ ପ୍ରଥମ ଉଇକେଟ ଭାବେ ଓପନର ଗେରାଥ ଡେଲାନି(୧୨)ଙ୍କ ଉଇକେଟ ହରାଇଥିଲା। ତେବେ ଷ୍ଟର୍ଲିଂ ଓ ବାଲବିର୍ନି ଦ୍ୱିତୀୟ ଉଇକେଟ ଭାଗୀଦାରିରେ ୨୧୪ ରନ ଯୋଗ କରି ଦଳପାଇଁ ବିଜୟ ପଥ ପରିଷ୍କାର କରିଦେଇଥିଲେ। ଏହି ଯୋଡ଼ିଙ୍କ ଆଗରେ ଇଂଲଣ୍ଡ ବୋଲିଂ ଆକ୍ରମଣ ଅସହାୟ ମନେ ହୋଇଥିଲା। ୪୨ତମ ଓଭରରେ ଷ୍ଟର୍ଲିଂ ରନଆଉଟ



ପଲ୍ ଷ୍ଟର୍ଲିଂ



ଆଣ୍ଡ୍ର୍ୟୁ ବାଲବିର୍ନି

ହେବା ସହ ଏହି ଯୋଡ଼ି ଭାଙ୍ଗିଥିଲା। ୧୨୮ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଏହି ଓପନର ୯ ଚୌକା ଓ ୬ ଛକା ସହ ୧୪୨ ରନ ସ୍କୋର କରିଥିଲେ। ବାଲବିର୍ନି ୧୧୨ ବଲ୍‌ରୁ ୧୨ ଚୌକା ସହାୟତାରେ ୧୧୩ ରନ କରିଥିଲେ। ହ୍ୟାରି ଟେକ୍ଟର ୨୯ ଓ କେଭିନ ଓ'ବ୍ରାଏନ ୨୧ ରନରେ ଅପରାଜିତ ରହି ଦଳକୁ ବିଜୟୀ କରାଇଥିଲେ। ଇଂଲଣ୍ଡ ପକ୍ଷରୁ ଡେଭିଡ ୱିଲି ଓ ଆଦିଲ ରଶିଦ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ପୂର୍ବରୁ ଇଂଲଣ୍ଡ ଅଧିନାୟକ ଇଅନ ମୋର୍ଗାନ(୧୦୬)ଙ୍କ ଶତକ ସହାୟତାରେ ୪୯.୫ ଓଭରରେ ୩୨୮ ରନ କରି ଅଲଆଉଟ ହୋଇଥିଲା। ଏହି ମ୍ୟାଚରେ ମୋର୍ଗାନ ଅଧିନାୟକଭାବେ ସର୍ବାଧିକ ଛକା ମାରିବାରେ ଭାରତର ମହେନ୍ଦ୍ର ସିଂ ଧୋନୀଙ୍କ ରେକର୍ଡ ଭାଙ୍ଗିଥିଲେ। ଧୋନୀ ୩୩୨ ମ୍ୟାଚରୁ ୨୧୧ ଛକା ମାରିଥିବାବେଳେ ମୋର୍ଗାନ ୧୬୩ ମ୍ୟାଚରୁ ୨୧୨ ଛକା ମାରି ରେକର୍ଡର ଅଧିକାରୀ ହୋଇଥିଲେ। ଷ୍ଟର୍ଲିଂ ପ୍ଲେୟର ଅଫ୍ ଦି ମ୍ୟାଚ ଓ ୱିଲି ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ୪୯.୫ ଓଭରରେ ୩୨୮/ଅଲଆଉଟ(ମୋର୍ଗାନ-୧୦୬, ଟମ୍ ବାଣ୍ଟନ-୫୮, କ୍ରେଗ୍ ୟଙ୍ଗ-୩/୫୩, ଜୋଶୁଆ ଲିଟଲ-୨/୬୨, କର୍ଟିସ କ୍ୟାମ୍ଫର-୨/୬୮)। ଆୟର୍ଲାଣ୍ଡ ୪୯.୫ ଓଭରରେ ୩୨୯/୩(ଷ୍ଟର୍ଲିଂ-୧୪୨, ବାଲବିର୍ନି-୧୧୩, ୱିଲି-୧/୭୦, ରଶିଦ-୧/୬୧)।

# କୋହଲି, ରୋହିତ ଅପରିବର୍ତ୍ତିତ

ଦୁବାଇ, ୫।୮(ପି.ଟି.)

ଭାରତୀୟ କ୍ରିକେଟ ଦଳର ଅଧିନାୟକ ବିରାଟ କୋହଲି ଓ ଉପ-ଅଧିନାୟକ ରୋହିତ ଶର୍ମା ବୁଧବାର ପ୍ରକାଶିତ ଆଇସିସି ଦିନିକିଆ କ୍ରିକେଟ ର୍‍ୟାଙ୍କିଙ୍ଗ୍ ବ୍ୟାଟ୍ସମ୍ୟାନ ତାଲିକାର ଶୀର୍ଷ ୨ ସ୍ଥାନରେ ଅପରିବର୍ତ୍ତିତ ରହିଛନ୍ତି। ବୋଲିଂ ବିଭାଗରେ ଯଶପ୍ରୀତ ବୁମ୍‌ରା ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। କୋହଲି ୮୭୧

### ଆଇସିସି ଦିନିକିଆ ର୍‍ୟାଙ୍କିଙ୍ଗ୍

ପଏଣ୍ଟ ସହିତ ପ୍ରଥମ ଓ ରୋହିତ ୮୫୫ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପାକିସ୍ତାନର ବାବର ଆଜମ (୮୨୯), ନ୍ୟୁଜିଲାଣ୍ଡର ରସ୍ ଟେଲର(୮୧୮) ଓ ଦକ୍ଷିଣ ଆଫ୍ରିକାର ଫାଫ୍ ଡୁପ୍ଲେସି(୭୯୦) ପରବର୍ତ୍ତୀ ୩ ସ୍ଥାନରେ ରହିଛନ୍ତି। ବୋଲିଂ ର୍‍ୟାଙ୍କିଙ୍ଗ୍‌ରେ ବୁମ୍‌ରା ୭୧୯ ପଏଣ୍ଟ ସହିତ ଦ୍ୱିତୀୟରେ ରହିଥିବାବେଳେ ନ୍ୟୁଜିଲାଣ୍ଡର ଟ୍ରେଣ୍ଟ ବୋଲ୍ଟ ୭୨୨ ପଏଣ୍ଟ ସହିତ ଶୀର୍ଷସ୍ଥାନ ଅଧିକାର କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଆଫଗାନିସ୍ତାନର ମୁଜିବୁର ରହମନ(୭୦୧), ଅଷ୍ଟ୍ରେଲିଆର ପ୍ୟାଟ୍ କୁମିନ୍ସ(୬୮୯) ଓ ଦକ୍ଷିଣ ଆଫ୍ରିକାର କାଗିଶୋ ରାବାଡ଼ା(୬୬୫) ୩ୟରୁ ୫ମ ସ୍ଥାନରେ ରହିଛନ୍ତି।

ଇଂଲଣ୍ଡ ବିପକ୍ଷ ତୃତୀୟ ଦିନିକିଆରେ ଶତକୀୟ ଇନିଂସ ଖେଳିଥିବା ଆୟର୍ଲାଣ୍ଡ



ରୋହିତ ଶର୍ମା



ବିରାଟ କୋହଲି

ଅଧିନାୟକ ଆଣ୍ଡ୍ର୍ୟୁ ବାଲବିର୍ନି ୪ଟି ସ୍ଥାନ ଉପରକୁ ଉଠି ୪୨ରେ ପହଞ୍ଚିଥିବାବେଳେ ତାଙ୍କ ଡେପୁଟି ପଲ୍ ଷ୍ଟର୍ଲିଂ ଗୋଟିଏ ସ୍ଥାନ ଉଠି ୨୬ତମ ସ୍ଥାନରେ ରହିଛନ୍ତି। ଶତକ ହାସଲକାରୀ ଇଂଲଣ୍ଡ ଅଧିନାୟକ ଇଅନ ମୋର୍ଗାନ ଗୋଟିଏ ସ୍ଥାନ ଉପରକୁ ଉଠି ୨୨ ଓ ସେହି ଦଳର ଜନି ବେୟାରଷ୍ଟୋ ୧୩ତମ ସ୍ଥାନରେ ରହିଛନ୍ତି।

# ସ୍ପୋର୍ଟ୍ସ ହଷ୍ଟେଲର ପୁନର୍ଗଠନ ଆରମ୍ଭ

ଭୁବନେଶ୍ୱର,୫।୮ (ସ୍ପୋର୍ଟ୍ସ ବ୍ୟୁରୋ)

ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ତା'ର ୧୬ଟି ଆବାସିକ ସ୍ପୋର୍ଟ୍ସ ହଷ୍ଟେଲର ପୁନର୍ଗଠନ ପ୍ରକ୍ରିୟା ଆରମ୍ଭ କରିଛି। ଏଥିସହିତ ସ୍ୱତନ୍ତ୍ର କ୍ରୀଡ଼ା ହଷ୍ଟେଲ (ସ୍ପୋର୍ଟ୍ସ ସ୍ପେଶିଫିକ୍ ହଷ୍ଟେଲ) ଆରମ୍ଭ କରାଯିବାକୁ ମଧ ନିଷ୍ପତ୍ତି ନିଆଯାଇଛି। ଏହା ଦ୍ୱାରା ସବୁ ହଷ୍ଟେଲ୍‌ରେ କ୍ରୀଡ଼ାର ବିଭିନ୍ନ ବର୍ଗ ପାଇଁ ଆବଣ୍ଟନ ପ୍ରକ୍ରିୟାର ପୁନର୍ଗଠନ କରାଯିବ ଓ ଗୋଟିଏ ସ୍ଥାନରେ ବିଭିନ୍ନ ବୟସ ବର୍ଗରେ ନିର୍ଦ୍ଦିଷ୍ଟ କ୍ରୀଡ଼ାରେ ଟ୍ରେନିମାନଙ୍କର ପାଳନ ପୋଷଣ କରାଯିବ। ଏହାଦ୍ୱାରା ଟ୍ରେନିମାନେ ଅଧିକ ସୁଯୋଗ ପାଇବେ ଓ ଖେଳାଳିମାନଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଏବଂ ସହଯୋଗପୂର୍ଣ୍ଣ ଶିକ୍ଷାର ବିକାଶ ହୋଇପାରିବ। ଏଥିସହିତ ଆଥଲେଟମାନଙ୍କର ସାମଗ୍ରିକ ବିକାଶ ହୋଇପାରିବ।

ବର୍ତ୍ତମାନ ଏହି ହଷ୍ଟେଲଗୁଡିକରେ ରାଜ୍ୟର ଆଥଲେଟମାନଙ୍କୁ ୧୧ଟି ବର୍ଗରେ ପ୍ରଶିକ୍ଷଣ ଦିଆଯାଉଛି। ୯ରୁ ୨୫




ବର୍ଷ ବୟସର ପ୍ରତିଭାମାନଙ୍କୁ ଚିହ୍ନଟ କରି ଏହି ଏମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଛି। ଗୋଟିଏ ହଷ୍ଟେଲରେ ଗୋଟିଏ କ୍ରୀଡ଼ା ନୀତି ଦ୍ୱାରା ପ୍ରତ୍ୟେକ ହଷ୍ଟେଲ ସ୍ୱତନ୍ତ୍ର କ୍ରୀଡ଼ା ପାଇଁ ସ୍ୱତନ୍ତ୍ର ହଷ୍ଟେଲରେ ପରିଣତ ହେବ। ଏଥିରେ ପ୍ରତିଭାସମ୍ପନ୍ନ ଆଥଲେଟମାନେ ରହିବେ ଓ ସେମାନଙ୍କୁ କୋଚିଂ ଓ ଟ୍ରେନିଂ ଦୃଷ୍ଟିକୋଣରୁ ଆବଶ୍ୟକ ସୁବିଧାସୁଯୋଗ ପ୍ରଦାନ କରାଯିବ। ସମ୍ପୃକ୍ତ ଅଞ୍ଚଳରେ ଲୋକପ୍ରିୟତା ହାସଲ କରିଥିବା କ୍ରୀଡ଼ାକୁ ହଷ୍ଟେଲଗୁଡିକରେ ପ୍ରାଧାନ୍ୟ ଦିଆଯିବ ଓ ସେହି ଅନୁସାରେ ପ୍ରତିଭା ଚିହ୍ନଟ କରାଯିବ ଏବଂ ଭିତ୍ତିଭୂମି ମଧ ସ୍ଥାପନ କରାଯିବ।

ତେବେ ଭୁବନେଶ୍ୱର, ସୁନ୍ଦରଗଡ଼ ଓ ବ୍ରହ୍ମପୁର ସ୍ପୋର୍ଟ୍ସ ହଷ୍ଟେଲରେ ପୂର୍ବପରି ଏକାଧିକ କ୍ରୀଡ଼ା ପ୍ରଶିକ୍ଷଣର ପ୍ରକ୍ରିୟା ଚାଲୁ ରହିବ। କେବଳ ୧୮ ବର୍ଷରୁ କମ୍ ଆଥଲେଟଙ୍କୁ ଟ୍ରେନିଂ ଦିଆଯିବା ଉପରେ ଫୋକସ୍ କରାଯିବ। ଫଳରେ ହେଷ୍ଟେଲଗୁଡିକର କ୍ଷମତାକୁ ୧୨୫୦ରୁ ୯୧୩କୁ କମାଇ ଦିଆଯାଇଛି। ତେବେ ଜାତୀୟ ତଥା ଅନ୍ତର୍ଜାତୀୟ ପ୍ରଦର୍ଶନକୁ

- ଆରମ୍ଭ ହେବ ସ୍ପୋର୍ଟ୍ସ ସ୍ପେଶିଫିକ୍ ହଷ୍ଟେଲ
- ପାନପୋଷରେ ପୁରୁଷ, ସୁନ୍ଦରଗଡ଼ ହଷ୍ଟେଲରେ ମହିଳା ଟ୍ରେନିଂ ନେବେ
- କ୍ରୀଡ଼ାର ସାମଗ୍ରିକ ବିକାଶକୁ ଗୁରୁତ୍ୱ

ଦୃଷ୍ଟିରେ ରଖି କେତେକ ୧୮ ବର୍ଷରୁ ଊର୍ଦ୍ଧ୍ୱ ଖେଳାଳିଙ୍କୁ ହଷ୍ଟେଲ ସୁବିଧା ସୁଯୋଗ ଯୋଗାଇ ଦିଆଯିବ। ଏହି ଖେଳାଳିମାନଙ୍କ ପାଇଁ ସ୍ୱତନ୍ତ୍ର କୋଚିଂ କ୍ୟାମ୍ପ ମଧ ଯୋଗାଇ ଦିଆଯିବ।

ଫିଲ୍ଡ ହକିରେ ପାନ୍‌ପୋଷ ସ୍ପୋର୍ଟ୍ସ ହଷ୍ଟେଲରେ କେବଳ ପୁରୁଷ ଓ ସୁନ୍ଦରଗଡ଼ ସ୍ପୋର୍ଟ୍ସ ହଷ୍ଟେଲ୍‌ରେ ମହିଳା ଖେଳାଳିମାନେ ଟ୍ରେନିଂ ନେଇପାରିବେ। ଏହି ଦୁଇ ସ୍ପୋର୍ଟ୍ସ ହଷ୍ଟେଲରେ ସୁବିଧାସୁଯୋଗ ଅନ୍ତର୍ଜାତୀୟସ୍ତରର ହେବ। ସ୍ଥାନୀୟ ପ୍ରତିଭାମାନଙ୍କର ବିକାଶ ପାଇଁ ଡେ' ଅର୍ଥାତ ଦିନବେଳା କୋଚିଂର ବ୍ୟବସ୍ଥା କରାଯିବ।

ରାଜ୍ୟରେ କ୍ରୀଡ଼ାର ସାମଗ୍ରିକ ବିକାଶ, କ୍ରୀଡ଼ା ସଂସ୍କୃତି ସ୍ଥାପନ କରିବା ଓ ଉତ୍ତମ ଟ୍ରେନିଂ ଗ୍ରାଉଣ୍ଡ ସ୍ଥାପନ କରିବା ଆମର ଲକ୍ଷ୍ୟ ବୋଲି ରାଜ୍ୟ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ସ୍ପୋର୍ଟ୍ସ ହଷ୍ଟେଲ ପୁନର୍ଗଠନ ସମ୍ପର୍କରେ ମତ ରଖି କହିଛନ୍ତି। ଏହି ହଷ୍ଟେଲଗୁଡିକରୁ ଭବିଷ୍ୟତର କ୍ରୀଡ଼ାବିତ୍ ସୃଷ୍ଟିହେବେ। ମାଧ୍ୟମିକସ୍ତରରୁ ସ୍ନାତକ ତଥା ସିନିୟରସ୍ତର ପର୍ଯ୍ୟନ୍ତ ଆଥଲେଟମାନଙ୍କୁ ଟ୍ରେନିଂ ଦିଆଯିବା ଉପରେ ଗୁରତ୍ୱ ଦିଆଯିବ। ହାଇ ପରଫର୍ମାନ୍ସ ସେଣ୍ଟର ପାଇଁ ଆମ ହଷ୍ଟେଲ୍‌ରେ ବହୁ ସଂଖ୍ୟାରେ ପ୍ରତିଭା ସୃଷ୍ଟି ହୋଇପାରିବେ ବୋଲି ସେ କହିଛନ୍ତି। ସେହିପରି କୋଭିଡ୍-୧୯ ମହାମାରୀ ଆମ ପାଇଁ ତୃଣମୂଳସ୍ତରରେ ଓ ସାମଗ୍ରିକ କ୍ରୀଡ଼ାର ବିକାଶ ପାଇଁ ସୁଯୋଗ ସୃଷ୍ଟି କରିଛି ବୋଲି ରାଜ୍ୟ କ୍ରୀଡ଼ା ସଚିବ ବିଶାଲ କୁମାର ଦେବ କହିଛନ୍ତି। ଆଥଲେଟମାନଙ୍କ ପାଇଁ କୋଚିଂରେ ବିଶେଷ ସୁବିଧା ଦେବା ପାଇଁ ପ୍ରୟାସ କରାଯିବ ବୋଲି ସେ କହିଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଗୁରୁବାର, ଅଗଷ୍ଟ ୬/୨୦୨୦ Thursday, August 6/2020

## ଗାଁ ମଣ୍ଡପରେ ବୃଦ୍ଧଙ୍କ ଗଳା କାଟି ହତ୍ୟା

**ପାଟପୁର,୫।୮:** ଗଞ୍ଜାମ ଜିଲା ପାଟପୁର ଥାନା ପ୍ରତାପଗିରି ଗ୍ରାମ କୋଠଘର ମଣ୍ଡପରୁ ବୁଧବାର ସକାଳେ ଜଣେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର ହୋଇଛି। ସେ ହେଲେ ଉକ୍ତ ଗ୍ରାମର ଆର୍. ଖରଡା ପାତ୍ର (୬୫)। ଖରଡାଙ୍କ ପୁଅ ଭୀମଙ୍କ ଏତଲାକ୍ରମେ ପାଟପୁର ପୋଲିସ ହତ୍ୟା ମାମଲା (ନଂ.୧୮୮/୨୦) ରୁଜୁ କରି ତଦନ୍ତ ଚଳାଇଛି। ଖରଡା ମଙ୍ଗଳବାର ରାତିରେ ଖାଇ ସାରି ଘରଠାରୁ ପ୍ରାୟ ୨୦୦ ମିଟର ଦୂର କୋଠଘର ମଣ୍ଡପରେ ଶୋଇଥିଲେ। ବୁଧବାର ସକାଳୁ ସେଠାରେ ତାଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ପଡିଥିବାବେଳେ ଗଳା କଟାଯାଇଥିବା କେତେଜଣ ଲୋକ ଦେଖି ଥାନାକୁ ଜଣାଇଥିଲେ। ଆସିକା ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ, ପାଟପୁର ଥାନା ଅଧିକାରୀ ଅଜୟ କୁମାର ବାରିକ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିଥିଲେ। ଧାରୁଆ ଅସ୍ତ୍ରରେ ଖରଡାଙ୍କ ଗଳା କାଟି ହତ୍ୟା କରାଯାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ମେଡିକାଲ ପଠାଯାଇଥିବାବେଳେ ହତ୍ୟାକାଣ୍ଡର କାରଣ ଜଣାପଡିନାହିଁ।

# ଦକ୍ଷିଣ ଓଡ଼ିଶାରେ ବନ୍ୟା ସମ୍ଭାବନା

ଭୁବନେଶ୍ୱର,୫।୮ (ବ୍ୟୁରୋ)

**ସତର୍କ ରହିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ**

- ଆଶ୍ୱସ୍ତି ଆଣିଲା ଲଘୁଚାପ
- ଆରମ୍ଭ ହେଲା ବେଉଷଣ
- ଆସୁଛି ଆଉ ଏକ ଲଘୁଚାପ
- ୯ରୁ ୧୨ ଯାଏ ବର୍ଷିବ

ଉତ୍ତର ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଯୋଗୁ ମଙ୍ଗଳବାର ଓ ବୁଧବାର ଦୁଇଦିନ ଧରି ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହୋଇଛି। ଏଥିଯୋଗୁ ଚାଷୀମାନେ ଆଶ୍ୱସ୍ତ ହୋଇଛନ୍ତି। ଲଗାଣ ବର୍ଷା ଯୋଗୁ ରାଜ୍ୟରେ ମରୁଡ଼ି ଆଶଙ୍କା ମଧ୍ୟ କେତେକାଂଶରେ ଟଳିଯାଇଛି। ରାଜ୍ୟରେ ବିଭିନ୍ନ ଭାଗରେ ବୁଧବାର ରୁଆ ବେଉଷଣ କାର୍ଯ୍ୟ ଆରମ୍ଭ ହୋଇଛି। ପାଣିପାଗ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ

ସମ୍ବଲପୁର ଜିଲାର ଝୁମ୍ପୁରାରେ ୨୯୦ ମିଲିମିଟର ବର୍ଷା ହୋଇଥିବା ବେଳେ ବୌଦ୍ଧ ଜିଲା ଖଇରମାଳରେ ୧୮୦, ସୋନପୁର ୧୭୦, କଟକ ୧୭୦, ପୁରୀ ଜିଲାର ଗୋପରେ ୧୫୦, ଭୁବନେଶ୍ୱରରେ ୧୫୦, କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇରେ ୧୪୦, କେନ୍ଦୁଝର ଜିଲା ତେଲକୋଇ ୧୪୦, ବାଙ୍କୀରେ ୧୩୦, ସମ୍ବଲପୁରର ରେଢାଖୋଲରେ ୧୩୦, ଢେଙ୍କାନାଳ ଭୁବନରେ ୧୩୦, ଭଦ୍ରକ ତିହିଡିରେ ୧୩୦, ସୁନ୍ଦରଗଡ଼ରେ ୯୦, କୋରାପୁଟରେ ୭୦, ଝାରସୁଗୁଡ଼ା ଲଖନପୁରରେ ୭୦, ପାରାଦୀପରେ ୭୦, ଅନୁଗୋଳ ପାଲଲହଡ଼ାରେ ୭୦, କୋରାପୁଟ ଜୟପୁରରେ ୭୦, ସମ୍ବଲପୁରର କୁଚିଣ୍ଡାରେ ୭୦, ଜଗତ୍‌ସିଂହପୁର ବାଲିକୁଦାରେ ୭୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଏଥିସହିତ ରାଜ୍ୟର ଅନ୍ୟାନ୍ୟ ଭାଗରେ ମଧ୍ୟ ବର୍ଷା ହୋଇଥିବା ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଅଗଷ୍ଟ ୪ ତାରିଖରେ ସୃଷ୍ଟି ହୋଇଥିବା ଲଘୁଚାପ ୱେଲ୍‌ମାର୍କ ଲୋ ପ୍ରେସରରେ ପରିଣତ ହୋଇ ଛତିଶଗଡ଼ ଉପରକୁ ଚାଲିଯାଇଛି। ତେବେ ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ସୁନ୍ଦରଗଡ଼ ନୂଆପଡ଼ା, ବଲାଙ୍ଗୀର, ସୋନପୁର, ବୌଦ୍ଧ ଏବଂ ଅନୁଗୋଳ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏହି ସମୟ ମଧ୍ୟରେ କଳାହାଣ୍ଡି, ନବରଙ୍ଗପୁର, କଟକ, ଢେଙ୍କାନାଳ, ଖୋର୍ଦ୍ଧା, ଯାଜପୁର, କେନ୍ଦ୍ରାପଡ଼ା, ଭଦ୍ରକ, ଜଗତ୍‌ସିଂହପୁର, କେନ୍ଦୁଝର ଏବଂ ବାଲେଶ୍ୱର ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ସତର୍କ କରାଯାଇଛି।

ତେବେ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ଆସନ୍ତା ୯ ତାରିଖରେ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ୯ ଓ ୧୦ ତାରିଖ ଦୁଇଦିନ ଧରି ପ୍ରବଳରୁ ଅତି ପ୍ରବଳ ବର୍ଷା ଲାଗିରହିବ। ତେବେ ଏହାର ପ୍ରଭାବରେ ୧୪ ତାରିଖ ଯାଏ ରାଜ୍ୟର ବିଭିନ୍ନ ଭାଗରେ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି। ବିଶେଷ କରି ଗଞ୍ଜାମ, ଗଜପତି, ରାୟଗଡ଼ା, କନ୍ଧମାଳ, ନୂଆପଡ଼ା, କଳାହାଣ୍ଡି, କୋରାପୁଟ ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏଥିଯୋଗୁ ବଂଶଧାରା, ଋଷିକୁଲ୍ୟା ଏବଂ ହାତୀନଦୀରେ ବନ୍ୟା ଆସିବା ସମ୍ଭାବନା ରହିଛି। ଲଘୁଚାପ ବର୍ଷାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲାପାଳମାନେ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଏସିଏଫ୍‌ଙ୍କ ସମ୍ପତ୍ତି କୋଟିଏରୁ ଅଧିକ

- ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ
- ଚଢ଼ାଉ କଲା ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନ



ପ୍ରଶାନ୍ତ ସ୍ୱାଇଁ

**କଟକ/ପୁରୀ ଅଫିସ,୫।୮:** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ପୁରୀ ବନ୍ୟପ୍ରାଣୀ ଡିଭିଜନର ସହକାରୀ ବନ ସଂରକ୍ଷକ (ଏସିଏଫ୍) ପ୍ରଶାନ୍ତ ସ୍ୱାଇଁ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କଠାରୁ ସର୍ଚ୍ଚ ୱାରେଣ୍ଟ ପାଇ ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନ ବୁଧବାର ଏସିଏଫ୍‌ଙ୍କ ଘର ଓ ଅଫିସ୍‌ରେ ଚଢ଼ାଉ କରିଛି। ଭୁବନେଶ୍ୱରସ୍ଥିତ ତିନି ମହଲା କୋଠା, ପୁରୀସ୍ଥିତ କାର୍ଯ୍ୟାଳୟ ଓ ଭଡ଼ାଘର, ବାଲିଅନ୍ତା ଥାନା ଶିଶିଳୋସ୍ଥିତ ପୈତୃକ ଘର, ଢେଙ୍କାନାଳ ଷ୍ଟେଶନ ବଜାରସ୍ଥିତ ସମ୍ପର୍କୀୟଙ୍କ ଘରେ ଏକକାଳୀନ ଏହି ଚଢ଼ାଉ ହୋଇଛି। ଚଢ଼ାଉ ବେଳେ ସ୍ୱାଇଁ ଓ ତାଙ୍କ ପରିବାର ସଦସ୍ୟଙ୍କ ମୋଟ ୧ କୋଟି ୧୬ ଲକ୍ଷ ୨୭ ହଜାର ୯୩୮ ଟଙ୍କାର ସମ୍ପତ୍ତି ଥିବା ଭିଜିଲାନ୍ସ ଆକଳନ କରିଛି। ଏଥିରେ ରହିଛି ୬୧ ଲକ୍ଷ ୪୬ ହଜାର ୮୪୫ ଟଙ୍କା ମୂଲ୍ୟର ତିନି ମହଲା ଘର, ଶିଶିଳୋ ଗାଁରେ ଭାଗରେ ଥିବା ୩୩ ହଜାର ଟଙ୍କାର ଗୋଟିଏ ଘର, ଭୁବନେଶ୍ୱର ଓ ଢେଙ୍କାନାଳରେ ୧୨ ଲକ୍ଷ ୭୨ ହଜାର ୨୩୯ ଟଙ୍କା ମୂଲ୍ୟର ୫ଟି ପ୍ଲଟ୍, ବିଭିନ୍ନ ବ୍ୟାଙ୍କ୍‌ରେ ଜମା ୩୧ ଲକ୍ଷ ୫୨ ହଜାର ୭୧୦ ଟଙ୍କା, ଏଲ୍‌ଆଇସିରେ ୪ ଲକ୍ଷ ୩୨ ହଜାର ୩୫୬ ଟଙ୍କାର ପଲିସି, ୯୬ ହଜାର ଟଙ୍କାର ଦୁଇଟି ଦୁଇଚକିଆ ଗାଡ଼ି, ୩୯ ହଜାର ଟଙ୍କାର ସୁନା ଓ ରୁପା ଅଳଙ୍କାର, ୩୨ ହଜାର ୪୦ ଟଙ୍କା ନଗଦ ଓ ୪ ଲକ୍ଷ ୨୩ ହଜାର ୭୪୮ ଟଙ୍କାର ଗୃହ ଉପକରଣ ମିଳିଛି। ଭିଜିଲାନ୍ସ ଟିମ୍ ପୁରୀ ଅଫିସରେ ଚଢ଼ାଉ କରି ଏସିଏଫ୍ ସ୍ୱାଇଁଙ୍କୁ ଧରି ନେଇଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ତାଙ୍କୁ ଅଧିକ ପଚରାଉଚରା କରାଯିବ ବୋଲି ଭିଜିଲାନ୍ସ ଇନ୍ସପେକ୍ଟର ମଦନ ପ୍ରଧାନ ସୂଚନା ଦେଇଛନ୍ତି।



ଗୁମ୍ଫା ଦେଖିବାକୁ ଲୋକଙ୍କ ଭିଡ଼।

## ପାହାଡ଼ରେ ଗୁମ୍ଫା ଠାବ

ନୟାଗଡ଼ ଅଫିସ/ରଣପୁର, ୫।୮ (ସ୍ୱ.ପ୍ର.)

ନୟାଗଡ଼ ଜିଲା ରଣପୁର ବ୍ଲକ ନରେନ୍ଦ୍ରପୁର ପଞ୍ଚାୟତ ବଧିପାଟଣା ନିକଟ ମେଳାତଇଲା ପାହାଡରେ ଏକ ପୁରାତନ ଗୁମ୍ଫା ଠାବ ହୋଇଛି। ଗୁମ୍ଫାଟିରେ ବୈଷ୍ଣବଦେବୀ ପୂଜା ପାଉଛନ୍ତି। ଜଣେ ଛେଳି ଚରାଳି ଗୁମ୍ଫାଟିକୁ ଦେଖିବା ପରେ ଏହା ଲୋକଲୋଚନକୁ ଆସିଛି। ଏହା ପରେ ଗୁମ୍ଫା ଦେଖିବାକୁ ଭିଡ ଜମିଛି। ସ୍ଥାନୀୟ ଲୋକଙ୍କ ସୂଚନା ଅନୁସାରେ ସନ୍ଧ୍ୟା ହେଲେ ଗୁମ୍ଫାରୁ ହୁଳହୁଳି ଶବ୍ଦ ଆସୁଛି। ପୂର୍ବେ ଏଠାରେ ସାଧୁସନ୍ଥମାନେ ରହୁଥିଲେ। କାଳକ୍ରମେ ସାଧୁସନ୍ଥ ଚାଲିଯିବା ପରେ ଗୁମ୍ଫାଟି ଉପେକ୍ଷିତ ହୋଇ ପଡି ରହିଥିଲା। ଗୁମ୍ଫା ଠାବ ହେବା ପରେ ସ୍ଥାନୀୟ ଲୋକେ ପୁଣିଥରେ ବୈଷ୍ଣବଦେବୀଙ୍କୁ ପୂଜା ଆରମ୍ଭ କରିଛନ୍ତି। ତେବେ ଗୁମ୍ଫା ଭିତରେ ୭ଟି ଘର ଥିବା ଦେଖିବାକୁ ମିଳିଛି। ଗୁମ୍ଫା ସମ୍ପର୍କରେ ଅନୁଧ୍ୟାନ କଲେ ଅନେକ ତଥ୍ୟ ମିଳିପାରିବ ବୋଲି ଲୋକେ ପ୍ରକାଶ କରିଛନ୍ତି।

## ବିଡିଓଙ୍କ ସମେତ ୧୨ ପଜିଟିଭ

**ଦାରିଙ୍ଗବାଡି,୫।୮ (ଡି.ଏନ.ଏ):** କନ୍ଧମାଳ ଜିଲାରୁ ବୁଧବାର ୨୦ ପଜିଟିଭ ଚିହ୍ନଟ ହୋଇଥିବାବେଳେ ସେମାନଙ୍କ ମଧ୍ୟରେ ୧୨ ଜଣ ଦାରିଙ୍ଗବାଡିର ରହିଥିବା ଜିଲାପାଳ ଡ. ବୃନ୍ଦା ଡି ଟୁଇଟ୍ କରି ଜଣାଇଛନ୍ତି। ଦାରିଙ୍ଗବାଡିର ୧୨ ପଜିଟିଭଙ୍କ ମଧ୍ୟରେ ୨ଜଣ କରୋନା ଯୋଦ୍ଧା ରହିଛନ୍ତି। ସେମାନେ ହେଲେ ଦାରିଙ୍ଗବାଡିର ବିଡିଓ ଓ ବ୍ରାହ୍ମଣୀଗାଁ ଅଞ୍ଚଳର ଜଣେ ଅଙ୍ଗନୱାଡି କର୍ମୀ। ଏଥିସହ ତୁଡୁକିବାଡି ସାହିର ୭, ବ୍ରାହ୍ମଣୀଗାଁ ଅଞ୍ଚଳର ଜଣେ ୬୦ ବର୍ଷର ବୃଦ୍ଧ ଓ ଦାରିଙ୍ଗବାଡିର ୨ଜଣ ରହିଛନ୍ତି। ବିଡିଓଙ୍କୁ ୨୮ ତାରିଖରେ ଲକ୍ଷଣ ଦେଖାଯିବା ପରେ ପଞ୍ଚାୟତ ସମିତିକୁ ବନ୍ଦ କରିଦିଆଯିବା ସହ ସମସ୍ତ କର୍ମଚାରୀଙ୍କୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବାକୁ ପରାମର୍ଶ ଦିଆଯାଇଥିଲା। ସମସ୍ତଙ୍କ ସ୍ୱାବ୍ ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଇଥିଲା। ବାଲିଗୁଡା ଉପଜିଲାପାଳଙ୍କ କାର୍ଯ୍ୟାଳୟର ଡେପୁଟି କଲେକ୍ଟର ହଳଧର ନାୟକଙ୍କୁ ଗତ ୨୮ ତାରିଖରୁ ଜିଲାପାଳ ଦାରିଙ୍ଗିବାଡି ବିଡିଓ ଦାୟିତ୍ୱ ଦେଇଛନ୍ତି।

## ବେସରକାରୀ ସ୍କୁଲ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**ଭୁବନେଶ୍ୱର,୫।୮ (ବ୍ୟୁରୋ):** କରୋନା ଯୋଗୁ ସ୍କୁଲ ଓ କଲେଜ ବନ୍ଦ ରହିଛି। ପିଲାମାନଙ୍କ ସୁରକ୍ଷା ଦୃଷ୍ଟିରୁ ଏହା ଭଲ ପଦକ୍ଷେପ। ଏଭଳି ସମୟରେ ଅଭିଭାବକମାନଙ୍କୁ ବେସରକାରୀ ସ୍କୁଲଗୁଡିକ ଲୁଟ୍ କରୁଥିବା କଂଗ୍ରେସ ଅଭିଯୋଗ କରିଛି। କଂଗ୍ରେସ ପକ୍ଷରୁ ବୁଧବାର ଏକ ଖବରଦାତା ସମ୍ମିଳନୀରେ ଦଳର ଭୁବନେଶ୍ୱର ଜିଲା ସଭାପତି ମାନସ ଚୌଧୁରୀ କହିଛନ୍ତି, ସରକାର ଗରିବଙ୍କ ପାଇଁ ସୁବିଧା କରିଥିବା ବେଳେ ଧନୀଙ୍କ ପାଇଁ ଟିକସ ଛାଡ କରିଛନ୍ତି। ମଦରେ ମଧ୍ୟ ସେସ୍ କମିଛି। ମାତ୍ର ସରକାର ଅଭାବୀ ଅଭିଭାବକଙ୍କ କଥା ଚିନ୍ତା କରୁନାହାନ୍ତି। ବେସରକାରୀ ସ୍କୁଲଗୁଡିକଠାରୁ ଶାସକ ଦଳ ନେତାମାନେ ଟଙ୍କା ନେଉଛନ୍ତି। ବର୍ତ୍ତମାନ ବହୁ ଅଭିଭାବକଙ୍କ ଚାକିରି ଚାଲିଗଲାଣି। ବ୍ୟବସାୟିକ କାରବାର ମଧ୍ୟ ସମ୍ପୂର୍ଣ୍ଣ ବନ୍ଦ ଅଛି। ଏହି ସମୟରେ ବହୁତ ଗୁଡିଏ ସ୍କୁଲ କେବଳ ଟ୍ୟୁସନ ଫି ନୁହେଁ ବରଂ ଡେ ବୋର୍ଡିଂ ଚାର୍ଜଠାରୁ ନେଇ ଫୁଡିଂ ପର୍ଯ୍ୟନ୍ତ ଟଙ୍କା ମଧ୍ୟ ନେଉଛନ୍ତି। ସ୍କୁଲ ବନ୍ଦ ଥିବାବେଳେ ପିଲାମାନେ ଯାଉନାହାନ୍ତି। ତେବେ ସେମାନେ ଖାଇବା ଟଙ୍କା କାହିଁକି ଦେବେ ଏବଂ ଡେ ବୋର୍ଡିଂ ଅର୍ଥ କାହିଁକି ଦେବେ ବୋଲି କହିଛନ୍ତି।

100% Ayurvedic
Divisa
ଇମ୍ୟୁନିଟି ପାୱାର ବଢ଼ାନ୍ତୁ ଏବଂ ଶରୀରକୁ ରୋଗରୁ ରକ୍ଷା କରନ୍ତୁ
‘ତୁଳସୀ ମନ୍ତ୍ରା’ ତୁଳସୀ ଡ୍ରପ୍‌ସ ଆପଣାନ୍ତୁ
5 ବିଭିନ୍ନ ପ୍ରକାର ଦୁର୍ଲଭ ତୁଳସୀର ଅର୍କ
Dr. Juneja's ତୁଳସୀ ମନ୍ତ୍ରା
ବିଷ୍ଣୁ ତୁଳସୀ : ଆଳସ୍ୟ ଦୂରକରି ଶରୀରରେ ଇମ୍ୟୁନିଟି ବଢ଼ାଇବା ପାଇଁ ବର୍ଣ୍ଣିତ ।
ବଣ ତୁଳସୀ : ଶାରୀରିକ ଦୁର୍ବଳତା, ଶ୍ୱାସ ଦୁର୍ଗନ୍ଧ ଇତ୍ୟାଦି ପାଇଁ ବର୍ଣ୍ଣିତ ।
ରାମ ତୁଳସୀ : ଆଣ୍ଟି–ବ୍ୟାକ୍ଟେରିଆଲ ଅଟେ, ଫୁସ୍‌ଫୁସ୍ ରୋଗ, ଆଜ୍‌ମା ଇତ୍ୟାଦି ପାଇଁ ବର୍ଣ୍ଣିତ।
କୃଷ୍ଣ ତୁଳସୀ : ହୃଦୟ, ରକ୍ତଚାପ, ରକ୍ତ ସଫା ଓ ରୋଗ ପ୍ରତିରୋଧକ କ୍ଷମତା ପାଇଁ ବର୍ଣ୍ଣିତ।
ଶୁକ୍ଳ ତୁଳସୀ : ଇମ୍ୟୁନିଟି ବଢ଼ାଇବା, ସର୍ଦ୍ଦି–ଥଣ୍ଡା, ଶ୍ୱାସ ଓ ତ୍ୱଚା ଇତ୍ୟାଦି ପାଇଁ ବର୍ଣ୍ଣିତ।
ତୁଳସୀକୁ ‘ଜଡ଼ି–ବୁଟିର ରାଣୀ’ ଓ ‘ଜୀବନ ପାଇଁ ଅମୃତ’ ବିବେଚନା କରାଯାଏ । ଏହାକୁ ଧ୍ୟାନରେ ରଖି ଦିବିସା ହର୍ବାଲ କେୟାର ବଜାରକୁ ଆଣିଛନ୍ତି ‘ତୁଳସୀ ମନ୍ତ୍ରା’ ତୁଳସୀ ଡ୍ରପ୍‌ସ, ଯେଉଁଥିରେ 5 ପ୍ରକାର ତୁଳସୀ ଅର୍କର ମିଶ୍ରଣ ରହିଛି । ‘ତୁଳସୀ ମନ୍ତ୍ରା’ ତୁଳସୀ ଡ୍ରପ୍‌ସ ଶରୀରର ରୋଗ ପ୍ରତିରୋଧକ କ୍ଷମତାକୁ ବୃଦ୍ଧି କରିଥାଏ ଏବଂ ସର୍ଦ୍ଦି, ବ୍ଲଡ୍ ପ୍ରେସର, କୋଲେଷ୍ଟରଲ୍, ଥଣ୍ଡା, କାଶ, ଲିଭର ଓ ସଂକ୍ରମଣ ଭଳି ରୋଗ ଉପରେ ନିୟନ୍ତ୍ରଣ କରିବାରେ ସହାୟତା କରିଥାଏ।
ଜରୁରୀ ସୂଚନା ଏକା ସଦୃଶ ନାମ, ପ୍ୟାକିଂ, ବିଜ୍ଞାପନ ଇତ୍ୟାଦିରୁ ସାବଧାନ, ଭ୍ରମିତ ହୁଅନ୍ତୁ ନାହିଁ ଏବଂ ସର୍ବୋତ୍ତମ ‘ତୁଳସୀ ମନ୍ତ୍ରା’ ହିଁ କିଣନ୍ତୁ।




Orissa S.S. : Orissa Drug Distributor (Cuttack) : 2308926, 2308090, 6371713025, Angul : 232710, 231021, 233578, 9861121114, 9439138737, Aska : 9437424001, 272476, Balasore : 9040605196, 8984225824, 266871, 9437754792, 264594, 9437296785, 260025, 260611, 263459, Bamra : 229249, 9937581962, 229266, Barbil : 277283, Bargarh : 246906, 231319, 9437344300, 9777189794, 8093836557, 233089, 230244, Baripada : 9437320423, 9861138256, 9438250003, 9437188717, 257155, 9437320602, Begunia (Khurda) : 9437429268, Berhampur : 9437438256, 9438430070, 9437062015, 2250508, 2250732, 8093328828, 2250789, 9437114236, 9439643040, 2250815, 2250741, Bhadrak : 9437215761, 9040193860, 325007, Bhawanipatna : 233203, Bhubaneswar : 2530442, 9861289000, 9937070886, 2531215, 9437353502, 2530804, 9853451234, 2303977, 9437359374, 2536051, 9040057896, 9437307031, 2532184, 2507586, Bolangir : 9437093264, 233055, 9437210750, 235303, Boudh : 9437154867, Cuttack : 9437247237, 9861102904, 2526335, 6548643, 9583910000, 2308918, 2308627, 2518862, 9937541732, 2530531, 9438480599, Dhenkanal : 223261, 224856, Jagatsingpur : 9437541060, Jajpur Town : 224690, 9338620009, Jaraka : 273230, 9437073032, Jatni : 9437162097, Jeypore : 9437406230, 9437215425, 231405, 232864, 241824, Jharsuguda : 9040747137, 8763776324, 9438641888, 9437050322, 9437689233, 9437250042, 271023, Kendrapada : 9668286960, Keonjhar : 256465, 9437136317, 253202, Keshinga : 222059, 9583251313, 9437327273, 9437070921, Khandapada : 7873439046, 9438424230, Khelar : 9437884540, Khurda : 220419, 9437230385, Malkangiri : 9437435213, 230906, Nayagarh : 9853101011, Padampur : 9938550551, Panikoili : 9437086941, Paralakhemundi : 222746, Phulbani : 9853525181, Puri : 233156, 9937071720, 225819, Rayagada : 9437643418, 222791, 9937060531, 223356, Rourkela : 2522187, 2522975, 9438143234, 2511093, 2501092, 6532369, 2510913, 2509104, Sambalpur : 2540227, 2522075, 2521445, 2532553, 9937065848, 2511996, 9439027507, 2400281, 9437256336, Talcher : 9937060364, Tirtol : 9776355057, Titlagarh : 9437151725, 222385

## ରେଳ ଧାରଣାରୁ ମିଳିଲା କଲରାପତରିଆ ବାଘର ମୃତଦେହ

**ସୁନ୍ଦରଗଡ଼,୫।୮ (ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ତଥା ଓଡ଼ିଶା–ଛତିଶଗଡ଼ ସୀମାନ୍ତ ହେମଗିର ରେଞ୍ଜ ଦାଘୋରା ସେକ୍ସନ ଅଧୀନ ବଡରମ୍ପିଆ ଗାଆଁରେ ଆତଙ୍କ ସୃଷ୍ଟି କରିଥିବା କଲରାପତରିଆ ବାଘର ମୃତଦେହ ବୁଧବାର ବମ୍ବେ–ହାଓଡା ରେଳପଥରୁ ଖଣ୍ଡ ବିଖଣ୍ଡିତ ଅବସ୍ଥାରେ ଉଦ୍ଧାର କରାଯାଇଛି ।ରେଳ ଧାରଣାରେ ବାଘର ମୃତଦେହ ପଡିଥିବା ଖବର ପାଇ ରେଳବିଭାଗ କର୍ମଚାରୀମାନେ ସୁନ୍ଦରଗଡ଼ ବନବିଭାଗକୁ ଖବର ଦେଇଥିଲେ । ସୁନ୍ଦରଗଡ଼ ଡିଏଫ୍‌ଓ କଲୁଙ୍ଗେ ଗୋରଖ ଓମନ୍ ଓ ହେମଗିର ରେଞ୍ଜ ବନ ବିଭାଗ କର୍ମଚାରୀମାନେ ସେଠାରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଏହାପରେ ମୃତଦେହ ବ୍ୟବଚ୍ଛେଦ ପରେ ପୋତି ଦିଆଯାଇଛି । ଏହି ଅଣ୍ଡିରା ବାଘର ବୟସ ୭ରୁ ୮ ବର୍ଷ ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଛି। ରେଳ ଧାରଣାରେ କଟି ବାଘର ମୃତ୍ୟୁ ଘଟିଛି ନା ବାଘକୁ ମାରି କେହି ରେଳ ଧାରଣାରେ ଫୋପାଡି ଦେଇଛନ୍ତି ତାହା ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଜଣାପଡିବ ବୋଲି ଡିଏଫ୍‌ଓ କହିଛନ୍ତି ।

ସୂଚନାଯୋଗ୍ୟ, ଗତ ମଙ୍ଗଳବାର ସନ୍ଧ୍ୟାରେ ବଡରମ୍ପିଆ ଗାଆଁକୁ ଏହି କଲରାପତରିଆ ବାଘଟି ପଶିଆସି ୨ ମହିଳା ଓ ୩ ପୁରୁଷଙ୍କୁ ଆକ୍ରମଣ କରିଥିଲା । ଏହାକୁ ନେଇ ଗାଁରେ ଆତଙ୍କ ପ୍ରକାଶ ପାଇଥିଲା । ଏହାର ଦିନକ ପରେ ଅର୍ଥାତ୍ ବୁଧବାର ସକାଳେ ସେହି ବାଘର ମୃତଦେହ ଗାଁଠାରୁ ୨କିମି ଦୂର ରେଳଧାରଣା କଡରେ ପଡିଥିବା ଦେଖିବାକୁ ମିଳିଥିଲା ।



କ’ଣ ଆପଣ ବି ଅଛନ୍ତି ଠିକ୍ ଆଇ ଡ୍ରପ୍ ସନ୍ଧାନରେ... ?
- ଆଖିର କ୍ଳାନ୍ତି
- ବ୍ୟଥା
- ଆଖି ଉପରେ ଚାପ
- ଆଖି ଫୁଲିବା
- ଆଖି ଧରିବା



ନିତିଦିନିଆ ଧାଁଦଉଡ଼ରେ ଆମ ଆଖିରେ କେତେ ଧୂଳିମଳି ପଡ଼ିଥାଏ, ଆମେ ଜାଣିପାରି ନ ଥାଉ। ଯେଉଁମାନେ କମ୍ପ୍ୟୁଟର ସ୍କ୍ରିନ୍ ସାମ୍ନାରେ ୫ ଘଣ୍ଟା କାମ କରନ୍ତି, ଅଧିକ ଟିଭି ଦେଖନ୍ତି କିମ୍ବା ଦିନସାରା ମୋବାଇଲରେ ବ୍ୟସ୍ତ ରହିଥାନ୍ତି, ସେମାନଙ୍କ ଆଖିର ଆର୍ଦ୍ରତା କମିଯାଇଥାଏ। କେବଳ ଏତିକି ନୁହେଁ ବଢ଼ିଚାଲିଥିବା ପ୍ରଦୂଷଣ, ଆଖିରେ ଜ୍ୱଳନ, କୁଣ୍ଡିଆ, ଆଖିର କ୍ଳାନ୍ତି ଓ ଆଖି ଉପରେ ପଡୁଥିବା ଚାପ ସାଧାରଣ କଥାରେ ପରିଣତ ହୋଇଯାଇଛି। ଆଖି ପାଇଁ ଆମେ ବିଭିନ୍ନ ପ୍ରକାର ଦେଶୀ–ବିଦେଶୀ ଉପାୟ ମଧ୍ୟ ପ୍ରୟୋଗ କରି ଦେଖିଥାଉ। କିନ୍ତୁ ଆୟୁର୍ବେଦରେ ଉପଲବ୍ଧ ଔଷଧୀ ବ୍ୟବହାର କରି ଆମେ ବିନା କୌଣସି ପାର୍ଶ୍ୱ ପ୍ରତିକ୍ରିୟାରେ ନିଜ ଆଖିକୁ ଉପରୋକ୍ତ ସମସ୍ୟାରୁ ରକ୍ଷା କରିପାରିବା ।
ଏଥିପାଇଁ ଦିବିସା ହର୍ବାଲ୍ କେୟାର୍ ଆପଣଙ୍କ ପାଇଁ ଆଣିଛନ୍ତି ଆୟୁର୍ବେଦିକ ‘ଆଇ ମନ୍ତ୍ରା’ ଆଇ ଡ୍ରପ୍‌ସ। ଯାହା ପ୍ରସ୍ତୁତ ହୋଇଛି ଗୋଲାପ, ଦାରୁହଳଦୀ, ମହୁ, ଅଁଳା, ତୁଳସୀ ଓ ପୋଦିନା ଭଳି 12 ଆୟୁର୍ବେଦିକ ଔଷଧୀରୁ। ଆୟୁର୍ବେଦିକ ହୋଇଥିବାରୁ ଏହାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ମଧ୍ୟ ନାହିଁ ।
Dr. Juneja's EYE Mantra®
Ayurvedic EYE Drops
ଦିଗ୍‌ନିର୍ଦ୍ଦେଶ: 2ରୁ 3 ଡ୍ରପ୍‌ସ ଦିନରେ ତିନି ଥର କିମ୍ବା ଚିକିତ୍ସକୀୟ ପରାମର୍ଶ ଅନୁଯାୟୀ ବ୍ୟବହାର କରନ୍ତୁ।
24x7 HELPLINE : 0171-3055299 • Available at all leading medical stores.






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ